



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-292 ◆MONDAY ◆20 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯୨ ◆ସୋମବାର ◆୨୦ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୯ ଲକ୍ଷ ଡଲାରରେ ନିଲାମ ହେଲା 'ଟାଇଟାନିକ୍' ସ୍ମୃତି

■ ଲଣ୍ଡନ, ୧୯ ।୪ (ଏଜେନ୍ସି): ୧୯୧୨ ମସିହାର ସବୁଠାରୁ ବଡ଼ ସାମୁଦ୍ରିକ ଦୁର୍ଘଟଣା 'ଟାଇଟାନିକ୍' ସହ ଜଡ଼ିତ ସାମଗ୍ରୀ ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଆଜି ମଧ୍ୟ ଅତୁଟ ରହିଛି। ନିକଟରେ ବ୍ରିଟେନରେ ଅନୁଷ୍ଠିତ ଏକ ନିଲାମରେ ଟାଇଟାନିକର ଜଣେ ବଞ୍ଚିଥିବା ଯାତ୍ରୀ ପିନ୍ଧିଥିବା ଏକ ଲାଇଫ୍ ଜ୍ୟାକେଟ୍ ୬,୭୦,୦୦୦ ପାଉଣ୍ଡ (ପ୍ରାୟ ୯,୦୬,୦୦୦ ଆମେରିକୀୟ ଡଲାର) ମୂଲ୍ୟରେ ବିକ୍ରି ହୋଇଛି। ଏହି ବିରଳ ଲାଇଫ୍ ଜ୍ୟାକେଟ୍‌ଟି ଟାଇଟାନିକର ପ୍ରଥମ ଶ୍ରେଣୀ ଯାତ୍ରୀ ଲୌରା ମାବେଲ୍ ଫ୍ରାନକାଟେଲିଙ୍କର ଥିଲା। ସେ ଜଣେ ଜଣାଶୁଣା



ଫ୍ୟାଶନ ଡିଜାଇନର ଲୁସି ଡଫ୍ ଗର୍ଡନଙ୍କ ସହଯୋଗୀ ଭାବେ ଯାତ୍ରା କରୁଥିଲେ। ଜାହାଜ ବୁଡ଼ିବା ସମୟରେ ସେ ଲାଇଫ୍ ବୋଟ୍ ନମ୍ବର-୧ ସାହାଯ୍ୟରେ ନିଜ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲେ। ଇଂଲଣ୍ଡର 'ହେନେରୀ ଆଲଡ୍ରିଜ୍ ଆଣ୍ଡ ସନ୍' ନିଲାମ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭିକ ଭାବେ ଏହାର ମୂଲ୍ୟ ୨.୫ ରୁ ୩.୫ ଲକ୍ଷ ପାଉଣ୍ଡ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଥିଲା, ମାତ୍ର ଚୂଡ଼ାନ୍ତ ମୂଲ୍ୟ ଏହାକୁ ବହୁ ପଛରେ ପକାଇ ଦେଇଛି। ଏହି ଜ୍ୟାକେଟ୍‌ଟି କାନଭାସ୍ କପଡ଼ାରେ ନିର୍ମିତ ଏବଂ ▶ପୃଷ୍ଠା-୭

## ଏକ୍ସପ୍ରେସ୍‌ୱେରେ ଭାରୀଯାନ ପାର୍କିଂ ଉପରେ କଟକଣା

■ ନୂଆଦିଲ୍ଲୀ, ୧୯ ।୪ (ଏଜେନ୍ସି): ଭାରତର ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେ ଗୁଡ଼ିକୁ ଅଧିକ ନିରାପଦ କରିବା ପାଇଁ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମିର ଅଭାବ ଯୋଗୁଁ ଏହି ଦ୍ରୁତଗାମୀ ରାସ୍ତାଗୁଡ଼ିକ ଯେପରି "ବିପଦର କରିଡର' ପାଲଟି ନଯାଏ, ସେଥିପାଇଁ କୋର୍ଟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟଙ୍କୁ ସତର୍କ କରାଇ ଦେଇଛନ୍ତି। ଜଷ୍ଟିସ ଜେକେ ମହେଶ୍ୱରୀ ଏବଂ ଜଷ୍ଟିସ ଏଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିମ୍ନଲିଖିତ ପ୍ରମୁଖ ନିର୍ଦ୍ଦେଶମାନ ଦେଇଛନ୍ତି।


ସଡ଼କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

ଜାତୀୟ ରାଜପଥର ମୁଖ୍ୟ ରାସ୍ତା କିମ୍ବା ପାର୍ଶ୍ୱବର୍ତ୍ତୀ କାନ୍ଧ ଉପରେ କୌଣସି ଭାରୀ ବା ବାଣିଜ୍ୟିକ ଯାନ ପାର୍କିଂ କରିପାରିବେ ନାହିଁ। କେବଳ ନିର୍ଦ୍ଧାରିତ 'ଲେ-ବାଏସ୍' କିମ୍ବା ଅନୁମୋଦିତ ସ୍ଥାନରେ ହିଁ ଗାଡ଼ି ରହିପାରିବ। ଏହି ନିୟମର ପାଳନ ପାଇଁ 'ଆଡଭାନ୍ସଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ' (ଏଟିଏମ୍‌ଏସ୍)ର ସହାୟତା ନିଆଯିବ। ଏହା ମାଧ୍ୟମରେ ରିଅଲ୍-ଟାଇମ୍ ଆଲର୍ଟ, ଜିପିଏସ୍ ଫଟୋ ପ୍ରମାଣ ଏବଂ ଇ-ଚାଲାଣ କଟାଯିବ। ରାଜପଥ କଡ଼ରେ କୌଣସି ନୂତନ ଢାବା, ଭୋଜନାଳୟ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣକୁ ତତ୍କାଳ ବାରଣ କରାଯାଇଛି। ▶ପୃଷ୍ଠା-୭

### ଇସଲାମାବାଦ ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ଚେତାବନୀ

# ଚୁକ୍ତି; ନଚେତ୍ ଧ୍ୱଂସ

■ ୱାଶିଂଟନ/ଇସ୍ଲାମାବାଦ, ୧୯ ।୪ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଇସଲାମାବାଦରେ ପ୍ରସ୍ତାବିତ ଆଲୋଚନାର ନେତୃତ୍ୱ ଦାୟିତ୍ୱ ପୁଣିଥରେ ନେବେ ଆମେରିକା ଉପରାଷ୍ଟ୍ରପତି ଜେ.ଡ଼ି.ଭାନ୍ସ। ହ୍ୱାଇଟ୍ ହାଉସ ପକ୍ଷରୁ ଜଣେ ଅଧିକାରୀ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିଛନ୍ତି। ସୂଚନା ଅନୁସାରେ ଭାନ୍ସଙ୍କ ସହ ଷ୍ଟିଭ୍ ୱିଟକଫ୍ ମଧ୍ୟ ଏହି ପ୍ରତିନିଧି ଦଳରେ ସାମିଲ ହେବେ। ତେବେ ଇରାନ ସହ କ'ଣ ଆଲୋଚନା ହେବ ଓ ଆଲୋଚନାର ଏଜେଣ୍ଡା ଏ ଯାଏ ସ୍ଥିର ହୋଇନାହିଁ। ଏପ୍ରିଲ ୮ ତାରିଖ ପରେ ଆରମ୍ଭ ହୋଇଥିବା ଦୁଇ ସପ୍ତାହ ଯୁଦ୍ଧବିରତି ପରେ ଏହା ଦ୍ୱିତୀୟ ଉଚ୍ଚସ୍ତରୀୟ ବୈଠକ ହେବ।

ଅନ୍ୟପକ୍ଷରେ ଇସଲାମାବାଦରେ ସୋମବାର ପ୍ରସ୍ତାବିତ ଶାନ୍ତି ଆଲୋଚନା ଅବ୍ୟବହିତ ପୂର୍ବରୁ ଇରାନ୍‌କୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ କହିଛନ୍ତି ଯେ ଚୁକ୍ତି ଓ ଧ୍ୱଂସ ମଧ୍ୟରୁ ଇରାନକୁ ଗୋଟିଏ ବାଛିବାକୁ ପଡ଼ିବ। ଆସନ୍ତାକାଲି



### ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେବେ ଭାନ୍ସ
### ଇସଲାମାବାଦରେ ୧୦ହଜାର ପୁଲିସ ମୁତୟନ

(ସୋମବାର) ଆମେରିକୀୟ ପ୍ରତିନିଧିମଣ୍ଡଳ ପାକିସ୍ତାନରେ ପହଞ୍ଚିବ। ସେଠାରେ ଇରାନ ସହ ଦ୍ୱିତୀୟ ପର୍ଯ୍ୟାୟର ସମ୍ମୁଖ ଆଲୋଚନା ହେବ। ଇରାନ ଶନିବାର ହର୍ମୁଜରେ ଗୁଳିବର୍ଷା କରି ଯୁଦ୍ଧବିରତିକୁ ଉଲ୍ଲଂଘନ କରିଛି। ଯଦି ଇରାନ ଆମେରିକାର ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ, ତେବେ ଆମେରିକା ଇରାନର ବିଦ୍ୟୁତ କେନ୍ଦ୍ର ଓ ସେତୁଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଟ୍ରମ୍ପଙ୍କ ଏହି ଚେତାବନୀ ପରେ ସରକାର ଇରାନ ସରକାର ତାଙ୍କ ଆଭିମୁଖ୍ୟ ଅଧିକ କଠୋର କରିଛନ୍ତି। ଇରାନ ସଂସଦ ବାଚସ୍ପତି ମହମ୍ମଦ ବାଗେର ଗାଲିବାଫ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ତାଙ୍କ ବନ୍ଦରଗୁଡ଼ିକୁ ଅବରୋଧ କରିରଖିବ, ସେପର୍ଯ୍ୟନ୍ତ ହୋର୍ମୁଜ ମାର୍ଗରେ ଯାଉଥିବା ଜାହାଜ ଉପରେ ପ୍ରତିବନ୍ଧ ଜାରି ରହିବ। ଆମେ ନିଜେ ଯେତେବେଳେ ଯାଇପାରୁନାହୁଁ, ଅନ୍ୟମାନଙ୍କୁ କିପରି ଯିବାକୁ ଦେବୁ? ହର୍ମୁଜରେ ଇରାନର ଯୁଦ୍ଧପୋତ ମୁତୟନକୁ ସେ "ଅବିବେକୀ ସିଦ୍ଧାନ୍ତ" ବୋଲି ଅଭିହିତ କରି ଭରସା ନ ଥିଲେ ମଧ୍ୟ ଇରାନ ଶାନ୍ତିକୁ ସମର୍ଥନ କରୁଛି ଓ କୂଟନୈତିକ ମାର୍ଗରେ ସମାଧାନ ପାଇଁ ପ୍ରୟାସକୁ ସ୍ୱାଗତ କରୁଛି ବୋଲି କହିଛି।

ଅପରପକ୍ଷରେ ଇରାନ ଶୁକ୍ରବାର ହୋର୍ମୁଜ ସମୁଦ୍ର ମାର୍ଗ ଖୋଲିବା ଘୋଷଣା କରିଥିଲେ ହେଁ ଶନିବାର ଏହି ପଥ ଦେଇ ଯାତାୟତ କରୁଥିବା ▶ପୃଷ୍ଠା-୭

### ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

## ୨୦ ମୃତ, ୬ ଆହତ



■ ବିରୁଧୁନଗର, ୧୯ ।୪(ଏଜେନ୍ସି): ତାମିଲନାଡୁର ବିରୁଧୁନଗର ଜିଲ୍ଲା କାଟ୍ଟନାରପଟ୍ଟି ଅଞ୍ଚଳରେ ଏକ ବାଣ କାରଖାନାରେ ଭୟାବହ ବିସ୍ଫୋରଣ ଘଟିଛି। ଏହି ଦୁର୍ଘଟଣାରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ କାରଖାନା ନିକଟରେ ଥିବା କେତେକ ଅଟ୍ଟାଳିକାରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ପରେ କାରଖାନାର କୋଠା ଭୁଶୁଡ଼ି ପଡ଼ିଛି। ଫଳରେ ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଅଗ୍ନିଶମ ବାହିନୀ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିସ୍ଫୋରଣ କିଭଳି ▶ପୃଷ୍ଠା-୭

**ଶୋକ ବ୍ୟକ୍ତ କଲେ ନବୀନ**

## ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ନୂଆ ଅଧ୍ୟାୟ

■ ଭୁବନେଶ୍ୱର, ୧୯।୪ (ସମିସ): ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋଭ୍ୟାଲିଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ ଯେ ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ



### ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

### ଓଡ଼ିଶା ପାଇଁ ଏକ ନୂତନ ବିକାଶ ଯୁଗର ଆରମ୍ଭ: ଅଶ୍ୱିନୀ

ଆଡଭାନ୍ସଡ୍ ୩ଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ। ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ▶ପୃଷ୍ଠା-୭

### ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

## ୧୦ ଗିରଫ; ୭ ଟ୍ରାକ୍ଟର, ୨ ଜେସିବି ଜବତ

■ ବ୍ୟାସନଗର, ୧୯।୪ (ସମିସ): ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର୍ ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାରେ କୋରେଇ ପୁଲିସ୍ ୧୦ଜଣଙ୍କୁ ଗିରଫ କରିଛି। ଏହାସହ ଖନନ କାର୍ଯ୍ୟରେ ନିୟୋଜିତ ୭ଟି ଟ୍ରାକ୍ଟର୍ ଏବଂ ୨ଟି ଜେସିବି ମେସିନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ହିଦ୍ୟାତୁଲା ଖାଁ ଓରଫ ବନଠୁ, ମଜିତ ଆହମଦ ଖାଁ ଓରଫ୍ ରାଜା, କୀର୍ତ୍ତନ ଜେନା, ମନିର୍ ମହମ୍ମଦ, ଜମି ମାଲିକ ଏସ୍‌କେ ଚନ୍ଦା, ଜେସିବି ଚାଳକ ପିଙ୍କୁନ ପେଣ୍ଟେଇ, ଜିତେନ୍ଦ୍ର ବେହେରା, ଏସ୍‌କେ ସାହିଲ, ମିଟୁ ପରିଡ଼ା, ଏସ୍‌କେ ଧାରଣ ଓରଫ୍ ଏସ୍.କେ ସୋଏବ୍ କାଦିର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ମଧ୍ୟରେ ଟ୍ରାକ୍ଟର୍ ଓ ଜେସିବି ଚାଳକ ଏବଂ ଜମି ମାଲିକ ରହିଛନ୍ତି।

ଶନିବାର ବ୍ୟାସନଗର ତହସିଲ ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଫାଜଲପୁରସ୍ଥିତ କୋରେଇ ମୀନାବଜାର ଅଞ୍ଚଳରେ ଅବୈଧ ▶ପୃଷ୍ଠା-୭

### ଆଜି ଅକ୍ଷୟ ତୃତୀୟା

## ୨୦ ହଜାର କୋଟିର କାରବାର ଆଶା

■ ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି): ଆଜି ଅକ୍ଷୟ ତୃତୀୟା। ତେବେ ଏହି ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ



ଆସିଥାନ୍ତି ବୋଲି ସମସ୍ତଙ୍କ ଧାରଣା ରହିଛି। ଏହାକୁ ନଜରରେ ରଖି ସାରା ଦେଶରେ ଜୁଏଲାରୀ ଶୋ'ରୁମ୍‌ଗୁଡ଼ିକ ବର୍ତ୍ତମାନ ସୁନା ଓ ରୁପା ଅଳଙ୍କାରରେ ସଜେଇ ହୋଇରହିଛି। ବୈଶ୍ୱିକ ଉତ୍ତେଜନା ଏବଂ ମଧ୍ୟ ପ୍ରାଚ୍ୟ ସଙ୍କଟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଏଭଳି ସମୟରେ ଚଳିତଥର ଅକ୍ଷୟ ତୃତୀୟାରେ ଦେଶବ୍ୟାପୀ ସୁନା ଏବଂ ରୁପା ବିକ୍ରି ୨୦ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


### ବଢୁଛି ତାତି

## ୧୧ ଜିଲ୍ଲାରେ ୨୩ ଯାଏଁ ସ୍କୁଲ ଛୁଟି

■ ଭୁବନେଶ୍ୱର, ୧୯।୪ (ସମିସ): ରାଜ୍ୟରେ ବଢୁଥିବା ତୀବ୍ର ଗ୍ରୀଷ୍ମ ତାପ ଓ ଅସହ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୧୨ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ ଘୋଷଣା କରିଛନ୍ତି। ଏହି ଜିଲ୍ଲାଗୁଡ଼ିକରେ ଏପ୍ରିଲ ୨୩ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ଓ ପରେ ପରିସ୍ଥିତିର ପୁନଃସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ପ୍ରଥମେ ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଥିଲା। ଆଜି ଖୋର୍ଦ୍ଧା ଓ ଦେଓଗଡ଼ ଜିଲ୍ଲା କର୍ତ୍ତୃପକ୍ଷ ସ୍କୁଲ ବନ୍ଦ ନିଷ୍ପତ୍ତି ନେବା ପରେ ଏହି ସଂଖ୍ୟା ୧୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସକାଳ ୯ଘଟିକା ▶ପୃଷ୍ଠା-୭

**କଟକରେ ଅଢ଼େଇ ଘଣ୍ଟିଆ ସ୍କୁଲ**


15001/21/2627



ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021

## ଚିକିତ୍ସାଧୀନ ଅବସ୍ଥାରେ ଅନ୍ୱେଷା ଛାତ୍ରୀ ମୃତ

### ପରିବାର ଲୋକଙ୍କୁ ଶବ ହସ୍ତାନ୍ତର

ନବରଙ୍ଗପୁର, ୧୯।୪(ସମିସ)): ଚିକିତ୍ସାଧୀନ ଅବସ୍ଥାରେ ଅନ୍ୱେଷା ହଷ୍ଟେଲ ଛାତ୍ରୀର ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲାର ଝରୀଗାଁ ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡା ଗ୍ରାମର ୧୦ମ ଶ୍ରେଣୀ ଛାତ୍ରୀ ସସ୍ମିତା ଗଣ୍ଡ ନବରଙ୍ଗପୁର ଅନ୍ୱେଷା ହଷ୍ଟେଲରେ ରହି ଶିକ୍ଷାଗ୍ରହଣ କରୁଥିଲେ। ଗତକାଲି ହଠାତ ତାଙ୍କ ଦେହ ଖରାପ ହେବା ସହ ମୁଣ୍ଡ ବ୍ୟଥା ଓ ବାନ୍ତି ହୋଇଥିଲା। ତୁରନ୍ତ ସାନମସିଗାଁ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କଲେ। ଅଧିକ ଚିକିତ୍ସା ପାଇଁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଜଏନ୍ କରାଗଲା। ପରେ ସକାଳୁ ପରିବାର ଲୋକଙ୍କୁ ଛାତ୍ରୀଙ୍କ ଚିକିତ୍ସା ଚାଲିଥିବା ସୂଚନା ଦିଆଯାଇଥିଲା।। ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଏଠାରେ ଚିକିତ୍ସାଧିନ ଅବସ୍ଥାରେ ଛାତ୍ରୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଛାତ୍ରୀ ଜଣକ ପ୍ରଥମ ଶ୍ରେଣୀରୁ ଅନ୍ୱେଷା ହଷ୍ଟେଲରେ ରହି ଚକିତ ବର୍ଷ ନବମ ପାସ୍ ପରେ ୧୦ମ ଶ୍ରେଣୀରେ ପଢ଼ିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ସିଆଇଏସ୍ଏଫ୍, ଅଗ୍ନିଶମ ବିଭାଗର ତାଲିମ




ଦାମନଯୋଡ଼ି/କୋରାପୁଟ,୧୯।୪: (ସମିସ): ନବରତ୍ନ ଉଦ୍ୟୋଗ ନାଲକୋ, ଦାମନଯୋଡିର ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ)ର ଅଗ୍ନିଶମ ବିଭାଗ ପକ୍ଷରୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ମକ୍ଡ୍ରିଲ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆଇଏସଏଫ ଅଗ୍ନିଶମ ବିଭାଗର ଇନ୍ସପେକ୍ଟର କ୍ରିଷନ କୁମାର, ହେଡ୍ କନେଷ୍ଟବଳ ଜିଟି ରାଓ,ହେଡ୍ କନେଷ୍ଟବଳ(ଡିସିପିଓ) ଏମ କେ ଗୁର୍ଜର, କନେଷ୍ଟବଳ ଏନଆର ପରିଡ଼ା ଓ ଏଏସଏସ ରାଓ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ଅଧିକାରୀ ଓ ସୁରକ୍ଷା କର୍ମୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ ସହିତ ମକ ଡ୍ରିଲ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ନୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଶିବ ପ୍ରସାଦ ସାହୁ ଓ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

■ ଗ୍ରୀଷ୍ମ ପ୍ରବାହ ବଢୁଛି

## ଶୀତଳ ପାନୀୟ ଜଳ ପ୍ରକଳ୍ପ ଅଚଳ

ଜୟପୁର,୧୯ ।୪(ସମିସ) : ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି, ଏହିପରି କୋରାପୁଟ ଜିଲ୍ଲାରେ ମଧ୍ୟ ଗତ କିଛି ଦିନ ହେଲାଣି ପ୍ରବଳ ଖରା ହେବା ହେଉଛନ୍ତି। ଏହିପରି ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ସହର ଏବଂ ଗ୍ରାମାଞ୍ଚଳରେ



ନିୟମିତ ଜଳଯୋଗାଣ ଏବଂ ପିଇବା ପାଣି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଜୟପୁର ସହରର ଅନତିଦୂର ତଥା ୨୬ ନମ୍ବର ଜାତୀୟ ରାଜପଥ ଉମୁରୀ ଗ୍ରାମପଞ୍ଚାୟତର ସଦରଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ଶୀତଳ ପାନୀୟ ଜଳ ପ୍ରୀଜ କାର୍ଯ୍ୟ କରୁଥିବା ଯୋଗୁଁ ସାଧାରଣ ଲୋକ ଏହାକୁ ବ୍ୟବହାର କରିପାରୁନାହାଁନ୍ତି। ଗତ ୩ ବର୍ଷ ପୂର୍ବେ ସାଢେ ୨ ଲକ୍ଷ ଟଙ୍କାରେ ନିର୍ମିତ ଏହି ଶୀତଳପାନୀୟ ଜଳ ପ୍ରିଜ୍ ଉଦଘାଟନ ହୋଇଥିବା ବେଳେ କିଛି ଦିନ କାର୍ଯ୍ୟ କରିବା ପରେ ଏହା ଆଉ କାର୍ଯ୍ୟ କରିନଥିଲା । କିନ୍ତୁ ବ୍ଲକ, ଗ୍ରାମପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ଜଳ ଯୋଗାଣ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇ ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ହେଉନଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରବଳ ରୌଦ୍ରତାପ ବୃଦ୍ଧି ପାଇଥିବା ବେଳେ ଏହାର ତୁରନ୍ତ ମରାମତି କରାଯାଇ ସାଧାରଣ ଲୋକଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

## ନୀଳକଣ୍ଠେଶ୍ୱର ମନ୍ଦିରରୁ ରୁପା ସାମଗ୍ରୀ ଚୋରି




ନବରଙ୍ଗପୁର,୧୯।୪(ସମିସ): ନବରଙ୍ଗପୁର ସହରର ସର୍ବ ପୁରାତନ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ରୂପା ଓ ପିତଳ ସାମଗ୍ରୀ ଚୋରି ହୋଇଛି। ଚୋରି ସାମଗ୍ରୀ ମଧ୍ୟରେ ରୂପା ଛାତ୍ର, ତ୍ରିଶୂଳ, ଗ୍ଲାସ୍, ପଞ୍ଚପାତ୍ରି, ଆଳତି କରା ୨ଟା, ପିତଳର ଅଭିଷେକ ଶୃଙ୍ଗି, ଅନ୍ୟାନ୍ୟ ପିତଳ ସାମଗ୍ରୀ ଚୋରି ହୋଇଥିବା ସୂଚନା ମିଳିଛି। ସିସି ଟିଭି ପାୱାର ସପ୍ଲାର ନେଇଯିବା ସହିତ ହୁଣ୍ଡି ଭାଙ୍ଗି ଟଙ୍କା ଆଦି ଚୋରି କରି ନେଇଛନ୍ତି। ସେବାୟତ ସୁରେଶ ଚନ୍ଦ୍ର ତ୍ରିପାଠୀ ସକାଳୁ ମନ୍ଦିର ଖୋଲିବା ବେଳକୁ ମୁଖ୍ୟ ଫାଟକର ତାଲା ଭାଙ୍ଗିବା ଦେଖିଥିଲେ। ପରେ ଜାଣିବାକୁ ପାଇଥିଲେ ଯେ, ଚୋର ମାନେ ହୁଣ୍ଡି ଭାଙ୍ଗିବା ସହିତ ବର୍ଭ ଗୃହରେ ପଶି ବିଭିନ୍ନ ରୂପା ଓ ପିତଳ ସାମଗ୍ରୀ ଚୋରି କରି ନେଇଛନ୍ତି। ନବରଙ୍ଗପୁର ପୋଲିସକୁ ଖବର ଦେବାପରେ ଏସ ଡି ପି ଓ କୃଷ୍ଣ ଚନ୍ଦ୍ର ଭତ୍ରା, ସାଇଣ୍ଟିଫିକ୍ ଟିମ୍ ଓ ଏ ଏସ ଆଇ ତୁଳସୀ ରାମ ପୂଜାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ମନ୍ଦିରର ସେବାୟତ ସୁରେଶ ଚନ୍ଦ୍ର ତ୍ରିପାଠୀ ଥାନାରେ ଏତଲା ଦେଇଛନ୍ତି। ତେବେ ୨ ଦିନ ତଳେ ପୁଲିସ ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଚନ୍ଦ୍ର ଘଣ୍ଟେଶ୍ୱର ମନ୍ଦିରରେ ପଶି ଚୋର ମାନେ ହୁଣ୍ଡି ଭାଙ୍ଗି ଟଙ୍କା ନେଇ ଯାଇଛନ୍ତି। ନବରଙ୍ଗପୁର ପୋଲିସ ଦୁଇଟି ଚୋରି ଘଟଣା ପରେ ସକ୍ରିୟ ହୋଇ ତଦନ୍ତ ଆରମ୍ଭ କରିଛି ।

ବେଆଇନ ଜମି ଅଧିଗ୍ରହଣକୁ ବିରୋଧ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସିପିଆଇର ଦାବିପତ୍ର ପ୍ରଦାନ




କୋରାପୁଟ,୧୯।୪(ସମିସ): ଖଣିଜ ଦ୍ରବ୍ୟ ଖନନ ପାଇଁ ସରକାର ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଅମାନ୍ୟ କରି ଜୋରଜବରଦସ୍ତ ଜମି ଅଧିଗ୍ରହଣ କରିବା ଘଟଣାକୁ ବିରୋଧ କରି ସିପିଆଇ (ଏମଏଲ) ମାସଲାଇନ୍ କୋରାପୁଟ ଜିଲ୍ଲା ଶାଖା ଓ ଚାଷୀ ମୁଲିଆ ଆଦିବାସୀ ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରା ଯାଇଛି। ସିପିଆଇ (ଏମଏଲ) ମାସଲାଇନ୍ ନେତା ଆଇନଜୀବୀ ବିବେକ ରଞ୍ଜନ ସେଠୀ ଏବଂ ଚାଷୀ ମୁଲିଆ ଆଦିବାସୀ ସଂଘ ଯୁଗ୍ମ ସମ୍ପାଦକ ସୁବାରାଓ କେନ୍ଦୁକାଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ପୁଞ୍ଜିପତି ଓ ଶିଳ୍ପପତି ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅଗଣତାନ୍ତ୍ରିକ ଉପାୟରେ ଆଦିବାସୀଙ୍କ ଜମି ଅଧିଗ୍ରହଣ କରୁଛନ୍ତି। ପ୍ରତିବାଦ କଲେ ନିରୀହ ଆଦିବାସୀଙ୍କୁ ପୁଲିସ ଲଗାଇ ଦମନ କରା ଯାଉଛି, ଜାଲ ଦସ୍ତଖତ ଦ୍ୱାରା ମିଛ ପଲ୍ଲୀ ସଭା ଓ ଗ୍ରାମ ସଭା ରେକର୍ଡ ତିଆରି କରି କରା ଯାଇ ଜୋର ଜବରଦସ୍ତ ଜମି ନିଆ ଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଗତ ୬ତାରିଖରେ ରାୟଗଡ଼ା ଜିଲ୍ଲା ଟିକିରି ନିକଟ ସିଯିମାଳି ଠାରେ ନିରୀହ ଆଦିବାସୀଙ୍କୁ ଯେଉ ପ୍ରକାର ନିର୍ଯାତନା ଦେଲା ତାହା ଗଣତନ୍ତ୍ରରେ ଅତ୍ୟନ୍ତ ନିନ୍ଦନୀୟ ବୋଲି ନିନ୍ଦା କରିବା ସହ ପୁଲିସ ମିଥ୍ୟା ମକଦ୍ଦମା କରି ଗିରଫ କରିଥିବା ସମସ୍ତ ଆଦିବାସୀଙ୍କୁ ମୁକ୍ତ କରି ମାମଲା ପ୍ରତ୍ୟାହାର କରିବା, ବେଆଇନ ଅଧିଗ୍ରହଣ ଜମି ମୂଳ ମାଲିକଙ୍କୁ ଫେରାଇବା, ଲୋକଙ୍କ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ବନ୍ଦ କରିବା, କ୍ଷତିଗ୍ରସ୍ତ ଚାଷ ଜମିର କ୍ଷତି ପୂରଣ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯଦି ସରକାର ଲୋକଙ୍କ ନ୍ୟାଯ୍ୟ ଦାବି ନମାନନ୍ତି ତାହେଲେ ଆସନ୍ତା ଦିନରେ ପ୍ରଭାବିତ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବର୍ଜାଖାଲ ଜଳପ୍ରପାତରେ ଖସି ଯୁବକ ମୃତ

ଟିକିରି,୧୯।୪,(ସମିସ): ପ୍ରକୃତିର ସୌନ୍ଦର୍ଯ୍ୟ ଭରପୁର ରାୟଗଡ଼ ଜିଲ୍ଲା କାଶିପୁର ବ୍ଲକ ଅଣ୍ଡରାକଞ୍ଚ ଥାନା ଅଧିନସ୍ଥ ବର୍ଜାଖାଲ ଜଳପ୍ରପାତରେ ଆଜି ଏକ ଅଘଟଣ ଘଟି ଜଣେ ଯୁବକର ମୃତ ଘଟିଛି। ମୃତକ ଜଣକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଚାଞ୍ଚେର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିବାହାର ଗ୍ରାମର ସାନା ମାଝୀଙ୍କ ପୁଅ ସାନ୍ତନୁ ମାଝୀ। ଧୁରୁମୁସି ଗ୍ରାମରେ ଏକ ଠିକା କାମରେ ସାନ୍ତୁନୁ ନିୟୋଜିତ ଥିଲେ । ଆଜି କିଛି ସାଙ୍ଗ ବର୍ଜାଖାଲ ଜଳ ପ୍ରପାତକୁ ବୁଲିବାକୁ ଆସି ଗାଧାଉଥିବା ବେଳେ ଅସାବଧାନତା ବଶତଃ ସାନ୍ତୁନୁର ଗୋଡ଼ ଖସି ଯିବା ଫଳରେ ପଥରରେ ମୁଣ୍ଡ ବାଡେଇ ହୋଇ ପାଣିରେ ପଡି ମୃତ ବରଣ କରିଛନ୍ତି। ସାଥିରେ ଥିବା ସାଙ୍ଗମାନେ ଉଦ୍ଧାର କରିଲା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଅଣ୍ଡରାକଞ୍ଚ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏ ନେଇ ଏକ କେଶ ରୁଜୁ କରି ଆଇଆଇସି ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।।

## ବରିଷ୍ଠ ଶିକ୍ଷକ ପାପନା ପ୍ରାସ୍କାଙ୍କ ବିୟୋଗ



କଲ୍ୟାଣସିଂହପୁର ୧୯।୪(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କରପା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପାତ୍ରଗୁଡା ଗ୍ରାମର ବରିଷ୍ଠ ଶିକ୍ଷକ ପାପନା ପ୍ରାସ୍କା (୬୨) ଙ୍କର ଆଜି ସକାଳ ୯ଟା ସମୟରେ ନିଜ ବାସଭବନରେ ପରଲୋକ ଘଟିଛି । କଲ୍ୟାଣସିଂହପୁର ବ୍ଲକ୍‌ରେ ପ୍ରଥମ ଆଦିବାସୀ ଶିକ୍ଷକ ଭାବେ ନିଯୁକ୍ତି ପାଇ ଗତ ୨୯ ଫେବୃଆରୀ ୨୦୨୪ ମସିହାରେ ସେ ଅବସର ନେଇଥିଲେ। ଆଦିବାସୀ ସମାଜ ବା କଲ୍ୟାଣସିଂହପୁର କନ୍ଧକୁଳ ସମାଜର ଉପଦେଷ୍ଟା ଭାବେ ରହିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ସାମ୍ବାଦିକମାନେ ସମାଜର ଦର୍ପଣ: ବିଧାୟକ ପବିତ୍ର ସାଉଁତା



ଲକ୍ଷ୍ମୀପୁର,୧୯।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ସଭାପତି ଶଶଧର ରାଉତଙ୍କ ସଭାପତିତ୍ୱରେ ଓ ଉପସଭାପତି ଜଗତ ଜୀବନ କଟିମଙ୍କ ଉପସ୍ଥିତିରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ପବିତ୍ର ସାଉଁତା ନିଜର ଅଭିଭାଷଣରେ ସାମ୍ବାଦିକମାନଙ୍କ ଭୂମିକାକୁ ଉଚ୍ଚ ସ୍ଥାନରେ ରଖି ସାମ୍ବାଦିକମାନେ ସମାଜର ଦର୍ପଣ। ସେମାନେ ପ୍ରତି ମୁହୂର୍ତ୍ତରେ ଘଟୁଥିବା ଘଟଣାକୁ ଲୋକଲୋଚନରେ ଆଣି ଗଣତନ୍ତ୍ରକୁ ସଚେତନ ଓ ସଜାଗ ରଖୁଛନ୍ତି। ନିଜ ଜୀବନକୁ ବାଜି ଲଗେଇ ସତ୍ୟକୁ ସାମ୍ନାକୁ ଆଣୁଛନ୍ତି। ସାମ୍ବାଦିକମାନଙ୍କ ସୁରକ୍ଷା, ପେନସନ ଓ ଆକ୍ରିଡେସନ ସମ୍ବନ୍ଧୀୟ ଦାବି ବିଧାନସଭାରେ ଉପସ୍ଥାପନ କରିବାକୁ କହି ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା ମଧ୍ୟ ସାମ୍ବାଦିକମାନଙ୍କ ନ୍ୟାୟସଂଗତ ଦାବିଗୁଡ଼ିକୁ ରାଜ୍ୟ ସରକାର ଶୀଘ୍ର ପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଓୟୁଜେର ରାଜ୍ୟ ଉପସଭାପତି ପରକ୍ଷୀତ ବିଶ୍ୱାଳ, ରାଜ୍ୟ ସମ୍ପାଦକ ଦେବ ପ୍ରସାଦ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲିପ କୁମାର ମହାନ୍ତି, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ସାଙ୍ଗଠନିକ ବିଷୟରେ ଗଭୀର ଆଲୋଚନା ହୋଇଥିଲା ଓ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ମାନ ସଭା ଆୟୋଜିତ ହୋଇଥିଲା। ରାଜ୍ୟ ଉପସଭାପତି ବିଶ୍ୱାଳ ଓ ରାଜ୍ୟ ସମ୍ପାଦକ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ମୁଖ୍ୟ ଅତିଥି ବିଧାୟକ ପବିତ୍ର ସାଉଁତା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବୈଦ୍ୟୁତିକ ଓ ପ୍ରିଣ୍ଟ ମିଡିଆ ପ୍ରତିନିଧି, ସଂଯୋଜକ ଓ ବରିଷ୍ଠ ସଦସ୍ୟମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପଟାଙ୍ଗି, ସେମିଳିଗୁଡା, ନନ୍ଦପୁର, ଲମତାପୁଟ, ଲକ୍ଷ୍ମୀପୁର, ବନ୍ଧୁଗାଁ, କୋରାପୁଟ, ଜୟପୁର, ଦଶମନ୍ତପୁର, ସୁନାବେଡ଼ା ସହ ପଡ଼ୋଶୀ ମାଲକାନଗିରି ଜିଲ୍ଲାରୁ ଆସିଥିବା ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସହ ସମ୍ପାଦକ ଶରତ କୁମାର ଧଳ ଓ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଗୌଡ଼। ଲକ୍ଷ୍ମୀପୁର ବ୍ଲକ ସଂଯୋଜକ ଯୁଧିଷ୍ଠିର ବାଘ, ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଜେନା ଓ ଶୈମ୍ୟ ରଞ୍ଜନ ସାହୁ ଓ ରଞ୍ଜିତ ମହାନନ୍ଦିଆ ମଧ୍ୟ ବୈଠକରେ ସହଯୋଗ ଯୋଗାଇଥିଲେ। ବୈଠକରେ ଯୁଧିଷ୍ଠିର ବାଘଙ୍କୁ ଜିଲ୍ଲା ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରି ଘୋଷଣା ହୋଇଥିଲା। ଏହା ସହ ଜିଲ୍ଲା କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଟି. ଗୋରୀ ଶଙ୍କର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୁଷାର କାନ୍ତ ମହାନ୍ତିଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ଉମରକୋଟ,୧୯।୪ (ସମିସ): ସଟ୍ ସର୍କିଟ ଯୋଗୁଁ ଜଳିଗଲା ଲକ୍ଷାଧିକ ଟଙ୍କାର ଆସବାବପତ୍ର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ର ୧୨ ନଂ ୱାର୍ଡ ପହଁରା ସାହି ଠାରେ ହଟିଆ ରାଉତଙ୍କ ଘର ଗୋଦାମ ଠାରେ ସଟ୍ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳି ପୋଡି ପାଉଁଶ ହୋଇ ଯାଇଥିଲା। ଖବର ପାଇ ଉମରକୋଟ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁ କୁ ଆୟତ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷୟକ୍ଷତି ର ଆକଳନ ହୋଇ ପାରିନାହିଁ। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁସାରେ ସନ୍ଧ୍ୟା ରେ ହଟିଆ ଙ୍କ ସ୍ତ୍ରୀ ସଂଗୀତା ରାଉତ ଉମରକୋଟ ସହର କୁ ବଜାର କରିବାକୁ ଯାଇଥିଲେ। ଏହି ସମୟରେ ପଡୋଶୀ ଘର ଫୋନ ଯୋଗେ ଘରୁ ଧୂଆଁ ବାହାରୁଥିବା ଖବର ଦେଇଥିଲେ। ଏହାପରେ ସେ ଘରକୁ ଆସି ନିଆଁ ହୁତୁ ହୁତୁ ହୋଇ ଜଳୁଥିବା ଦେଖି ପାଖ ପଡ଼ୋଶୀ ଙ୍କୁ ଡାକି ନିଆଁ କୁ ଆୟତ କରିବାକୁ ଚେଷ୍ଟା କରି ବିଫଳ ହେଇଥିଲେ। ନିଜ ଘରେ ଥିବା ପାଣି ମଟର ଲଗାଇ ନିଆଁ କୁ ଆୟତ୍ତ କରିବା ବିଫଳ ହେବା ପରେ ଦମକଳ ବାହିନୀ କୁ ଫୋନ କରି ଡାକିଥିଲେ। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଷ୍ଟୋର ରୁମ ରେ ଥିବା ପ୍ଲାଷ୍ଟିକ ପାଇପ, ଆସବାସ ପତ୍ର, ଫ୍ରିଜ ଘର ସିଲିଂ ପୋଡି ଯାଇଥିବା ବେଳେ ଧୂଆଁ ଭର୍ତି ଥିବା ଯୋଗୁଁ କ୍ଷୟକ୍ଷତି ର ଆକଳନ ହୋଇ ପାରିନାହିଁ। ଘଟଣାସ୍ଥଳରେ ଦମକଳବାହିନୀ ର କେନ୍ଦ୍ର ଅଧିକାରୀ ଭାଗୀରଥି ବାଣୁଆ,ହାବାଲଦାର ହରିଶଙ୍କର ସୁନାନୀ,ଗାଡି ଚାଳକ ହାବିଲଦାର ଜଗଦୀଶ କାଣ୍ଡ, ଅଗ୍ନି ଯୋଦ୍ଧା ଯୋଦୁମଣି କୋକ, ଧର୍ମେନ୍ଦ୍ର ସାହା,ଦଶରଥ ସାହୁ,ଚନ୍ଦ୍ରମଣି ମେହେର,ନକୁଲ ବାସି ପ୍ରମୁଖ ଉପସ୍ଥିତ ରହି ନିଆଁ କୁ ଆୟତ୍ତ କରିଥିଲେ।

## ସେମିଳିଗୁଡ଼ାରେ ଶିଳ୍ପପତିଙ୍କ ସମ୍ମିଳନୀ



ସେମିଳିଗୁଡ଼ା,୧୯।୪(ସମିସ): ସେମିଳିଗୁଡାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶିଳ୍ପପତି ଓ ଉଦ୍ୟୋଗୀ ମାନଙ୍କ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିଳ୍ପପତିମାନେ ଯୋଗଦେଇ ଜିଲ୍ଲାରେ ଶିଳ୍ପର ଆହୁରି କିପରି ଅଧିକ ବିକାଶ ହେବ ସେ ବିଷୟରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ାର ବିଶିଷ୍ଟ ଶିଳ୍ପପତି ଓ ଉଦ୍ୟୋଗୀ ଏବଂ ସମାଜସେବୀ ଶିବରାମ କ୍ରିଷ୍ଣା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ କ୍ରିଷ୍ଣା ନିଜ ଅଭିଭାଷଣରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ଶିଳ୍ପ ସଂସ୍ଥା ମାନଙ୍କରେ କାର୍ଯ୍ୟରତ ଶ୍ରମିକ ମାନଙ୍କର କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିବା ସହ ଜିଲ୍ଲାର ଶିଳ୍ପାନୁଷ୍ଠାନ ମାନଙ୍କରେ କାର୍ଯ୍ୟରତ ଶ୍ରମିକ ତଥା କର୍ମଚାରୀ ମାନଙ୍କର କିପରି ଉନ୍ନତି ସାଧନ ହୋଇପାରିବ ସେ ଦିଗରେ ବିଭିନ୍ନ ପଦକ୍ଷେପ ନେବା ନିମନ୍ତେ ଅନ୍ୟାନ୍ୟ ଶିଳ୍ପପତି ମାନଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ଶିବରାମ କ୍ରିଷ୍ଣା ଜଣେ ବିଶିଷ୍ଟ ଉଦ୍ୟୋଗୀ । ସମାଜସେବୀ ଭାବେ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ସମାଜର ବିଭିନ୍ନ ଅନଗ୍ରସର ବର୍ଗର ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଆଗାମୀ ଦିନରେ ବିଭିନ୍ନ ସଂସ୍ଥା ଓ ଅନ୍ୟାନ୍ୟ ଦଳ ଗୁଡିକର ସହଯୋଗରେ ଅନେକ ସାମାଜିକ କଲ୍ୟାଣକାରୀ କାର୍ଯ୍ୟ କରିବାପାଇଁ ସଂକଳ୍ପବଦ୍ଧ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପପତି ଓ ଉଦ୍ୟୋଗୀ ଯଥା ସିଏଚ୍ କ୍ରିଷ୍ଣା, ଏ.ଗୋବିନ୍ଦ ରାଓ, ସି.ଏଚ. ଶ୍ରୀକାନ୍ତ, କେ.ଏସ. ରାଏ ଓ ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

କୋରାପୁଟ,୧୯।୪(ସମିସ): କୋରାପୁଟ ଟାଉନ୍ ଥାନା ଅନ୍ତର୍ଗତ ସୁନାପୁରରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବତୀ ଜଣକ କୋରାପୁଟ ସଦର ଥାନା ପିତେଇ ଗ୍ରାମର ପ୍ରଫୁଲ୍ଲ ଖେମୁଣ୍ଡୁଙ୍କ ଝିଅ ଗାୟତ୍ରୀ ଖେମୁଣ୍ଡୁ ବୋଲି ଜଣା ପଡ଼ିଛି। ମୃତ ଯୁବତୀଙ୍କ ବାପା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୮ ରେ ଏକ ମାମଲା (କେଶ ନଂ ୧୦୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଗାୟତ୍ରୀ ସୁନାପୁରରେ ସମ୍ପର୍କୀୟଙ୍କ ଘରେ ରହି ସେମିଳିଗୁଡା କଲେଜରେ ପଢୁଥିଲେ। ଦାମନଯୋଡ଼ି ଅଞ୍ଚଳର ଜୈନିକ ଯୁବକଙ୍କ ସହ ତାଙ୍କର ସମ୍ପର୍କ ଥିଲା, ଗତ ଏକ ବର୍ଷ ହେବ ଉଭୟ ଅନେକ ସମୟ ଫୋନରେ କଥାବାର୍ତ୍ତା କରୁଥିଲେ। କୌଣସି ଘଟଣାକୁ ନେଇ ଶନିବାର ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା, ସମ୍ପୃକ୍ତ ଯୁବକ ସୁନାପୁର ଆସି ଝିଅକୁ ଅଶ୍ଲୀଳ ଭାଷାରେ ଗାଳି ଗୁଳଜ କରିଥିବା ପ୍ରଫୁଲ୍ଲ ଖେମୁଣ୍ଡୁ ଅଭିଯୋଗ କରି ଝିଅ ମାନସିକ ଭାରସାମ୍ୟ ହରାଇ ଆ।।ହତ୍ୟା କରିଥିବା ପ୍ରତିକ୍ରିୟା ଦେଇଛନ୍ତି। ମହିଳା ସବ ଇନ୍ସପେକ୍ଟର ଲତିକା ବୈଦ୍ୟ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

# ପଞ୍ଚପଟମାଳି ପାରିପାର୍ଶ୍ୱିକ ଗ୍ରାମ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୬



ଦାମନଯୋଡ଼ି,୧୯।୪(ସମିସ): ପଞ୍ଚପଟମାଳି ପାରିପାର୍ଶ୍ୱିକ ଗ୍ରାମ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୬ର ପ୍ରଥମ ସଂସ୍କରଣ ନାଲ୍‌କୋ ଖଣି ଦଳ ଦ୍ୱାରା ପଞ୍ଚପଟମାଳି ବକ୍ସାଇଟ୍ ମାଇନ୍ସ, ନାଲ୍‌କୋରେ ଏପ୍ରିଲ ୧୭ ରୁ ୧୯ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏଥିରେ ପାଶ୍ୱବର୍ତ୍ତି ଗ୍ରାମଗୁଡିକର ୨୪ଟି ଉତ୍ସାହୀ ଦଳକୁ ଏକତ୍ରିତ କରାଯାଇଥିଲା। ଏହି ସ୍ପନ୍ଦନଶୀଳ କ୍ରୀଡା ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ କ୍ରୀଡା ମାଧ୍ୟମରେ ଯୁବ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଥିଲା। ୧୯ ତାରିଖରେ ଅନୁଷ୍ଠିତ ସେମିଫାଇନାଲ୍ ଏବଂ ଫାଇନାଲ ମ୍ୟାଚରେ ପ୍ରବଳ ଉତ୍ସାହ ଏବଂ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅବସରରେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଖଣି ଓ ପରିଶୋଧାନୋ ପ୍ରକଳ୍ପ) ଅମରେନ୍ଦ୍ର କୁମାର ମିଶ୍ର,କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଭି.ଏସ୍.ଏସ୍. ଆନନ୍ଦ,ମୁଖ୍ୟ ମହାପ୍ରବନ୍ଧକ (ଖଣି) ପୁରୁଷୋତ୍ତମ ମହାନ୍ତଙ୍କ, ସିଆଇଏସଏଫର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ ଏବଂ ନାଲକୋର ବିଭାଗୀୟ ମୁଖ୍ୟ ଏବଂ ଖଣିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉପର ରଙ୍ଗପାଣି ଗ୍ରାମ ଏବଂ ଗୁଞ୍ଜିଗୁଡ଼ା ମଧ୍ୟରେ ଏକ ରୋମାଞ୍ଚକର ଏବଂ ଆକର୍ଷଣୀୟ ଫାଇନାଲ ମ୍ୟାଚ୍‌ରେ ଉପର

### ଉପର ରଙ୍ଗପାଣି ଚାମ୍ପିଅନ୍

ରଙ୍ଗପାଣି ଗ୍ରାମ ଏହି ପ୍ରଥମ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛନ୍ତି। ସମାବେଶକୁ ସମ୍ବୋଧିତ କରିବା ସମୟରେ ସିଏମଡି ଶ୍ରୀ ସିଂହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାସ୍ଥ୍ୟ, ଦଳଗତ କାର୍ଯ୍ୟ ଏବଂ ଶୃଙ୍ଖଳାକୁ ପ୍ରାଥମିକତା ଦେବାକୁ ଏବଂ ଏପରି କ୍ରୀଡ଼ା ଗୁଡ଼ିକରେ ସକ୍ରିୟ ଭାବରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମିଶ୍ର ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଯୁବ ସଶକ୍ତିକରଣରେ ପ୍ରମୁଖ ପଦକ୍ଷେପ ଗୁଡ଼ିକର ବିସ୍ତୃତ ବିବରଣୀ ଦେଇ ସାମୁଦାୟିକ ଅଭିବୃଦ୍ଧି ପାଇଁ ନାଲ୍‌କୋର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ। ସେ ସମାବେଶକୁ ଆଶ୍ୱାସନା ଦେଇଥିଲେ ଯେ ପାର୍ଶ୍ୱବର୍ତ୍ତି ଗ୍ରାମଗୁଡ଼ିକର ବିକାଶରେ ନାଲକୋ ଏକ ଉତ୍ସର୍ଗୀକୃତ ସହଯୋଗୀ ଭାବରେ ରହିଛି। ଏହି କାର୍ଯ୍ୟକ୍ରମ କେବଳ କ୍ରୀଡା ପ୍ରତିଭାକୁ ପାଳନ କରିନଥିଲା । ବରଂ ଏକତା, କ୍ରୀଡାପ୍ରେମ ଏବଂ ସାମୂହିକ ଅଭିବୃଦ୍ଧିର ମନୋଭାବକୁ ପ୍ରୋତ୍ସାହିତ କରି ନାଲକୋ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ବନ୍ଧନକୁ ମଧ୍ୟ ମଜବୁତ କରିଥିଲା।

## ଦୁଇ ଛୁଆ ଓ ସ୍ୱାମୀଙ୍କୁ ଛାଡ଼ି ପର ପୁରୁଷ ସହ ମହିଳା ଫେରାର୍

ଦଶମନ୍ତପୁର,୧୯।୪ (ସମିସ): ୧୫ ବର୍ଷ ଧରି ଘର ଜ୍ୱାଇଁ ହୋଇ ରହିବା ପରେ ତିନି ଛୁଆଁକୁ ଛାଡି ପର ପୁରୁଷ ସହ ଫେରାର ହୋଇଯାଇଛି ମହିଳା। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ଗୌଡ଼କନ୍ତି ଗାଁ ରେ ଘଟିଛି ଏହି ଘଟଣା। ଗାଁର ଧନୁ ଗୌଡ଼ଙ୍କ ପତ୍ନୀ ସେହି ଗାଁର ଭକ୍ତ ଗୌଡ଼ଙ୍କ ସହ ଗତ ଶୁକ୍ରବାର ଅଧରାତିରେ ଟଙ୍କା ସୁନା ଧରି ଫେରାର ହୋଇଥିବା ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଲିଖିତ ଅଭିଯୋଗ ପ୍ରକାରେ ଝାଞ୍ଜାଙ୍କ ୧୦ବର୍ଷ, ୭ବର୍ଷ ଓ ୩ବର୍ଷର ତିନୋଟି ଝିଅ ରହିଥିବା ବେଳେ ଭକ୍ତଙ୍କ ୯ ବର୍ଷର ଝିଅ ଅଛି। ଧନୁ ଦୀର୍ଘ ୧୫ ବର୍ଷ ହେଲା ଗାଁ ଛାଡି ନିଜ ପରିବାର ଓ ମାମୁଁଙ୍କ ପରିବାରର ସହମତିରେ ଘର ଜ୍ୱାଇଁ ଭାବେ ଗୌଡ଼କନ୍ତିରେ ରହି ଝାଞ୍ଜା ଗୌଡ଼ଙ୍କୁ ବିବାହ କରିଥିଲେ। ଘରେ ୯ ବର୍ଷର ଝିଅ ଏବଂ ସ୍ତ୍ରୀ ଅଇଁଲା ଙ୍କୁ ଛାଡ଼ି ଭକ୍ତ ଗୌଡ଼ ନିଜ ସ୍ତ୍ରୀକୁ ଛେଳି ଗୋଠକୁ ପଠାଇ ନିଜେ ଅଟୋ ଡ୍ରାଇଭର ହୋଇ ତିନି ଛୁଆର ମା ଝାଞ୍ଜାକୁ ପ୍ରେମ ଜାଲରେ ଫସେଇ ରାତି ଅଧରେ ଚମ୍ପଟ ମାରିଛି। ଧନୁ ୩ ଝିଅ କୁ ଧରି ନିଜ ସ୍ତ୍ରୀ ପର ପୁରୁଷ ସହ ଚାଲିଯିବା ସମ୍ପର୍କରେ ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଖୋଜିବାରେ ବିଫଳ ହୋଇଛି ବୋଲି କହିଛନ୍ତି। ମା' ବିନା ଛୋଟ ଛୋଟ ତିନି ଶିଶୁ ବହୁ ଅସୁବିଧାରେ ରହୁଥିବା ଧନୁ କହିଛନ୍ତି।

# ଗରମରୁ ନିସ୍ତାର ନାହିଁ, ଜନଜୀବନ ଅସ୍ତବ୍ୟସ୍ତ



ଉମରକୋଟ,୧୯।୪(ସମିସ): ଉମରକୋଟ ଅଞ୍ଚଳରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢିଚାଲିଛି। ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ଅସହ୍ୟ ତାତି ଯୋଗୁ ଉମରକୋଟ ସହର ଠାରେ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ଦିନ ଦ୍ୱିପହରରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇପଡୁଛି। ସକାଳ ୯ଟା ପରେ ତାପମାତ୍ରା ବଢୁଛି। ମଧ୍ୟାହ୍ନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ସ୍ଥିତି ଅଧିକ ଗମ୍ଭୀର ରହୁଛି। ଏହି ସମୟରେ ବାହାରକୁ ଯିବା କଷ୍ଟକର ହୋଇପଡୁଛି। ଗ୍ରୀଷ୍ମପ୍ରବାହ ଯୋଗୁ ବଜାର, ହାଟ ଓ ଅନ୍ୟାନ୍ୟ ସ୍ଥାନରେ ମଧ ଭିଡ଼ ଜମିଯାଇଛି। ଗ୍ରୀଷ୍ମ ପ୍ରଭାବରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ଦିନ ମଜୁରିଆ, ଶ୍ରମିକ ଓ ବାହାରେ କାମ କରୁଥିବା ଲୋକେ। ଗରମରେ କାମ କରିବା କଷ୍ଟ ହେଉଥିବାରୁ ସେମାନଙ୍କ ଜୀବିକା ଉପରେ ମଧ ଏହାର ପ୍ରଭାବ ପକାଇଛି। ପଥଚାରୀମାନେ ଛାଇ ଖୋଜୁଛନ୍ତି। ବିଭିନ୍ନ ସ୍ଥାନରେ ପୌର ପରିଷଦ ପକ୍ଷରୁ ଥଣ୍ଡା ପାଣିର ବ୍ୟବସ୍ଥା କରାଯାଇଛି। ଗରମରୁ ରକ୍ଷା ପାଇଁ ଅଧିକାଂଶ ଲୋକେ ଘରେ କୁଲର ଓ ଏସି ବ୍ୟବହାର କରୁଛନ୍ତି। ଗରିବ ଶ୍ରେଣୀର ଲୋକେ ଆମ୍ବଗଛ, ବରଗଛ ତଳେ ବସି ଦିନ କାଟୁଛନ୍ତି। ସେହିପରି ମୃଦୁପାନୀୟ ଦୋକାନରେ ମଧ ଲୋକଙ୍କ ଭିଡ ଜମୁଛି। ତାତି ବଢୁଥିବାରୁ ବିଭିନ୍ନ ଇଲେକ୍ଟ୍ରୋନିକସ ଦୋକାନରେ ଶୀତ ତାପ ନିୟନ୍ତ୍ରଣ ସାମଗ୍ରୀ ବିକ୍ରି ମଧ ବଢିଚାଲିଥିବା ବ୍ୟବସାୟୀ କହିଛନ୍ତି। ପରିବେଶବିତ ମାନେ କହିଛନ୍ତି, ଗତ କିଛି ବର୍ଷ ଅପେକ୍ଷା ଏଥର ସହରରେ ତାପମାତ୍ରା ଅଧିକ ରହିଛି। ଗତ କିଛି ବର୍ଷ ହେଲା ଜଙ୍ଗଲ ହ୍ରାସ, ଗୃହ ନିର୍ମାଣ, ନଦୀ ନାଳ ସଂକୁଚିତ ହୋଇ ଜଳ ପ୍ରଭାବ ବନ୍ଦ ହେବା ଓ ଅତ୍ୟଧିକ ଗାଡ଼ି ମୋଟର ଚଳାଚଳ କରୁଥିବାରୁ ପ୍ରଦୂଷଣ ବଢିବା ସହ ତାପମାତ୍ରା ମଧ ବୃଦ୍ଧି ପାଉଛି। ଏସବୁ କାରଣରୁ ସହରରେ ଅସହ୍ୟ ଗରମ ଅନୁଭୂତି ହେଉଛି। ଅନ୍ୟପକ୍ଷରେ ପ୍ରଚଣ୍ଡ ରୌଦ୍ରତାପ ମୁକାବିଲା ପାଇଁ ସହର ସମେତ ପଞ୍ଚାୟତ ଓ ଜନଗହଳି ପୂର୍ଣ ଜାଗାରେ ଜଳଛତ୍ରର ବ୍ୟବସ୍ଥା କରଯାଉଛି। ଟାଣ ଖରାରେ ବାହାରକୁ ନଯିବା ଲାଗି ଲୋକଙ୍କୁ ସଚେତନ କରଯାଉଛି। ଜଳକଷ୍ଟ ଥିବା ଗାଁକୁ ଟ୍ୟାଙ୍କର ସହାୟତାରେ ପାଣି ଯୋଗାଇ ଦେବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରୀଷ୍ମ ୩ ମାସ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକ ଓ ଠିକାସଂସ୍ଥାକୁ କାମ ବନ୍ଦ ରଖିବାକୁ ଗୋଷ୍ଠୀ ଶ୍ରମ ଅଧିକାରୀ କହିଛନ୍ତି।

## କାମ କରି ଟଙ୍କା ନ ପାଇବା ଘଟଣା

# ତଦନ୍ତ କଲା ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ଦଳ



ବୋରିଗୁମ୍ମା,୧୯।୪(ଇମିସ): ବୋରିଗୁମ୍ମା ବ୍ଲକ୍‌ରେ ବରିଷ୍ଠ ନାଗରିକଙ୍କ ଠିକା କାମର ପ୍ରାପ୍ୟ ଟଙ୍କା ଅନ୍ୟ ଜଣେ ଠିକାଦରକୁ ପ୍ରଦାନ କରାଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ସତ୍ୟାସତ୍ୟର ତଦନ୍ତ କରିବାରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବୋରିଗୁମ୍ମାରେ ପହଞ୍ଚିଥିଲେ। କୋରାପୁଟ ଏପିଡି ଗଣେଶ୍ୱର କଅଁରଙ୍କ ନେତୃତ୍ୱରେ ଆସିଥିବା ଦଳ ତଦନ୍ତ କରିଥିଲେ। ବେଣାସୁର ପଞ୍ଚାୟତର ବରିଷ୍ଠ ନାଗରିକ ନିରଞ୍ଜନ ତ୍ରିପାଠୀ ୨୦୨୩-୨୪ ଆର୍ଥିକ ବର୍ଷରେ ୫-ଟି ଅଧୀନରେ ମନରେଗା ଯୋଜନାରେ ବାଘଭଦ୍ରା ଉଚ୍ଚବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ କରିଥିଲେ। କାମ ବାବଦକୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ଭେଣ୍ଡର ନିକଟକୁ ଟଙ୍କା ଆସିଥିଲା। କିନ୍ତୁ ଉକ୍ତ ଟଙ୍କା ଶ୍ରୀ ତ୍ରିପାଠୀଙ୍କୁ ପ୍ରଦାନ କରାନଯାଇ ଅନ୍ୟ ଜଣେ ଠିକାଦାର ଅଶୋକ ଭୂୟାଁଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ମନରେଗାରେ କାମ କରିବା ସତ୍ତ୍ୱେ ଟଙ୍କା ନ ମିଳିବାରୁ ଗତ ଦିନରେ ଶ୍ରୀ ତ୍ରିପାଠୀ ନିରାଶ ହୋଇ ଗତ ଦିନରେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକଙ୍କୁ ଭେଟି ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବା ମିଥ୍ୟା ଦସ୍ତଖତ ଓ ପିସି କାରବାରର ତଦନ୍ତ ଦାବି କରିଥିଲେ। ଶୁକ୍ରବାର ତଦନ୍ତକାରୀ ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କେଉଁ ଫାଇଲ ଖୋଲା ଯାଇ କାମ କରାଯାଇଛି, ତାହାର ଅନୁଧ୍ୟାନ କରିଥିଲେ। ତଦନ୍ତକାରୀ ଦଳର ନେତୃତ୍ୱ ନେଇଥିବା ଶ୍ରୀ କଅଁରଙ୍କ ସମେତ ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ମନରେଗା କୋର୍ଡିନେଟର ସସ୍ମିତା ଦାଶ, ଏଇଇ ବିନୋଦ କିଷାନ, ଏପିଓ ରଜନୀକାନ୍ତ ବେହେରା ବାଘଭଦ୍ରା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ହୋଇଥିବା ଉନ୍ନତୀକରଣ କାର୍ଯ୍ୟର ତଦାରଖ କରିଥିଲେ। ସାଥୀରେ ଶ୍ରୀ ତ୍ରିପାଠୀ ମଧ ଉପସ୍ଥିତ ରହି କାମର ବିଲ୍ ପାଇଁ ପିସି ଦେଇ ନପାରିବାରୁ ତାଙ୍କ ଟଙ୍କା ଅନ୍ୟ ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଦଳେଇ ତଦନ୍ତକାରୀ ଅଧିକାରୀଙ୍କୁ ଚାଞ୍ଚଲ୍ୟକର ବୟାନ ଦେଇଥିଲେ। ଗୋଟିଏ କାମ ପାଇଁ ୪ଟି ଫାଇଲ ଖୋଲି ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଶ୍ରୀ ଦଳେଇଙ୍କ ଠାରୁ ଶୁଣିବା ପରେ ତଦନ୍ତକାରୀ ଟିମ୍ ଚକିତ ହୋଇପଡିଥିଲେ। ସରକାରୀ ନଥିପତ୍ର ସହ ଅଭିଯୋଗକାରୀଙ୍କ ବୟାନକୁ ଆଧାର କରି ରିପୋର୍ଟ ପ୍ରଦାନ କରାଯିବ ବୋଲି ଏପିଡି ଶ୍ରୀ କଅଁର କହିଛନ୍ତି। ଏହି ଘଟଣାରେ ବି.ସିଂହପୁର ଥାନାରେ ଏତଲା ଦିଆଯାଇଛି।

# ଜୟପୁରରେ 'ସିୱା' ମହିଳା ଶାଖାର ମେଗା ରକ୍ତଦାନ ଶିବିର



ଜୟପୁର,୧୯।୪(ସମିସ) : ଜୟପୁର ସହରର ଅଗ୍ରଣୀ ସଂଗଠନ ସିୱା ମହିଳା ଶାଖା ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୨୮୦ ଜଣ ରକ୍ତଦାତା ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିୱା ସଂଗଠନର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ ସାହୁଙ୍କ ଅଧକ୍ଷତାରେ ମହିଳା ଶାଖାର ସଦସ୍ୟା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସିୱା ଅନୁଷ୍ଠାନର ମହିଳା ଶାଖା ପକ୍ଷରୁ ସୁମନ ମୁନ୍ଦ୍ରା, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଲିପିକା ପାତ୍ର, ସୁଭସ୍ମିତା ସାହୁ, ମମତା ନାୟକ, ଭୂଲକ୍ଷ୍ମୀ ଆଚାରୀ, ମମତା ସାହୁ, ମମତାଞ୍ଜଳି ଦାସ, ରସ୍ମିତା ଚୌଧୁରୀ, ବାଣୀ ପଟ୍ଟନାୟକ, କେ.ଦିବ୍ୟା, ମମତା ମହାପାତ୍ର, ଜୟା ମିଶ୍ର, ଆଶା, ମମତା ଦାଶ, ସଂଧ୍ୟାରାଣି ପଟ୍ଟନାୟକ ପ୍ରମୁଖ ଏହି ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଅଜୟ କୁମାର ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ଉପ ସଭାପତି ଜି.ଭେଙ୍କଟ ରେଡ୍ଡି, ସହସମ୍ପାଦକ କେ.କ୍ରୀଷ୍ଣା ରାଓ ତଥା କୋଷାଧକ୍ଷ ରଞ୍ଜିତନାୟକ ସମେତ ସୁଧାକର ପଟ୍ଟନାୟକ, ସୌମ୍ୟରଞ୍ଜନ ଦଳାଇ, ବିଶ୍ୱଜୀତ ମିଶ୍ର, ଗୋପାଳ ସାହୁ, କୃଷ୍ଣଚନ୍ଦ ଦାଶ, ଦୀପକ ଷଡ଼ଙ୍ଗୀ, ରମେଶ ପଟ୍ଟନାୟକ, ମୂରଲୀ ପଟ୍ଟନାୟକ, ପିଲୁ ଦାଶ, କେ.ମୋହନ ରାଓ, ମୁନ୍ନା ଚୌଧୁରୀ, ରମେଶ ଚୌଧୁରୀ, ନିରଞ୍ଜନ ପାଣିଗ୍ରାହୀ, ରବିନ୍ଦ୍ରନାଥ ସାହୁ, ଶଶୀଧର ପଟ୍ଟନାୟକ, ମୁରଲୀକୃଷ୍ଣ ପଟ୍ଟନାୟକ, ନଳନୀ କୁମାର ଏବଂ ଫଣି ତୀୱାରୀ ପ୍ରମୁଖ ସହାୟତା କରିଥିଲେ। ଜୟପୁର ସିଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତଦାତା, ଆମନ୍ତ୍ରିତ ଅତିଥି ତଥା ଆୟୋଜକଙ୍କୁ ସହାୟତା କରିଥିଲେ। ସେହିପରି ଜୟପୁର ଜିଲ୍ଲା ଚିକିତ୍ସାଳୟ ରକ୍ତ ଭଣ୍ଡାରର ଡାକ୍ତର ରିଦ୍ୱିକ ପାଢୀ, କର୍ମଚାରୀ ଲକ୍ଷ୍ମୀକାନ୍ତ ଗାଇନି, ନାଥିନିଆଲ ଦାନି, ପ୍ରତିଭା ପାତ୍ର, ଅମର ମହୁରିଆ, ଦିନବନ୍ଧୁ ସାହା, ଶଶିଭୂଷଣ ସାହୁ, ଅଭୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳତା ସହିତ ସମାପ୍ତ ହୋଇ ସମାଜିକ ଦାୟିତ୍ୱ ଓ ମାନବତାର ଏକ ପ୍ରେରଣାଦାୟକ ଦୃଷ୍ଟାନ୍ତ ସୃଷ୍ଟିକରିଛି। ଏହି ଅବସରରେ ଜୟପୁର ସକାଳ କାର୍ଯ୍ୟାଳୟ ଓ ମୃଦଣର କର୍ମଚାରୀ, ଚାମ୍ବର ଅଫ କମର୍ସର କର୍ମକର୍ତ୍ତା ଓ ସଦସ୍ୟ ମାନେ ମଧ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ସମେତ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ରକ୍ତଦାତାଙ୍କ ମଧରେ ୨୦ ଦମ୍ପତି ରକ୍ତଦାନ କରିଥିବା ଜଣାପଡିଛି।

# ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣରେ ମନମୁଖୀ କାର୍ଯ୍ୟ



## ରାସ୍ତା ମଝିରେ ଗଛ, ବିଦ୍ୟୁତ୍ ଖୁଣ୍ଟ ବିପଦ

ତେନ୍ତୁଳିଖୁଣ୍ଟି ୧୯।୪ (ସମିସ): ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ସହର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ଦୁଇଟି ପର୍ଯ୍ୟାୟ ରେ ଚାଲିଛି । ରାସ୍ତା ପ୍ରଶସ୍ତି କରଣ ଫଳରେ ପୂର୍ବରୁ ଥିବା ବୃକ୍ଷ, ବିଦ୍ୟୁତ ଖୁଣ୍ଟ ଆଦି ମୁଖ୍ୟ ରାସ୍ତା ମଝୀରେ ହୋଇଛି । ଜଙ୍ଗଲ, ବିଦ୍ୟୁତ ଏବଂ ରାଜସ୍ୱ ବିଭାଗର ସମନ୍ୱୟ ଅଭାବ କାରଣରୁ ରାସ୍ତା କାର୍ଯ୍ୟ ସଠିକ ଭାବେ ହୋଇପାରୁନାହିଁ । ବର୍ତମାନ ଇନ୍ଦ୍ରାବତୀ କଲେଜ ଛକଠାରୁ ଗଡିପୁଟ ଛକ ପର୍ଯ୍ୟନ୍ତ ହେଉଥିବା ରାସ୍ତାର ମଝିରେ ପ୍ରତି ୧୦ ମିଟର ବ୍ୟବଧାନରେ ଗୋଟିଏ ବୃକ୍ଷ ନଚେତ ବିଦ୍ୟୁତ ଖୁଣ୍ଟ ରହିଛି । ଏମିତିରେ ରାସ୍ତା କାର୍ଯ୍ୟ ଜାରି ରହିଥିବା ବେଳେ ରାସ୍ତା କାର୍ଯ୍ୟରେ ଅନ୍ୟ ଏକ ପ୍ରତିବନ୍ଧକ ହୋଇଛି ମେଗା ପ୍ରକଳ୍ପ ପାଇପ ଏବଂ ଏୟାର ଭଲବ। ଏନେଇ ପୂର୍ବରୁ ବହୁବାର ବିଭିନ୍ନ ଗଣମାଧମରେ ଖବର ବାରମ୍ବାର ପ୍ରକାଶ ପରେ ମଧ ଜଙ୍ଗଲ ବିଭାଗ, ବିଦ୍ୟୁତ ବିଭାଗ ଏବଂ ଜଳ ଯୋଗାଣ ବିଭାଗ ନିଘୋର ନିଦ୍ରାରେ ରହି ଦୁର୍ଘଟଣାକୁ ଅପେକ୍ଷା କରିଛନ୍ତି । ଜିଲ୍ଲା ପ୍ରଶାସନ ମଧ ନିରବ ରହିଥିବା ଅଭିଯୋଗ ହେଉଛି । ଧନ ଜୀବନ ନଷ୍ଟ ଆଶଙ୍କା ଥିବା ବେଳେ ବିଭିନ୍ନ ବିଭାଗର ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଅଘଟଣ ଘଟିଲେ କେଉଁ ବିଭାଗ ଏବଂ ଅଧିକାରୀ ଦାୟୀ ରହିବେ ବୋଲି ପ୍ରଶ୍ନ ଉଠୁଛି । ତୁରନ୍ତ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ମାଲକାନଗିରିରେ ଅଜଗର ଆତଙ୍କ

ମାଲକାନଗିରି, ୧୯ ।୪(ସମିସ): ମାଲାନଗିରି ସଦର ମହକୁମା ଦେଇ ଯାଇଥିବା ମୁଖ୍ୟ କେନାଲ ଓ ଏହାର ଆଖପାଖରେ ଏକ ବିଶାଳ ଅଜଗର ଘୂରିବୁଲୁଥିବା ଦେଖିବାକୁ ମିଳିଛି। ଗତକାଲି ରାତି ସମୟରେ ଏହି ବିରାଟକାୟ ଅଜଗର ସାପ କେନାଲ ନିକଟରେ ଶୋଇଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ଏହି ଘଟଣା ଜାଣିବା ପରେ ସେହି ଅଞ୍ଚଳରେ ଆତଙ୍କର ଛାୟା ଖେଳିଯାଇଥିଲା।



ଦୈନିକ ଏହି କେନାଲ ଉପରେ ଶହ ଶହ ଲୋକ ନିର୍ଭରଶୀଳ ହୋଇଥିବା ବେଳେ ଲୋକେ ଗାଧେଇବା, ଦୈନିକ ବ୍ୟବହାର ପାଇଁ ପାଣି ନେଉଥିବା ଦେଖିବାକୁ ମିଳିଥାଏ। ଉକ୍ତ କେନାଲ ଦ୍ୱାରା ପଶୁପକ୍ଷୀ ମଧ ତୃଷ୍ଣା ମେଣ୍ଟାଇଥାନ୍ତି। ଖରା ଦିନ ହୋଇଥିବାରୁ ନିକଟ ଅଞ୍ଚଳର ପିଲାମାନେ ଏହି କେନାଲରେ ଗାଧୋଇବା ସହ ଖେଳାଖେଳି କରିଥିବା ଦେଖିବାକୁ ମିଳେ। ତେବେ ଏହି ଅଜଗର ସାପ ଦେଖିବା ପରେ ଅଞ୍ଚଳରେ ଲୋକେ ଭୟଭୀତ ହୋଇ ପଡିଛନ୍ତି। ବନବିଭାଗ ଏହାକୁ ଯଥାଶୀଘ୍ର ଠାବ କରି ଜନବସତି ଠାରୁ ଦୂରରେ ଛାଡିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଚନ୍ଦ୍ରପୁର ବ୍ଲକର ଏସ୍‌ଏସ୍‌ଡି ବିଦ୍ୟାଳୟ ଶିକ୍ଷକଙ୍କ ସମାବେଶ



ଚନ୍ଦ୍ରପୁର,୧୯।୪(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଅନୁସୂଚିତ ଜାତି ଓ ଜନଜାତି (ଏସଏସଡି) ବିଭାଗର ଶିକ୍ଷକ ଶିକ୍ଷୟତ୍ରୀଙ୍କ ଏକ ବନ୍ଧୁମିଳନ ତଥା ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଫଳଫଳିଆ ନଦୀ ନିକଟରେ ଚନ୍ଦ୍ରପୁର ବ୍ଲକର ୭ ବିଦ୍ୟାଳୟର ୫୦ରୁ ଉର୍ଦ୍ଧ ଶିକ୍ଷକ , ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅନୁରାଧା ଲିଙ୍ଗମ, ଉର୍ମିଳା ପିପଳି, ରାଜୁ ପାଲ, ସନ୍ତୋଷ କୁଶଲିୟା, ଶିକ୍ଷକ ସଂଘ ଉପ ସଭାପତି ପ୍ରଦୀପ ଚୌଧୁରୀ, ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ସମେତ ୫୦ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସମାବେଶରେ ସମସ୍ତ ବିଦ୍ୟାଳୟର ସୁବିଧା ସୁଯୋଗ ବିଷୟ ଆଲୋଚନା ହୋଇଥିଲା। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କହିଥିଲେ ଯେ, ବିଦ୍ୟାଳୟ ଏକ ମନ୍ଦିର । ଶିକ୍ଷକ ସଂଘ ଉପ ସଭାପତି ଶ୍ରୀ ଚୌଧୁରୀ ସମସ୍ତ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ଶିକ୍ଷକ ଏକାଠି ହୋଇ ରହିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟର ଉନ୍ନତି ଓ ସମସ୍ୟା ସମ୍ପର୍କରେ କହିବା ସହ ଶିକ୍ଷକ ସମାଜର ମାର୍ଗଦର୍ଶକ ହୋଇଥିବା ବେଳେ ସେମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ ସେ ସମ୍ପର୍କରେ ନିଜ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ରାଜୁ ପାଲ, ସନ୍ତୋଷ କୁସଲିୟା, ପ୍ରଦୀପ ଚୌଧୁରୀ ପ୍ରମୁଖ ନେଇଥିଲେ। ଶେଷରେ ଶିକ୍ଷକ ମାନେ ଶ୍ରୀ ଜଗନ୍ନାଥ ଭଜନ ଗାନ କରିଥିଲେ।

# ସାଇବର ସୁରକ୍ଷା ସଚେତନତା

କାଲିମେଳା,୧୯।୪(ସମିସ):ମାଲକାନଗିରି ଜିଲ୍ଲା କାଲିମେଳା ଥାନା ତତ୍ତ୍ୱାବଧାନରେ ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରେ ଏକ ସାଇବର ଆୱାରନେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ମଣିଷ ତାର କାର୍ଯ୍ୟ ଭାର କମାଇବା ପାଇଁ ଟେକ୍ନୋଲୋଜି ଉପରେ ନିର୍ଭର କରୁଛି। ସମସ୍ତ ଜରୁରୀ କାର୍ଯ୍ୟ ଇଣ୍ଟରନେଟ ଓ କମ୍ପୁଟର ମାଧମରେ ଖୁବ କମ ସମୟରେ ହୋଇପାରୁଛି। ସବୁଠାରୁ ବଡ଼ କଥା ହେଲା ଏହି ସମୟରେ ସମସ୍ତେ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର। ଟିକେ ସତର୍କତା ଅବଲମ୍ବନ ନ କଲେ ସାଇବର ଅପରାଧୀଙ୍କ ଠକାମୀର ଶିକାର ହେବାକୁ ପଡିବ। ଜନସାଧାରଣ କିପରି ସାଇବର ଠକାମୀର ଶିକାର ନ ହେବେ, ସେଥିପାଇଁ ରବିବାର କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସାଇବର ସୁରକ୍ଷା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ପୁଲିସ ପକ୍ଷରୁ କରାଯାଉଥିବା ସାଇବର ସଚେତନତା ବିଷୟକୁ ଅବଲମ୍ବନ କରି ନିଜେ ସତର୍କ ରହିବା ଓ ସଚେତନ ହୋଇ ଅନ୍ୟଙ୍କୁ ମଧ ସାଇବର ସୁରକ୍ଷା ପାଇଁ ନିଜର ଠିକଣା, ପରିଚୟ ପ୍ରମାଣ ବିବରଣୀ, ଆକାଉଣ୍ଟ ନମ୍ବର, କ୍ରେଡିଟ୍ କାର୍ଡ, ଡେବିଡ୍ କାର୍ଡ, ୟୁପିଆଇ ବିବରଣୀ କୌଣସି ଅଜ୍ଞାତ ବ୍ୟକ୍ତିଙ୍କୁ ଶେୟାର ନ କରିବା ପରାମର୍ଶ ଦିଆଯାଇଥିଲା। କଲେଜ ଛାତ୍ରଛାତ୍ରୀମାନେ ମଧ ସାଇବର ସୁରକ୍ଷା ଉପରେ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିବା ସହ ଏକ ସଚେତନ ନାଟକ ପରିବେଷଣ କରିଥିଲେ। ଏହି ସାଇବର ସୁରକ୍ଷା ଅଭିଯାନ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ତଥା ସୋସିଆଲ ମିଡ଼ିଆ ଫେସବୁକ, ଟ୍ୱିଟର ଆଦିରେ ସାଇବର ସମ୍ବନ୍ଧୀତ ପ୍ରଶ୍ନର ସଠିକ ଉତ୍ତର ଦେଇଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଅସହ୍ୟ ଗରମରେ ହନ୍ତସନ୍ତ ଗୁଡାରୀ ସହର

ଗୁଡାରୀ,୧୯।୪(ସମିସ): ଅସହ୍ୟ ଗରମ, ଗୁଳୁଗୁଳିରେ ଛଟପଟ ହେଉଛି ଗୁଡାରୀ ସହର। ସକାଳ ସମୟର ଟିକେ ମେଘାଛନ୍ନ ରହୁଥିବା ବେଳେ ଦିନ ୮ଟାରୁ ଗରମ ବଢ଼ିବାର ଲାଗୁଛି । ଦିନ ୧୨ଟା ପରେ ସହରର ପାରଦ ୪୧ ଡିଗ୍ରି ତାତିରେ ଆଉଟୁ ପାଉଟୁ ହେଉଛନ୍ତି ସହରବାସୀ। ପଞ୍ଚାୟତରେ ବସବାସ କରୁଥିବା ଲୋକ ମାନଙ୍କର ଦିନ ୧୧ ପରେ ଦେଖା ମିଳୁନି । ଦିନ ଗୋଟିଏ ପରେ ସାରା ସହର ଶୂନ୍‌ଶାନ । ଯୁକ୍ତତିନି କଲେଜ ଏବଂ ଗାନ୍ଧି ଛକ ଏହି ଦୁଇଟି ସ୍ଥାନରେ ଥଣ୍ଡା ପାନୀୟ ଜଳର ଆରଓ ଲଗାଯାଇଥିଲେ ମଧ ସହରର ମୁଖ୍ୟ ରାସ୍ତାରେ ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ । ଏଣୁ ବାହାରରୁ ଆସିଥିବା ଲୋକମାନେ ପିଇବା ପାଣି ପାଇଁ ନଳକୂପ ପାଣି କିମ୍ବା ପରିଷଦର ଜଳ ଯୋଗାଣ ପାଣି ଉପରେ ଭରସା କରିବାକୁ ପଡୁଛି। ପାଣିପାଗରେ ଆକଳନ ଅନୁସାରେ ୨୪ ତାରିଖ ପର୍ଯ୍ୟନ୍ତ ବର୍ଷା ଥିବା ଆକଳନ କରିଥିଲେ ମଧ ଲୋକଙ୍କୁ ଗରମରୁ ନିସ୍ତାର ମିଳିପାରିନାହିଁ । ଏପଟେ ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବା ବେଳେ ସକାଳ ବିଦ୍ୟାଳୟ ଗୁଡ଼ିକ ଶିକ୍ଷା ଜାରି ରହିଛି। ସରକାର ସକାଳ ସାଢେ ୬ଟାରୁ ଠାରୁ ସାଢେ ୧୦ଟା ପରେ ଦଶ ବର୍ଷରୁ କମ୍ ବୟସ୍କ ଛାତ୍ରଛାତ୍ରୀ ମାନେ ଗରମରେ ବିଦ୍ୟାଳୟରୁ ବାହାରି ଘରକୁ ଯିବା ଅସହ୍ୟ ଗରମର ଶିକାର ହେବା ଦେଖିବାକୁ ମିଳୁଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ● ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଭଲିବଲ୍

# ରବି ସିଂ ମାଝୀ କ୍ରୀଡ଼ା କ୍ଲବ୍ ଚାମ୍ପିଅନ୍



ନବରଙ୍ଗପୁର,୧୯।୪ (ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘର ମିଳିତ ଆନକୂଲ୍ୟରେ ରାଜ୍ୟସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଭଲିବଲ୍ , କବାଡି, ଫୁଟବଲ୍ ଏବଂ ଖୋକ ଟୁର୍ଣ୍ଣାମେଣ୍ଟ ନବରଙ୍ଗପୁର ଷ୍ଟାଡିୟମ୍ ଠାରେ ଆରମ୍ଭ ହୋଇଯାଇଛି। ବାଳକ ଭଲିବଲ୍ ପ୍ରତିଯୋଗିତାର ଫାଇନାଲରେ ଉମରକୋଟ ରବି ସିଂ ମାଝୀ କ୍ରୀଡ଼ା କ୍ଲବ୍, ନବରଙ୍ଗପୁର ରିଲାଇନ୍ସ ସ୍ପୋର୍ଟି କ୍ଲବ୍‌କୁ ଫାଇନାଲ ରେ ପରାସ୍ତ କରି ଚାମ୍ପିୟନ୍ ହୋଇଛି , ସେହିପରି ଯୋଡ଼ିଙ୍ଗା କ୍ଲବ୍ , ଉମରକୋଟ ରବି ସିଂ ମାଝୀ କ୍ରୀଡା କ୍ଲବ୍ ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଏହି ଉପଲବ୍‌ଧିକୁ କ୍ରୀଡା ସଂଘର ସମ୍ପାଦକ ପ୍ରହାଲାଦ ତ୍ରିପାଠୀ, ଉପ ସଭାପତି ଏମ. ବାଲା କ୍ରୀଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ ଗହଣ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ କ୍ରିକେଟ ସମ୍ପାଦକ ଅଶୋକ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଭଲିବଲ୍, ଖୋକ, କବାଡି ଏବଂ ଫୁଟବଲ୍ ବିଭାଗରେ ଜିଲ୍ଲାର ଉଭୟ ବରିଷ୍ଟ ଏବଂ କନିଷ୍ଟ ବର୍ଗର ୧୦ ବାଳକ ଏବଂ ୬ ଗୋଟି ବାଳିକା ଦଳ ଭାଗ ନେଉଛନ୍ତି। କ୍ରୀଡା ଶିକ୍ଷକ କାଳି କିଙ୍କର ପଟ୍ଟନାୟକ, ସପନ ବୈରାଗୀ ସମେତ ଜିଲ୍ଲାର ମଙ୍ଗଳ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉକ୍ତ ଖେଳକୁ ପରିଚାଳନା କରିଛନ୍ତି। କ୍ରୀଡା ସଂଘର ସଦସ୍ୟ ଶଶାଙ୍କ ଶେଖର ବେହେରା ଦୁର୍ଯ୍ୟ ହରିଜନ, ଜି.ଚନ୍ଦ୍ର ଶେଖର ରାଜା, ହରିଶ୍ଚନ୍ଦ୍ର ସାନ୍ତା, ଅଜିତା ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

## ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

# ପର ଘର ବାରଣ୍ଡାରେ ଶିକ୍ଷାଦାନ



ନନ୍ଦାହାଣ୍ଡି, ୧୯।୪(ସମିସ): ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ ବାର ବର୍ଷ ହେଲା ଜଣଙ୍କ ଘର ବାରଣ୍ଡାରେ ଚାଲିଛି କୋମଳମତି ପିଲାଙ୍କ ପ୍ରାକ ଶିକ୍ଷା। ପିଲାଙ୍କ ପାଠପଢା ଠାରୁ ଆରମ୍ଭ କରି ଖାଇବା, ପିଇବା, ଖେଳିବା ସେଇ ଗୋଟିଏ ବାରଣ୍ଡାରେ ଚାଲଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ନିଶିନାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ କଦମ ଗୁଡା ଅଙ୍ଗନବାଡି କେନ୍ଦ୍ରର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। କଦମ୍ବ ଗୁଡା ଅଙ୍ଗନବାଡି କେନ୍ଦ୍ରରେ ୧୨ ଜଣ ଶିଶୁଙ୍କ ପ୍ରାକ ଶିକ୍ଷା ପରିଚାଳିତ ହେଉଥିଲ ହେଁ ଗତ ବାର ବର୍ଷ ହେବ ନିଜସ୍ୱ ଗୃହ ନାହିଁ। ଫଳରେ ଉକ୍ତ ଗ୍ରାମର ଖଗପତି ଅମନାତ୍ୟଙ୍କ ଘର ବାରଣ୍ଡାରେ ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଛି । ଅଙ୍ଗନବାଡି କର୍ମୀ ମୁନି ହଲୱା ନିୟୋମିତ ଖଗପତି ଅମନାତ୍ୟଙ୍କ ଘର ବାରଣ୍ଡାରେ ଅଙ୍ଗନବାଡି କେନ୍ଦ୍ର ଖୋଲି ୧୨ଜଣ ଶିଶୁଙ୍କୁ ପାଠ ପଢ଼େଇବା ସହ ସହାୟିକା ନଥିବାରୁ ନିଜେ ରୋଷେଇ କରି ପିଲାଙ୍କ ଖାଇବା ପିଇବା ଠାରୁ ଆରମ୍ଭ କରି ଖେଳକୁଦ ସେହି ବାରଣ୍ଡାରେ ହିଁ କରାଯାଉଛି ବୋଲି କର୍ମୀ ମୁନି ଅମନାତ୍ୟ ପ୍ରକାଶ କରିଛନ୍ତି। ଫଳରେ ସମ୍ପୃକ୍ତ କର୍ମୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗତ ବାର ବର୍ଷ ଧରି ଜଣଙ୍କ ଘର ବାରଣ୍ଡାରେ ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଥିଲେ ହେଁ ନୂତନ ଅଙ୍ଗନବାଡି ନିର୍ମାଣ ଦିଗରେ ପଦକ୍ଷେପ ନନେବା ଦୁଃଖର ବିଷୟ ହୋଇଛି। ଏନେଇ ନନ୍ଦାହାଣ୍ଡି ଶିଶୁବିଭାଗ ଅଧିକାରୀ ସସ୍ମିତାବାଳା ମହାନ୍ତିଙ୍କୁ ଯୋଗାଯୋଗ କରିଥିବାରୁ ନିଜସ୍ୱ ଗୃହ ନଥିବାରୁ ବେସରକାରୀ ଗୃହରେ ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଥିବା ସୂଚନା ଦେଇଛନ୍ତି। କିନ୍ତୁ କାହିଁକ ବାରଣ୍ଡାରେ କେନ୍ଦ୍ର ପରିଚାଳନା ହେଉଛି ବୋଲି ପଚାରି ବୁଝିବାରୁ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ସଡିପିଓଙ୍କ ମନ୍ତବ୍ୟ ଅନୁସାରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଉକ୍ତ ଗ୍ରାମରେ ଯୋଗ୍ୟ ପ୍ରାର୍ଥୀ ନଥିବାରୁ ନିଯୁକ୍ତି ହୋଇପାରିନାହିଁ। ପୁନର୍ବାର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି । ଫାଇବ ଜେନେରେସନ ଦୁନିଆ ବିକାଶ ଦିଗରେ ଅନେକ ଅଗ୍ରଗତି କରିଥିବା ବେଳେ କୋମଳମତି ଶିଶୁଙ୍କ ପ୍ରାକ ଶିକ୍ଷା ନିମନ୍ତେ ନିଜସ୍ୱ ଗୃହ ନଥିବା ସରକାରୀ ଯୋଜନା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସହାୟିକା ନାହିଁ, କର୍ମୀ କରୁଛନ୍ତି ରୋଷେଇ

● ସରଣ୍ଡାରେ ନକ୍ସଲ ବିରୋଧୀ ଅଭିଯାନ ଜୋରଦାର

## କ୍ୟାମ୍ପରେ ଏଡିଜି ଦୀପକ କୁମାରଙ୍କ ସମୀକ୍ଷା





ରାଉରକେଲା, ୧୯।୪(ସମିସ): ନକ୍ସଲବାଦକୁ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ନକ୍ସଲ ଉପଦ୍ରୁତ ସରଣ୍ଡା ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ସୁରକ୍ଷା ବଳଙ୍କ ଅଭିଯାନ ଆହୁରି ତୀବ୍ର କରିବା ସହ ସେମାନଙ୍କ ମନୋବଳକୁ ବୃଦ୍ଧି କରିବା ନିମିତ୍ତ ଶନିବାର ସିଆରପିଏଫ୍ ଏଡିଜି ଦୀପକ କୁମାର ସରଣ୍ଡାର ବଲିବା ଅଞ୍ଚଳ ଗସ୍ତ କରି ୧୯୩/ଜି ବାଟାଲିୟନ କ୍ୟାମ୍ପରେ ପହଞ୍ଚି ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ କ୍ୟାମ୍ପର ସମ୍ପୂର୍ଣ୍ଣ ବ୍ୟବସ୍ଥା, ଯବାନମାନଙ୍କୁ ମିଳୁଥିବା ସୁବିଧା ଓ ଚାଲୁଥିବା ଅପରେସନ୍ ବିଷୟରେ ଖୁବ ନିକଟରୁ ଅନୁଧ୍ୟାନ କରିଥିଲେ। ପରେ ଯବାନମାନଙ୍କର ସହ ଆଲୋଚନା କରି ଏଡିଜି ଦୀପକ କୁମାର କହିଥିଲେ, ସରଣ୍ଡା ତଥା ଆଖାପାଖର ଉଭୟ ଓଡ଼ିଶା-ଝାଡଖଣ୍ଡ ସୀମାରେ ସକ୍ରିୟ ନକ୍ସଲୀମାନଙ୍କ ପାଇଁ ଏବେ ଓଲଟା ଗଣତି ଆରମ୍ଭ ହୋଇଯାଇଛି। ସୁରକ୍ଷା ବଳ ନିରନ୍ତର କଠୋର କାର୍ଯ୍ୟାନୁଷ୍ଠାନ କରୁଛନ୍ତି ଏବଂ ଆଗାମୀ ଗୋଟିଏ ମାସ ମଧ୍ୟରେ ଅଞ୍ଚଳକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରାଯିବ। ଦୁର୍ଦ୍ଦାନ୍ତ ମାଓ ନେତା ମିସିରି ବେସରା, ଅସୀମ ମଣ୍ଡଳ ସହ ସମସ୍ତ ନକ୍ସଲୀଙ୍କୁ ସେ ଆଜି ପୁନର୍ବାର ଆତ୍ମସମର୍ପଣ କରିବାକୁ ଆହ୍ୱାନ ଜଣାଇଥିଲେ। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି, ତେବେ ସୁରକ୍ଷା ବଳ ଯେକୌଣସି ପରିସ୍ଥିତି ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏବେ ନକ୍ସଲୀମାନଙ୍କ ପାଇଁ ପଳାଇବାର କୌଣସି ରାସ୍ତା ନାହିଁ। ସେଥିପାଇଁ ଆତ୍ମସମର୍ପଣ ନ କଲେ ପ୍ରାଣ ହରାଇବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ପୁଲିସ ଅଧିକାରୀ ସାକେତ କୁମାର, ଅନୂପ ବୀରଥାରେ, ସତୀଶ ଲିଣ୍ଡେ, ବିନୋଦ କାର୍ତ୍ତିକ, ଓମଜୀ ଶୁକ୍ଲା, ଅମିତ ରେନୁ, ଉମେଶ ସାହା, ବିଏସ ରାୱତ ସହ ଅନେକ ଅଧିକାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ମାଓ ସଂଗଠନ ମଧ୍ୟ ସୁରକ୍ଷା ବଳ ଉପରେ ଅତର୍କିତ ଆକ୍ରମଣ ଓ ସବୁଠାରୁ ବଡ ଲ୍ୟାଣ୍ଡଲାଇନ ଉପରେ ଭରସା କରି ସଂଗ୍ରାମ ଜାରି ରଖିଥିବା ଜଣାପଡ଼ିଛି।

## ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର

ରାଉରକେଲା, ୧୯।୪(ସମିସ): ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ଶବକୁ ଉଦିତନଗର ଥାନା ପୁଲିସ ଉଦ୍ଧାର କରିଛି। ମୃତ ଯୁବତୀ ଶ୍ରିମନ୍ତୀ ମୁଣ୍ଡା (୨୩) ମୟୂରଭଞ୍ଜର ମୂଳନିବାସୀ ହୋଇଥିବା ବେଳେ ସେ ଉଦିତନଗର ଅଞ୍ଚଳରେ ରହୁଥିଲେ। ତାଙ୍କ ଶବକୁ ଆରଜିଏଚର ମର୍ଗ ହାଉସରେ ରଖାଯାଇଛି। ସୂଚନା ମୁତାବକ, ଶ୍ରିମନ୍ତୀ ଏକ ଘରୋଇ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ବେଳେ ପ୍ରାୟ ୧ ବର୍ଷରୁ ଉଦିତନଗର ଜଗନ୍ନାଥ ମନ୍ଦିର ନିକଟରେ ଏକ ଭଡା ଘରେ ରହୁଥିଲେ। ତାଙ୍କ ସହକର୍ମୀ ଗତ କିଛି ଦିନରୁ ଗାଁକୁ ଯାଇଥିବା ବେଳେ ସେ ଘରେ ଏକୁଟିଆ ଥିଲେ। ରବିବାର ସେ କାମକୁ ଯାଇନଥିଲେ। ଏନେଇ ଘରୋଇ ପ୍ରତିଷ୍ଠାନର ସହକର୍ମୀମାନେ କଣ ପାଇଁ ସେ କାମକୁ ଆସି ନାହାନ୍ତି ବୋଲି ଜାଣିବାକୁ ଚେଷ୍ଟା କରି ଫୋନ କରିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନଥିଲା। ଅପରାହ୍ନରେ ଭଡା ଘରେ ପହଞ୍ଚିବା ପରେ ଭିତରୁ କବାଟ ବନ୍ଦ ଥିଲା। ପୁଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି। ପରିବାର ଲୋକେ ପହଞ୍ଚିବା ପରେ ଆଗାମୀ ପଦକ୍ଷେପ ପୁଲିସ ଗ୍ରହଣ କରିବ ବୋଲି ଜଣାପଡ଼ିଛି।

## ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ରାଉରକେଲା, ୧୯।୪(ସମିସ): ରାଉରକେଲା ଇସ୍ପାତ କାରଖାନାର ସ୍ୱଚ୍ଛତା ସ୍ୱାଭିମାନ ଦଳ ଆମ୍ବେଦକର ପ୍ରାଙ୍ଗଣରେ ସଫେଇ କରିଛନ୍ତି। ନଗର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡ. ଦୀପା ଲାଭାଙ୍ଗରେ ଏହାର ନେତୃତ୍ୱ ନେଇଥିଲେ। ତିନୋଟି ସ୍ୱଚ୍ଛତା ସ୍ୱାଭିମାନ ଦଳ ଯଥା ଏସ୍‌ସି/ଏସ୍‌ଟି ଫେଡେରେସନ୍ ସ୍ୱଚ୍ଛତା ସ୍ୱାଭିମାନ, ସେକ୍ଟର-୧୬ର କ୍ଲିନ୍ ଆଣ୍ଡ ଗ୍ରୀନ୍ ଟିମ୍ ଏବଂ ସେକ୍ଟର-୧୮ ର ସମଲେଶ୍ୱରୀ ସ୍ୱଚ୍ଛତା ଟିମ୍‌ର ପ୍ରାୟ ୫୦ ଜଣ ସଦସ୍ୟ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ଡ. ଲାଭାଙ୍ଗରେ ଏବଂ ନଗର ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନଙ୍କ ଦ୍ୱାରା ମିଳିତ ଭାବରେ ସ୍ୱଚ୍ଛତା ଉପରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ଡ. ଦୀପା ଲାଭାଙ୍ଗରେ ଏକ ସୁସ୍ଥ ସମାଜ ପାଇଁ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଭିଯାନରେ ପାର୍କ ପରିସର ଭିତର ଏବଂ ବାହାରର ରାସ୍ତା, ଲନ୍, ଉଦ୍ୟାନ ଓ ଆଖପାଖ ଅଞ୍ଚଳ ସଫେଇ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ନିକଟସ୍ଥ ଦୋକାନଗୁଡ଼ିକୁ ମଧ୍ୟ ପରିଦର୍ଶନ କରି ଦୋକାନୀମାନଙ୍କୁ ସେମାନଙ୍କ ଆଖପାଖ ପରିସର ସଫା ରଖିବାକୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସ୍‌ସି /ଏସ୍‌ଟି ଫେଡେରେସନ ସ୍ୱଚ୍ଛତା ସ୍ୱାଭିମାନ ଗ୍ରୁପ୍ ଦ୍ୱାରା ସଂଯୋଜନା କରାଯାଇଥିଲା।

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ମହାଦୁର୍ନୀତି

# ଓଏଚଇପିଇ ପାଣ୍ଠିରୁ ସାମଗ୍ରୀ କିଣାରେ ଲକ୍ଷାଧିକ ଆତ୍ମସାତ୍

ରାଉରକେଲା, ୧୯।୪(ସମିସ)




● ସ୍ୱତନ୍ତ୍ର ଅଡିଟ ରିପୋର୍ଟରୁ ପର୍ଦ୍ଦାଫାଶ
● ପରିବାର ନାମରେ ଫାର୍ମ କରି ଟଙ୍କା ହେର୍‌ଫେର୍ କରିଛନ୍ତି ବରିଷ୍ଠ କିରାଣୀ
● ସନ୍ଦେହ ଘେରରେ ଅଧ୍ୟକ୍ଷା ଓ ଆକାଉଣ୍ଟ ବରସାର୍
● ଟଙ୍କା ରିକଭରି ପାଇଁ ଅଧ୍ୟକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ

ରାଉରକେଲାର ସେକ୍ଟର- ୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଓଏଚଇପିଇ(ଓଡ଼ିଶା ଉଚ୍ଚଶିକ୍ଷା ଉତ୍କର୍ଷତା ଏବଂ ସମାନତା) କାର୍ଯ୍ୟକ୍ରମର ପାଣ୍ଠି ବିନିଯୋଗରେ ଅନିୟମିତତା ହୋଇଛି। ଏଥିରେ ସାମଗ୍ରୀ କିଣାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ସ୍ୱତନ୍ତ୍ର ଅଡିଟ ରିପୋର୍ଟରୁ ପର୍ଦ୍ଦାଫାଶ ହୋଇଛି। ଯାହାକୁ ନେଇ ଏବେ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ। ନିଜ ପରିବାର ନାମରେ ଏକ ଫାର୍ମ ପ୍ରସ୍ତୁତ କରି ମହାବିଦ୍ୟାଳୟର ସାମଗ୍ରୀ କ୍ରୟ କରି ଲକ୍ଷ ଲକ୍ଷ ଟଙ୍କା ହେର୍‌ଫେର୍ କରିଥିବା ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଗୌରୀଶଙ୍କର ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷା ଏବଂ ଆକାଉଣ୍ଟସ ବରସାରମାନଙ୍କ ଠାରୁ ଆତ୍ମସାତ୍ ହୋଇଥିବା ୨୮ ଲକ୍ଷ ୯୦ ହଜାର ୫୫୧ ଟଙ୍କା ରିକଭରି କରିବା ସହ ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ ଶିକ୍ଷା ବିଭାଗର ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ସଚିବ ମନୋରଞ୍ଜନ ନାୟକ ବିଭାଗୀୟ ଚିଠି ନଂ ୨୯୪୩୦, ତା ୧୩.୦୭.୨୦୨୨ରେ ସମ୍ପୃକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ରାଉରକେଲା ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ୨୦୧୭ ଜୁଲାଇ ୧ ତାରିଖରୁ ୨୦୨୨ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଡିଟ୍ ଦଳ ଅଡିଟ୍ କରି ଅଡିଟ୍ ରିପୋର୍ଟ ନଂ ୦୮/୨୦୨୧-୨୨ରେ ଓଏଚଇପିଇ ପାଣ୍ଠିରୁ ଅଣ ସିଭିଲ ପାଣ୍ଠି ଖର୍ଚ୍ଚରେ ଘୋର ଅନିୟମିତତା ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଅଡିଟ୍ ରିପୋର୍ଟ ଅନୁଯାୟୀ, କ୍ୟାସ ବହିରେ ଦର୍ଶାଯାଇଥିବା ବ୍ୟାଙ୍କ ବାଲାନ୍ସ ଏବଂ ବ୍ୟାଙ୍କ ପାସବୁକ ମଧ୍ୟରେ ୫ ଲକ୍ଷ ୨୦ ହଜାର ୮୮୮ ଟଙ୍କାର ମେଳ ଖାଉ ନାହିଁ। ଏତଦବ୍ୟତୀତ କ୍ୟାସ ବହିରେ ବ୍ୟାପକ କଟାଛଟା, ଓଭରରାଇଟିଂ ହୋଇଥିବାରୁ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଥିବା ସଂଦେହ ହେଉଛି। ମଞ୍ଜୁର ହୋଇଥିବା ୬୦ ଲକ୍ଷ ଟଙ୍କା ମଧ୍ୟରୁ ୨୦୧୮-୧୯ରେ ୩୫ ଲକ୍ଷ ଟଙ୍କା ଏବଂ ୨୦୧୯-୨୯ରେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ବେଳେ ୫୫ ଲକ୍ଷ ୧୪ ହଜାର ୧୭୬ ଟଙ୍କାର ବ୍ୟବହାରିକ ପ୍ରମାଣପତ୍ର (ୟୁଟିଲାଇଜେସନ ସାର୍ଟିଫିକେଟ) ଦାଖଲ କରାଯାଇଛି। ଅବଶିଷ୍ଟ ୫ ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଛି। ସେହିପରି କୋଟେସନ୍ ଏବଂ କ୍ରୟଯୋଜନା ଅନୁଯାୟୀ ୩୪୦ ୟୁନିଟ୍ ଡେସ୍କ-କମ୍-ବେଞ୍ଚ କ୍ରୟ ହେବାକୁ ରହିଥିବା ବେଳେ ୭୦୦ ୟୁନିଟ୍ ଡେସ୍କ-କମ୍-ବେଞ୍ଚ କ୍ରୟ କରାଯାଇଥିଲା। ଫଳରେ ୩୬୦ରୁ ଅଧିକ ଡେସ୍କ-କମ୍-ବେଞ୍ଚ କ୍ରୟ କରାଯାଇ ଏବାବଦରେ ୧୬, ୧୪, ୨୪୦ ଟଙ୍କା ଅଧିକ ଖର୍ଚ୍ଚ ହୋଇଛି। ସେହିପରି ୬ଟି କମ୍ପ୍ୟୁଟର ଆବଶ୍ୟକ ରହିଥିବା ବେଳେ ୮ଟି କମ୍ପ୍ୟୁଟର କ୍ରୟ କରାଯାଇ ଏ ବାବଦରେ ୯୦, ୦୦୦ ଟଙ୍କା ଅଧିକ ଖର୍ଚ୍ଚ କରାଯାଇଛି। ମେସର୍ସ ମହାଳୟା ୱେଲଡିଂ ଏବଂ ଫାବ୍ରିକେସନ୍ ୱାର୍କର୍ସ ରୁ ଏହି କମ୍ପ୍ୟୁଟର୍ କ୍ରୟକରାଯାଇଥିବା ବେଳେ ଡେସପାଚ୍ ରେଜିଷ୍ଟରରେ ଏ ନେଇ କିଛି ଏଣ୍ଟ୍ରି ହୋଇନାହିଁ କି ତାଙ୍କୁ ୨୦୧୯ ଫେବୃଆରୀ ୨୦ରେ ଅର୍ଡର ପ୍ଲେସ ହୋଇଥିବା ଚିଠିରେ ଅଧ୍ୟକ୍ଷାଙ୍କ ଦସ୍ତଖତରେ ୨୦୨୦ ଫେବୃଆରୀ ୨୦ ତାରିଖ ପଡ଼ିଛି। ତାରିଖରେ ଅସଙ୍ଗତି ରହିଥିବାରୁ ଏହା ଅଧ୍ୟକ୍ଷାଙ୍କ ନକଲି ଦସ୍ତଖତ ବୋଲି ସନ୍ଦେହ କରାଯାଉଛି। ସେହିପରି ୧୫ ଟି ସବୁଜ ବୋର୍ଡ ଏବଂ ୮ଟି କମ୍ପୁଟର ଟେବୁଲ ବିନା ମଞ୍ଜୁରୀରେ କ୍ରୟ କରାଯାଇଛି। ଏକ ଫାର୍ମ ମେସର୍ସ ଜିଏସଆର ଏଣ୍ଟରପ୍ରାଇଜେସ୍, ରାଉରକେଲା ଠାରୁ ଅନୁମୋଦନ ବିନା କିଣାଯାଇଥିଲା ଯାହା ତତ୍କାଳୀନ ଆଇଡିପି ତଥା ବରିଷ୍ଠ କିରାଣୀ ଗୌରୀ ଶଙ୍କର ପଣ୍ଡାଙ୍କ ଏକ ପାରିବାରିକ ବ୍ୟବସାୟ ୟୁନିଟ୍ ବୋଲି ଜଣାପଡ଼ିଛି। ସେହିପରି ମହାବିଦ୍ୟାଳୟର ରୁଷା ହଲ, ନୂତନ ବିଲ୍ଡିଂ ଏବଂ କଲେଜ କ୍ୟାଣ୍ଟିନରୁ ସାନିଟାରୀ ସାମଗ୍ରୀ ଚୋରୀ ହୋଇଥିବା ଦର୍ଶାଇ ମରାମତି ଏବଂ ନବୀକରଣ କାର୍ଯ୍ୟ ପାଇଁ ୯୯, ୯୭୦ ଟଙ୍କା ଖର୍ଚ୍ଚ କରାଯାଇ ରାଗା ଟ୍ରେଡର୍ସକୁ ପେମେଣ୍ଟ କରାଯାଇଛି। ଯାହାକି ମହାବିଦ୍ୟାଳୟର ଅବସରପ୍ରାପ୍ତ କିରାଣୀ ଗୌରୀ ଶଙ୍କର ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ନାମରେ ହୋଇଥିବା ଏକ ବ୍ୟବସାୟିକ ୟୁନିଟ୍ ବୋଲି ଜଣାପଡ଼ିଛି। ସେପଟେ ଚୋରୀ ହୋଇଥିବା ନେଇ ଥାନାରେ କୌଣସି ଏଫଆଇଆର ମଧ୍ୟ ଦିଆଯାଇନାହିଁ। ଏନେଇ କୌଣସି ଆକଳନ, ବୈଷୟିକ ଅନୁମୋଦନ, କାର୍ଯ୍ୟ ମାପ, କିମ୍ବା ସମାପ୍ତି ପ୍ରମାଣପତ୍ର ଉପଲବ୍ଧ ନାହିଁ। କଲେଜ ବିଭିନ୍ନ ଯୋଗାଣ ସଂସ୍ଥାଗୁଡ଼ିକ ଠାରୁ ୪୩, ୬୦, ୦୮୭ ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ତଥା ଜିନିଷପତ୍ର କ୍ରୟ କରିଥିଲା। ତଥାପି, ବିଲ୍‌ଗୁଡ଼ିକୁ ଉପଯୁକ୍ତ ଭାବରେ ଦେୟ ପାଇଁ ପାସ୍ ନକରି ତତ୍କାଳୀନ ଅଧ୍ୟକ୍ଷାଙ୍କ ଦ୍ୱାରା ଦେୟଗୁଡ଼ିକୁ ଅନୁମୋଦନ କରାଯାଇଥିଲା ବୋଲି ଜଣାପଡ଼ିଥିଲା। ଯାହା ଏକ ଗୁରୁତର ଅନିୟମିତତା ବୋଲି ସ୍ପଷ୍ଟ ହୋଇଛି। ସେହିପରି ଜୁଲାଇ ୨୦୧୭ରୁ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଆଇଜିପି (ଓଏଚଇପିଆଇ) ପାଣ୍ଠିରୁ ୮, ୨୭, ୬୩୧ ଟଙ୍କା ମୂଲ୍ୟର ସାମଗ୍ରୀ କିଣାଯାଇଥିଲା ବେଳେ ଏହାକୁ କିନ୍ତୁ ଷ୍ଟକ୍ ଏଣ୍ଟ୍ରି କରାଯାଇନଥିଲା। ଏଥିରୁ ସନ୍ଦେହ କରାଯାଉଛି, କୌଣସି ସାମଗ୍ରୀ କ୍ରୟ କରାନଯାଇ ବିଲ୍ ତଥା ଭାଉଚରଗୁଡ଼ିକ ପ୍ରଦାନ କରାଯାଇଛି ଏବଂ ତତ୍କାଳୀନ ଆଇଡିପି ଡିଲିଂ ଆସିଷ୍ଟାଣ୍ଟଙ୍କ ଭୂମିକା ସନ୍ଦେହଜନକ ମନେ ହେଉଛି। ମହାବିଦ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତିରେ ଘୋର ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଡିଲିଂ ଆସିଷ୍ଟାଣ୍ଟ ସମସ୍ତ ନିୟମ ଉଲ୍ଲଂଘନ କରି ତାଙ୍କ ପସନ୍ଦର ଜଣେ ବ୍ୟକ୍ତିଙ୍କୁ ଏଥିରେ ନିଯୁକ୍ତି ଦେଇଥିବା ଅଭିଯୋଗ ହୋଇଛି। ଯିଏ ଏ ସମସ୍ତ କଳା କାରନାମାକୁ ଘଣ୍ଟ ଘୋଡାଇବାରେ ସହଯୋଗ କରୁଥିଲେ। ତେବେ ମହାବିଦ୍ୟାଳୟର ବରିଷ୍ଠ କିରାଣୀ ଗୌରୀଶଙ୍କର ପଣ୍ଡା ନିଜ ପରିବାର ନାମରେ ଜିଏସଆର ଓ ରାଗା ଫାର୍ମ କରି ମହାବିଦ୍ୟାଳୟରୁ ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିବା ବେଳେ ତତ୍କାଳୀନ ଅଧ୍ୟକ୍ଷା ଓ ଆକାଉଣ୍ଟସ ବରସାରମାନେ ଜାଣି ପାରିଲେନି କେମିତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାର ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଚୋରି ବେଳେ ପହଞ୍ଚି ଗଲେ ମାଲିକ; ଚମ୍ପଟ ମାରିଲେ ଦୁର୍ବୃତ୍ତ

ରାଉରକେଲା, ୧୯।୪(ସମିସ): ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିବାକୁ ପଶି ଥିଲେ। ହେଲେ ହଠାତ୍ ମାଲିକ ପହଞ୍ଚି ଯିବାରୁ ଚୋରି ନକରି ପାରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏଭଳି ଘଟଣା ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୨, ବି/୨୪ କ୍ୱାର୍ଟର୍ସରେ ଘଟିଛି। ଏହି କ୍ୱାର୍ଟର୍ସରେ ରହୁଥିବା ପ୍ରଦୀପ ପାଣିଗ୍ରାହୀ ଗତ କିଛି ଦିନ ହେବ ପରିବାର ସହର ବାହାରକୁ ଯାଇଥିଲେ। ତେବେ ଘରେ ଶୋଇବାକୁ ଜଣେ ସମ୍ପର୍କୀୟଙ୍କୁ କହିଥିଲେ। ଶନିବାର ପରିବାର ପହଞ୍ଚିବାକୁ ଥିବା ନେଇ ସମ୍ପର୍କୀୟଙ୍କୁ ଶୋଇବାକୁ ମନା କରି ଦେଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆଜବେଷ୍ଟସ ଭାଙ୍ଗି ଘର ଭିତରେ ପଶିଥିଲେ। ଏହି ସମୟରେ ବିଳମ୍ବିତ ରାତିରେ ପରିବାର ପହଞ୍ଚି ଘରେ ୪ ଜଣ ଦୁର୍ବୃତ୍ତ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଧରିବାକୁ ଚେଷ୍ଟା କରିଥିବା ବେଳେ ଦୁର୍ବୃତ୍ତମାନେ ଛୁରୀ ଦେଖାଇ ଭୟଭୀତ କରିଥିଲେ। ପରେ ଭଙ୍ଗା ଯାଇଥିବା ଆଜବେଷ୍ଟସ ପଟେ ଫେରାର ହୋଇଯାଇଥିଲେ। ଆଲମାରିରୁ ସୁନା ଗହଣା ବାହାର କରିଥିବା ବେଳେ ଘରର ଅନ୍ୟ ସାମଗ୍ରୀ ଏଣେ ତେଣେ ପଡ଼ିଥିଲା। ହେଲେ କିଛି ସାମଗ୍ରୀ ଚୋରି ହୋଇନଥିବା ଜଣାପଡ଼ିଛି। ଏନେଇ ପୁଲିସ ନିକଟରେ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ କ୍ୱାର୍ଟର୍ସ ଥିବା ଗଳିର ଅନ୍ୟ ଏକ ଘରୁ କିଛି ଦିନ ପୂର୍ବେ ଚୋରି ହୋଇଥିଲା। ଏହାଛଡା ଥାନାଞ୍ଚଳରେ ଦିନକୁ ଦିନ ଆଜବେଷ୍ଟସ ଭାଙ୍ଗି ଚୋରି ଘଟଣା ବୃଦ୍ଧି ପାଉଥିବାରୁ ଏହା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

● ସାପ କାମୁଡ଼ି ଥିବା ଆଶଙ୍କା
● ସାର ଦେବାକୁ ରାତିରେ ଜମିକୁ ଯାଇଥିଲେ

ବଣାଇଁ, ୧୯।୪(ସମିସ): ବଣାଇଁ ଥାନା ନରେନ୍ଦ୍ର ପଞ୍ଚାୟତ ଅନ୍ତର୍ଗତ ବିଜାଡିହି ଗ୍ରାମରେ ଜଣେ ଚାଷୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ରାତିରେ ଚାଷ ଜମିରେ ସାର ଦେବାକୁ ଯାଇ ସେଠାରୁ ଫେରୁଥିବା ବେଳେ କୌଣସି ଏକ ବିଷାକ୍ତ ସାପ କାମୁଡ଼ିଥିବା ଯୋଗୁଁ ଚାଷୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାରୁ ପ୍ରକାଶ ଯେ, ବିଜାଡିହି ଗ୍ରାମର ଧନେଶ୍ୱର ନାଏକ ( ଧନୁ) ଶୁକ୍ରବାର ରାତିରେ ନିକଟରେ ଥିବା ନିଜର ଚାଷ ଜମିକୁ ସାର ପକାଇବା ପାଇଁ ଯାଇ ଫେରି ନଥିଲେ। ଶନିବାର ସକାଳେ ଗ୍ରାମ ଲୋକେ ଚାଷ ଜମିରେ ଧନେଶ୍ୱର ପଡ଼ିଥିବା ଓ ତାଙ୍କ ନାକ ଆଡୁ ଫେଣ ବାହାରୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ଧନେଶ୍ୱରକୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଅଗ୍ନିଶମ ସୁରକ୍ଷା ସପ୍ତାହ ଉପଲକ୍ଷେ ଆର୍‌ଏସ୍‌ପିରେ ବିବିଧ କାର୍ଯ୍ୟକ୍ରମ

ରାଉରକେଲା, ୧୯।୪(ସମିସ): ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନାର ଏସ୍‌ଏମ୍‌ଏସ୍-୧ ବିଭାଗରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର, ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି.ସୁନୀଲ କାର୍ଥା, ଅଗ୍ନିଶମ ସେବା ବିଭାଗର ଜିଏମ, ପିଏସ୍ ଠାକରେ, ଏସପିପି ବିଭାଗର ଜିଏମ, ଡ. ପିକେ ପାଢ଼ୀଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ବିଭିନ୍ନ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ସହିତ ବିଭିନ୍ନ ଅଗ୍ନି ନିର୍ବାପନ ଉପକରଣର ବ୍ୟବହାର ତଥା ପ୍ରୟୋଗ ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏସ୍‌ଏମ୍‌ଏସ୍ -୧ ବିଭାଗର ଏଜିଏମ ଏବଂ ଡିଏସଓ ପିକେ ସାମଲ ସଂଯୋଜନା କରିଥିଲେ। ସେହିଭଳି ସ୍କୁଲ ପିଲାମାନଙ୍କ ପାଇଁ ଏସ୍‌ଏସ୍‌ଆରଭିଏମ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୦ ରେ ଅନୁରୂପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଜିଏମ, ସୁରକ୍ଷା ଓ ଅଗ୍ନିଶମ ହିରାଲାଲ ମହାପାତ୍ର ଏବଂ ଏସ୍‌ଏସ୍‌ଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନିର୍ଦ୍ଦେଶକ ଜିଏସ୍ ଦାସ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନ ଗୁଡ଼ିକ ପିଏସ୍ ଠାକରେଙ୍କ ମାର୍ଗଦର୍ଶନରେ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ଦଳ ଦ୍ୱାରା ସମ୍ପାଦନ କରାଯାଇଥିଲା। ଆର୍‌ଏସ୍‌ପିର ମୁଖ୍ୟ ଫାଟକରୁ ଡିଜାଇନ୍ ବିଲଡିଂ ପର୍ଯ୍ୟନ୍ତ ଏକ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଠିକା କର୍ମଚାରୀଙ୍କ ସମେତ ୨୦୦ରୁ ଅଧିକ କର୍ମଚାରୀ ପ୍ଲାକାର୍ଡରେ ଅଗ୍ନି ସୁରକ୍ଷା ବାର୍ତ୍ତା ନେଇ ମାନବଶୃଙ୍ଖଳ ଗଠନ କରିଥିଲେ।



ବଢ଼ୁଛି ପାରଦ

## ଜମୁଛି ଥଣ୍ଡା ପାନୀୟ ଚାହିଦା

ରାଉରକେଲା, ୧୯।୪(ସମିସ)



ଖରା ଓ ଝାଞ୍ଜି ମାଡ଼ରେ ସହରବାସୀ ଅସ୍ତବ୍ୟସ୍ତ। ଅଚାନକ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ଘାଟରେ ନିଆଁ ହୁଳା ଖସିଲା ଭଳି ଲାଗୁଛି। ସକାଳ ୧୦ଟା ପରେ ଘରୁ ଗୋଡ଼ କାଢ଼ିବା କଷ୍ଟକର ହୋଇ ପଡୁଥିବାବେଳେ ଅଧରାତି ପର୍ଯ୍ୟନ୍ତ ଏହି ଗରମ ଲାଗି ରହୁଛି। ଏଭଳି ସମୟରେ ଲୋକେ ଘରୁ ବାହାରକୁ ବାହାରିବା ପାଇଁ ଇଚ୍ଛା କରୁନାହାନ୍ତି। ବଢ଼ୁଥିବା ଗରମ ଓ ଖରାକୁ ଦୃଷ୍ଟିରେ ରଖି ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟର ପସରା ଖୋଲାଯାଇଛି। ଶନିବାର ସହରରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ଥିବା ବେଳେ ଗୁଳୁଗୁଳି ଅଧିକ ଭାବରେ ଅନୁଭବ ହେଉଛି। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଏହିଭଳି ତାପମାତ୍ରା ଲାଗି ରହିବା ସହିତ ୨ ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବା ନେଇ ଆଶଙ୍କା କରାଯାଇଛି। ତେଣୁ ଖରା ସାଙ୍ଗକୁ ଗୁଳୁଗୁଳି ବଢ଼ିବାରେ ଲାଗିଛି। ସହରରେ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ଯଥା ଫ୍ରୁଟ ଜୁସ୍, ଦହି ଲସି, ରାବିଡ଼ି ଲସି, ମଟକା ଲସି, ଡ୍ରାଏ ଫ୍ରୁଟସ୍ ଲସି, ଖୁଆ ଲସି, କଦଳୀ ଲସି, ପୋଦିନା ସରବତ, ଲେମ୍ବୁ, ଜଲ୍‌ଜିରା, ଦହି ପାଣି, ପଇଡ଼, ଆଖୁ ରସ, ତୁସ୍କି, କୋଲ୍ଡ କଫି, ମିଲ୍କ୍ ସେକ୍ ଆଦିର ଚାହିଦା ବଢ଼ିବାରେ ଲାଗିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସାୟୀମାନେ ମାଟି ଗ୍ଲାସରେ ଲସି ଦେଉଛି ତ କିଏ କଂସା ଗ୍ଲାସ୍‌ରେ ଘୋଳ ଦହି ଦେଉଛି। ଯାହାର ମୂଲ୍ୟ ଭିନ୍ନଭିନ୍ନ ରହୁଛି। ସହରେରେ ଆଖୁ ରସ ଗ୍ଲାସ୍ ପ୍ରତି ୧୦ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଫ୍ରୁଟ୍ ଜୁସ୍ ୫୦ ଟଙ୍କାରୁ ଆରମ୍ଭ ହୋଇ ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଅନେକ ସ୍ୱାସ୍ଥ୍ୟ ପ୍ରେମୀ ପରିବା ଜୁସ୍ ପିଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଯାହାର ମୂଲ୍ୟ ୫୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ଦହି ଲସି ଗ୍ଲାସ୍ ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ରାବିଡି ଲସି ୮୦ ଟଙ୍କା, ସ୍ପେସିଆଲ୍ ଲସି ୧୮୦ ଟଙ୍କାରେ ବିକ୍ରି ହେଉଛି। ଶସ୍ତା ଥଣ୍ଡା ପାନୀୟ ହିସାବରେ ଲେମ୍ବୁ ପୋଦିନା ସର୍ବତ ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଦହି ସର୍ବତ ୨୦ ଟଙ୍କା, ଆଖୁ ରସ କିଛି ସ୍ଥାନରେ ୨୦ ଟଙ୍କା ରହିଥିବା ବେଳେ କୋଲ୍ଡ କଫି ୫୦ ଟଙ୍କା, କଦଳୀ ଲସି ୪୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ପଇଡ଼ର ଆକାର ଅନୁଯାୟୀ ୪୦ ଟଙ୍କାରୁ ଆରମ୍ଭ କରି ୬୦ ଟଙ୍କାରେ ବିକ୍ରି ହେଉଛି। ଋତୁକୁ ଆଖିଆଗରେ ରଖି ବ୍ୟବସାୟ କରୁଥିବା ବେପାରୀମାନେ ଗ୍ରୀଷ୍ମ ଋତୁ ପାଇଁ ଥଣ୍ଡା ପାନୀୟର ଦୋକାନ ଖୋଲି ପସରା ଜମାଇଲେଣି। ଏହି ଥଣ୍ଡା ପାନୀୟ ବିଶେଷତଃ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଅଫିସ୍, ସ୍କୁଲ ଓ କଲେଜ, ଛକ ସ୍ଥାନ ମାନଙ୍କରେ ଅଧିକ ଦେଖିବାକୁ ମିଳୁଛି। ସହରର ପ୍ରମୁଖ ସ୍ଥାନ ପାନପୋଷ, ଏସଟିଆଇ, ସିଭିଲ ଟାଉନ ସିପ, ଉଦିତ ନଗର, ଡେଲି ମାର୍କେଟ, ବାସନ୍ତୀ କଲୋନୀ, ଛେଣ୍ଡ, ବିଗ୍ରା ଛକ, ବାସନ୍ତୀ କଲୋନୀ, କୋଏଲ ନଗର ସମେତ ସେକ୍ଟର ଆଦି ଅଞ୍ଚଳରେ ଏହି ଦୋକାନ ଅଧିକ ଦେଖିବାକୁ ମିଳୁଛି।

● ବଣାଇଁ ଚୈତ୍ର ପର୍ବ ସାଂସ୍କୃତିକ କାର୍ଯ୍ୟକ୍ରମ

## ଟି ସୌରୀଙ୍କ ଗୀତରେ ଝୁମିଲେ ଦର୍ଶକ



ବଣାଇଁ, ୧୯।୪(ସମିସ): ବଣାଇଁର ପ୍ରସିଦ୍ଧ ଚୈତ୍ର ପର୍ବ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଓ ସହକାରୀ ଜିଲ୍ଲାପାଳ କୁଳମଣି ଧଳ ଉପସ୍ଥିତ ଥିଲେ। ଉପ ବାଚସ୍ପତିଙ୍କୁ ରାଉରକେଲା ବିଜେପି ଯୁବ ସଭାପତି ଅଭିନାଶ ବ୍ରହ୍ମଙ୍କ ନେତୃତ୍ୱରେ ଦେଓଗାଁ ନିକଟରୁ ଏକ ବିଶାଳ ବାଇକ ରାଲି ବାହାରି ସହର ପରିକ୍ରମା କରିଥିଲା। ପ୍ରଥମେ ସେ ବଣାଇଁ ରାଜବାଟୀକୁ ଯାଇ ବଣାଇଁର ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବଙ୍କୁ ସାକ୍ଷାତ କରିଥିଲେ। ପରେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ। ଏହି ଅବସରରେ ଉପ ବାଚସ୍ପତି କହିଥିଲେ, ବଣାଇଁ ଚୈତ୍ର ପର୍ବ ୩୦୯ ବର୍ଷର ଐତିହ୍ୟ ଓ ପରମ୍ପରାକୁ ବଜାଇ ରଖିଛି। ମା' ବାସୁଳୀ ଦେବୀଙ୍କ ଆଶୀର୍ବାଦ ଓ ରାଜା ସାହେବଙ୍କ ନେତୃତ୍ୱରେ ଏହି ପର୍ବ ଅଞ୍ଚଳର କଳା, ସଂସ୍କୃତି ଓ ପାରମ୍ପରିକତାର ଉନ୍ନତିରେ ମୁଖ୍ୟ ଭୂମିକା ନେଇଆସୁଛି। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସୁନାମଧନ୍ୟ କଣ୍ଠଶିଳ୍ପୀ ଟି. ସୌରୀ। ଗୋଟିଏ ପରେ ଗୋଟିଏ ଓଡ଼ିଆ ହିଟ୍ ଗୀତ ଗାଇ ଟି. ସୌରୀ ଦର୍ଶକଙ୍କୁ ଝୁମାଇଥିଲେ। ବିଜେପି ଯୁବ ସଭାପତି ଅଭିନାଶ ବ୍ରହ୍ମ, ବିଶ୍ୱଜିତ ସାହୁ, ସଞ୍ଜୀବ ମହାନ୍ତି, ଦିବ୍ୟ ମଞ୍ଜରୀ ଶେଖର ଦେଓ, ପଦ୍ମ ଚରଣ ଆଚାର୍ଯ୍ୟ, ଜୟନ୍ତ ଦେଓ, ଭବତୋଷ ଦେଓ, ସଚିନ୍ଦ୍ର ସାହୁ, ଚିନ୍ମୟ ତ୍ରିପାଠୀ, ସମ୍ପଦ ଦ୍ୱିବେଦୀ ଓ ଲିଙ୍ଗରାଜ ପୁଥାଳ ଆଦିଙ୍କ ସହଯୋଗ କରିଥିଲେ। ବଣାଇଁ ଚୈତ୍ର ପର୍ବ ଗତ ୬ ତାରିଖରୁ ଆରମ୍ଭ ହୋଇ ମେ ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ସକାଳ THE SAKALA



### କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଋତୁକାଳୀନ କର୍ମଚାରୀଙ୍କୁ ଅଣଦେଖା

# ରାଜସ୍ୱରେ ଆଗ, ସହାୟତାରେ ପଛ

**ବଲାଙ୍ଗିର, ୧୯ ।୪(ସମିସ)**

ବଲାଙ୍ଗିର ଜିଲ୍ଲାରେ କେନ୍ଦୁପତ୍ର ତୋଳା ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ଗୋଛାକଟା ଆରମ୍ଭ ସରିବା ପରେ କେନ୍ଦୁପତ୍ର ତୋଳାଳି ପତ୍ର ତୋଳିବା ଆରମ୍ଭ କରିଛନ୍ତି । ରାଜ୍ୟ ସରକାର କେନ୍ଦୁପତ୍ରରୁ ସର୍ବାଧିକ ରାଜସ୍ୱ ସଂଗ୍ରହ କରୁଥିବା ବେଳେ ଏହି ତୋଳାଳିଙ୍କୁ କିନ୍ତୁ ଅଣଦେଖା କରୁଛନ୍ତି । ବିଜେଡି ସରକାର ସମୟରେ କେନ୍ଦୁପତ୍ର ତୋଳାଳି, ବନ୍ଧାଳିଙ୍କୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସେମାନଙ୍କ ପାଉଣା ବଢ଼ାଇବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସହାୟତା ପ୍ରଦାନରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ସମୟରେ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଅଣଦେଖା ଯୋଗୁଁ କେନ୍ଦୁପତ୍ର ତୋଳାଳି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ବିଶେଷ କରି ମୃତ୍ୟୁକାଳୀନ ସହାୟତା ପାଇବାରେ ତୋଳାଳି, ବନ୍ଧାଳି ଓ ଋତୁକାଳୀନ କର୍ମଚାରୀ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

ବଲାଙ୍ଗିର ଜିଲ୍ଲାରେ କେନ୍ଦୁପତ୍ର ବିଭାଗର ବଲାଙ୍ଗିର, ପାଟଣାଗଡ଼ ଓ ଟିଟିଲାଗଡ଼ ଡିଭିଜନ ରହିଛି । ଏହିକ୍ରମରେ ବଲାଙ୍ଗିର ସଦର ଡିଭିଜନରେ ବଲାଙ୍ଗିର ସଦର, ଚୁଡାପାଲି, ଡୁଙ୍ଗୁରିପାଲି, ଲୋଇସିଂହା ଓ ଝାରବନ୍ଧଲି ରେଞ୍ଜ ରହିଛି । ଏହି ୫ଟି କେନ୍ଦୁପତ୍ର ରେଞ୍ଜ ଅଧୀନରେ ୧୬୨ଟି କେନ୍ଦୁପତ୍ର ଫଡି ରହିଛି । ବିଭାଗୀୟ ସୂଚନା ଅନୁସାରେ ୨୦୨୪ ମସିହାରେ ୨୫ ହଜାର ୧୬୫ ଜଣ ତୋଳାଳି ପଞ୍ଜିକରଣ କରିଥିଲେ ।

**କାର୍ଯ୍ୟକାରୀ କରିବାରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା**

**ପଡ଼ିରହୁଛି ଫାଇଲ, ମିଳୁନି ମୃତ୍ୟୁକାଳୀନ ସହାୟତା**

ସେମାନେ କେନ୍ଦୁପତ୍ର ତୋଳି ବିକ୍ରି କରିଥିଲେ । ଏମାନଙ୍କ ପାଇଁ ୧ ଲକ୍ଷ ୨୬ ହଜାର ୩୨୩ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା । ଏହି ତୋଳାଳିଙ୍କଠାରୁ ୨ କୋଟି ୯୮ ଲକ୍ଷ ୮୪ ହଜାର ୯୫୦ କେରି ପତ୍ର କିଣାଯାଇଥଲା । ୧.୬୦ ପଇସା ଅନୁସାରେ ଏଥିପାଇଁ ୪ କୋଟି ୭୮ ଲକ୍ଷ ୧୫ ହଜାର ୯୨୦ ଟଙ୍କା ଖର୍ଚ୍ଚ କରାଯାଇଥିଲା । ସେହିପରି ୨୦୨୫ରେ ୧୬୧ ଫଡି ଅଧୀନରେ ୨୪ ହଜାର ୮୯୭ ଜଣ ତୋଳାଳି ପଞ୍ଜିକରଣ କରିଥିଲେ । ସେମାନଙ୍କ ପାଇଁ ୧ ଲକ୍ଷ ୧୫ ହଜାର ୩୬୬ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା । ଏହି ତୋଳାଳିଙ୍କଠାରୁ ବିଭାଗ ୩ କୋଟି ୪୨ ଲକ୍ଷ ୧୨ ହଜାର ୪୦୦ କେରି ପତ୍ର କିଣିଥିଲା ।



ଏ ବାବଦକୁ ୫ କୋଟି ୪୭ ଲକ୍ଷ ୩୯ ହଜାର ୮୪୦ ଟଙ୍କା ଖର୍ଚ୍ଚ କରାଯାଇଥଲା । ସେହିପରି ୨୦୨୪ରେ ବିଭାଗ କିଣିଥିବା ପତ୍ର ଶୁଖାଇ ପ୍ୟାକିଂ କରିବା ପରେ ବଲାଙ୍ଗିର ସଦର ଡିଭିଜନରେ ୬୧୬୮.୫୦ କ୍ୱିଣ୍ଟାଲ କେନ୍ଦୁପତ୍ର ଓଏଫଡିସିକୁ ହସ୍ତାନ୍ତର କରିଥିଲା । ତାକୁ ନିଲାମ କରାଯାଇ ପ୍ରାୟ ୧୮ କୋଟି ୧୫ ଲକ୍ଷ ୫୦ ହଜାର୨୯୫ ରାଜ ସଂଗ୍ରହ କରାଯାଇଥିଲା । ୨୦୨୫ରେ ୭୦୮୪ କ୍ୱିଣ୍ଟାଲ କେନ୍ଦୁପତ୍ର ସଂଗ୍ରହ କରି ପ୍ରୋସେସ ପରେ ଓଏଫଡିସିକୁ ହସ୍ତାନ୍ତର କରି କରାଯାଇଥିଲା । ଜାନୁୟାରୀ ଶେଷ ସୁଦ୍ଧା ପ୍ରାୟ ୧୩ କୋଟି ୩୯ ଲକ୍ଷ ୩୧ ହଜାର ୪୦୮ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି ।

ଏହିଭଳି ଭାବେ କେବଳ ବଲାଙ୍ଗିର ସଦର ଡିଭିଜନରେ ଏତେ ପରିମାଣର ରାଜସ୍ୱ ସଂଗ୍ରହ କରାଯାଉଛି । ଏଥିରୁ ମିଳୁଥିବା ଲାଭ କେନ୍ଦୁପତ୍ର ତୋଳାଳି ଓ ଅନ୍ୟ କର୍ମଚାରୀଙ୍କ ପାଇଁ ଖର୍ଚ୍ଚ କରିବାର ନିୟମ ରହିଛି; ହେଲେ ଏହି ଟଙ୍କା ଠିକ ଭାବେ ଖର୍ଚ୍ଚ କରା ନ ଯାଇ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ତୋଳାଳି, ବନ୍ଧାଳି ଓ ଋତୁକାଳୀନ କର୍ମଚାରୀଙ୍କୁ ସରକାରଙ୍କ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥାଏ । ଏହିକ୍ରମରେ ଜିଲ୍ଲାରେ ଥିବା ସମସ୍ତ ୩ ଡିଭିଜନର ୨୦୨୪ ମସିହାରେ ୫୯ ଜଣ ତୋଳାଳି ଆବେଦନ କରିଥିବା ବେଳେ ୪୭ ଜଣଙ୍କୁ ୯୪ ଲକ୍ଷ ଟଙ୍କା, ୩ ଜଣ ବନ୍ଧାଳିଙ୍କୁ ୬ ଲକ୍ଷ ଟଙ୍କା ଓ ୨ ଜଣ କର୍ମଚାରୀଙ୍କୁ ଋତୁକାଳୀନ କର୍ମଚାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ୨୦୨୫ ମସିହାରେ ୪୦ ଜଣ ତୋଳାଳି ଆବେଦନ କରିଥିବା ବେଳେ ମାତ୍ର ୭ ଜଣଙ୍କୁ ୧୪ ଲକ୍ଷ ଟଙ୍କା, ୩ ଜଣ ବନ୍ଧାଳି ଆବେଦନ କରିଥିବା ବେଳେ କାହାକୁ ସହାୟତା ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ୨୦୨୬ରେ ୪ ଜଣ ତୋଳାଳିଙ୍କ ଆବେଦନ ଗ୍ରହଣ କରାଯାଇଥିବା ବେଳେ ତାହା ସମାଧାନ କରାଯାଇ ନ ଥିବା ଜଣାପଡ଼ିଛି । ତେବେ ଏହିଭଳି ଅନେକ ମାମଲା ରହିଛି ଯେଉଁଠାରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ତୋଳାଳିମାନେ ଆବଶ୍ୟକ ସହାୟତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । କେନ୍ଦୁପତ୍ରରୁ ଯେଉଁଭଳି ଭାବେ ରାଜସ୍ୱ ସଂଗ୍ରହ କରାଯାଉଛି ଓ ଯାହା ମାଧ୍ୟମରେ କରାଯାଉଛି ସେମାନଙ୍କୁ ଗୁରୁତ୍ୱ ଦେଇ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ଓ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

## କଣ୍ଟାବାଞ୍ଜି ରକ୍ତଭଣ୍ଡାରକୁ ମିଳିଲା ଲାଇସେନ୍ସ




**କଣ୍ଟାବାଞ୍ଜି, ୧୯ ।୪(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରକୁ ଶେଷରେ ଲାଇସେନ୍ସ ମିଳିଛି । ଦୀର୍ଘ ୨ ମାସରୁ ଅଧିକ ହେଲା କେନ୍ଦ୍ର ଡ୍ରଗ୍ସ ବିଭାଗ ଲାଇସେନ୍ସକୁ ନବୀକରଣ ନ କରି ବାତିଲ କରିଥିଲା । ଏହାଫଳରେ ଦୀର୍ଘ ଦିନ ଧରି ରକ୍ତଭଣ୍ଡାର ଅଚଳ ହୋଇ ପଡ଼ିଥଲା । ତେଣୁ କଣ୍ଟାବାଞ୍ଜି ଅଞ୍ଚଳର ଶହ ଶହ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ନେଇ ସ୍ଥାନୀୟ ନେତା ଓ ସାମାଜିକ କର୍ମୀ, ସଂଗଠନ ଓ ରାଜନୈତିକ ଦଳ ଆନ୍ଦୋଳନ ଓହ୍ଲାଇଥିଲେ । ଶେଷରେ ସମସ୍ତଙ୍କ ଉଦ୍ୟମ ସଫଳ ହୋଇଛି । ଏବେ ପୂର୍ବରୁ ଭଳି ରକ୍ତ ଭଣ୍ଡାର ଚାଲିବ । ଏହି ଅଞ୍ଚଳର ରୋଗୀ ରକ୍ତ ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ରକ୍ତ ଭଣ୍ଡାର ପକ୍ଷରୁ କୁହାଯାଇଛି । ତେବେ ରକ୍ତଭଣ୍ଡାର ପୁଣି ଆରମ୍ଭ ହେବାପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି ।

## କଣ୍ଟାବାଞ୍ଜି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୧୯ ।୪(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟ ବକ୍ତା ଭାବେ ବେଲପଡ଼ା ପଞ୍ଚାୟତ କଲେଜର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ମଞ୍ଚାସୀନ ଥିଲେ । ପ୍ରଧାନଶିକ୍ଷକ ହର ପ୍ରସାଦ ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ ନାରାୟଣ ପ୍ରସାଦ ଅଗ୍ରୱାଲ ମଞ୍ଚାସୀନ ଥିଲେ । ସ୍କୁଲ ସମ୍ପାଦକ ରୋହିତ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ । ଶରତ ମେହେର, ସ୍ମିଥ ଦଳେଇ, ସେହେବାଜ ଖାନ, ପବନ ପୁଟେଲ, ଧୀରଜ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀଛାତ୍ରୀ ନୃତ୍ୟଗୀତ ପରିବେଷଣ କରିଥିଲେ ।



## ବଲାଙ୍ଗିର, ସଇଁତଲାରେ ପର୍ଶୁରାମ ଜୟନ୍ତୀ

**ବଲାଙ୍ଗିର/ସଇଁତଲା, ୧୯ ।୪ (ସମିସ):** ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଛି । ଲକ୍ଷ୍ମୀପ୍ରସାଦ ଚାନ୍ଦ ପୌରୋହିତ୍ୟ କରିଥିଲେ । ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଶ୍ୟାମସୁନ୍ଦର ଦାଶ, ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ, ଅଶୋକ ମିଶ୍ର, ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ, ଗୋପବନ୍ଧୁ ଶତପଥୀ, ସାମ୍ବାଦିକ ବଳରାମ ମିଶ୍ର, ସଂକୀର୍ତ୍ତନ ତ୍ରିପାଠି, ଜୟବିହାରୀ ବେଦବାକ, ଜଗନ୍ନାଥ ଷଡଙ୍ଗୀ, ରବୀନ୍ଦ୍ର ମିଶ୍ର, ପଞ୍ଚାନନ ବେଦବାକ, ଶ୍ୟାମସୁନ୍ଦର ମିଶ୍ର, ଆଶୁତୋଷ ମିଶ୍ର, ଦଧିବାମନ ପଣ୍ଡା, ପ୍ରଭୁଦତ୍ତ ଶତପଥୀ, ସାଗରିକା ଗୁରୁ, ଯଶୋବନ୍ତି ଷଡଙ୍ଗୀ, ଶିବଶଙ୍କର ଖୁଆସ, ଜୟରାମ ମିଶ୍ର, କିଶୋର ମିଶ୍ର, ପ୍ରାଣବଲ୍ଲଭ ତ୍ରିପାଠି ପ୍ରମୁଖ ଯୋଗ ଦେଇଥିଲେ । ଧନଞ୍ଜୟ ମିଶ୍ର, ଉପଦେଷ୍ଟା ସତ୍ୟବନ୍ତ ବେଦବାକ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ପର୍ଶୁରାମ ଛକରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ସଇଁତଲାରେ ମଧ୍ୟ ପର୍ଶୁରାମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ବ୍ରାହ୍ମଣ ସମାଜ ଏଥିରେ ସାମିଲ ହୋଇଥିଲା । ଶୋଭାଯାତ୍ରା ରାମ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା ।





### ଜନଗଣନାରେ ଓବିସିଙ୍କୁ ଉପେକ୍ଷାର ପ୍ରବାଦ

# ୨୩ରେ ଭାରତ ବନ୍ଦ ଆହ୍ୱାନ

**ବଲାଙ୍ଗିର, ୧୯ ।୪(ସମିସ):** ବଲାଙ୍ଗିର ସାମ୍ବାଦିକ ଭବନ କାର୍ଯ୍ୟାଳୟରେ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତଥା ଓବିସି, ଏସ୍‌ଟିଏସ୍‌ସି ସମନ୍ୱୟ ସମିତି ଏକ ସାମ୍ବାଦିକ ସମ୍ମିଳନୀ କରିଛି । ଏଥିରେ ଓଡ଼ିଶା ସଭାପତି ସରୋଜ ମେଶ୍ରା ଅଧ୍ୟକ୍ଷତା କରିଥିଲେ । ଆଗାମୀ ୨୩ ତାରିଖରେ ଭାରତ ବନ୍ଦ ଡାକରାକୁ ସମଗ୍ର ବଲାଙ୍ଗିର ଜିଲ୍ଲାବାସୀ ସମର୍ଥନ ଜଣାଇବାକୁ ଏଥିରେ ଆହ୍ୱାନ ଦିଆଯାଇଛି । ରାଜ୍ୟ ଓବିସି ମଞ୍ଚର ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ ଭାରତ ବନ୍ଦ ଉଦ୍ଦେଶ୍ୟରେ ପ୍ରେସ୍‌ବିବୃତ୍ତି ରଖିଥିଲେ । ବର୍ତ୍ତମାନ ଜନଗଣନାର ୩୩ଟି ପ୍ରଶ୍ନର ୧୨ ନମ୍ବର ପ୍ରଶ୍ନରେ ଗୃହକର୍ତ୍ତାଙ୍କ ଜାତି ଉଲ୍ଲେଖ ଅଛି; ଯାହା ଏସ୍‌ଟି ଏସ୍‌ସି ଏବଂ ଅନ୍ୟାନ୍ୟ ବୋଲି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି । ସରକାର ଓବିସି ବର୍ଗର ତଥ୍ୟ ନେବା କଥା; ହେଲେ ନେଉ ନାହାନ୍ତି । ଏହାଫଳରେ ଓବିସି ଜାତି ଗଣନା ବାଟବଣା ହୋଇ ସାରିଛି । ୨୦୨୫ ଏପ୍ରିଲ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ଓବିସି ଜାତି ଗଣନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।




ତାହା ମିଥ୍ୟା ପ୍ରମାଣିତ ହୋଇସାରିଛି । ଏଥିଲାଗି ୪ଟି ପର୍ଯ୍ୟାୟରେ ସରକାରକୁ ଏ ବିଷୟରେ ଅବଗତ କରାଯାଇଛି । ଅନ୍ତିମ ପର୍ଯ୍ୟାୟରେ ଭାରତ ବନ୍ଦ ଡାକରା ଦେଇ ଚାପ ପକାଇବା ପାଇଁ ନିଷ୍ପତ୍ତି ହୋଇଛି । ଓବିସି ଏସ୍‌ଟି ଏସ୍‌ସିଙ୍କ ସପକ୍ଷରେ କଠୋର ଆଇନ ୨୦୨୬ ଲାଗୁ କରିବା ଅନିବାର୍ଯ୍ୟ ବୋଲି ଆଇନଜୀବୀ ଦିନେଶ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ । ଓଡ଼ିଶାରେ ଓବିସି ଏସ୍‌ଟି ଏସ୍‌ସି ୯୦ ପ୍ରତିଶତ; ମାତ୍ର ନିଯୁକ୍ତି ୩୦.୧୯ ପ୍ରତିଶତ ବୋଲି କହି ଆଇନଜୀବୀ ଶାନ୍ତନୁ ଭୋଇ କ୍ଷୋଭ ପ୍ରକାଶ କରିଥିଲେ । ତେବେ ଏହି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ସହ କରାଯିବ । ସମସ୍ତ ଜରୁରୀ କାଳୀନ ସେବା, ପରୀକ୍ଷା, ବିବାହ କାର୍ଯ୍ୟ ଏବଂ ସମ୍ବେଦନଶୀଳ ପ୍ରସଙ୍ଗକୁ ବାଦ ଦେଇ, ଗାଡ଼ିମଟର, ଦୋକାନ ବଜାର ବନ୍ଦ କରାଯିବ । ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବାକୁ ସମସ୍ତଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଡାକବାଜି ଯନ୍ତ୍ର ସାହାଯ୍ୟରେ ବଲାଙ୍ଗିର ସହରରେ ଆଗାମୀ ୨୨ ତାରିଖ ଦିନ ଘୋଷଣା କରାଯିବ ବୋଲି ସଂଗଠନର ସଭାପତି ସରୋଜ କହିଛନ୍ତି । ସେହିଭଳି ଆଦିବାସୀଙ୍କୁ ଅତ୍ୟାଚାର ଏବଂ ଜଙ୍ଗଲ ଜମିରୁ ଉଚ୍ଛେଦ କରାଯାଉଥିବାରୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସତ୍ୟ ନାରାୟଣ ଭୋଇ ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ସହଯୋଗ ଭିକ୍ଷା କରିଛନ୍ତି । ଜିଲ୍ଲା କୁଲୁତା ସମାଜ ସଭାପତି ଇଂ ବେଲାର ସିଂ ଭୋଇ, ଚାଷୀନେତା ମଧୁସୂଦନ କ୍ଷେତି ଏବଂ ଆନନ୍ଦ ପଧାନ ଓବିସି ମଞ୍ଚ ବଲାଙ୍ଗିର, ଦଳିତ ନେତା ପ୍ରକାଶ ହରିପାଲ, ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ନବସେତୁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏପ୍ରିଲ ୨୩ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି ।

## ମନମୁଣ୍ଡାରେ ପର୍ଶୁରାମ ଜୟନ୍ତୀ



**ମନମୁଣ୍ଡା, ୧୯ ।୪(ସମିସ):** ମନମୁଣ୍ଡା ବ୍ରାହ୍ମଣ ସମାଜ ପକ୍ଷରୁ ଆଜି ଭଗବାନ ଶ୍ରୀ ପର୍ଶୁରାମଙ୍କ ଜୟନ୍ତୀ ଧୁମଧାମରେ ପାଳିତ ହୋଇଛି । ସ୍ଥାନୀୟ ଶ୍ରୀ ଦଧିବାମନ ମନ୍ଦିରରେ ଚନ୍ଦ୍ରଶେଖର ରଥ, କମଳ ନାୟକ, ଆଶୁତୋଷ ହୋତା ପ୍ରମୁଖ ପର୍ଶୁରାମଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ସୁବର୍ଣ୍ଣପାଲି, ଦେଉଳି, ମନମୁଣ୍ଡା, ବାସୁଦେବପାଲି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା । ଦେଶରେ ଶାନ୍ତି ପ୍ରତିଷ୍ଠା, ଅରାଜକତା ଦମନ ଓ ଦୁଷ୍ଟମାନଙ୍କ ବିନାଶ ପାଇଁ ପ୍ରାର୍ଥନା କରାଯିବା ସହ ସମସ୍ତେ ଦେଶର ମଙ୍ଗଳ କାମନା କରିଥିଲେ । ମନମୁଣ୍ଡା ବ୍ରାହ୍ମଣ ସମାଜର ସଭାପତି ବିଜୟ ତ୍ରିପାଠୀ, ଉପ ସଭାପତି ରୋହିତ ହୋତା, ସମ୍ପାଦକ ବୈଦ୍ୟନାଥ ହୋତା, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ରଥ, ସଭ୍ୟ କମଳ ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ମନମୁଣ୍ଡା, ଗୁଡ଼ଭେଲିପଦର ଏବଂ ଘାଁକୁଣ୍ଡି ପଞ୍ଚାୟତର ଶତାଧିକ ବ୍ରାହ୍ମଣ ଅଂଶ ଗ୍ରହଣ କରିଥିଲେ ।

## ଗୋଇମୁଣ୍ଡରେ ଧରନୀ ଖୁଟା ସ୍ଥାପିତ

**ମୁରିବାହାଲ, ୧୯ ।୪(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମର ଜାଡେନ ପୀଠରେ ରବିବାର ଧରନୀ ଖୁଟା ସ୍ଥାପନ କରାଯାଇଛି । ଗ୍ରାମର ଆରାଧ୍ୟ ଦେବୀ ମାଁ ଜାଡେନ ଶହ ଶହ ବର୍ଷରୁ ପୂଜା ପାଇଆସୁଛନ୍ତି । ମାଁ ଜାଡେନ ପୀଠରେ ପୂଜିତ ହୋଇଆସୁଥିବା ଧରନୀ ଖୁଟା ମାଟିରେ ମିଶିଯାଇଛି । ଏଣୁ ଦେବୀଙ୍କ ଆଦେଶ ପରେ ଧରନୀ ଖୁଟା ସ୍ଥାପନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଦେବୀଙ୍କ ଆଦେଶ ପରେ ଛତରଦାଣ୍ଡି ଜଙ୍ଗଲରୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ରେଙ୍ଗାଲ ଗଣ୍ଡି ସଂଗ୍ରହ କରାଯାଇଥିଲା । ଗାଁକୁ ଆସିବା ପରେ ବନ୍ଦାପନା କରି ଏକ ଶୋଭାଯାତ୍ରାରେ ନିଆଯାଇଥିଲା । ଆଦି ସଂସ୍କୃତି, ଆଦି ପରମ୍ପରା, କନ୍ଧାନ ରୀତିନୀତିରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ଗାତ ଖୋଳାଯାଇଥିଲା । ଧରନୀ ଖୁଟାରେ ତେଲ ହଳଦୀ, ସିନ୍ଦୂର ଲେପନ କରାଯାଇ ପାରମ୍ପରିକ ପୂଜାର୍ଚ୍ଚନା ପରେ ସ୍ଥାପନ କରାଯାଇଥିଲା । ପରେ ରାକାମ ବୁଢା, ଖମ୍ବେଶ୍ୱରୀ, ଛୁଟିମାଉଲି, ନିଆଁଳିମଳି ଦେବୀଙ୍କ ଖୁମ୍ବ ସ୍ଥାପନ କରାଯାଇଥିଲା । ଡାକା ନୃତ୍ୟ ଦଳ ଧରନୀ ପୀଠ ସ୍ଥଳ ଓ ଗ୍ରାମ୍ୟ ପରିକ୍ରମା କରିଥିଲେ । ବହୁ ବର୍ଷ ପରେ ଦେବା ଦେବୀଙ୍କ ପୀଠରେ ଖମ୍ବ ସ୍ଥାପନ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳର ବହୁ ଲୋକ ସାମିଲ ହୋଇଥିଲେ । ପୂଝାରୀ ବିପିନ ଭୋଇ, ଦେହୁରୀ ଅଭିରାମ ଭୋଇ, ଗୋରେଖି ଭୋଇ, ଭଜନ ଭୋଇ, ମିନିକେତନ ସାହୁ, କମ୍ଳୁ ସାହୁ, ଯୀଶୁରାମ ସାହୁ, ଶ୍ରୀମୁଖ ଭୋଇ, ଘାଟୁ ଭୋଇ, ଗଙ୍ଗା ଭୋଇ, ରଘୁ ଭୋଇ, ଛିନୁ ଭୋଇ, ରୋହିତ ଭୋଇ, ଜଗବନ୍ଧୁ ଭୋଇ, ଯୁଗେଶ୍ୱର ଭୋଇ, ଗଣପତି ଭୋଇ, ଅଶୋକ ନାରାୟଣ ଭୋଇ, ଭକ୍ତବନ୍ଧୁ ସାହୁ, ଧନସିଂ ବାଗ, ବିଧୁ ବାଗ ପ୍ରମୁଖ ସହଯୋଗ କରିଥିଲେ ।



### ପୁଲିସ ଲଗାଇ ଜବରଦସ୍ତ ରାସ୍ତା କାମ

# ଢୋଡ଼ମହୁଲରେ ଶାସକ ଦଳର ଗୁଣ୍ଡାରାଜ





**ବଲାଙ୍ଗିର/ପାଟଣାଗଡ଼, ୧୯ ।୪ (ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଖୁଣ୍ଟସମଲେଇ ପଞ୍ଚାୟତ ଢୋଡ଼ମହୁଲ ଗାଁରେ ରବିବାର ଶାସକ ଦଳର ଏକଚ୍ଛତ୍ରବାଦ ଶାସନର ପ୍ରମାଣ ମିଳିଛି । ଶାସକ ଦଳର ପ୍ରରୋଚନାରେ ବ୍ଲକ ପ୍ରଶାସନ ତଥା ଜେଇ ଓ ଏଇଙ୍କ ଅନୁପସ୍ଥିତିରେ ମାଜିଷ୍ଟ୍ରେଟ ଓ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ଜୋର ଜବରଦସ୍ତ ଗାଁର ଏକ କଂକ୍ରିଟ ରାସ୍ତା କାମ କରାଯାଇଛି । ବିଜେଡି ଏଭଳି ଅଭିଯୋଗ ଆଣିଛି । ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗଙ୍କ ଅଭିଯୋଗନୁସାରେ ୭ ଦିନ ତଳେ ସେ ଢୋଡ଼ମହୁଲ ଗାଁକୁ ଆସିଥିଲେ । ଜେଇ ଓ ଏଇଙ୍କ ଉପସ୍ଥିତିରେ ଖୁଣ୍ଟସମଲେଇ ସମିତି ସଭ୍ୟା ସାବିତ୍ରୀ ନାଗଙ୍କୁ କଂକ୍ରିଟ ରାସ୍ତା କାମ କରିବା ପାଇଁ ଲେ ଆଉଟ ଦେଇଥିଲେ । ଏହି କାମ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ସମିତି ଅଧୀନରେ ଥିବା ପଞ୍ଚଦଶ ଅର୍ଥ କମିଶନ ଯୋଜନା ଅନ୍ତର୍ଭୁକ୍ତ; ଯାହାକି ସ୍ଥାନୀୟ ସମିତି ସଭ୍ୟ, ସଭ୍ୟା ଏହି କାମ କରିପାରିବେ;

**ସମିତି ସଭ୍ୟାଙ୍କୁ ଲେଆଉଟ ଦେଇଥିଲେ ବ୍ଲକ ଅଧ୍ୟକ୍ଷ**

କିନ୍ତୁ ରବିବାର ହଠାତ ଢୋଡ଼ମହୁଲ ଗାଁରେ ମାଜିଷ୍ଟ୍ରେଟ ତଥା ପାଟଣାଗଡ଼ ତହସିଲଦାର ରୁଦ୍ରମଣି ନାୟକ ଓ ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚିଥିଲେ । ପୁଲିସ ମୁତୟନ କରାଯାଇ ଏହି କଂକ୍ରିଟ କାମକୁ ଶାସକ ଦଳର ଜଣେ କର୍ମୀ ଜୋର ଜବରଦସ୍ତ କରିଛନ୍ତି । ଏହି ଖବର ପାଇ ବିଜେଡି ନେତା ତଥା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମାଝୀଙ୍କ ନେତୃତ୍ୱରେ ଖୁଣ୍ଟସମଲେଇ ସମିତି ସଭ୍ୟା ସାବିତ୍ରୀ ନାଗ, ତମିଆଁ ସମିତି ସଭ୍ୟ ଗୋବିନ୍ଦ ମେହେର, ଡାଙ୍ଗବାହାଲ ସମିତି ସଭ୍ୟା କଳ୍ପନା ବରିହା ପ୍ରମୁଖ ପହଞ୍ଚି ଥିଲେ । ରାସ୍ତା କାମ କିଏ କରୁଛି ବୋଲି ତହସିଲଦାରଙ୍କୁ ପଚାରିଥିଲେ; କିନ୍ତୁ ତହସିଲଦାର ଚାପରେ ଆସିଥିବା ଏବଂ କିଛି ଜାଣି ନ ଥିବା କହି ନିରବ ରହିଥିଲେ । ଏହାକୁ ନେଇ ଶାସକ ଓ ବିରୋଧୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ବିଜେଡି ଅଭିଯୋଗ ଆଣିଛି ଯେ, ଶାସକ ଦଳ ଏକଛାତ୍ରବାଦ ଶାସନ ଚଳାଇଛି । ସ୍ଥାନୀୟ ସମିତି ସଭ୍ୟାଙ୍କୁ ଖୋଦ ବ୍ଲକ ଅଧ୍ୟକ୍ଷ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ କଂକ୍ରିଟ ରାସ୍ତା କାମ ପାଇଁ ଲେ ଆଉଟ ଦେଇଥିଲେ । ଶାସକ ଦଳ କିନ୍ତୁ ଦାଦାଗିରି କରିଛି । ପ୍ରଶାସନକୁ ଅପବ୍ୟବହାର କରି ବେଆଇନ ଭାବେ ଏହି ରାସ୍ତା କାମ କରୁଛି । ଏହି ରାସ୍ତା କାମ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ହେବା କଥା; ହେଲେ ତାଙ୍କ ଅନୁପସ୍ଥିତିରେ କିଭଳି ଏହି କାମ ଚାଲିଛି ବୋଲି ବିଜେଡି ପ୍ରଶ୍ନ କରିଛି । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଗଣତନ୍ତ୍ର ବିରୋଧୀ । ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ବିଜେଡି ଅଭିଯୋଗ କରିଛି ।

# ୧୧୪ ଚୋରି ମୋବାଇଲ୍ ଫେରାଇଲା ସମ୍ବଲପୁର ପୁଲିସ






ସମ୍ବଲପୁର, ୧୯ ।୪(ସମିସ)

ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନରେ ବିଭିନ୍ନ ସ୍ଥାନରେ ହଜିଯାଇଥିବା ଏବଂ ଚୋରି ହୋଇଥିବା ମୋବାଇଲ୍ ଫୋନଗୁଡ଼ିକୁ ଉଦ୍ଧାର / ଜବତ କରାଯାଇଛି। ଏହି ମୋବାଇଲ ହଜିବା ନେଇ ପୋର୍ଟାଲରେ ଅଭିଯୋଗ ହୋଇଥିବା ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସମୁଦାୟ ୧୧୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବାବେଳେ ଏକ 'ମୋବାଇଲ୍ ହ୍ୟାଣ୍ଡଓଭର ମେଳା' ମାଧ୍ୟମରେ ସେଗୁଡ଼ିକୁ ପ୍ରକୃତ ମାଲିକମାନଙ୍କୁ ଫେରାଇ ଦିଆଯାଇଛି। ଏହି ଅବସରରେ ଭାରତୀୟ ପୁଲିସ ସେବା ଶିକ୍ଷାନବିଶ କୋମଲ ଗର୍ଗ ଏବଂ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଉପସ୍ଥିତ ଥିଲେ। ପୁଲିସ ସୂଚନା ଅନୁଯାୟୀ, ଏହି ମୋବାଇଲଗୁଡ଼ିକ କୌଣସି ଚୋରି ମାମଲା ନୁହେଁ, ସେଥିପାଇଁ ଏହି ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନାହିଁ। ସାଇବର ପୁଲିସଷ୍ଟେସନ ଏବଂ ବୈଷୟିକ ଟିମ୍ ସହାୟତାରେ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଅଭିଯୋଗକୁ ଆଧାର କରି ଏହି ସଫଳତା ମିଳିଛି। ଏନେଇ ତଦନ୍ତ ଜାରି ରହିଛି। ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଏହି ଫୋନଗୁଡ଼ିକ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ଅଇଁଠାପାଲି ଥାନାରୁ ସର୍ବାଧିକ ୨୫ଟି, ବୁର୍ଲା ଥାନାରୁ ୧୯ଟି, ଟାଉନ୍ ଥାନାରୁ ୧୨ଟି, କୁଚିଣ୍ଡା ଥାନାରୁ ୮ଟି ଏବଂ ଧନୁପାଲି ଥାନାରୁ ୬ଟି ମୋବାଇଲ୍ ସମେତ ଅନ୍ୟ ଥାନା ଗୁଡ଼ିକରୁ ମଧ୍ୟ ଫୋନ୍ ଉଦ୍ଧାର ହୋଇଛି।

## ହରିହରା ନନ୍ଦ ହାଇସ୍କୁଲ ପୂର୍ବତନ ଛାତ୍ରଛାତ୍ରୀଙ୍କ ବୈଠକ

**ରେଢ଼ାଖୋଲ, ୧୯ ।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଉ ଅଧୀନ ଲୁହାପଙ୍କ ପଞ୍ଚାୟତସ୍ଥିତ ହରିହରା ନନ୍ଦ ଉଚ୍ଚ ବିଦ୍ୟାଳୟରେ ରବିବାର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମହାମିଳନ କାର୍ଯ୍ୟକ୍ରମ ପାଇଁ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ସଭା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅରବିନ୍ଦ ପ୍ରଧାନ ଓ ରମଣୀ ରଞ୍ଜନ ପ୍ରଧାନଙ୍କ ମାର୍ଗଦର୍ଶନରେ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ଏହି ବୈଠକରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ସଭାପତି ଅଜୟ କୁମାର ସାହୁ ସମ୍ପାଦକ ଜୟନ୍ତ ପ୍ରଧାନ, ସହ ସମ୍ପାଦକ ନରେଶ ବେହେରା କାର୍ଯ୍ୟକାରୀ ସଦସ୍ୟ ପିଣ୍ଟୁ ପ୍ରଧାନ, ନରେଶ ବେହେରା, ସଂଗ୍ରାମ ପ୍ରଧାନ(ମଣ୍ଟୁ), ବିନୋଦ ବିହାରୀ ସ୍ୱାଇଁ, କୈବର୍ତ୍ତ ସାହୁ, ରଞ୍ଜିତ ବେହେରା, ଅଜିତ ଦେହୁରୀ, ରଜତ ଦେହୁରୀ, ଆଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



### ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ହତ୍ୟା ମାମଲା

## ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଗିରଫ

**ରେଙ୍ଗାଲି, ୧୯ ।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଜାମ୍ବୁବାହାଲ ଛକରେ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ୍ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଗରୁ ପୁଲିସ ଏହି ହତ୍ୟା ମାମଲାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ଏହି ହତ୍ୟାକାଣ୍ଡ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ରେଙ୍ଗାଲି ପୁରୁଣାବସ୍ତି ର ଚିନ୍ତାମଣି ବାଗ (୪୬) ଏବଂ କାନ୍ଦେଧଇକେଲାର ପ୍ରତାପ ପଧାନ (୨୬) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ରେଙ୍ଗାଲି ଥାନା ଅଧୀନ ଜାମ୍ବୁବାହାଲ ଛକ ନିକଟରେ କୌଣସି କାରଣକୁ ନେଇ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ ୨୨, ଟିକୁନ ପଧାନ ୧୯ ଙ୍କ ଆଉ ଜଣେ ସହଯୋଗୀଙ୍କ ସହ ଅନ୍ୟଗୋଷ୍ଠୀର ତିନି ଯୁବକ ରିଙ୍କୁ ମିର୍ଦ୍ଧା, ସୁନୀଲ ବାଗ, ରୋହନ ଦୀପ ଓ ତାଙ୍କ ସହଯୋଗୀଙ୍କ ମଧ୍ୟରେ ଝଗଡ଼ା ହୋଇ ମାରପିଟ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନ, ଟିକୁନ ଓ ତାଙ୍କ ସହଯୋଗୀଙ୍କ ମୁଣ୍ଡରେ ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ୩ ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବାବେଳେ ଟିକୁନ ଓ ତାର ସହଯୋଗୀ ଅତି ଗୁରୁତର ଅବସ୍ଥାରେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି, ଏହି ଘଟଣାରେ ରିଙ୍କୁ, ସୁନିଲ, ରୋହନ ଓ ନିଖିଲଙ୍କୁ କୋର୍ଟ ଚାଲାଣ କରିଥିଲା।

**ଆଗରୁ ୪ ଗିରଫ ହୋଇଛନ୍ତି**

## ଡିଏଭିରେ ମହାତ୍ମା ହଂସରାଜ ଜୟନ୍ତୀ



**ସମ୍ବଲପୁର, ୧୯।୪(ସମିସ):** ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟ ପରିସରରେ ଡିଏଭି ଶିକ୍ଷା ଆନ୍ଦୋଳନର ଅଗ୍ରପୂଜ୍ୟ, ପ୍ରତିଷ୍ଠାତା ମହାତା ହଂସରାଜଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ରକୁମାର ବେଦବାକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ସୌଭଗ୍ୟ କୁମାର ମିଶ୍ର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ହୋମକର୍ମ ଡ. ଶାନ୍ତନୁ କୁମାର ତ୍ରିପାଠୀ ଓ ସୁଶାନ୍ତ କୁମାର ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୌଭଗ୍ୟ କୁମାର ମିଶ୍ର ମହାତ୍ମା ହଂସରାଜଙ୍କ ଡିଏଭି ଆନ୍ଦୋଳନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସଞ୍ଜୟ କୁମାର ସାହୁ, ବୀରେନ୍ଦ୍ର ବିଶ୍ୱାଳ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ଶ୍ରୀହର୍ଷ କୁମାର ପତି ମହାତ୍ମା ହଂସରାଜଙ୍କ ଜୀବନୀ, ସମାଜରେ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସମର୍ପିତ ଚିନ୍ତାଧାରା ବିଷୟରେ ଆଲୋଚନା କରିଥିଲେ। ଡ. ଅଭୟ କୁମାର ମିଶ୍ର ପରିଚାଳନା ତଥା ସଂଯୋଜନା କରିଥିଲେ।

## ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜର ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ

**ସମ୍ବଲପୁର, ୧୯।୪(ସମିସ):** ଆଜି ସ୍ଥାନୀୟ ପର୍ଶୁରାମ ଛକ (ବୈଦ୍ୟନାଥ ଛକ)ରେ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ଦ୍ୱିତୀୟ ବର୍ଷ ପାଇଁ ଭଗବାନ ଶ୍ରୀପର୍ଶୁରାମଙ୍କ ପବିତ୍ର ଜନ୍ମୋତ୍ସବ ପାଳିତ ହୋଇଛି। ଏହି ଅବସରରେ ସାଗର ବିନ୍ଦୁ ମହାପାତ୍ର ଓ ଲିପିନା ପଣ୍ଡା କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ପଣ୍ଡିତ ସଚିଦାନନ୍ଦ ମିଶ୍ର ବୈଦିକ ମନ୍ତ୍ରୋଚ୍ଚାରଣ କରିଥିଲେ। ଏହି ଅବସରରେ ଦୁର୍ଗାମାଧବ ମିଶ୍ର ସଂଯୋଜକ ଭାବେ ଓ ମହେଶ ଶର୍ମା, ସୂରଜ ଗୁରୁ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ସମ୍ବଲପୁର ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଓ ଶତାଧିକ ସଦସ୍ୟ ଉପସ୍ଥିତ ରହି ବିଶ୍ୱ ଶାନ୍ତି, ସମାଜ କଲ୍ୟାଣ ଓ ସଦ୍ଭାବନା ପାଇଁ ପ୍ରାର୍ଥନା କରିଥିଲେ। ବେଣୁଧର ଦାସ, ପ୍ରଫୁଲ୍ଲ ହୋତା, ରାଜେନ୍ଦ୍ର ପଣ୍ଡା, ପଣ୍ଡିତ ମହାସଭା ସଭାପତି ରବି ନାରାୟଣ ପଣ୍ଡା, ଗୋଲକ ବିହାରୀ ମିଶ୍ର, କୈଳାସ ପଣ୍ଡା, ବସନ୍ତ ମିଶ୍ର, ସନ୍ତୋଷ ପଣ୍ଡା, ଆବାହକ ଦେବାଶିଷ ପୁରୋହିତ, ଆବାହକ ସୌରଭ ରଞ୍ଜନ ମହାପାତ୍ର, ବିରାଜ ମିଶ୍ର, ମାନସ ମିଶ୍ର, ତୃପ୍ତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ସିବିଏସଇ ଦଶମ ପରୀକ୍ଷାରେ ଡିପିଏସ୍‌ର ସଫଳତା

**ସମ୍ବଲପୁର, ୧୯।୪(ସମିସ):** ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ)ର ଛାତ୍ରଛାତ୍ରୀମାନେ ଚଳିତବର୍ଷର ସିବିଏସଇ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ସମସ୍ତ (ଶତ ପ୍ରତିଶତ) କୃତୀ ଛାତ୍ରଛାତ୍ରୀ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ବଳରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ମେଧାବୀ ଛାତ୍ରୀ ଅବନୀ ଉଜ୍ଜ୍ୱଳ ୯୮.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ମାନସ ପଟେଲ ୯୭.୬ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଏବଂ ଜିକ୍ରା ଅମନ ୯୭ ପ୍ରତିଶତ ମାର୍କ ପାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀ ମଧ୍ୟ ଉତ୍ତମ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ଭେନିଶ ପଣ୍ଡା ୯୫.୬, ପିୟୁଷ କୁମାର ଗୁପ୍ତା ୯୫.୪, ସୃଷ୍ଟି ପ୍ରଧାନ ୯୫.୪, ନିଶିତା ବେହେରା ୯୪.୪, ଶୁଭ୍ରାଂଶୁ ଶେଖର ରାୟ ୯୪.୨, ଶାଣ୍ଡିଲ୍ୟ ପଣ୍ଡା ୯୩ ପ୍ରତିଶତ ମାର୍କ ରଖିଛନ୍ତି। ଏହା ବ୍ୟତୀତ ଆରଭ କଶ୍ୟପ, ସୁପ୍ରତୀକ ପ୍ରଧାନ, ସୁହାସିନୀ ପ୍ରକାଶ, ଆକାଶ ମହାନନ୍ଦ, ଐଶ୍ୱର୍ଯ୍ୟା ଲକ୍ଷ୍ମୀ ପଣ୍ଡା, ବର୍ଷା ରାଣୀ ପ୍ରଧାନ, ଆସିୟାନ ଖାଖା, ଆରୁଷ ଅଗ୍ରୱାଲ ଏବଂ ନିରୁପମ ମଣ୍ଡଳ ସହ ଅନ୍ୟ ସମସ୍ତେ ମଧ୍ୟ ଭଲ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଅପୂର୍ବ ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷା ସୁଜାତା ଲେଙ୍କା ଶୁଭେଚ୍ଛା ଜଣାଇଛନ୍ତି। ପିଲାମାନଙ୍କର ଏହି ସଫଳତା ପଛରେ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପଯୁକ୍ତ ମାର୍ଗଦର୍ଶନ ଏବଂ ଅଭିଭାବକଙ୍କ ସହଯୋଗ ରହିଛି ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଆଦର୍ଶ ବିଦ୍ୟାଳୟର ସଫଳତା

**ସମ୍ବଲପୁର, ୧୯।୪(ସମିସ):** ଧନକଉଡ଼ା ବ୍ଲକ ଅଧୀନ ଗୋଶାଳା ଆଦର୍ଶ ବିଦ୍ୟାଳୟ ସିବିଏସଇ ଦଶମ ପରୀକ୍ଷା ସଫଳତା ହାସଲ କରିଛି। ସାକଚି ଅଗ୍ରୱାଲ ୯୬.୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଶ୍ୱାତି ସାହୁ ୯୫.୪ ପ୍ରତିଶତ ଓ ରାଜଶ୍ରୀ ସାହୁ ୯୧.୧ ପ୍ରତିଶତ ମାର୍କ ରଖିଛନ୍ତି। ଅନ୍ୟାନ ବିଦ୍ୟାର୍ଥୀ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି।





## ପ୍ରଥମ ଜିଲ୍ଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ୍

**ସମ୍ବଲପୁର, ୧୯।୪(ସମିସ):** ଓଡ଼ିଶା ମାଷ୍ଟର୍ସ ସନ୍ତରଣ ସଂଘ ପକ୍ଷରୁ ସମ୍ବଲପୁର ଡାକ୍ତର ଝସକେତନ ସାହୁ ସନ୍ତରଣାଗାର ଠାରେ ପ୍ରଥମ ଜିଲ୍ଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରେମରଞ୍ଜନ ପ୍ରଧାନ ଓ ସମ୍ପାଦକ ସୁରଜ ବାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୫୦ ମିଟର ସ୍ପ୍ରିଣ୍ଟ ସନ୍ତରଣ ପ୍ରତିଯୋଗିତାକୁ ସଂଘର ଉପଦେଷ୍ଟା ଆର୍ତ୍ତତ୍ରାଣ ମାଝୀ ଉଦ୍‌ଘାଟନ କରିଥିଲେ। ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲରେ ୧୦ ବର୍ଷରୁ କମ୍, ୧୧-୧୨ ବର୍ଷ, ୧୩-୧୪ ବର୍ଷ, ୧୫-୧୬-୧୭ ବର୍ଷ ଓ ପୁରୁଷ ଓ ମହିଳା ବିଭାଗରେ ଫ୍ରି ଷ୍ଟାଇଲ, ବଟର ଫ୍ଲାଏ ଓ ବେକ୍‌ଷ୍ଟ୍ରୋକ ଷ୍ଟାଇଲରେ ବିଭିନ୍ନ ବିଭାଗରେ ୫୦ ମିଟର ର ସନ୍ତରଣ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜାତୀୟସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତିଯୋଗିତା ଗୁଡ଼ିକର ଆରମ୍ଭ ହେବା ପୂର୍ବରୁ ନିଜକୁ ପ୍ରତିଯୋଗୀଭାବ ସୃଷ୍ଟିକରି ନିଜକୁ ପ୍ରସ୍ତୁତ କରିବା ହିଁ ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବରିଷ୍ଠ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଶ୍ରେୟାଂଶ ତ୍ରିପାଠୀ, ଅନୁଷ୍କା ଶର୍ମା, ଦେବେଶ ବାଗ, ଶ୍ରୀଲେଖା ମିଶ୍ର, ୟଶରଜ ଲୁହା, ଅଲିୟାନା ପଣ୍ଡା, ରୋହିତ ଦୀପ ଓ ଜ୍ୟୋତି ସଲମା ଚାମ୍ପିଅନ ହୋଇଥିଲେ। ସୁରେନ୍ଦ୍ର ନାଏକ, ଆଶୁତୋଷ ନାଏକ, ଅନନ୍ତ ବେରିହା, ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, ପ୍ରଦୀପ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଜଗବନ୍ଧୁ ବେହେରା, ବଦ୍ରି ନାରାୟଣ ପୁରୋହିତ, ବିକାଶ ହରିପାଲ, ଅନୁପ୍ରିୟା ପଣ୍ଡା, ରଙ୍କନିଧି ସେଠ, ଦିଲୀପ ଜେନା, ମନୋଜ ବନଛୋର, ଅଲିଶା କେରକେଟା, ଅନନ୍ୟା ସାହା ଓ ମନୋଜ ବନ୍‌ଛୋର ପରିଚାଳନା କରିଥିଲେ। ମାଷ୍ଟର୍ସ ସନ୍ତରଣ ସଂଘର ବରିଷ୍ଠ ସଭ୍ୟ ନାରାୟଣ ପଣ୍ଡା, ସାଲେଗ୍ରାମ ଖୁଣ୍ଟିଆ, ଗଣେଶ ପାଣିଗ୍ରାହୀ, ଜୟନ୍ତ ପାଣ୍ଡେ, ଅନୀଲ ବେରିହା ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।




## ଭିସୁଟ୍‌ରେ ବାର୍ଷିକ ପ୍ରାଦୌଗିକ ସମ୍ମିଳନୀ ସ୍ପେକ୍ଟ୍ରମ୍

**ସମ୍ବଲପୁର, ୧୯।୪(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ବାର୍ଷିକ ପ୍ରାଦୌଗିକ ସମ୍ମିଳନୀ 'ସ୍ପେକ୍ଟ୍ରମ୍୨୦୨୬' ଶନିବାର ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ପୋଷ୍ଟର ପ୍ରଦର୍ଶନୀ, ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଓ ମଡେଲ୍ ପ୍ରଦର୍ଶନୀ ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଛାତ୍ରଛାତ୍ରୀମାନେ ସୁରକ୍ଷା, ଆଇଓଟି, ଉର୍ଜା ଦେୟ, ଯୋଗାଯୋଗ ବ୍ୟବସ୍ଥା ଓ ପୁନର୍ନବୀକରଣଶୀଳ ଶକ୍ତି ଭଳି କ୍ଷେତ୍ରରେ ବାସ୍ତବ ଜୀବନ ସମସ୍ୟାର ସମାଧାନମୂଳକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ହୀରାକୁଦ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ବୁର୍ଲାର ସାଧାରଣ ପ୍ରବନ୍ଧକ ଇଞ୍ଜିନିୟର ଜ୍ୟୋତିର୍ମୟ ଦାସ ଯୋଗଦେଇଥିଲେ। ତାଙ୍କର ଉଦ୍‌-ବୋଧନ ସେ ପାୱାର ସିଷ୍ଟମ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂର ସମାଜ ଓ ଗବେଷଣା କ୍ଷେତ୍ରରେ ଭୂମିକାକୁ ଉଲ୍ଲେଖ କରିଥିଲେ। ସେ ଆଧୁନିକ ଜଳବିଦ୍ୟୁତ ଉତ୍ପାଦନ ପ୍ରଣାଳୀ ସମ୍ପର୍କରେ ମଧ୍ୟ ମତାମତ ରଖି ଶକ୍ତି ପରିପ୍ରେକ୍ଷିରେ ନୂତନତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକାର 'ସ୍ପେକ୍ଟ୍ରମ୍ କନେକ୍ଟ' ଚତୁର୍ଥ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ କୁଳପତି ପ୍ରଫେସର ଡି. ମିଶ୍ର, ବିଭାଗୀୟ ମୁଖ୍ୟ ଡ. ଜି. ଆର୍. ବିଶ୍ୱାଳ, ଉପଦେଷ୍ଟା ଡ. ଏସ୍. ଗଡ଼ନାୟକ ସହିତ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୋଶା ବିନ୍ଧାଣୀ ଓ ସ୍ପେକ୍ଟ୍ରମ୍ ସଚିବ ଯଶଷ୍ମାନ ପାଣିଗ୍ରାହୀ ପରିଚାଳନା କରିଥିଲେ। ସ୍ପେକ୍ଟ୍ରମ୍୨୦୨୬ ମାଧ୍ୟମରେ ଶିକ୍ଷା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସୁଦୃଢ଼ ସେତୁ ସୃଷ୍ଟି ହୋଇଥିବା ବେଳେ, ଭବିଷ୍ୟତରେ ନୂତନତ୍ୱ, ସୃଜନଶୀଳତା ଓ ସାମାଜିକ ପ୍ରଭାବକୁ ଦୃଷ୍ଟିରେ ରଖି ଶିଳ୍ପ-ପ୍ରସ୍ତୁତ ଇଞ୍ଜିନିୟର ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




## ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ



**କୁଚିଣ୍ଡା, ୧୯ ।୪(ସମିସ):** କୁଚିଣ୍ଡା ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରବିବାର ଅପରାହ୍ନରେ କୁଚିଣ୍ଡା ସ୍ଥିତ ଜଗନ୍ନାଥ ମନ୍ଦିର ପରିସର ରେ ଭଗବାନ ପର୍ଶୁରାମ ଙ୍କୁ ପୂଜାର୍ଚ୍ଚନା ପରେ ବର୍ଣ୍ଣତ୍ୟ ପରିବେଷଣ ରେ ବିରାଟ ଶୋଭାଯାତ୍ରା କରାଯାଇଥିଲା। ଅନ୍ୟବର୍ଷ ତୁଳନାରେ ଏବର୍ଷ ଅଧିକ ଆକର୍ଷଣୀୟ କରାଯାଇଥିଲା ବ୍ରାହ୍ମଣ ସମାଜର ସମସ୍ତ ଛୋଟବଡ଼ ପୁରୁଷ ମହିଳା ଯୋଗଦେଇ ଭିଡ଼କୁ ଦ୍ୱିଗୁଣିତ କରିଥିଲା।

## ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଶୋକସଭା




**ସମ୍ବଲପୁର, ୧୯।୪(ସମିସ):** ରବିବାର ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ଆଗଧାଡିର ଜଣେ ବିଶିଷ୍ଟ ଆନ୍ଦୋଳନକାରୀ ନାରୀ ସ୍ୱର୍ଗୀୟ ଗାୟତ୍ରୀ ବେହେରାଙ୍କ ଅକାଳ ବିୟୋଗରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଭବନରେ ଏକ ଶୋକସଭା ଉପମହାସଚିବ ମିନାକ୍ଷୀ ରାଉତଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧ୍ୟକ୍ଷ ନିହାଲ ସିଂ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ତପ୍ସିଲଭୁକ୍ତ ଜାତି ଉପଜାତି କର୍ମଚାରୀ ସଂଘ ଉପସଭାପତି ଶିବଶଙ୍କର ପ୍ରଧାନ, ଭାରତୀୟ ଦଳିତ ସାହିତ୍ୟ ଏକାଡେମି ରାଜ୍ୟ ଉପସଭାପତି ବ୍ୟଙ୍ଗଶ୍ରୀ କବି ଗଦାଧର ନିଆଲ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଥାଉକି ଇଣ୍ଡିଆନ୍ ରେଡକ୍ରସ ଆଜୀବନ ସଦସ୍ୟ ଡ. ସୁଶିଲ କୁମାର ବେହେରାଙ୍କ ପତ୍ନୀ ସ୍ୱର୍ଗୀୟ ଗାୟତ୍ରୀ ବେହେରା।

# ମେ' ୨୩ରୁ କବାଡ଼ି ମହାସମର 'ଏସ୍‌କେପିଏଲ୍' ସିଜନ୍-୩

ସମ୍ବଲପୁର, ୧୯।୪(ସମିସ)




ମେ' ୨୩ରେ ଆରମ୍ଭ ହେବ କବାଡ଼ିର ମହାସମର। ଏଥିରେ ୧୨ଟି ଦଳ ଭାଗନେବେ। ସମ୍ବଲପୁର କବାଡି କ୍ଲବ୍ ଏବଂ ସମ୍ବଲପୁର ବୟଜ୍ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା 'ସମ୍ବଲପୁର କବାଡି ପ୍ରିମିୟର ଲିଗ୍' (ଏସକେପିଏଲ)ର ତୃତୀୟ ସଂସ୍କରଣ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଙ୍ଗାଧର ମଣ୍ଡପଠାରେ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ସମ୍ବଲପୁରର ୪ ଜଣ ସ୍ଥାନୀୟ ଖେଳାଳି ଏବଂ ବାହାର ଅଞ୍ଚଳର ୩ ଜଣ ଖେଳାଳିଙ୍କୁ ସାମିଲ କରାଯିବାର ନିୟମ ରହିଛି। ଲିଗ୍‌ରେ ପ୍ରାୟ ୨୦୦ରୁ ଅଧିକ ଖେଳାଳି ନିଜ କୌଶଳ ଓ ଦକ୍ଷତା ପ୍ରଦର୍ଶନ କରିବେ। ସମସ୍ତ ମ୍ୟାଚ ସନ୍ଧ୍ୟା ସମୟରେ ଫ୍ଲଡ୍ ଲାଇଟ୍ ଆଲୁଅରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୫୦ ହଜାର ଟଙ୍କା, ରନର୍ସଅପ୍ ଦଳକୁ ୩୦ ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨୦ ହଜାର ଟଙ୍କା ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହାବ୍ୟତୀତ ଶ୍ରେଷ୍ଠ କ୍ୟାଚର, ଶ୍ରେଷ୍ଠ ରାଇଡର୍ ଆଦି ପୁରସ୍କାର ରହିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌କେପିଏଲ - ସିଜନ୍ ୩ ସଭାପତି ସିଦ୍ଧାର୍ଥ ସାହା, ସମ୍ପାଦକ ସୁଧୀର ବହିଦାର, ଉପଦେଷ୍ଟା ଉମାପତି ତ୍ରିପାଠୀ ଏବଂ ଦୀପକ ବରାଳ ମଞ୍ଚାସିନ ଥିଲେ। ରାଜେଶ ସାହୁଙ୍କ ମା ଘିକୁଣ୍ଡି ଯୋଦ୍ଧା, ସୁଶାନ୍ତ ବେହେରାଙ୍କ ଅଯୋଧ୍ୟା ସୋରବର, ଯୁବରାଜ ବେହେରାଙ୍କ ବୁଢ଼ିମା ଟାଇଗରସ, ରାହୁଲ କାଣ୍ଡଙ୍କ ଆମ୍ବେଦକର ଲାଇନ୍ସ, ବିକ୍ରମ ପଟ୍ଟନାୟକଙ୍କ ମହାକାଳ ରାଏଡରସ, ବିକାଶ ଥେଠୁଆରଙ୍କ ବୀର ତ୍ରିରଙ୍ଗା ବଏଜ, ଶଙ୍କର ମେହେରଙ୍କ ପଶ୍ଚିମାଞ୍ଚଳ ପାନ୍ଥର୍ସ, ଶ୍ରୀକାନ୍ତ ଗୌଡଙ୍କ ସମଲେଶ୍ୱରୀ ଷ୍ଟ୍ରିକର୍ଜ, ବିର୍ଜୁ କଲେତଙ୍କ ଗାନ୍ଧି ବୁଲ୍ସ, ଇନ୍ଦ୍ରଜିତ ତନସେନାଙ୍କ ମା' ବାଟ ମଙ୍ଗଳା ୱାରିଅର୍ସ, ଜିମି ମୁଖୀଙ୍କ ମା' ତାରେଣୀ ଫାଇଟର୍ସ ଓ ବିଷ୍ଣୁ ସିଂଙ୍କ ସମଲେଶ୍ୱରୀ ଯୁବ ହଣ୍ଟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ।

## ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ

# ବରଗଡ଼ରେ ୩ ଦିନ ପର୍ଯ୍ୟନ୍ତ ସ୍କୁଲ ବନ୍ଦ



**ବରଗଡ଼/ପାଇକମାଳ, ୧୯ ।୪(ସମିସ):** ବରଗଡ଼ ଜିଲ୍ଲାରେ ଦିନକୁ ଦିନ ବଢୁଥିବା ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇଁ ସାଧାରଣ ଲୋକମାନେ ଘରୁ ବାହାରିବାକୁ ମଧ୍ୟ ଭୟଭୀତ ହେଉଛନ୍ତି । ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ ଏହି ଅସହ୍ୟ ତାପ ଓ ଗୁଳୁଗୁଳିରେ ବହୁତ ଅସୁବିଧାରେ ପଡୁଥିବା ଦେଖାଯାଇଛି । ଏହି ପରିସ୍ଥିତିକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲା ଓ ସ୍କୁଲରେ ଗ୍ରୀଷ୍ମ ଅବକାଶ ଘୋଷଣା ପାଇଁ ଜୋରଦାର ଦାବି ଉଠିଥିଲା । ଏହ ସମ୍ପର୍କରେ ଦୈନିକ 'ସକାଳ'ରେ ମଧ୍ୟ ଖବର ପ୍ରକାଶ ପାଇଥିଲା । ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ରବିବାର ଜରୁରୀ ନିଷ୍ପତ୍ତି ନେଇଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ୩ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ଅଭିଭାବକମାନଙ୍କ ମଧ୍ୟରେ ଆଶ୍ୱାସନ ସୃଷ୍ଟି ହୋଇଛି । ଏହାସହିତ ଜନସାଧାରଣଙ୍କୁ ଦିନର ତୀବ୍ର ଖରାରେ ଅନାବଶ୍ୟକ ବାହାରିବାକୁ ନିଷେଧ କରାଯାଇଛି । ପର୍ଯ୍ୟାପ୍ତ ପାଣି ପିଇବା, ହାଲୁକା ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି । କିଛି ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବା ସମ୍ଭାବନା ଅଛି । ଏଣୁ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମସ୍ତ ଛାତ୍ରଛାତ୍ରୀ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି ।

# ବରପାଲି, ଅତାବିରାରେ ପର୍ଶୁରାମ ଜୟନ୍ତୀ





**ବରପାଲି, ୧୯ ।୪(ସମିସ)**

ବରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସନାତନୀ ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ପ୍ରଥମେ ଜଗନ୍ନାଥ ମନ୍ଦିରରୁ ଏକ ଭବ୍ୟ ନଗର ପରିକ୍ରମା ଆୟୋଜିତ ହୋଇଥିଲା । ଏହି ପରିକ୍ରମାରେ ବରପାଲି ବ୍ଲକ ସହିତ ଆଖପାଖ ଗାଁର ବ୍ରାହ୍ମଣ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ପରିକ୍ରମା ପରେ ମନ୍ଦିର ପରିସରରେ ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଭଗବାନ ପର୍ଶୁରାମଙ୍କ ଆଦର୍ଶକୁ ଅନୁସରଣ କରି ସମାଜରେ ନୀତି, ଶୃଙ୍ଖଳା ଓ ଏକତା ବଢ଼ାଇବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଏହି ସଭାରେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ହୋତା, ସମ୍ପାଦକ ଅରୁଣ ପଣ୍ଡା ଓ ପିନାକି ମିଶ୍ର, ବିଭୂତି ମିଶ୍ର, ସଦାନନ୍ଦ ଦାସ, ପ୍ରଦୀପ ଦାଶ, ନିରଞ୍ଜନ ମିଶ୍ର, ଅଜିତ ଦାଶ, ଉପଗୁପ୍ତ ତ୍ରିପାଠୀ, ନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଉପ-ସଭାପତି ବିଭୂତି ମିଶ୍ର ଧନ୍ୟବାଦ ଜଣାଇଲେ ।

ହିନ୍ଦୁ ପୁରାଣ ଅନୁସାରେ ଭଗବାନ ପର୍ଶୁରାମ ବିଷ୍ଣୁଙ୍କ ଷଷ୍ଠ ଅବତାର ଭାବେ ପରିଚିତ । ସେ ଏକମାତ୍ର ଏମିତି ଅବତାର ଯିଏ ବ୍ରାହ୍ମଣ କୁଳରେ ଜନ୍ମ ନେଇ ଯୋଧା ଭୂମିକା ନିଭାଇଥିଲେ । ସେ ମହର୍ଷି ଜମଦଗ୍ନି ଓ ମାତା ରେଣୁକାଙ୍କ ପୁତ୍ର ଥିଲେ । 'ପର୍ଶୁ' ଧାରଣ କରିଥିବାରୁ ସେ 'ପର୍ଶୁରାମ' ନାମରେ ପରିଚିତ ହୋଇଥିଲେ । ପୁରାଣ କଥାନୁସାରେ ଭଗବାନ ପର୍ଶୁରାମ ଅଧର୍ମ ଓ ଅନ୍ୟାୟ ବିରୋଧରେ ଅବତରଣ କରିଥିଲେ । ସେ ନିଜ ପିତାଙ୍କ ଆଦେଶକୁ ସର୍ବୋପରି ମାନି ଆଜ୍ଞାପାଳନର ଉତ୍କୃଷ୍ଟ ଉଦାହରଣ ଦେଇଥିଲେ । କ୍ଷତ୍ରିୟ ଅତ୍ୟାଚାର ବଢ଼ିଥିବା ସମୟରେ ସେ ୨୧ ଥର ପୃଥିବୀକୁ କ୍ଷତ୍ରିୟମୁକ୍ତ କରିଥିବା କଥା ପୁରାଣରେ ଉଲ୍ଲେଖ ମିଳେ । ଏହା ତାଙ୍କର ଧର୍ମପାଳନ ଓ ନ୍ୟାୟପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରେ । ଅନ୍ୟପଟେ ଭଗବାନ ପର୍ଶୁରାମ ଶିକ୍ଷା ଓ ଶସ୍ତ୍ରବିଦ୍ୟାରେ ପାରଙ୍ଗମ ଥିଲେ । ମହାଭାରତ ଅନୁସାରେ ସେ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ଓ କର୍ଣ୍ଣଙ୍କ ଗୁରୁ ଭାବେ ପରିଚିତ । ସେ ଗୁରୁ ଭାବେ ଶିଷ୍ୟମାନଙ୍କୁ ଶୌର୍ଯ୍ୟ ସହିତ ନୀତି ଓ ଶିଷ୍ଟାଚାର ଶିଖାଇଥିଲେ । ତାଙ୍କ ଜୀବନରେ ତ୍ୟାଗ, ଶିଷ୍ଟାଚାର, ଗୁରୁଭକ୍ତି ଓ ଧର୍ମପ୍ରତି ଅତୁଟ ନିଷ୍ଠା ପ୍ରକାଶ ପାଉଛି ।

**ଅତାବିରା:** ଅତାବିରା ବ୍ରାହ୍ମଣ ସମାଜ ପକ୍ଷରୁ ମଧ୍ୟ ବ୍ରାହ୍ମଣ ସମାଜର ଇଷ୍ଟ ଦେବ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ରବିବାର ପାଳିତ ହୋଇଯାଇଛି । ପୂର୍ବାହ୍ଣରେ ବ୍ରାହ୍ମଣ ସମାଜ ପକ୍ଷରୁ ମା' ଦୁର୍ଗାଙ୍କ ମନ୍ଦିରରେ ମା' ଦୁର୍ଗା, ପ୍ରଭୁ ପର୍ଶୁରାମ ଓ ମାତା ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ନିସର୍ଗେଷ ମିଶ୍ର ପ୍ରଭୁ ପର୍ଶୁରାମ ରୂପରେ ଅଭିଷିକ୍ତ ହୋଇଥିଲେ । ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ ପତ୍ନୀ ଲିପ୍ସା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ଜୟକୁମାର ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହାପରେ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା । ଏହା ମା' ଦୁର୍ଗା ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପୂର୍ବକ ଅଗ୍ରସେନ ଭବନରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ଅତାବିରା ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, କର୍ମକାଣ୍ଡି ପଣ୍ଡିତ ସଭାର କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ । ଶୋଭାଯାତ୍ରା ପହଞ୍ଚିବା ପରେ ଅତାବିରା ବ୍ଲକ ମନାପଡ଼ା ଗ୍ରାମର ପଣ୍ଡିତ ଗୋବିନ୍ଦ ଚନ୍ଦ୍ର କଣ୍ଡା ଓ ସାଥୀଙ୍କ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଭଟଲି ଦଧିବାମନ କଲେଜର ଡ. ସରୋଜ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତାବିରା ବ୍ଲକ ସଭାପତି ସୁଧାଂଶୁ ଶେଖର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବରିଷ୍ଠ ଉପଦେଷ୍ଟା ବେଣୁଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ



**ବରଗଡ଼, ୧୯ ।୪(ସମିସ):** ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ପ୍ରତିଷ୍ଠାତା ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ୧୬ ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ, ଶ୍ୟାମସୁନ୍ଦର ଅଗ୍ରୱାଲ, ସର୍ଦ୍ଦାର ପ୍ରିତମ ସିଂ, ପବିତ୍ର ଦେହୁରୀ, ଦିବାକର ମାଝୀ, ବିଦ୍ୟାଳୟ ସମ୍ପାଦକ ଅରୁଣ ହୋତା, କମିଟି ସଦସ୍ୟ ମେଘନାଦ ସାହୁ, ପ୍ରଧାନ ଶିକ୍ଷକ ନେପାଳ ଦୁଆନ, ଶିକ୍ଷକ ଦୁଃଖୀ ସେବକ ସାହୁ, ସାମ୍ବାଦିକ ପ୍ରଦୀପ୍ତ ଭାନୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସମିତି ସଭାପତି କିଶୋରଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ଅଭୟ ପଧାନ ସଂଯୋଜନା କରିଥିଲେ ।

# ନୃସିଂହନାଥକୁ ରାଜନୀତିର ଆଖଡ଼ା ଘର କରା ନ ଯାଉ

## ଗତ ବର୍ଷ ବୈଶାଖ ମେଳା ପୂର୍ବରୁ ସରକାର ଘୋଷଣା କରିଥିବା ୧୦ ଲକ୍ଷ ମିଳିନି




**ପଦ୍ମପୁର, ୧୯ । ୪(ସମିସ):** ନୃସିଂହନାଥ ତୀର୍ଥକ୍ଷେତ୍ରକୁ କ୍ଷମତାସୀନ ଲୋକପ୍ରତିନିଧିମାନେ ରାଜନୀତିର ଆଖଡ଼ାଘରରେ ପରିଣତ କରିଛନ୍ତି । ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦର ଉପଦେଷ୍ଟା ସଞ୍ଜୟ ବହିଦାର ଏବଂ ଆବାହକ ରାଜକୁମାର ସେଠ୍ ଏହା କହିଛନ୍ତି । ଶ୍ରୀ ବହିଦାର ଏବଂ ଶ୍ରୀ ସେଠ୍ ଆରୋପ ଲଗାଇଛନ୍ତି ଯେ ଲୋକ ପ୍ରତିନିଧିମାନେ ନିଜର ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ବୈଶାଖ ମେଳାର ୫ ଦିନ ବ୍ୟାପି ସମୟ ଅବଧି ଯାଏ ସକ୍ରିୟ ରହୁଛନ୍ତି । ବର୍ଷର ଅବଶିଷ୍ଟ ୩୬୦ଦିନ ନୃସିଂହନାଥର ସାମଗ୍ରିକ ବିକାଶ ପାଇଁ ସାମାନ୍ୟ ଉଦ୍ୟମ ବି କରୁନାହାନ୍ତି । ଗତ ବୈଶାଖ ମେଳା ପାଇଁ ସରକାରୀସ୍ତରରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ଲୋକପ୍ରତିନିଧି ଘୋଷଣା କଲେ; କିନ୍ତୁ ଗତ ୧୫ ତାରିଖରେ ଅନୁଷ୍ଠିତ ବୈଶାଖ ମେଳା ୨ୟ ପ୍ରସ୍ତୁତି ବୈଠକରେ ଜାଣିବାକୁ ମିଳିଲା ଯେ ଗତ ବର୍ଷର ଅନୁଦାନ ବର୍ଷେ ପରେ ବି ମିଳି ନାହିଁ । ନୃସିଂହନାଥ ତୀର୍ଥକ୍ଷେତ୍ର ପ୍ରତି ଲୋକପ୍ରତିନିଧି ଏବଂ ସରକାରଙ୍କ ଏହା ଘୋର ଅପମାନ । ନୃସିଂହନାଥକୁ ନେଇ ନିଜ ରାଜନୈତିକ ସ୍ୱାର୍ଥ ସାଧନ କରୁଥିବା ଲୋକ ପ୍ରତିନିଧି ନୃସିଂହନାଥକୁ ପୁରୀ ମନ୍ଦିର ଭଳି ବାର୍ଷିକ ସରକାରୀ ଅନୁଦାନ ଆଣନ୍ତୁ । ନୃସିଂହନାଥରେ ରୋପୱେ ବ୍ୟବସ୍ଥା କରାନ୍ତୁ । ଆୟୁର୍ବେଦିକ ଔଷଧ ଶିଳ୍ପ ସ୍ଥାପନ କରାଯାଉ । ତୀର୍ଥକ୍ଷେତ୍ରର ଐତିହ୍ୟର ବ୍ୟାପକ ପ୍ରଚର ପ୍ରସାର ପାଇଁ ନିଜ ଯୋଗ୍ୟତା ପ୍ରକାଶ କରନ୍ତୁ ବୋଲି ପରିଷଦ ତରଫରୁ କୁହାଯାଇଛି । ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ସରକାର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇ ନୃସିଂହନାଥକୁ କଳୁଷିତ ରାଜନୈତିକ ଚକ୍ରବ୍ୟୂହରୁ ମୁକ୍ତ କରାନ୍ତୁ । ନଚେତ୍ ନୃସିଂହନାଥପ୍ରେମୀ ଜନଆନ୍ଦୋଳନ ପାଇଁ ବାଧ୍ୟ ହେବେ ବୋଲି ପରିଷଦ ତରଫରୁ ଚେତାବନୀ ଦିଆଯାଇଛି ।

# ଫେରାର ଲାଇବ୍ରେରିଆନଙ୍କୁ ଧରୁନି ପୁଲିସ

**ବରଗଡ଼, ୧୯ ।୪ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ +୨ କଲେଜର ଫେରାର ଲାଇବ୍ରେରିଆନ ଚିନ୍ତାମଣି ମିଶ୍ରଙ୍କୁ ପୁଲିସ ଧରୁନି । ଚଳିତ ମାସ ୯ ତାରିଖ ନୂଆପଡ଼ାରୁ ପ୍ରିନ୍ସିପାଲ୍ ପ୍ରମୋଦ ସାହୁଙ୍କୁ ପୁଲିସ ଗିରଫ କରିଛି । ଏକ ମାସରୁ ଅଧିକ ହେବ ଲାଇବ୍ରେରିଆନ ଚିନ୍ତାମଣି ଫେରାର ରହିଛନ୍ତି । ଉଭୟ ଜଣେ ମହିଳା ଅଧ୍ୟାପିକାଙ୍କୁ ମାନସିକ ଉତ୍ପୀଡ଼ନ କରିବା ସହ ଜାତିସୂଚକ ଅପମାନଜନକ କଥା କହିଥିବା ଅଭିଯୋଗ ହୋଇଥିଲା । ଏନେଇ ଝାରବନ୍ଧ ଥାନାରେ ଅଭିଯୋଗ ପରେ ପରେ ପୁଲିସ ମାମଲା ରୁଜୁ କରିଛି । ଆଧୁନିକ ଜ୍ଞାନକୌଶଳ ସତ୍ତ୍ୱେ କେମିତି ପୁଲିସ ଧରିପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ଦୀର୍ଘଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଅଚଳ

**ଝାରବନ୍ଧ, ୧୯ ।୪ (ସମିସ):** ଝାରବନ୍ଧ ହସ୍ପିଟାଲ ସାମ୍ନାରୁ ପରିବା ଦୋକାନୀଙ୍କୁ ଉଚ୍ଛେଦ କରି ପ୍ରଶାସନ ପକ୍ଷରୁ କଲ୍ୟାଣ ମଣ୍ଡପ ପଡ଼ିଆରେ ବସିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି । ଏହି ସ୍ଥାନଟି ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ଅବସ୍ଥିତ ଥିବା ସହ ବ୍ୟାଙ୍କ, ମୁଖ୍ୟ ଛକ, ଗାଁ ଭିତର ଏବଂ ଥାନାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଛକ ଭାବେ ପରିଚିତ । ମୁଖ୍ୟ ଛକରୁ ଜବରଦଖଲ ଉଚ୍ଛେଦ ପରେ ଏହି ନୂଆ ସ୍ଥାନରେ ସନ୍ଧ୍ୟା ସମୟରେ ଧୀରେ ଧୀରେ ଭିଡ଼ ହୋଇଉଠୁଛି । ପନିପରିବା ଦୋକାନ ସହ ଚନା ଚାଟ, ଗୁପଚୁପ ଇତ୍ୟାଦି ଖାଦ୍ୟ ଦୋକାନ ଲାଗିବାରୁ ଭିଡ଼ ବଢ଼ିବାକୁ ଲାଗିଛି; କିନ୍ତୁ ଏହି ଭିଡ଼ ମଧ୍ୟରେ ଗୁରୁତର ସମସ୍ୟା ହେଉଛି ଆଲୋକ ବ୍ୟବସ୍ଥାର ଅଭାବ । ଛକରେ ଥିବା ଷ୍ଟ୍ରିଟ ଲାଇଟ ଦୀର୍ଘଦିନ ଧରି ଅଚଳ । ଏଣୁ ସନ୍ଧ୍ୟା ପରେ ଅଞ୍ଚଳଟି ଅନ୍ଧକାର ରହୁଛି । ଏହା ଫଳରେ ଲୋକମାନେ ଯାତାୟାତ କରିବାରେ ଅସୁବିଧା ସହିତ ଦୁର୍ଘଟଣା ତଥା ଅପ୍ରୀତିକର ପରିସ୍ଥିତି ସୃଷ୍ଟିର ଆଶଙ୍କା ମଧ୍ୟ ବଢ଼ିଯାଉଛି ।

# ମୁଷ୍ଟିମେୟଙ୍କ ହାତରେ ଏନ୍ଏସି ଦୋକାନ ଗୃହ

## ତଦାରଖ କମିଟିର ରିପୋର୍ଟକୁ ନେଇ ପ୍ରଶ୍ନ



**ପଦ୍ମପୁର, ୧୯ । ୪(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଏନଏସିର ଦୋକାନ ଗୃହ କିଛି ମୁଷ୍ଟିମେୟଙ୍କ ହାତରେ ରହିଥିବା ଦୀର୍ଘଦିନ ଧରି ଅଭିଯୋଗ ହୋଇ ଆସୁଛି । ମୁଷ୍ଟିମେୟ ଗୋଷ୍ଠୀ ନିଜେ ଏନଏସିଠାରୁ ଭଡା ନେଇ ଏହି ଦୋକାନ ଗୃହକୁ ଅନ୍ୟ ବ୍ୟବସାୟୀଙ୍କୁ ଦେଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି । ଏନେଇ ଏନଏସି ନିର୍ବାହୀ ଅଧିକାରୀ ଓ କାଉନସିଲରମାନେ ଏହି ମାମଲାକୁ ଗୁରୁତର ସହ ଗ୍ରହଣ କରିଥିଲେ । ୨୦୨୫ ଅଗଷ୍ଟ ୧୭ ତାରିଖ ଏକ କମିଟି ଗଠନ କରିବା ପାଇଁ କାଉନସିଲର ବୈଠକରେ ନିଷ୍ପତ୍ତି ହୋଇଥିଲା । ପରେ ଏକ ତଦାରଖ କମିଟି କାଉନସିଲର ପ୍ରିୟ ରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ଗଠନ ହୋଇଥିଲା । ଏଥିରେ ସଭ୍ୟ ଭାବେ କାଉନସିଲର ଚିନ୍ମୟ ପଣ୍ଡା, କୁନାଲ ପାଣିଗ୍ରାହୀ, କ୍ଷୀର ସାନବର୍ଷା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କନିଷ୍ଠ କିରାଣି କିଶୋରଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ପରିଷଧ ଦ୍ୱାରା ଆବଣ୍ଟନ କରାଯାଇଥିବା ୧୭୭ଟି ଦୋକାନ ଗୃହର ବିବରଣୀ ଉପସ୍ଥାପନ କରାଯାଇଥିଲା । ସର୍ବ ସମ୍ମତି ନିଷ୍ପତ୍ତି କ୍ରମେ ଯେଉଁ ଦୋକାନୀ ଆବଣ୍ଟିତ ହୋଇଥିବା ଗୃହ ଭଡ଼ାରେ ଲଗାଇଛନ୍ତି କିମ୍ବା ଏନଏସିଠାରୁ ଦୁଇ କିମ୍ବା ଅଧିକ ଗୃହ ଲିଜ୍‌ରେ ନେଇଛନ୍ତି ସେମାନଙ୍କୁ ୭ଦିନିଆ ନୋଟିସ ଦେଇ ଆବଣ୍ଟନ ରଦ୍ଦ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଇତି ମଧ୍ୟରେ ଏହି ବୈଠକ ତଥା ଏହି କମିଟି ଗଠନ ପ୍ରାୟ ବର୍ଷେ ଅତିକ୍ରମ କରି ସାରିଛି । ସହରକୁ ସୁନ୍ଦର କରିବା ପାଇଁ ଅନେକ ଦୋକାନ ଗୃହ ମଧ୍ୟ ଉଚ୍ଛେଦ କରାଯାଉଛି । ଅନେକ ଦୋକାନୀ ମଧ୍ୟ ସେମାନଙ୍କ ରୋଜଗାର ହରାଇଛନ୍ତି । ତେଣୁ ଏକାଧିକ ଦୋକାନ ଗୃହକୁ ନିଜର କବ୍ଜାରେ ରଖିଥିବା ମୁଷ୍ଟିମେୟଙ୍କ ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇବା ସହ ତଦାରଖ କମିଟିର ରିପୋର୍ଟ ଉପରେ ମଧ୍ୟ ପ୍ରଶ୍ନ କରିଛନ୍ତି ।

# ସହି ହେଉନି ଖରା; ରାସ୍ତାଘାଟ ଖାଁ ଖାଁ





**ପଦ୍ମପୁର, ୧୯।୪(ସମିସ):** ପଦ୍ମପୁର ଅଞ୍ଚଳରେ ତାତି ବଢୁଛି । ଗୁଳୁଗୁଳି ବି ହେଉଛି । ସକାଳ ୯ଟାରୁ ତାତିର ପ୍ରକୋପ ବଢ଼ିବାରେ ଲାଗିଛି । ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲାଗି ରହିଛି । ଏହା ଅସହ୍ୟ ହୋଇ ପଡୁଥିବାରୁ ଜୀବନ ଦହଗଞ୍ଜ ହୋଇ ପଡ଼ିଛି । ଅନ୍ୟପଟେ ଆଗଭଳି ପଥପାର୍ଶ୍ୱରେ ପର୍ଯ୍ୟାପ୍ତ ଜଳଛତ୍ର ନ ଥିବାବେଳେ ରାସ୍ତାକଡ଼ରେ ଆଉ ସେଭଳି ବୃକ୍ଷରାଜି ନାହିଁ । ଫଳରେ ସହର ସମେତ ବିଭିନ୍ନ ସ୍ଥାନରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତାତିର ପ୍ରକୋପ ଯୋଗୁଁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି । ଯଦିଓ କେହି ବାହାରିଲେ ଛତା କିମ୍ବା ମୁଣ୍ଡରେ ଗାମୁଛା, ଓଢ଼ଣିର ଆଶ୍ରୟ ନେଇଥିବା ଦେଖିବାକୁ ମିଳୁଛି । ଏଭଳି ସ୍ଥଳେ ଥଣ୍ଡା ପାନୀୟ ଲସି, ସରବତ୍ ସମେତ ତରଭୁଜ, କାକୁଡ଼ି, ପଇଡ଼ର ଚାହିଦା ବଢ଼ିଛି । ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ତାତିକୁ ବେଖାତିର୍ କରି ଲୋକେ ଫୁଟ୍‌ପାଥ୍‌ରେ ତାହା ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି । ତାତିରୁ ମୁକ୍ତି ପାଇଁ ପଥଚାରୀମାନେ ତାହା କିଣୁଥିବା ଦେଖିବାକୁ ମିଳୁଛି । ତାତି ଏଭଳି ବଢ଼ି ଚାଲିଛି ଯେ, ତାହା ଜନଜୀବନକୁ କଲବଲ କରି ପକାଉଛି । ବେଳେବେଳେ ବିଦ୍ୟୁତ୍ କାଟ୍ ଆହୁରି ଦହଗଞ୍ଜ କରି ପକାଉଛି । ଏଭଳି ସ୍ଥିତିରେ ଅଂଶୁଘାତ ଆଶଙ୍କା ମଧ୍ୟ ରହିଛି । ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ମଧ୍ୟ ତାତିରୁ ନିସ୍ତାର ମିଳୁ ନାହିଁ । ସକାଳୁଆ ପାଠପଢ଼ା ହୋଇଛି ସତ, କିନ୍ତୁ ପୂର୍ବାହ୍ନ ୧୦ଟା ୩୦ରେ ଛୁଟି ହେଉଛି । ସେତେବେଳେ ତାତିର ପ୍ରକୋପ ଅଧିକ ରହିଥିବାରୁ ସ୍କୁଲରୁ ଘରକୁ ପହଞ୍ଚିବା ଛାତ୍ରଛାତ୍ରୀଙ୍କ ପାଇଁ କାଠିକର ପାଠ ହୋଇପଡୁଛି ।

# ଆପ୍ରାଇଜ ପ୍ରିମିୟର ଲିଗ୍‌ର ଶୁଭାରମ୍ଭ



**ବରଗଡ଼, ୧୯ ।୪ (ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ୍ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ଆପ୍ରାଇଜ ପ୍ରିମିୟର ଲିଗ୍‌ର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଭାବେ ବଲାଙ୍ଗୀର ଆପ୍ରାଇଜ କଲେଜର ଚେୟାରମ୍ୟାନ ଇଂ. ତ୍ରିବିକ୍ରମ ବେହେରା ଓ ବଲାଙ୍ଗୀରଗ୍ୟାଲେକ୍ସି କଲେଜ ଚେୟାରମ୍ୟାନ ସଚ୍ଚିଦାନନ୍ଦ ସାହୁ ଯୋଗ ଦେଇଥିଲେ । ଆପ୍ରାଇଜ ପ୍ରିମିୟର ଲିଗ ଫାଇନାଲ ମ୍ୟାଚ ଆପ୍ରାଇଜ କଲେଜ ବଲାଙ୍ଗୀର ଓ ଗ୍ୟାଲେକ୍ସି କଲେଜ, ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହେବ । ଗ୍ରୁପର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ମୁକୁନ୍ଦ ଦାଶ ଏହି ସୂଚନା ଦେଇଛନ୍ତି ।

# ଆଜି ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ

**ବିଜେପୁର, ୧୯ ।୪(ସମିସ)**

ଉଭୟ ଓଡିଆ ଓ ସମ୍ବଲପୁରୀ ସାହିତ୍ୟର ପ୍ରତିଭା ସମ୍ପନ୍ନ କବି ହେଉଛନ୍ତି ସାହିତ୍ୟପ୍ରାଣ ଖଗେଶ୍ୱର ଶେଠ । ତେବେ ସେ ସ୍କୁଲ ବାରୁଣ୍ଡା ମାଡି ନାହାନ୍ତି । ଯାଯାବର ଜୀବନ ଓ ଅଭାବ ଅନାଟନ ଭିତରେ ବି ସେ କାଳଜୟୀ ସାରସ୍ୱତ ସମ୍ଭାର ଦେଇଯାଇଛନ୍ତି । ୧୯୦୬ ଅପ୍ରେଲ ୨୬ ଅକ୍ଷୟ ତୃତୀୟାରେ ବରଗଡ଼ ଜିଲ୍ଲାର ସରସରା ଗ୍ରାମରେ ତାଙ୍କର ଜନ୍ମ । ୧୯୮୭ ଫେବୃୟାରୀ ମାସ ୧୮ ତାରିଖ ଦିନ ତାଙ୍କ ମହାପ୍ରୟାଣ ଘଟିଥିଲା । ୧୯୭୪ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସେ ଜ୍ୟୋତିବିହାର ନାମରେ ନାମିତ କରିଥିଲେ; କିନ୍ତୁ ତାଙ୍କ ପ୍ରତିଭା ତୁଳନାରେ ଯେଉଁଳି ଭାବେ ତାଙ୍କ ସାହିତ୍ୟ ପ୍ରଚାର ପ୍ରସାର ହେବା କଥା ହୋଇ ପାରିନାହିଁ । ୧୯୫୮ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ କବିଙ୍କ ପ୍ରଥମ ଭାଗ ଗ୍ରନ୍ଥାବଳୀ, ୧୯୭୩ ମସିହାରେ ଖଗେଶ୍ୱର ସାହିତ୍ୟ ସମିତି ପାଇକମାଳ ତରଫରୁ ଏହାର ଦ୍ୱିତୀୟ ସଂସ୍କରଣ ଏବଂ ୧୯୯୯ ମସିହାରେ ତୃତୀୟ ଭାଗ ପ୍ରକାଶିତ ହେବା ପରେ ୨୦୧୭ ମସିହାରେ ତାଙ୍କର ପ୍ରାୟ ସମଗ୍ର କୃତୀକୁ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅନୁଦାନରେ ଗ୍ରନ୍ଥାବଳୀ ପ୍ରକାଶିତ କରିଛି । କବିଙ୍କ ସାହିତ୍ୟ ପ୍ରଚାର ପ୍ରସାର ପାଇଁ ସ୍ୱର୍ଗତ ହଟ୍ଟକିଶୋର ପାଣିଗ୍ରାହୀ ଓ ଖଗେଶ୍ୱର ସାହିତ୍ୟ ପରିଷଦ ପାଇକମାଳର ସଦସ୍ୟ ତଥା କିଛି ସଂଖ୍ୟାରେ ଖଗେଶ୍ୱର ପ୍ରେମୀଙ୍କ ଅବଦାନ ଅବିସ୍ମରଣୀୟ । କବିଙ୍କ ନାଁରେ ବହୁ ସଂଖ୍ୟାରେ ଉଚ୍ଚକୋଟିର ପ୍ରବନ୍ଧ, ଆଲୋଚନା, ସମାଲୋଚନା, ପୁସ୍ତକ ରଚନା, ଗବେଷଣା ଆଦି କରାଯାଇଥିବା ସହ ତାଙ୍କର କାବ୍ୟ 'ପଏରଛା ସତୀ' ସମେତ କିଛି ସାହିତ୍ୟ ସଂସ୍କୃତ ଓ ଅନ୍ୟାନ୍ୟ ଭାଷାରେ ଅନୂଦିତ ହୋଇଛି । ଇତି ମଧ୍ୟରେ ବିଶିଷ୍ଟ ଅନୁବାଦକ ସୁରେନ୍ଦ୍ର ନାଥ ପଏରଛା ସତୀକୁ ଇଂରାଜୀରେ ଅନୁବାଦ କରିଛନ୍ତି । ଏହି କାବ୍ୟକୁ ନାଟ୍ୟରୂପ ପ୍ରଦାନ କରି ନାଟ୍ୟକାର କେଶରଞ୍ଜନ ପ୍ରଧାନ ଲୋକାଭିମୁଖୀ କରୁଛନ୍ତି । କିଛି ଦିନ ପୂର୍ବରୁ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରିବା ପାଇଁ ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସଂସ୍କୃତି ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ତେଣୁ ଏଭଳି ପ୍ରଚଣ୍ଡ ପ୍ରତୀଭାଙ୍କ ପ୍ରଚାର ପ୍ରସାର ପାଇଁ ଆହୁରି ଉଦ୍ୟମର ଆବଶ୍ୟକ୍ତା ରହିଛି । ତାଙ୍କ ସାହିତ୍ୟକୁ ପାଠ୍ୟ ପୁସ୍ତକରେ ସାମିଲ କରିବା, ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରିବା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଖଗେଶ୍ୱର ଚ୍ୟାୟାର ପ୍ରତିଷ୍ଠା, କବିଙ୍କ ଉପରେ ଅଧିକ ଗବେଷଣା କରିବା ସମେତ ତାଙ୍କ ସାହିତ୍ୟର ପ୍ରଚାର ପ୍ରସାର ଓ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାହିତ୍ୟକ ସୁଶାନ୍ତ ମିଶ୍ର, ଆଶୋକ କୁମାର ପୂଜାହାରୀ, ଶୋଭାଚନ୍ଦ୍ର ପ୍ରଧାନ, ମୋହନ ସିଂହ କହ୍ନେଇ, ଡ.ପ୍ରଦୀପ ପ୍ରଧାନ, ରାଜେଶ୍ୱର ବେହେରା, ସୋମନାଥ ପ୍ରଧାନ, ହୃଦମଣୀ ସାହୁ, ସୁଶାନ୍ତ ପ୍ରଧାନଙ୍କ ସମେତ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ, ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର, ଉତ୍ତାଳଗଡ଼ ନାଟ୍ୟ ସଂସଦ ତାଳପଦର ଆଦି ସଂଗଠନର କର୍ମକର୍ତ୍ତା ଦାବି କରିଛନ୍ତି ।



# ବୈଦିକ ସ୍କୁଲରେ ସମର କାର୍ଣ୍ଣିଭାଲ

**ବରଗଡ଼, ୧୯ । ୪(ସମିସ):** ପ୍ରବଳ ଗରମକୁ ଅନୁଭବ କରି ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉନ୍ମାଦନା ଭରିଦେବାର ପ୍ରୟାସ ସୃଷ୍ଟି ପୂର୍ବକ ସ୍ଥାନୀୟ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ସମର କାର୍ଣ୍ଣିଭାଲ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ ଖରାଦିନର ମଜାକୁ ବର୍ଷାର ରୂପ ଦେଇ ଭରପୁର ଉପଭୋଗ କରିଥିଲେ । କୃତ୍ରିମ ଫୁଆରା ସୃଷ୍ଟି କରି ବର୍ଷାର ନିଆରା ମଜା ଉଠାଇବା ସହ ସଙ୍ଗୀତର ତାଳେ ତାଳେ ଝୁମିଥିଲେ । ତା ସହ ଗ୍ରୀଷ୍ମ ଦିନିଆଁ ଖାଦ୍ୟର ସମ୍ଭାର ସହ ଆଇସକ୍ରିମର ମଜା ସମସ୍ତଙ୍କ ମନ ମୋହି ନେଇଥିଲା । ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



### ଚାଷୀଙ୍କ ପାଇଁ କାଳ ସାଜିଛି ଜୋର

# ହେକ୍ଟର ହେକ୍ଟର ଜମିରେ ପନିପରିବା ଚାଷ ପ୍ରଭାବିତ

ରାଜକନିକା,୧୯।୪(ସମିସ)





ଚାଷୀଙ୍କ ପାଇଁ କାଳ ସାଜିଛି ଜୋର। ଦୀର୍ଘଦିନ ହେବ ଜୋରରେ ପାଣି ଆସୁ ନ ଥିବାରୁ ଉଜୁଡ଼ି ଯାଉଛି ହେକ୍ଟର ହେକ୍ଟର ଜମିରେ ହୋଇଥିବା ପନିପରିବା ଚାଷ। ଜୋରରେ ଯେଉଁ ପାଣି ଅଛି, ସେ ଦୂଷିତ ପାଣିକୁ ଚାଷଜମିରେ ମଡ଼ାଇଲେ ଫସଲ ନଷ୍ଟ ହୋଇଯାଉଛି। ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତର ୩୦୦୦ରୁ ଊର୍ଦ୍ଧ୍ୱ ଚାଷୀ। ଏହାର ପ୍ରତିକାର କରାଯିବାକୁ ଚାଷୀ ମହଲରୁ ଦାବି ହେଉଛି।

ଖରସ୍ରୋତା ନଦୀରୁ ସଂଯୋଗ ହୋଇଥିବା ଜୋର ଓ ଶାଖା ନାଳ ଦୀର୍ଘଦିନ ହେବ ପୋତି ହୋଇଯାଇଥିବାରୁ ଠିକ ଭାବେ ପାଣି ଆସୁନି। ଫଳରେ ଚାଷକାର୍ଯ୍ୟ ପାଇଁ ଏବେ ମୁଖ୍ୟ ସମସ୍ୟା ପାଲଟିଛି ପାଣି। ଯୁଆଡେ ଚାହିଁବ ଜୋର ସାରା ଦଳ ଭର୍ତ୍ତି। ଅନାବନା ଗଛ ଓ କାଦୁଅରେ ପରିପୂର୍ଣ୍ଣ ହୋଇଯାଇଛି ଜୋର। କେଉଁଠି ଶୃଖଳା ପଡିଛି ଜୋର। ସ୍ଥିତି ଏମିତି ହୋଇଛି ଯେ, ନଦୀରୁ ଜୋରକୁ ପାଣି ଆସିବା ବି ମୁସ୍କିଲ। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ଦେଇ ଯାଇଥିବା ଜୋର ଓ ଶାଖା ନାଳ ଅବସ୍ଥା ଶୋଚନୀୟ ହୋଇଛି। ବିଶେଷକରି ପନିପରିବା ଚାଷ ଉପରେ ନିର୍ଭର କରିଆସୁଥିବା ଭାରିଗଦା ପଞ୍ଚାୟତର ଶହ ଶହ ଚାଷୀଙ୍କ ପାଇଁ କାଳ ସାଜିଛି ଏହି ଜୋର। ବର୍ତ୍ତମାନ ଏଠାକାର ଚାଷୀ ବିଭିନ୍ନ ପନିପରିବା ଚାଷ କରିଥିବାବେଳେ ଜୋରରେ ପାଣି ଆସୁ ନ ଥିବାରୁ ଚିନ୍ତାରେ ପଡିଛନ୍ତି। ଜୋରରେ ଯାହା କିଛି ପାଣି ଅଛି, ସେ ପାଣିକୁ ଚାଷଜମିରେ ମଡ଼ାଇବାରୁ ପନିପରିବା ଗଛ ମରିଯାଉଥିବା ଚାଷୀ କହିଛନ୍ତି। ଜୋରରୁ ଦଳ ସଫା କରିବା ସହିତ ପୁନରୁଦ୍ଧାର ପାଇଁ ଚାଷୀ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଆସୁଥିଲେ ମଧ ଦୁଃଖ କେହି ବୁଝୁ ନ ଥିବା ଚାଷୀ କୁଶାସନ ରାଉତ, ଶରତ ରାଉତ, ମାୟାଧର ରାଉତ, ଅଜାମ୍ବର ରାଉତ ଅଭିଯୋଗ କରିଛନ୍ତି। ତେବେ ଖରସ୍ରୋତା ନଦୀରୁ ସଂଯୋଗ ହୋଇଥିବା ବଡ଼ଜୋର ଓ ତା'ର ଶାଖା ନାଳ ୧୦ ବର୍ଷ ପୂର୍ବେ ପୁନରୁଦ୍ଧାର ହୋଇଥିଲା। ଆଉ କେବେବି ସଫା ହୋଇନାହିଁ। ଫଳରେ ଜୋର ପୋତିହେବା ସହ ଦଳରେ ପରିପୂର୍ଣ୍ଣ ହୋଇଯାଇଛି। ବର୍ଷ ବର୍ଷ ଧରି ଚାଷୀ ଜୋର ସଫେଇ କରିବା ପାଇଁ ଦାବି କରିଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ପ୍ରଶାସନ ସେମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଚାଷୀଙ୍କ ସୁବିଧା ପାଇଁ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

■ ଅଭିଯୋଗକାରୀଙ୍କ ଅଭିଯୋଗ

## କାର୍ଯ୍ୟକାରୀ ହେଉନି ମିଳିତ ଜନଶୁଣାଣି ଶିବିର ନିର୍ଦ୍ଦେଶ

ରାଜକନିକା,୧୯।୪(ସମିସ): ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ନ୍ୟାୟ ଓ ଅଧିକାର ପାଇଁ ଭରସା କରିଛନ୍ତି। ମାତ୍ର ଜନଶୁଣାଣି ଜରିଆରେ କିଛି ବି ପରିବର୍ତ୍ତନ ନ ହେବା, ସମସ୍ୟାର ଆଦୌ ସମାଧାନ ନ ହେବା କାରଣରୁ ଲୋକେ ଶିବିର ଉପରୁ ଆସ୍ଥା ହରାଇଛନ୍ତି। ଗତ ଫେବୃଆରୀ ୨ ତରିଖ ଦିନ ରାଜକନିକା ବ୍ଲକ ପରିସରରେ ହୋଇଥିବା ଜନଶୁଣାଣି ଶିବିରରେ କଣ୍ଡାଆଡିଆ (ହରିହରପୁରଶାସନ) ଗାଁର ଲୋକେ ପିଇବା ପାଣି ଓ ଲୋ-ଭୋଲ୍ଟେଜ ସମସ୍ୟାର ସମାଧାନ ପାଇଁ ଅଭିଯୋଗ କରିଥିଲେ। ପ୍ରଥମତଃ ନଳକୂପ ବସାଇବା ଓ ଦ୍ୱିତୀୟରେ ଏହି ଗାଁରେ ୨୦୦୮ରେ ବିଜିଜେୱାଇ ସ୍କିମରେ ବସିଥିବା ୧୬ କେଭି ଟ୍ରାନ୍ସଫର୍ମର ବଦଳାଇ ଅଧିକ ଭୋଲ୍ଟେଜର ଟ୍ରାନ୍ସଫର୍ମର ବସାଇବା ପାଇଁ ଅନୁରୋଧ କରିଥିଲେ। ମାସେ ଭିତରେ ଉଭୟ କାମ ହେବାକୁ ସେଦିନ ସମ୍ପୃକ୍ତ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଜଣାଇ ଦିଆଯାଇଥିବା ରସିଦରେ ଉଲ୍ଲେଖ ରହିଛି। ସେଦିନର ଜିଲ୍ଲାପାଳଙ୍କ ଅଭିଯୋଗ ଯାଇ ପୁଣି କେତେକ ଶିବିର ଆୟୋଜିତ ହୋଇଛି। ସେଦିନର ଅଭିଯୋଗରେ ସାମାନ୍ୟତମ ପଦକ୍ଷେପ ନିଆ ନ ଯିବାରୁ ଏହି ଗାଁର ଜଗନ୍ନାଥ ଶର୍ମା, ସୁଭଦ୍ରା ନାଥ, ପ୍ରଶାନ୍ତ ନାଥ, ମାନସୀ ନାଥ, କନକଲତା ନାଥ, ଫକିର ଶର୍ମା ପ୍ରମୁଖ କ'ଣ ପାଇଁ ଏମିତି ଶୁଣାଣି ହେଉଛି ବୋଲି ପ୍ରଶ୍ନ କରିଛନ୍ତି। ଗତ ଜନଶୁଣାଣିରେ ଯେଉଁ ଅଭିଯୋଗ ଆସିଥିଲା, ସେଥିରୁ କେତେ ସମସ୍ୟାର କେଉଁ ପ୍ରକାର ସମାଧାନ ହୋଇଛି, ତାହା ପରଖିବାକୁ ଜିଲ୍ଲାପାଳ ଉଦ୍ୟମ କଲେ ସୁଫଳ ମିଳିବ ବୋଲି କୁହାଯାଉଛି।

## ବାଲି ବୋଝେଇ ହାଇୱା ପାଇଁ ଭାଙ୍ଗିଲା ନରସିଂହପୁର ଗ୍ରାମ ପୋଲ

ଡେରାବିଶ,୧୯।୪(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁରଠାରେ ୧୩ନଂ କେନାଲ୍ ଉପରେ ଥିବା ଏକ ପକ୍କା ପୋଲ ଦେଇ ଗତକାଲି ରାତିରେ ଏକ ବାଲି ବୋଝେଇ ହାଇୱା ଅତିକ୍ରମ କରୁଥିବାବେଳେ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପୋଲ ଭାଙ୍ଗିଯିବା ଫଳରେ ଏବେ ନରସିଂହପୁର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଏହି ପୋଲ ଉପର ଦେଇ ଚଳାଚଳ କରୁଥିବା ଦାନପୁର ପଞ୍ଚାୟତ ସମେତ ପଡ଼ୋଶୀ ୨/୩ଟି ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖିନ ହେବେ। ଗହଗା ଘାଟଠାରୁ କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରିବା ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ୧୩ନଂ ଶାଖା ନାଳ ଉପରେ ଦୀର୍ଘ ବର୍ଷ ହେଲା ଜଳସେଚନ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ ହୋଇଥିଲା। ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ଅଧିବାସୀ ମୁଖ୍ୟତଃ ଏହି ବାଟ ଦେଇ ଚାନ୍ଦୋଳ ହାଟକୁ ସେମାନଙ୍କ ଉତ୍ପାଦିତ ପନିପରିବା ଆଣିଥା'ନ୍ତି। ଏହାଛଡ଼ା ଅଞ୍ଚଳର ଛାତ୍ରଛାତ୍ରୀ ଏହି ବାଟ ଦେଇ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାତାୟାତ କରିଥା'ନ୍ତି। ଏହି ପୋଲ ଭୁଶୁଡ଼ିବା ପରେ ବିକଳ୍ପ ଭାବେ ଜନସାଧାରଣ ଅଯଥା ୩ କିଲୋମିଟର ବାଟ ବୁଲିକରି ଯିବାକୁ ହୋଇଥାଏ। ଏହି ପୋଲ ଦେଇ ଗ୍ରାମର ଚାଷଜମିକୁ ଟ୍ରାକ୍ଟର ଓ ଜମିରୁ ଉତ୍ପାଦିତ ଫସଲ ଘରକୁ ଆଣିବାରେ ଚାଷୀ ସମସ୍ୟାର ସମ୍ମୁଖୀନ ହେବେ। ଏହି ସ୍ଥାନରେ ତୁରନ୍ତ ଏକ ପ୍ରଶସ୍ତ ଓ ଭାରୀଯାନ ଚଳପ୍ରଚଳ କରିବା ଭଳି ସୁଦୃଢ଼ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମାରୁତି ଯୁଥ ସେବା ଟ୍ରଷ୍ଟ ପକ୍ଷରୁ ଚିକିତ୍ସା ଶିବିର

ମହାକାଳପଡ଼ା,୧୯।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାରୁତି ଯୁଥ ସେବା ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ବଡ଼କୂଳ ବଜ୍ରମହାକାଳୀ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଆଶ୍ରମ ମଠ ମହନ୍ତ ଲକ୍ଷ୍ମୀଧର ବାବା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶୀର୍ବାଦ ପ୍ରଦାନ ପୂର୍ବକ ଫିତାକାଟି ଶିବିରକୁ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ବିଭାଗ ବିଶେଷଜ୍ଞ ଡା. ଦେବୀ ପ୍ରସାଦ ସାହୁ ଓ ଅର୍ଥୋପେଡିକ ବିଭାଗ ବିଶେଷଜ୍ଞ ଡା ସତ୍ୟପ୍ରକାଶ ମହାପାତ୍ର ଯୋଗଦେଇ ୧୬୦ରୁ ଉଦ୍ଧ୍ୱ/ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ମାରୁତି ଯୁଥ ସେବା ଟ୍ରଷ୍ଟ ସଭାପତି ଗୋପବନ୍ଧୁ ରାଉତ, ସମ୍ପାଦକ ସୁଧୀର ସ୍ୱାଇଁ ଓ ସମାଜସେବୀ ଆଲୋକ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟସେବା ଶିବିର ପରିଚାଳନାରେ ଟ୍ରଷ୍ଟର ସଭ୍ୟ ସଂଗ୍ରାମ ଲେଙ୍କା, ବାବାଜୀ ସାହୁ, ହରିହର ରାଉତ, ଅରକ୍ଷିତ ରାଉତ, ଅଶୋକ ରାଉତ, ଅକ୍ଷୟ ବେହେରା ପ୍ରମୁଖ ସହାୟତା କରିଥିଲେ। ଟ୍ରଷ୍ଟର ଏପରି ଜନହିତକର ପଦକ୍ଷେପକୁ ଗ୍ରାମର ବୁଦ୍ଧିଜୀବୀ ଅନାଦୀ ପ୍ରସାଦ ରାଉତ, ରମେଶ ରାଉତ, ବିପିନ ବିହାରୀ ସ୍ୱାଇଁ, ଚିତ୍ତରଞ୍ଜନ ସାମନ୍ତରାୟ ପ୍ରମୁଖ ପ୍ରଶଂସା କରିବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଜିଲ୍ଲା ବ୍ରାହ୍ମଣ ସଭାର କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା,୧୯।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବ୍ରାହ୍ମଣସଭାର ଏକ ସାଧାରଣ ପରିଷଦ ବୈଠକ ଗରାପୁରସ୍ଥ ଗୋପାଳଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ସଭାରେ ସଭାପତି ଭାବେ ପଣ୍ଡିତ ହୃଷିକେଶ ରଥ, ଉପସଭାପତି ଭାବେ ରବୀନ୍ଦ୍ର ନାଥ ରଥ ଓ କିଶୋର ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଭାବେ ହରେକୃଷ୍ଣ ପତି, ଯୁଗ୍ମସମ୍ପାଦକ ଭାବେ ରବିନାରାୟଣ ମହାପାତ୍ର ଓ ଲକ୍ଷ୍ମୀକାନ୍ତ ଦାଶ, ସଂଗଠନ ସମ୍ପାଦକ ଭାବେ ତପନ କୁମାର ଦାଶ,



କୋଷାଧ୍ୟକ୍ଷ ଭାବେ କ୍ଷୀରୋଦ କୁମାର ପଣ୍ଡା, ଯୁବବାହିନୀ ସଭାପତି ଭାବେ ପ୍ରତାପ ଚନ୍ଦ୍ର ପାଢ଼ୀ ଓ ଯୁବ ବାହିନୀ ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ଦାଶ, ବାର୍ତ୍ତା ସମ୍ପାଦକ ଭାବେ ନୃସିଂହ ଚରଣ ତ୍ରିପାଠୀ ଓ ଚିତ୍ତରଞ୍ଜନ ଦାସ, ଉପଦେଷ୍ଟା ଭାବେ ନିତ୍ୟାନନ୍ଦ ମିଶ୍ର, ଭକ୍ତବନ୍ଧୁ ମିଶ୍ର ଓ ଲକ୍ଷ୍ମୀଧର ଦୀକ୍ଷିତଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏ ଅବସରରେ ଜିଲ୍ଲା ବ୍ରାହ୍ମଣସଭା ପକ୍ଷରୁ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯାଇଥିଲା।

● ୧୫ନଂ(କ) କେନାଲ ଉପରେ ୩୦ ଫୁଟର ସ୍ଲାପ୍

## କେନାଲ କାମରେ ବାଧା; ଜଳସମ୍ପଦ ବିଭାଗ ନିରବ

ପଟ୍ଟାମୁଣ୍ଡାଇ,୧୯।୪(ସମିସ): ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ଉପରେ ଗୁରୁତ୍ୱ ଦେଉଥିବାବେଳେ ୧୫ନଂ(କ) କେନାଲ ଉପରେ ନିର୍ଭର କରୁଥିବା ଶହ ଶହ ଚାଷୀଙ୍କ କ୍ଷେତ୍ରରେ ବାଧକ ହୋଇଛି ସ୍ଲାପ୍। ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ୧୫ନଂ(କ) କେନାଲ ନିର୍ମାଣ କାମ ଚାଲୁଛି। ବିଡ଼ମ୍ବନାର ବିଷୟ ଜଳସମ୍ପଦ ବିଭାଗ ଅଧୀନସ୍ଥ କେନାଲକୁ କେତକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ନିଜ ନିଜର ବାସଗୃହ ପାଚେରି ଉଠାଇବା ସହିତ ଲମ୍ବା ଲମ୍ବା ପୋଲ ନିର୍ମାଣ କରି ନିଜ ୪ଚକିଆ ଗାଡ଼ିର ପାର୍କିଂ ସ୍ଥାନ କରିଛନ୍ତି। ଫଳରେ ପୋଲ ଭିତରେ ପଶି ନିର୍ମାଣ କାମ କରିବାରେ ବାଧା ସୃଷ୍ଟି ହେଉଛି। ଏ ସମସ୍ତ ବିଷୟରେ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ପୂର୍ବରୁ ଅବଗତ ଥିଲେ ମଧ ନିରବଦ୍ରଷ୍ଟା ସାଜିଥିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ବ୍ୟକ୍ତି ପୋଲ ତଳେ ନିଜର ଲାଟିନ ପାଇପ୍ କେନାଲ ଭିତରକୁ ପକାଇ ଅପରିଷ୍କାର ପାଣି ଛାଡୁଛନ୍ତି। ଏ ସଂକ୍ରାନ୍ତରେ ୫ଟି ଗ୍ରାମର ଶତାଧିକ ଚାଷୀ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ବିଭାଗ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇନାହାଁନ୍ତି। ଏସବୁ କାରଣରୁ ଚାଷୀ ଖରିଫ ଚାଷ ସମୟରେ ଅପରିଷ୍କାର ପାଣି ବିଲରେ ମଡ଼ାଇବାକୁ



ଭୟ କରୁଛନ୍ତି। ବହୁ ଚାଷୀ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଫଳରେ ବହୁ ଜମି ପଡ଼ିଆ ରହୁଛି। ତେଣୁ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ଜବରଦଖଲକାରୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନେ ନିର୍ମାଣ କରିଥିବା ଅଟ୍ଟାଳିକା ସୁଦୃଶ୍ୟ ପୋଲକୁ ଭାଙ୍ଗି ଠିକାଦାରଙ୍କ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବାକୁ ସମସ୍ତ ଚାଷୀ ଦୃଢ଼ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜଳସମ୍ପଦ ବିଭାଗ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମସ୍ତ ଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଏକ ପ୍ରତନିଧି ମଣ୍ଡଳୀ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରାଇବେ ବୋଲି ଜଣାପଡ଼ିଛି।

## ରାଧାରମଣ ଦେବଙ୍କ ଆବିର୍ଭାବ ମହୋତ୍ସବ ଉଦ୍ଯାପିତ

ପଟ୍ଟାମୁଣ୍ଡାଇ,୧୯।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ପ୍ରଭୁ ଶ୍ରୀଶ୍ରୀ ରାଧାରମଣ ଦେବଙ୍କ ଶୁଭ ଆବିର୍ଭାବ ମହୋତ୍ସବ ଉଦଯାପିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠର ସନ୍ଥ ସଂରକ୍ଷକ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାରୀତି ପୂଜାର୍ଚ୍ଚନା ସହ ବିଶାଳ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟ ଓ ସାଧନାର ସ୍ୱରୂପ ସମ୍ପାଦକ ପଣ୍ଡିତ ଦେବବ୍ରତ ଦେବତାଙ୍କ ସଂଯୋଜନାରେ ଆୟୋଜିତ ସତସଙ୍ଗ



ନାମଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଡ. ଅଲେଖ ଜେନା, ରାଜ୍ୟ ବିଜେପି ମୁଖପାତ୍ର ଜ୍ଞାନଦେବ ବେହୁରା, ପଟ୍ଟାମୁଣ୍ଡାଇର ପୂର୍ବତନ ପୌର ଅଧକ୍ଷ ରବୀନ୍ଦ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଳ ଅଗ୍ରୱାଲ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ସ୍ନେହାଂଶୁ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ସଚିତ ମହାନ୍ତି, ଭୁଦେବ ପଡିଆରୀ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ବିଜେପି ଯୁବ ନେତା ମିଟୁ ମନୋଜ ନାୟକ, ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ୧୪ ତାରିଖରେ ନଗର କୀର୍ତ୍ତନ, ରାଧାରମଣ ଦେବଙ୍କ ଅଭିଷେକ, ଗୁଣାନୁକୀର୍ତ୍ତନ ଓ ଭୋଗାରାଧନା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ପରେ ମହୋତ୍ସବ ଉଦଯାପିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜ ନାୟକ, ପ୍ରସନ୍ନ ତ୍ରିପାଠୀ, ମୃତ୍ୟୁଞ୍ଜୟ ସୂତାର, ଭୋଳାନାଥ ପାଣ୍ଡେ, ରତ୍ନେଶ ସାହୁ, ରାଧାରମଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର ଆହତ

ଆଳି,୧୯।୪(ସମିସ): ଆଜି ଆଳି ଅଞ୍ଚଳରେ ଏକ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଜଣେ ଯୁବକ। ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଗଡ଼ଗଡି ସେତୁ ନିକଟରେ ରାଜକନିକା ଥାନା ବରୁଣାଡିହା ଗ୍ରାମର ସୁଜିତ ସାହୁ ବାଇକ୍ ଯୋଗେ ଏକ ଜରୁରୀ କାର୍ଯ୍ୟ ନିମନ୍ତେ ଆଳି ଯାଇଥିଲେ। ଆଳିରୁ ଫେରୁଥିବା ସମୟରେ ଆଳି-ବାଳକାଟୀର ଗଡ଼ଗଡି ସେତୁ ନିକଟରେ ହଠାତ ତାଙ୍କ ଗାଡି ଆଗକୁ ଏକ କାର ଆସିଯିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ସେ ଭାରସାମ୍ୟ ହରାଇ ବାଇକ୍‌ରୁ ବାହାରି କାର୍ ଆଗ କାଚରେ ପିଟି ହୋଇଥିଲେ। କାଚରେ ପିଟି ହୋଇ ବାଇକ ଚାଳକଙ୍କ ଅଣ୍ଟା, ମୁହଁ ଓ ମୁଣ୍ଡରେ ଆଘାତ ଲାଗିବା ସହ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ



ରାଜକନିକା,୧୯।୪(ସମିସ): ଓଡିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସାରା ରାଜ୍ୟରେ ନିଶାମୁକ୍ତି ଜନ ଜାଗରଣ ଅଭିଯାନ ପରିକ୍ରମା କରୁଛି। ଆଜି ଅପରାହ୍ନରେ ଏହି ଅଭିଯାନର ଅଭିଯାତ୍ରୀ ରାଜକନିକା ଚନ୍ଦନପୋଖରୀ ଛକ ନିକଟରେ ପହଞ୍ଚିବା ପରେ ତାକୁ ଦଳୀୟ କର୍ମୀ ଓ ନିଶାମୁକ୍ତି ଅଭିଯାନ ସଦସ୍ୟ ସ୍ୱାଗତ କରିଥିଲେ। ଏଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଓଡ଼ିଶାର ବିଜେପି ସରକାର ନିର୍ବାଚନ ଇସ୍ତାହାରର ପ୍ରତିଶ୍ରୁତିକୁ ବଦଳାଇ ଟେଟ୍ରା ପ୍ୟାକରେ ମଦ ପୁଡିଆ ବିକିବା, ସମୁଦ୍ର କୂଳ, ବେଳାଭୂମି, ପର୍ଯ୍ୟଟନ ସ୍ଥଳ, ହ୍ରଦରେ ସହଜରେ ମଦ ପହଞ୍ଚାଇବା ନିଷ୍ପତ୍ତି ବିରୋଧରେ ଜନଜାଗରଣ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇ ସଚେତନ କରାଇଥିଲେ। ପିସିସି ଅନୁସୂଚିତ ଜାତି ବିଭାଗ ସଭାପତି ମାନସ ମଲ୍ଲିକଙ୍କ ନେତୃତ୍ୱରେ ପରିକ୍ରମା କରୁଥିବା ଏହି ସଚେତନତା ଅଭିଯାନରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ପଣ୍ଡା, ରାଜ୍ୟ ଅନୁସୂଚିତ ଜାତି ସମ୍ପାଦକ ବିକାଶ ଦାସ, ବାଲେଶ୍ୱର ଅନୁସୂଚିତ ଜାତି ବିଭାଗର ବିଧାନ ଜେନା, ଅନୁଗୋଳ ଜିଲ୍ଲା ଅନୁସୂଚିତ ଜାତି ବିଭାଗ ସଭାପତି ରାଜକିଶୋର ନାୟକ, ରାଜ୍ୟ ସୋସିଆଲ ମିଡ଼ିଆ ସମ୍ପାଦକ ଇମ୍ରାନ ଅଲ୍ଲୀ ଖାଁ ପ୍ରମୁଖ ସାମିଲ ଥିଲେ। ଏହି ସଚେତନତା ଶୋଭାଯାତ୍ରା ରାଜକନିକା, ଚାନ୍ଦବାଲି ପରିକ୍ରମା କରି କଣ୍ଡିଆ ଦେଇ ଯାଜପୁର ପରିକ୍ରମା କରିଛି।

## ଶିଳିପୁରରେ ଦଶମହାବିଦ୍ୟା ବିଶ୍ୱଶାନ୍ତି ମହାଯଜ୍ଞ



ମାର୍ଶାଘାଇ, ୧୯।୪(ସମିସ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶିଳିପୁର ଶ୍ରୀଶ୍ରୀ ଦଶମହାବିଦ୍ୟା ବିଶ୍ୱଶାନ୍ତି ଯଜ୍ଞ ପରିଚାଳନା କମିଟି ଆନୁକୂଲ୍ୟରେ ଏକାଦଶ ଦିନାତ୍ମକ ବିଶ୍ୱଶାନ୍ତି ଶକ୍ତି ମହାଯଜ୍ଞ କାଳୀ ପଡ଼ିଆରେ ଅନୁଷ୍ଠିତ ହେଉଛି। ଏହା ଆସନ୍ତା ୨୪ ତାରିଖରେ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି। ମହାଶକ୍ତି ଦୁର୍ଗାଙ୍କ ଦଶବିଧ ମୂର୍ତ୍ତି କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାଙ୍କ ଆବାହନ ଷୋଡ଼ଶ ଉପଚାର ପୂଜା, ଅଗ୍ନିସ୍ଥାପନ, ସହସ୍ର ହୋମାହୁତି, ଆଳତି ଓ ପୁଷ୍ପାଞ୍ଜଳି ସହ ପ୍ରତ୍ୟହ ପ୍ରାତଃ ସମୟରେ ଗୁରୁଗୋବିନ୍ଦ, ସୂର୍ଯ୍ୟପୂଜା ଦିବ୍ୟ ପରିବେଶରେ ପଣ୍ଡିତ ଜ୍ଞାନରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ଯଜ୍ଞ ପରିଚାଳନା କମିଟି ସଭାପତି ହୀରକ ପରିଡ଼ା, ସମ୍ପାଦକ ଭିକାରୀ ଚରଣ ବେଉରା, ଉପସଭାପତି ପ୍ରତାପ ଦାସ, ସହସମ୍ପାଦକ ପ୍ରଦୀପ ସାହୁ, କୋଷାଧକ୍ଷ ଗଙ୍ଗାଧର ଦାସ, ସମିତି ସଭ୍ୟା ଭାରତୀ କାନୁନଗୋ, ସରପଞ୍ଚ ମଧୁସ୍ମିତା ପରିଡ଼ା, ଅଧ୍ୟାପକ ସୁକାନ୍ତ ପ୍ରଧାନ, ନିତ୍ୟାନନ୍ଦ ପରିଡ଼ା, ଯୁଗଳ ଦାସ, ଲଲାଟେନ୍ଦୁ ସାହୁ, କାର୍ତ୍ତିକ ପରିଡ଼ା, ହାଡ଼ିବନ୍ଧୁ ବେହେରା, ଦଣ୍ଡଧର ଜେଠୀ, ସୁମନ୍ତ ବେଉରା ଓ ଭାଗବତ ସେଠୀ, ଶିଳିପୁର ପଞ୍ଚାୟତବାସୀ, ସ୍ଥାନୀୟ ଥାନାଧିକାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ବରିଷ୍ଠ ନାଗରିକ ମଞ୍ଚର ନବମ ବାର୍ଷିକ ଉତ୍ସବ



ରାଜକନିକା,୧୯।୪(ସମିସ): ସମାଜର ବରିଷ୍ଠ ନାଗରିକଙ୍କୁ ଯଥା ସମ୍ମାନ ପ୍ରଦାନ ସହ ସରକାରୀ ଭାବେ ବୟସ୍କଙ୍କୁ ସମ୍ମାନ ଓ ସେବା ପ୍ରଦାନ କରିବାକୁ ରାଜକନିକା ଆଥଲେଟିକ ଆସୋସିଏନଠାରେ ରାଜକନିକା ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ନବମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ କୈଳାସ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ମଞ୍ଚର ସଭାପତି ବିଶ୍ୱନାଥ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସାଧାରଣ ସମ୍ପାଦକ ଗୁଣନିଧି ବଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରି ବୟସ୍କ ନାଗରିକଙ୍କ ପାଇଁ ଏକ ସରକାରୀ ଜାଗା ପ୍ରଦାନ କରିବାକୁ ଦାବି କରିଥିଲେ। ବରିଷ୍ଠ ସଦସ୍ୟ ଜଗନ୍ନାଥ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଦସ୍ୟ କାଳୀପ୍ରସାଦ ନାୟକ, ରମାକାନ୍ତ ସାହୁ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ମତ ଦେଇଥିଲେ। ଆଜିର ଉତ୍ସବରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ଦାମୋଦର ଧଳ, ଗୌରହରି ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ବେଣୁଧର ପରିଡା, କୋଷାଧକ୍ଷ ଅଜୟ ରାଉତ, ପୂର୍ବ କନିକା ଜୋନ ସମ୍ପାଦକ ବିଜୟ ବେହୁରାଙ୍କ ସହ ତିନି ଜୋନର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ସୁକାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।

## ଆଳି-କନିକା ଉନ୍ନୟନ ପରିଷଦ ପକ୍ଷରୁ ଜଳଛତ୍ର



ରାଜକନିକା,୧୯।୪(ସମିସ): କଟକ ଓ ଭୁବନେଶ୍ୱରରେ ରହୁଥିବା ଆଳି ଓ ରାଜକନିକା ବ୍ଲକର ପ୍ରବାସୀଙ୍କ ଦ୍ୱାରା ଗଢ଼ି ଉଠିଥିବା କଟକର ଅଗ୍ରଣୀ ସାମାଜିକ ସଂଗଠନ ଆଳି କନିକା ଉନ୍ନୟନ ପରିଷଦ ପକ୍ଷରୁ ଆଜ ସକାଳ ୯ଟାରୁ ଦ୍ୱିପ୍ରହର ୧.୩୦ ପର୍ଯ୍ୟନ୍ତ ତୁଳସୀପୁର ବିଜୁ ପଟ୍ଟନାୟକ ଛକରେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧା ଓ ସମ୍ମାନର ସହ ଗ୍ରୀଷ୍ମ ପ୍ରବାହ ସମୟରେ ଏକ ହଜାରରୁ ଊର୍ଦ୍ଧ୍ୱ ତୃଷାର୍ତ୍ତ ପଥଚାରୀଙ୍କ ପାଇଁ ପରିଷଦର ସଭାପତି ନିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ପରିଷଦ ପକ୍ଷରୁ ଉପସଭାପତି ଜୟରାମ ସେଠୀ, ସାଧାରଣ ସମ୍ପାଦକ ଭାବଗ୍ରାହୀ ନାୟକ, ଚକ୍ରଧର ବେହେରା, ପ୍ରଦୀପ ରାଉତ, ଡଃ ଅଜୟ ମହାପାତ୍ର, ନିରଞ୍ଜନ ବେହେରା, ଗଜେନ୍ଦ୍ର ସ୍ୱାଇଁ, ରଞ୍ଜନ ବେହେରା, ରମାକାନ୍ତ ବେହେରା, ପ୍ରବଳ କୁମାର ବେହେରା, ପ୍ରତାପ ମହାନ୍ତି, ବିଦ୍ୟାଧର ନାୟକ, ମହେନ୍ଦ୍ର ମହାପାତ୍ର, ସନ୍ଥ ଚରଣ ପ୍ରଧାନ ଓ ଅନ୍ୟ ସକ୍ରିୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୬ ମାସ ହେଲା ନିର୍ମାଣ ସରିଲାଣି, ହସ୍ତାନ୍ତର ହେଉନି

# ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଦାବିପତ୍ର

ରାଜନଗର,୧୯।୪(ସମିସ)



ରାଜନଗର ଉଚ୍ଚବିଦ୍ୟାଳୟ ପରିସରରେ ଆଦର୍ଶ ବିଦ୍ୟାଳୟ ୫ ବର୍ଷ ହେଲା ଅସ୍ଥାୟୀ ଭାବେ ଚାଲିଛି। ଗୋଟିଏ ଶ୍ରେଣୀ କକ୍ଷରେ ୮୪ ଜଣ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେମାନେ ଏଭଳି ଭାବେ ଜାକିଜୁକି ହୋଇ ବସୁଛନ୍ତି, ବେଙ୍କ ବୁଲାଇବାକୁ ଜାଗା ରହୁନି। ଖେଳିବାକୁ ପଡ଼ିଆ ନାହିଁ। ବାରଣ୍ଡାରେ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି। ବିଜ୍ଞାନାଗାର, ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ ନାହିଁ। ନାହିଁ ନାହିଁରେ ଆଦର୍ଶ ବିଦ୍ୟାଳୟରେ ୪ ବର୍ଷ ହେଲା ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଚଳିତ ବର୍ଷ ରାଜନଗର ଆଦର୍ଶ ବିଦ୍ୟାଳୟକୁ ୫ ବର୍ଷ ଚାଲିବ। ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରୀ ବସି ପାଠ ପଢିବାକୁ ରାଜନଗର ଉଚ୍ଚବିଦ୍ୟାଳୟରେ ଆଉ ଶ୍ରେଣୀ କକ୍ଷ ନାହିଁ। ଏପରି ସ୍ଥିତିରେ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟର ନୂତନ ବିଲଡିଂକୁ ବିଦ୍ୟାଳୟ ସ୍ଥାନାନ୍ତର ନ ହେଲେ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀ ପଢି ପାରିବେନାହିଁ। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ୬ ମାସ ହେଲା ଆଦର୍ଶ ବିଦ୍ୟାଳୟ ବିଲଡିଂ ନିର୍ମାଣ ସରିଥିଲେ ହେଁ ହସ୍ତାନ୍ତର ହେଉନି। ଫଳରେ ଅଭିଭାବକ ନୂତନ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତର କରାଯିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତବର୍ଷ ଜୁଲାଇ ମାସରେ ରାଜନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପହଞ୍ଚି ଅଭିନବ ପ୍ରତିବାଦ କରିଥିଲେ। ଏକମାସ ମଧ୍ୟରେ ନୂତନ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତର ହେବ ବୋଲି ଜିଲ୍ଲାପାଳ ପତିଶ୍ରୁତି ଦେଇଥିଲେ। ମାତ୍ର ୯ ମାସ ବିତିଯାଇଥିଲେ ବି ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନି। ଏହାକୁ ନେଇ ଅଭିବାବକ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ରାଜନଗର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ରାଜନଗର ବ୍ଲକରେ ଆଦର୍ଶ ବିଦ୍ୟାଳୟ ୨୦୨୨ରୁ ଅସ୍ଥାୟୀ ଭାବେ ରାଜନଗର ହାଇସ୍କୁଲ ପରିସରରେ ଚାଲିଛି। ରାଜନଗର ବ୍ଲକର ବାଘତୈଳୋଠାରେ ୨୦୨୧ ମସିହାରୁ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ବାରମ୍ବାର ରିଭାଇଜ ଏଷ୍ଟିମେଣ୍ଟ କରି ସରକାରୀ ଅର୍ଥ ଲୁଟିବା ପାଇଁ ନିମ୍ନମାନର କାମ ମନ୍ଥର ଗତିରେ ହେବା ପରେ ୬ ମାସ ତଳୁ ଆଦର୍ଶ ବିଦ୍ୟାଳୟ କାମ ସରିଛି। ଆଜିକାଲି କହି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦର୍ଶ ବିଦ୍ୟାଳୟ ବିଲଡିଂ ହସ୍ତାନ୍ତର କରୁନାହିଁ। ଫଳରେ ୪୨୦ ଜଣ ଛାତ୍ରଛାତ୍ରୀ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବସିବାକୁ ନାହିଁ ଘର**

## ୨୧ରୁ ପାରାଦୀପରେ ଜାତୀୟ ନାଟ୍ୟ ଉତ୍ସବ

ପାରାଦୀପ,୧୯।୪(ସମିସ): କ୍ୟାନମାସ୍ ପକ୍ଷରୁ 'କ୍ୟାନଫେଷ୍ଟ-୨୦୨୬', ୨୩ତମ ଜାତୀୟ ନାଟ୍ୟ ଉତ୍ସବ ଆସନ୍ତା ୨୧ ଏପ୍ରିଲ୍‌ରୁ ୨୮ ଏପ୍ରିଲ୍ ପର୍ଯ୍ୟନ୍ତ ପାରାଦୀପ ବନ୍ଦର ନଗରୀର ବାଣୀପୀଠ ଜୟଦେବ ସଦନରେ ଆୟୋଜିତ ହେବ। କ୍ୟାନମାସର ରଜତ ଜୟନ୍ତୀ ଅବସରରେ ଆୟୋଜିତ ଏହି ସପ୍ତାହବ୍ୟାପୀ ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରସିଦ୍ଧ ନାଟ୍ୟ ଦଳ, ନିର୍ଦ୍ଦେଶକ ଓ ଶିଳ୍ପୀମାନେ ଯୋଗଦେଇ ସାହିତ୍ୟିକ ଓ ସାଂସ୍କୃତିକ ଆଦାନ-ପ୍ରଦାନକୁ ସୁଦୃଢ଼ କରିବେ। ଏହି ଉତ୍ସବରେ ହିନ୍ଦୀ, ଓଡିଆ ଓ ବଙ୍ଗଳା ଭାଷାର ବିଭିନ୍ନ ନାଟକ ଅଭିନୟ ହେବ। ଏଥିରେ ଭୋପାଳର ଶାଡୋ ଥିଏଟର ଦଳ 'ପ୍ରକାଶ ହାଜିର ହୋ', ରାଉରକେଲାର ନ୍ୟୁ କ୍ରେଷ୍ଟ ରିପର୍ଟୋରୀ ଦଳ 'କାରାଗାରର କାହାଣୀ', ଭୁବନେଶ୍ୱରର ହୃଦୟ ନାଟ୍ୟ ଦଳ 'ସେକ୍ସପିଅର', ଦିଲ୍ଲୀର ଥିଏଟର ଓଆଲା ଦଳ 'କୋଇ ବାତ୍ ଚଲେ', ଭୁବନେଶ୍ୱରର ମୁକ୍ତି ନାଟ୍ୟ ଦଳ 'ପୁର୍ଣ୍ଣ ପୁରୁଷ', ମୁମ୍ବାଇର ପୋଟ୍ଲି ଥିଏଟର ଦଳ 'ଗୋଲ୍ଡେନ୍ ବଜାର', ଶାନ୍ତିନିକେତନ (ପଶ୍ଚିମବଙ୍ଗ)ର 'ନୀଳ ପିରିତର ଫୁଲ୍', ଆମ୍ରା ନାଟ୍ୟ ଦଳ ଦ୍ୱାରା 'ଖାମୋଶ! ଆଦାଲତ ଜାରି ହୈ!', ଦିଲ୍ଲୀର ଶ୍ରୀରାମ ସେଣ୍ଟର ଫର ପର୍ଫର୍ମିଂ ଆର୍ଟସ୍ ଦଳ ପ୍ରମୁଖ ନାଟ୍ୟ ପରିବେଷଣ କରିବେ। ମୁଖ୍ୟ ଉତ୍ସବ ସହି, ୨୫ ଓ ୨୬ ଏପ୍ରିଲ୍‌ରେ ପାରାଦୀପ ରିଫାଇନାରୀ ଟାଉନସିପରେ ଅବସ୍ଥିତ ଉତ୍ସବ ଅଡିଟୋରିୟମରେ ସମାନାନ୍ତର ଉତ୍ସବ ଆୟୋଜିତ ହେବ। ଏହି ଉତ୍ସବକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ପାରାଦୀପ ପୋର୍ଟ ଅଥରିଟି, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ଓ ଇଫ୍‌କୋଙ୍କ ସହଯୋଗରେ ଆୟୋଜନ କରାଯାଉଛି।

## ବେଗୁନିଆରେ କାଠିଲଉଡ଼ି ନୃତ୍ୟ ମହୋତ୍ସବ

ଜଗତସିଂହପୁର/ବାଲିକୁଦା,୧୯।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ତିତିରା ପଞ୍ଚାୟତର ବେଗୁନିଆସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବାନାମ୍ବରଗାଦୀଙ୍କ ପୀଠରେ ଶ୍ରୀଶ୍ରୀ ସିଦ୍ଧ ବାନାମ୍ବର ଯାଦବ ସମିତିର ବାର୍ଷିକ ଗୋପାଳ ଓଗାଳ ଓ କାଠି-ଲଉଡ଼ି ନୃତ୍ୟ ମହୋତ୍ସବ ଲଉଡ଼ି ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ବିଜୁ ଜନତା ଦଳର ଅପ୍ରବାସୀ ସାମ୍ପଖ୍ୟର ରାଜ୍ୟ ସଭାପତି ନନ୍ଦଲାଲ ସିଂ, ଉତ୍କଳ ଯାଦବ ମହାସଭାର ରାଜ୍ୟ ସମ୍ପଦକ ସୁବୋଧ କୁମାର ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ଉତ୍କଳ ଯାଦବ ମହାସଭାର ପ୍ରଭାକର ବେହେରା, ପିତବସ ବେହେରା, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ତଥା ସମାଜସେବୀ ଗଙ୍ଗାଧର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ଆଇନଜୀବୀ ଡ. ବୀରନାରାୟଣ ପାତ୍ର, ଶିକ୍ଷାବିତ ଭଗବାନ ରାଉତ, ତିତିରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ କୁମାର ନାୟକ, ବାଲିକୁଦା ବ୍ଲକ ଯାଦବ ମହାସଭାର ସଭାପତି ଧର୍ମାନନ୍ଦ ଦାସ, ଅଧ୍ୟାପକ ଡ. ଅକ୍ଷୟ କୁମାର ଜେନା, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଦାସ, ଉପସଭାପତି ନରେଶ ଚନ୍ଦ୍ର ଦାସ, ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ବୀରବର ଦାସ, ନିରଞ୍ଜନ ଦାସ, ଶଙ୍କର ବହିରା, ରବୀନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪ଟି ଲଉଡ଼ିଦଳ ଇଚ୍ଛାପୁର, ଅଞ୍ଜିରା, ଖମ୍ବାକୂଳ, ପରାହାଟ ଭାଗ ନେଇ ଖେଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀଶ୍ରୀ ସିଦ୍ଧ ବାନାମ୍ବର ଯାଦବ ସମିତିର ବିରବର ଦାସ, ଚରଣୀ ଦାସ, ସଞ୍ଜୟ କୁମାର ଦାସ, ରାଜେନ୍ଦ୍ର ଦାସ, ମଧୁସୂଦନ ଦାସ, ନିରଞ୍ଜନ ଦାସ, ସୁଯ୍ୟକାନ୍ତ ଦାସ, ବଳରାମ ଦାସ, ଆଲୋକ ରଞ୍ଜନ କଂସ ପ୍ରମୁଖ ଓ ଆଞ୍ଚଳିକ ଯଜ୍ଞ କମିଟିର ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ନିଖୋଜ ନାବାଳିକା ଉଦ୍ଧାର; ଜଣେ ଗିରଫ



ନାଉଗାଁ,୧୯।୪(ସମିସ): ନାଉଗାଁ ଥାନା ଅଞ୍ଚଳରୁ ଗତ ୩ ତାରିଖରୁ ଜଣେ ନାବାଳିକା ନିଖୋଜ ଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ନାଉଗାଁ ଥାନାରେ ଅଭିଯୋଗ ହୋଇଥିବା ବେଳେ ନାଉଗାଁ ପୁଲିସ ସମ୍ପୃକ୍ତ ନାବାଳିକାଙ୍କୁ ପାରାଦୀପ ଅଞ୍ଚଳରୁ ଉଦ୍ଧାର କରିଛି। ସୂଚନା ଅନୁସାରେ ନାଉଗାଁ ଥାନା ଅଞ୍ଚଳରୁ ଗତ ମାସ ୩ ତାରିଖରେ ଜଣେ ୧୭ ବର୍ଷୀୟା ନାବାଳିକା ଘରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ ନାବାଳିକାଙ୍କ ବାପା ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏମିତିକି ସେ ତାଙ୍କ ଅଭିଯୋଗରେ ବାଲିକୁଦା ଥାନା ଅନ୍ତର୍ଗତ ହାଡ଼ିଆପଦା ଗ୍ରାମର ରବୀନ୍ଦ୍ର ଓଝାଙ୍କ ପୁଅ ଗୋରେଖନାଥ ଓଝା ତାଙ୍କ ଝିଅକୁ ଅପହରଣ କରିଥିବା ସେ ସନ୍ଦେହ କରୁଥିବା ଦର୍ଶାଇଥିଲେ। ତେବେ ତାଙ୍କ ଅଭିଯୋଗକୁ ଭିତ୍ତିକରି ନାଉଗାଁ ପୁଲିସ ତଦନ୍ତ ଆରମ୍ଭ କରୁଥିବା ବେଳେ ପାରାଦୀପ ଅଞ୍ଚଳରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଗୋରେଖନାଥ ଓଝାଙ୍କୁ ମଧ୍ୟ ଗିରଫ କରିଛି। ଏବଂ ଗୋରେଖନାଥଙ୍କ ନାମରେ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ତାଙ୍କୁ ଅଦାଲତ ଚାଲାଣ କରାଯାଇଥିବା ନାଉଗାଁ ଥାନା ପକ୍ଷରୁ ସୂଚନା ମିଳିଛି।

## ପାରାଦୀପ ଓପନ୍ କରାଟେ ଚାମ୍ପିଅନସିପ୍ ଆୟୋଜିତ

ପାରାଦୀପ,୧୯।୪(ସମିସ): ଇଣ୍ଟର୍ନେସେନାଲ ଗୋ-ସୋ କୋରିଓ କରାଟେ ଡୋ ଆସୋସିଏସନ୍ ଓଡିଶା ପକ୍ଷରୁ ଆଜି ପାରାଦୀପ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ପାରାଦୀପ ଓପନ୍ କରାଟେ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ କରାଟେକାମାନେ ବହୁ ସଂଖ୍ୟାରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଚାମ୍ପିଅନସିପ୍‌କୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଓଡିଶା ହାଇକୋର୍ଟର ଏଜିଏ ତଥା ପାରାଦୀପ ବାର୍ ଆସୋସିଏସନ୍ ସଭାପତି ତପନ କୁମାର ଦାଶ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପାରିଷଦ ସୁବ୍ରତ କୁମାର ପ୍ରଧାନ ଓ ପ୍ରତାପ କୁମାର ନାୟକ, ବନ୍ଦର ସିଏମ୍‌ଇ ସୁଶୀଲ କୁମାର ନାହାକ ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମାରୋହ ଆୟୋଜିତ ହୋଇଥିଲା। ଆସୋସିଏସନ୍‌ର ରାଜ୍ୟ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସିହାନ୍ ସଂଜୟ ଶାହ ସ୍ୱାଗତ କରିଥିଲେ। କାତା ଓ କୁମିତେ ବିଭାଗରେ ସଫଳତା ହାସଲ କରିଥିବା କରାଟେକାମାନଙ୍କୁ ସମାଜସେବୀ ଡ. ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ, ପୁଷ୍ପାଞ୍ଜଳି ମିଶ୍ର, ପାପିୟା ଶାହ ପୁରସ୍କୃତ କରିଥିଲା। ଟିଏସଏଫକେଆଇ ମୁଖ୍ୟ ସିହାନ୍ ଆଦିତ୍ୟ ମିଶ୍ର ଏହି ଚାମ୍ପିଅନସିପ୍‌ରେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

# ସମାଜ ପାଇଁ ଶସ୍ତ୍ରଠୁ ଶାଣିତ ସାହିତ୍ୟ

କୁଜଙ୍ଗ,୧୯।୪(ସମିସ)




ସାମ୍ପ୍ରତିକ ସ୍ଥିତିରେ ଏବେ 'ମୁଁ'ର ଅହଙ୍କାର ସାରା ବିଶ୍ୱକୁ ଆଚ୍ଛାଦିତ କରିଛି। ଭାଇଚାରାର ବନ୍ଧନ ବଦଳରେ ବାରୁଦର ଗନ୍ଧ ମଣିଷକୁ ବ୍ୟଥିତ କରୁଛି। ତେବେ ଉଜୁଡିବାକୁ ବସିଥିବା ସମାଜ ପାଇଁ ଶସ୍ତ୍ରଠୁ ଶାଣିତ ସାହିତ୍ୟ ବୋଲି ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ

### ଗୌରହରିଙ୍କୁ ବାଣୀପୀଠ ସାଧନା ଓ ପୀତାମ୍ବରଙ୍କୁ ଶୁଦ୍ରମୁନି ସାହିତ୍ୟ ପୁରସ୍କାର

କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ମିଳିତ ସହଯୋଗରେ କୁଜଙ୍ଗ ସୂଚନା ଭବନ ଠାରେ ଦିନିକିଆ ସାହିତ୍ୟ ପର୍ବ ପାଳିତ ହୋଇଯାଇଛି। ସାହିତ୍ୟ ପର୍ବକୁ ଝଙ୍କାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ଉଦଘାଟନ କରିଥିଲେ। ପ୍ରିୟବନ୍ଧୁ ସଭାପତି ଡ. ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ପର୍ବରେ ସାହିତ୍ୟିକ ଡ. ଗୌରହରି ଦାସଙ୍କୁ ବାଣୀପୀଠ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶିଷ୍ଟ କବି ପ୍ରୀତାମ୍ବର ତରାଇଙ୍କୁ ଶୁଦ୍ରମୁନି ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଗାଁ ଗହଳିର ସାହିତ୍ୟକକ୍ଷ ଓ ସଂଗଠନଙ୍କୁ ସନ୍ଧାନ କରି ସେମାନଙ୍କ ପ୍ରତିଭାକୁ ବିକାଶ କରାଇବାକୁ ସରକାରଙ୍କ ଏକାଡେମୀ ପ୍ରତିଶୃତିବଦ୍ଧ ବୋଲି କହିଥିଲେ। ଅତିଥିଙ୍କ ମଧ୍ୟରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଓ ପ୍ରଫେସର ଡ. ରବୀନ୍ଦ୍ର ବିହାରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ରୋଜାଲିନଙ୍କ ସମ୍ପାଦନାରେ ପ୍ରକାଶିତ ସାହିତ୍ୟ ପର୍ବର ବାର୍ଷିକ ମୁଖପତ୍ର "ପ୍ରିୟବନ୍ଧୁ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କୁଜଙ୍ଗ ପାଇକ ଆଖଡ଼ା ସଭାପତି ଗୋଲେକ ଜୟସିଂହଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟ ପର୍ବ ସକାଳ ଅଧିବେଶନରେ ଡ. ଗଙ୍ଗାଧର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ କବିତାପାଠ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଅତିଥି ଭାବେ ଡ. ବୈଜୟନ୍ତୀମାଳା ଶତପଥୀ, ଉମାକାନ୍ତ ନାୟକ ଓ ସଂଘମିତ୍ରା ସ୍ୱାଇଁ ଯୋଗ ଦେଇଥିଲେ। କବି ଗୀତାଞ୍ଜଳି ପୃଷ୍ଟି, ପ୍ରଭାତୀ ମାଝୀ ଓ ଦୀପ୍ତି ଖଣ୍ଡୁଆଳ ସଂଯୋଜନା କରିଥିଲେ। ଶିକ୍ଷାବିତ ବିଭୁତି ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ପ୍ରମିଳା ନନ୍ଦ, ସୁଧାକର ବିଶ୍ୱାଳ ଉତ୍ସବ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ।

## ତେନ୍ତୁଳିପଦା ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ଦାବି

ତିର୍ତ୍ତୋଲ,୧୯।୪(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ସ୍ଥିତ ସାରଳା ଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା କମିଟି ପକ୍ଷରୁ ଭୁବନେଶ୍ୱରରେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଭେଟି ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ସଭାପତି ସୁରେଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ପରିଜା, ଉପଦେଷ୍ଟା ଚିତ୍ତରଞ୍ଜନ ମହାନ୍ତି, ଉପସଭାପତି ବିରଜା ପ୍ରସନ୍ନ ପରିଜା ପ୍ରମୁଖ ସାକ୍ଷତ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଦୀର୍ଘ ୨୦ ବର୍ଷ ଧରି ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପରିଚାଳନା କରି ଆସିଥିବାରୁ କମିଟିର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହ ଖୁବଶୀଘ୍ର ସରକାରୀ ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ନାଉଗାଁ ସାଂସ୍କୃତିକ ପରିଷଦର ପୁନର୍ଗଠନ ବୈଠକ

ନାଉଗାଁ,୧୯।୪(ସମିସ): ନାଉଗାଁ ସାଂସ୍କୃତିକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସାରେଇକୁଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଷଦର କାର୍ଯ୍ୟକାରିଣୀ ପୁନର୍ଗଠନ କରାଯାଇ କର୍ମକର୍ତ୍ତାମାନଙ୍କର ପୁନଃଚୟନ କରାଯାଇ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ଅନୁଯାୟୀ ପରିଷଦର ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ନିଷ୍ପତି କରାଯାଇଥିଲା। ଏହି କାର୍ଯ୍ୟପାଇଁ ସମ୍ପାଦକ ସରୋଜ କୁମାର ନାୟକ, କୋଷାଧ୍ୟକ୍ଷ ବେଣୁଧର ସ୍ୱାଇଁ ଓ ବିଭୂପଦାରବିନ୍ଦ ପରିଡ଼ାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକ ରେ ନିରଞ୍ଜନ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, ସୁକାନ୍ତ କୁମାର ଲେଙ୍କା, ହିମାଂଶୁ ମହାନ୍ତି, ବିଜୟ ବାରିକ୍, ନନ୍ଦକିଶୋର ବାରିକ, ଅକ୍ଷୟ ରାଉତ, ପ୍ରିୟଦର୍ଶିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିବାବେଳେ ରଶ୍ମିରଞ୍ଜନ ରାଉତ, ଅନ୍ନସ୍ମିତା ବେହୁରା ଓ ରଶ୍ମୀକାନ୍ତ ରାଉତ ଇତ୍ୟାଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କପିଳ ଜୋରରେ ମାଛ ମଡ଼କ ପରେ ପରିବେଶ ଗନ୍ଧମୟ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ଫେରାଦ

ପାରାଦୀପ,୧୯।୪(ସମିସ): ବନ୍ଦର ସହର ଅଞ୍ଚଳରେ ପରିବେଶ ପ୍ରଦୂଷଣ ଭୟଙ୍କର ରୂପ ନେଇଥିବା ନେଇ ସ୍ୱର ଉଠାଇଛି ପରିବେଶ ସୁରକ୍ଷା ଟ୍ରଷ୍ଟ। ଟ୍ରଷ୍ଟର ସମ୍ପାଦକ ଶିବ ଚରଣ ବିଶ୍ୱାଳ ଏନେଇ ପାରାଦୀପ ଏଡିଏମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଚିବଙ୍କୁ ଏକ ଚିଠି ଲେଖି ଏହାର ତୁରନ୍ତ ନିରାକରଣ ପାଇଁ ନିବେଦନ କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ଅଭିଯୋଗ ରହିଛି ଯେ ପାରାଦୀପ ବନ୍ଦରର ମୁଖ୍ୟ ଜଳ ନିଷ୍କାସନ ପଥ କୁହାଯାଉଥିବା କପିଳ ଜୋରର ରକ୍ଷଣାବେକ୍ଷଣ ଅଭାବରୁ ଏହା ପଙ୍କ, ଅଳିଆ ଆବର୍ଜନା ଦଳ ଦ୍ୱାରା ଭର୍ତ୍ତି ହୋଇ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଯାହା ଦ୍ୱାରା ଗତ ସପ୍ତାହରେ ଏଠାରେ ମାଛ ମଡ଼କ ଦେଖାଦେଇଥିଲା। ଏହି ମାଛ ମଡ଼କ ପାଇଁ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣ ଏତେ ମାତ୍ରାରେ ବଢି ଯାଇଥିଲା ଯେ ସାରା ସହର ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବରୁ କମ୍ପାନୀ ମାନଙ୍କର ଏସିଡଯୁକ୍ତ କେମିକାଲ ପାଣି ଏଠାରେ ମିଶିବାରୁ ମାଛ ମଡ଼କ ଦେଖାଦେଇଥିବା ବେଳେ ପୁନର୍ବାର ଚଳିତ ମାସ ୧୨ ତାରିଖରେ ହଠାତ ସେହି ଜୋରରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ମରି ଭାସିବାର ଦେଖିବାକୁ ମିଳିଥିଲା। ସେହି ମାଛ ଗୁଡିକ ପଚି ସାରା ପରିବେଶକୁ ଦୁର୍ଗନ୍ଧମୟ କରିଛି। ଅନ୍ତେବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣା ପରେ ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ ସେହି ସ୍ଥାନ ପରିଦର୍ଶନ କରିବା ସହ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ତେବେ ବର୍ତ୍ତମାନ ଏହି ଜୋରକୁ ପୁନର୍ବାର ସଫା କରିବା ସହିତ ଏହାର ରକ୍ଷଣାବେକ୍ଷଣ କରାଯାଉ। ଅନ୍ୟ ପକ୍ଷରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ପାରାଦୀପ ମ୍ୟୁନିସିପାଲିଟି ଅଧିକାରୀ ମାନେ ପରସ୍ପରକୁ ଦୋଷ ଦେଉଥିବା ବେଳେ ସେପଟେ ସେହି ଜୋରରେ ଦଳ ଭର୍ତ୍ତି ହୋଇ ପରିବେଶକୁ ଏକ ପ୍ରକାର ନଷ୍ଟ କରିଦେଉଛି। ଯାହାଫଳରେ ସେ ସ୍ଥାନ ଗନ୍ଧମୟ ପରିବେଶ ସୃଷ୍ଟି ହୋଇ ପଡୁଛି। ତେଣୁ ବନ୍ଦର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ମିଳିତ ଉଦ୍ୟମରେ ଏହାର ସମାଧାନ ପାଇଁ ପରିବେଶ ସୁରକ୍ଷା ଟ୍ରଷ୍ଟର ସମ୍ପାଦକ ଶିବ ଚରଣ ବିଶ୍ୱାଳ ଏଡିଏମଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ସ୍ୱାମୀ ବିବେକାନନ୍ଦ ଲୋକସଂସଦର ବାର୍ଷିକ ସମ୍ମିଳନୀ



ଜଗତସିଂହପୁର,୧୯।୪(ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ଜିଲ୍ଲାସ୍ତରୀୟ ବାଷିକ ସମ୍ମିଳନୀ ପଳାଶୋଳସ୍ଥିତ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଲୋକ ସଂସଦର ଜିଲ୍ଲା ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବିଚାରଧାରାର ଜିଲ୍ଲାଧକ୍ଷ ଲାଲା ସଂଗ୍ରାମ କେଶରୀ ରାୟ ଓଁକାର ବନ୍ଦନା ସାଙ୍ଗକୁ ବିବେକବାଣୀ ପାଠ କରିଥିଲା ବେଳେ ଆଜୀବନ ସଦସ୍ୟ ସଂଯମ କିଶୋର ମହାନ୍ତି ସ୍ୱାଗତଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୋ'ଗାଁ ପୂର୍ବ ସଂଭାଗ (ପରିବେଶ)ର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଲୋକସଂସଦର ଆଭିମୁଖ୍ୟ ସାଙ୍ଗକୁ ୨୦୨୫-୨୬ ଆର୍ଥିକବର୍ଷରେ ଜିଲ୍ଲାଶାଖା ପକ୍ଷରୁ ଛଅଗୋଟି ପ୍ରମୁଖ ବିଭାଗ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଲୋକନାଥ ସାହୁ ଓ ଉପସଭାପତି ପ୍ରକାଶ ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନିକୁଞ୍ଜ କିଶୋର ଭଞ୍ଜ ଏବଂ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଶାନ୍ତନୁ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ମିଶ୍ର ଓ ଡାକ୍ତର ସାହୁ ନୂତନ ଭାବେ ଲୋକସଂସଦର ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ପରିବେଶବିତ୍ ଶ୍ରୀ ମହାନ୍ତିଙ୍କ ଦ୍ୱାରା ଲିଖିତ 'ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲାଶାଖା: ଏକ ବିହଙ୍ଗାବଲୋକନ' ତତ୍ତ୍ୱ ଓ ତଥ୍ୟଭିତ୍ତିକ ପ୍ରବନ୍ଧ ବିତରଣ କରାଯାଇଥିଲା। ଆଜୀବନ ସଦସ୍ୟ ରଶ୍ମିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିଅନରେ ସମ୍ବର୍ଦ୍ଧନା



ପାରାଦୀପ,୧୯।୪(ସମିସ): ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିଅନ ପକ୍ଷରୁ ୟୁନିୟନର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସତ୍ୟସାରଥୀ ମହାନ୍ତିଙ୍କ ସମେତ ଶ୍ରମିକ ନେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଓ ବୟୋଜ୍ୟଷ୍ଠ ଶ୍ରମିକ ନେତା ସୁଧାକର ମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏହି ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିଅନର ସମ୍ବର୍ଦ୍ଧନା ସଭା ମଧୁବନ ସ୍ଥିତ ସାଗରିକା କଳା ନିକେତନ ପରିସରରେ ଆୟୋଜିତ ହୋଇଥିଲା। ୟୁନିଅନର କାର୍ଯ୍ୟକାରୀ ସଭାପତି ଇଂ. ସୁଧାକର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ସଭାପତି ଦାୟିତ୍ୱ ଗ୍ରହଣ କରିଥିବା ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଜେପି ନେତା ସତ୍ୟସାରଥୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସମ୍ମାନିତ ଅତିଥି ଭାବେ ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୟୁନିଅନ ଉପସଭାପତି ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାହୁ, ଉପ ସାଧାରଣ ସମ୍ପାଦକ ବସନ୍ତ କୁମାର ରାଉତ, ସହ ସାଧାରଣ ସମ୍ପାଦକ ବିମ୍ବାଧର ପାତ୍ର ଓ ପବନି ହତି, ସମ୍ପାଦକ ବିକ୍ରମ ସିଂହ ମହାରଣା, ଯୁଗ୍ମ ସମ୍ପାଦକ ରାଧାକୃଷ୍ଣ ମିଶ୍ର, କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ, ଯୁଗ୍ମ କୋଷାଧ୍ୟକ୍ଷ ସୁରେନ୍ଦ୍ର ପରିଡାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ଉପସ୍ଥିତ ଶ୍ରମିକ ନେତା ମାନେ ସମସ୍ତେ ଏକାଟି ହୋଇ ଶ୍ରମିକ ମାନଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିବା ସହିତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଶ୍ରମିକ ଶୋଷଣ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ଶ୍ରମିକ ନେତା ଶ୍ରୀଯୁକ୍ତ ମନ୍ତ୍ରୀ କହିଥିଲେ।

## ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ବିବିଧ ପ୍ରତିଯୋଗିତା

ଜଗତସିଂହପୁର,୧୯।୪(ସମିସ)




ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀ ଅବସରରେ ସ୍ଥାନୀୟ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ହାଇସ୍କୁଲ ସ୍ତରୀୟ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ଯୁଗ୍ମ ସମ୍ପାଦକ ଅଧ୍ୟାପକ ଶାନ୍ତନୁ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବକ୍ତୃତା, ସଂଗୀତ ଓ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ବକ୍ତୃତାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ, ଶିକ୍ଷାବିତ ରୋହିତ କୁମାର ବିଶ୍ୱାଳ, ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ପତି, ସଂଗୀତରେ ବଦ୍ରି ନାରାୟଣ ମହାନ୍ତି, ସ୍ମୃତିରଞ୍ଜନ ରାଉତ, ତୁଳସୀ ପ୍ରସାଦ ମହାପାତ୍ର ଓ ଅଭିନୟରେ ସୁଶାନ୍ତ ଦାସ, ଅରୁଣ ରାଉତରାୟ ଓ ନରେଶ ଦାସ ଯୋଗଦେଥିଲେ। ବକ୍ତୃତାରେ ଭକ୍ତିପ୍ରସାଦ ପରିଡା ପ୍ରଥମ, ସ୍ୱାଗତ ସାହୁ ଦ୍ୱିତୀୟ ଓ ସୁସ୍ମିତା ପଣ୍ଡା ତୃତୀୟ ହୋଇଥିବା ବେଳେ ସଂଗୀତରେ ରୋହିଣୀ ମହାନ୍ତି ପ୍ରଥମ, ଆସ୍ପୃହା ଲେଙ୍କା ଦ୍ୱିତୀୟ ଓ ସ୍ୱନ୍ଦନା ସାହୁ ତୃତୀୟ ହୋଇଥଲେ। ଅଭିନୟରେ ସୁଶ୍ରୀ ମାଳବିକା ସ୍ୱାଇଁ ପ୍ରଥମ, ଆଦ୍ୟାଶା ରାଉତ ଦ୍ୱିତୀୟ ଓ ସୁସ୍ମିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମେ' ୧୦ ତାରିଖରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ହେବାକୁ ଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ। ଉକ୍ତ ପ୍ରତିଯୋଗିତାର ପରିଚାଳନାରେ ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ସଂଗଠନ ସମ୍ପାଦକ ବିଜନ ମହାପାତ୍ର, ବରିଷ୍ଠ ସଭ୍ୟ ଗୋବିନ୍ଦ ଓଝା, କୋଷାଧ୍ୟକ୍ଷ ରବି ମହାନ୍ତି, ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ, ଶିକ୍ଷକ ପବିତ୍ର ମୋହନ ବେହେରା ଓ ଗୋବିନ୍ଦ ପ୍ରସାଦ ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ



ଏରସମା,୧୯।୪(ସମିସ): ଏରସମା ବ୍ଲକ୍ ପଦ୍ମପୁର ପଞ୍ଚାୟତର ପଦ୍ମପୁର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଚ୍ଛାୟତ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ପଇଦାର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡ଼ା, ପଦ୍ମପୁର ପଞ୍ଚାୟତ ସମିତି ସଭ୍ୟ ନାରାୟଣ ସେଠୀ, ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର କେଶବ ଦାସ, ବାଲିକୁଦା ବ୍ଲକ ନାଗପୁର ସିକ୍ଷାକେନ୍ଦ୍ରର ଶ୍ରୀନିବାସ ଦାସ, ସିଆର୍‌ସିସି ନିତ୍ୟଲାଲ୍ ଜେନା, ଲକ୍ଷ୍ମୀଲତା ବେହେରା, ପରିଚାଳନା କମିଟିର ସମ୍ପାଦକ କ୍ଷିରୋଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷକ ସୁବାସ ସେଠୀଙ୍କ ସଭାପତିତ୍ୱରେ ଅତିଥି ରୂପେ ବୃନ୍ଦାବନ ମଣ୍ଡଳ, କଳବେଦୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ବେହେରା, ତୁଳଙ୍ଗ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ ପଞ୍ଚାନନ ସାହୁ, ଗ୍ରାମ୍ୟମୂରବୀ ଅନୁକୂଳ ସାମନ୍ତ, ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଜ ସାମନ୍ତରାୟ, ପୂର୍ବତନ ପ୍ରଧାନ ଶିକ୍ଷକ ନିମାଇଁ ମଲ୍ଲିକ ଯୋଗ ଦେଇଥିଲେ। ରଜତ ଜୟନ୍ତୀ ଅବସରରେ ଏରସମା ବ୍ଲକର ଗୋଡ଼ା ଶିଶୁମନ୍ଦିର, ଡିହସାହି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗ୍ରାମ୍ୟ ମୂରବୀ, ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ଅଧକ୍ଷ ଗୋବର୍ଦ୍ଧନ ସାହୁ, ପୂରାତନ ଛାତ୍ର ହରିବୋଲ ମଣ୍ଡଳ, ଶୁଶାନ୍ତ ଗୁଡ଼ିଆ ଓ ସମସ୍ତ ଅପା, ପରିଚାଳନା କମିଟିର ସମସ୍ତ ସଭ୍ୟ ମାନେ ଉତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ।

## ବାଲେଶ୍ୱରର ବିଭିନ୍ନ ରେଳ ଷ୍ଟେସନରେ ଟିକଟ୍ ଯାଞ୍ଚ ଅଭିଯାନ

ବାଲେଶ୍ୱର,୧୯।୪ (ସମିସ): ବିନା ଟିକଟ୍ ଏବଂ ଅନିୟମିତ ଯାତ୍ରାକୁ ରୋକିବା ଏବଂ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରପେକ୍ଷ ଯାତ୍ରା ପରିବେଶ ସୁନିଶ୍ଚିତ କରିବା ପାଇଁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ ବିଭିନ୍ନ ଟ୍ରେନ୍ ଏବଂ ଷ୍ଟେସନରେ ଟିକଟ୍ ଯାଞ୍ଚ ଅଭିଯାନ ଚଳାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ଅନେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ରେ କରାଯାଇଥିଲା। ସମକାଳୀନ ଭାବରେ ବାଲେଶ୍ୱର ରେଳଷ୍ଟେସନ ସମେତ ସୋର, ଜଳେଶ୍ୱର, ମେଚେଡା, ଫୁଲେଶ୍ୱର, ଚେଙ୍ଗାଇଲ, ଆନ୍ଦୁଲ, ଚକୁଲିଆ, ଖଡ଼ଗପୁର, ଜାକପୁର, ଗିରିମୈଦାନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ବ୍ୟାପକ ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ସମୟରେ, ବିନା ଟିକଟ ଏବଂ ଅନିୟମିତ ଯାତ୍ରାର ମୋଟ ୩୭୭ଟି ମାମଲା ଚିହ୍ନଟ ହୋଇଥିଲା। ଅପରାଧୀମାନଙ୍କଠାରୁ ୧,୯୧,୭୬୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ପଦକ୍ଷେପ ଆରପିଏଫ କର୍ମଚାରୀଙ୍କ ସହ ସମନ୍ୱୟ ରଖି ଉତ୍ସର୍ଗୀକୃତ ଟିକେଟ ଯାଞ୍ଚ କର୍ମଚାରୀଙ୍କ ଦ୍ୱାରା କରାଯାଇଥିଲା, ଯାହା ରେଳ ନିୟମ ଏବଂ ନିୟମାବଳୀର କଡ଼ାକଡ଼ି କାର୍ଯ୍ୟକାରୀତାକୁ ସୁନିଶ୍ଚିତ କରିଥିଲା। ଖଡ଼ଗପୁର ଡିଭିଜନ ଟ୍ରେନ୍ ଯାତ୍ରାରେ ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତିବଦ୍ଧ ଏବଂ ଯାତ୍ରୀମାନଙ୍କୁ ଜୋରିମାନା ଏବଂ ଅସୁବିଧା ଏଡାଇବା ପାଇଁ ଉପଯୁକ୍ତ ଏବଂ ବୈଧ ଟିକଟ ସହିତ ଯାତ୍ରା କରିବାକୁ ଅନୁରୋଧ କରାଯାଇଛି।

## ଘଣ୍ଟେଶ୍ୱର ମହାଦେବଙ୍କ ଚଡ଼କ ପର୍ବ

ଚନ୍ଦନେଶ୍ୱର,୧୯।୪ (ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ବାଟଗ୍ରାମ ଠାରେ ଘଣ୍ଟେଶ୍ୱର ମହାଦେବଙ୍କ ମନ୍ଦିରରେ ପାଟ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପାଟ ପର୍ବ ୧୩ ଦିନ ଧରି ଚାଲିଥିଲା ବେଳେ ବାବାଙ୍କ ସମସ୍ତ ନୀତିକାନ୍ତି ଅନୁସାରେ ପାଳନ କରାଯାଇଥିଲା। ଶନିବାର ଗ୍ରାମର ହାକାଣ୍ଡ ପୋଖରୀରେ ମାଳା ଚନ୍ଦନୀ ହୋଇ ମନ୍ଦିରକୁ ଭକ୍ତମାନେ ଆସି ବ୍ରତ ଭଙ୍ଗ କରିଥିଲେ। କିଛି ଭକ୍ତ ଜିହ୍ୱା ଓ ଦେହରେ କଣ୍ଟା ଫୋଡି ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରକାରର ପଞ୍ଚ ମୁଣ୍ଡିଆ ମନ୍ଦିର ଚତୁଃପାଶ୍ୱର୍ରେ ବୁଲି ଥିଲେ। ଏହି ପାଟ ପର୍ବ ଦେଖିବା ପାଇଁ ହଜାର ହଜାର ଲୋକ ସମାଗମ ହୋଇଥିଲା। ଗ୍ରାମ ମୁଖ୍ୟ ଚନ୍ଦ୍ରଶେଖର ଦାସ, କେଦାର ସିଂ ଦାସ, ଦୀପକ କୁମାର ଦାସ, ନଳିନୀ କାନ୍ତ ସେଠୀ, ସଞ୍ଜୟ କୁମାର ଦାସ, ଆଶିଷ କୁମାର ଦାସ, ରବିନ୍ଦ୍ର ଗିରି, ବାଳକୃଷ୍ଣ ମହାନ୍ତି, ଅଜୟ କୁମାର ପଟ୍ଟନାୟକ, ସୁଦାମ ଚନ୍ଦ୍ର ନାୟକ, ଶାନ୍ତନୁ ମଣ୍ଡଳ, ମାନିକଲାଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ନିର୍ମାଣାଧୀନ ପୋଲ ପାଇଁ ବିପଦ ଘେରରେ ବାଉଁଶଖଣା ଗାଁ

ବାଲେଶ୍ୱର(ଉତ୍ତର), ୧୯।୪ (ସମିସ)





ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ବାଲେଶ୍ୱର ଜିଲ୍ଲା ଭୋଗରାଇରୁ ବାଲିଆପାଳ ବ୍ଲକ ସଂଯୋଗ କରିବା ପାଇଁ ଅଡଙ୍ଗ ପନ୍ତେଇଠାରେ ସୁବର୍ଣ୍ଣରେଖା ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ଦୀର୍ଘ ୫ ବର୍ଷରୁ ଅଧିକ ଦିନ ଧରି ଏଲ ଏଣ୍ଡ ଟି କମ୍ପାନୀ ଦ୍ୱାରା ଏହି ପୋଲ ଚାଲୁଥିବା ବେଳେ କାର୍ଯ୍ୟ ଶେଷ ହେବାକୁ ଆହୁରି ଅନେକ ସମୟ ଲାଗିବ। ନଦୀରେ ପାଣିକୁ ଅଟକାଇ ବାଲି ବନ୍ଧ ପକାଇବା ସହ ଲୁହା ଚଦର ଦିଆଯାଇଥିବା ବେଳେ ସମ୍ପୃକ୍ତ ଠିକାଦାର କମ୍ପାନୀ ଏହାକୁ ହଟାଉ ନଥିବାରୁ ପ୍ରତିବର୍ଷ ବନ୍ୟା ସମୟରେ ତଟବର୍ତ୍ତୀ ବାଉଁଶଖଣା, ଅଡ଼ଙ୍ଗ ପନ୍ତେଇ ଗ୍ରାମ ପାଇଁ ବିପଦ ସୃଷ୍ଟି କରିଛି। କେବଳ ତା ନୁହେଁ ସମୁଦ୍ର ରେ ଜୁଆର ଭଟ୍ଟା ସମୟରେ ମଧ ନଦୀର ଜଳସ୍ରୋତ ମାଡ଼ରେ ଗାଁ ପାଖକୁ ଲାଗିଥିବା ନଦୀବନ୍ଧରୁ କ୍ରମାଗତ ଭାବେ ଅତଡ଼ା ଖସୁଛି। ତେଣୁ ଆଗାମୀ ବର୍ଷାଋତୁରେ ବନ୍ୟା ଆସିଲେ ବନ୍ଧ ଭାଙ୍ଗି ଗାଁ ଭିତରେ ଜଳ ପ୍ରଳୟ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତି ରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କୁମ୍ଭୀରଗଡ଼ି ପଞ୍ଚାୟତ ଏହି ଦୁଇ ପ୍ରଭାବିତ ଗାଁକୁ ଯାଇ ନଦୀ କୂଳର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ସହିତ ଆଲୋଚନା କରିଛନ୍ତି। ପନ୍ତେଇ ପୋଲ ନିର୍ମାଣ କରୁଥିବା ଆର୍ ଏଣ୍ଡ ବି ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିବା ସହ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସମାଧାନ ପନ୍ଥା ବାହାର କରିବାକୁ ପରାମର୍ଶ ଦେଇ ଥିବା ଜଣାପଡ଼ିଛି।

## ମାଣିତ୍ରୀରେ ୧୫ତମ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ ଓ ଧର୍ମାଲୋଚନା



ଖଇରା,୧୯ ।୪(ସମିସ) : ମଣିଷର ବଞ୍ଚିବା ପାଇଁ ଜଳ ନିତାନ୍ତ ଆବଶ୍ୟକ। ଜଳ ବର୍ଷା ମାଧ୍ୟମରେ ଭୂପୃଷ୍ଠକୁ ଆସିଥାଏ। ହୋମ ଯଜ୍ଞରୁ ନିର୍ଗତ ଧୂଆଁରୁ ମେଘ ସୃଷ୍ଟି ହୋଇଥାଏ। ଏଣୁ ଜୀବନଧାରଣ ପାଇଁ ଯଜ୍ଞକର୍ମ ଆୟୋଜନର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ଟେକଚନ୍ଦନପୁର ଗ୍ରାମରେ ଆୟୋଜିତ ୧୫ତମ ବ୍ରହ୍ମ ଯଜ୍ଞର ଧର୍ମାଲୋଚନାରେ ଯୋଗ ଦେଇଥିବା ସାଧୁ ମହାତ୍ମାମାନେ ପ୍ରକାଶ କରିଛନ୍ତି। ଆଞ୍ଚଳିକ ବ୍ରହ୍ମଣ ସମିତି ଆନୁକୂଲ୍ୟରେ ରବିବାର ଆୟୋଜିତ ଏହି ଧର୍ମ ଆଲୋଚନାରେ ବ୍ରାହ୍ମଣସମିତିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ସୋରରୁ ଆସିଥିବା ବେଦବିତ୍ ଜୟନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା, ଭଦ୍ରକ ଜିଲା ସଭାପତି ମନ୍ଦରଧର ଦିକ୍ଷିତ ମୁଖ୍ୟଅତିଥି, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଜୋନ ସଭାପତି କୃଷ୍ଣଚନ୍ଦ୍ର ଦାଶ ଓ ତପନ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ରମାକାନ୍ତ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବର୍ଷିଆନ ସଦସ୍ୟ ଜଗବନ୍ଧୁ ତିଆଡି, ନବ କିଶୋର ପଣ୍ଡା ଓ ନରେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ମୁଖ୍ୟ ହୋତା ଗୌରଚନ୍ଦ୍ର ପାଠୀଙ୍କ ତତ୍ୱାବଧାନରେ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହେବା ସହ ଆୟୁଷ୍ମାନ ପଣ୍ଡାଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ବଂଶୀଧର ପଣ୍ଡା, କରୁଣାକର ପଣ୍ଡା, ଲକ୍ଷ୍ମୀଧର ତ୍ରିପାଠୀ, ବିପିନ କୁମାର ତ୍ରିପାଠୀ, ସୁଦର୍ଶନ ରଥ, ଗୋପବନ୍ଧୁ ତ୍ରିପାଠୀ, ନିଳାମ୍ବର ଉପାଧ୍ୟାୟ, ପଦ୍ମଲୋଚନ ଦାଶ, ନାରାୟଣ ତ୍ରିପାଠୀ, ବାସୁଦେବ ସାହୁଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର



କୁଳିଅଣା, ୧୯।୪(ସମିସ): କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର କାମତା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି।

ସୂଚନା ମୁତାବକ, ଆଜି ଅପରାହ୍ନ ୩. ୩୦ମିନିଟ ସମୟରେ ଏକ ପଲସର ବାଇକ୍ ଯୋଗେ ବାରିପଦାରୁ ନିଜ ଘର କୁଳିଅଣା ପଞ୍ଚାୟତ ଅଧୀନ ସୁକୁଆପୋଡ଼ାକୁ ରାଜପଥ ଅତିକ୍ରମ କରି ଯାଉଥିବାବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ହୋଇଥିଲେ। ମୃତକ ଜଣକ ସୁକୁଆପୋଡ଼ା ଗ୍ରାମର ବଇଲା ଚପେୟାରଙ୍କ ପୁତ୍ର ମାଇସା ଚପେୟାର (୩୦)। ଗୁରୁତର ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ଦୁଇଜଣଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ କୁଳିଅଣା ଥାନା ଅଧିକାରୀ ସୁଦୀପ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ଓ ରାସ୍ତାରୋକ ହଟିଥିଲା। କୁଳିଅଣା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତକ ପରିବାରକୁ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ଓ ସେଠାରେ ଏକ ଗଳାପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ।

### କରଞ୍ଜିଆରେ ଥମୁନି ବେଆଇନ ବାଲି ଚାଲାଣ

# ଲଘୁ ଖଣିଜ ମାଫିଆଙ୍କ ସାଜିଛି ଭୂସ୍ୱର୍ଗ



ରାଇରଙ୍ଗପୁର/କରଞ୍ଜିଆ,୧୯।୪(ସମିସ): ପାଞ୍ଚପିଢ଼ ଉପଖଣ୍ଡ ଲଘୁ ଖଣିଜ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଲଗାତର ଚଢ଼ଉ ହେଉ ନ ଥିବାରୁ ବେଆଇନ ଭାବେ ଲଘୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ମାତ୍ରା ବୃଦ୍ଧି ପାଉଛି। ବିଭାଗ ପକ୍ଷରୁ କଡ଼ାକଡ଼ି ଚଢ଼ଉ ନେଇ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ମାଫିଆ ସକ୍ରିୟ ହୋଇଛନ୍ତି। କରଞ୍ଜିଆ ଥାନା ପୁଲିସ ପକ୍ଷରୁ ବେଆଇନ ବାଲି ଘାଟରେ ଚଢ଼ଉ କରି ଟ୍ରାକ୍ଟର ଓ ବାଲି ଜବତ କରିଛନ୍ତି। ପୁଲିସ ପାଟ୍ରୋଲିଂ ଜାରି ଥିବାବେଳେ ଦେଓ ନଦୀ କୂଳରୁ ବେଆଇନ ଭାବେ ବାଲି ସଇରାତ କରି ବାଲି ଉତ୍ତୋଳନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ କୁଦରସାହି ଗ୍ରାମ ନିକଟରେ ପୁଲିସ ଚଢ଼ଉ କରିଥିଲା। ବାଲିଘାଟରୁ ଟ୍ରାକ୍ଟରରେ ବାଲି ଉତ୍ତୋଳନ ହେଉଥିବାବେଳେ ପୁଲିସକୁ ଦେଖି ସମସ୍ତେ ଚମ୍ପଟ ମାରିଥିଲେ। ପୋଲିସ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଜଣେ ଚାଳକକୁ ଗିରଫ କରିଛି। ଝାଡ଼ବେଡା ଅଞ୍ଚଳର ଟୁକୁ ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସ୍ଥାନରେ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ପୁଲିସ ଜାଣିବାକୁ ପାଇଥିଲେ। ଏ ନେଇ ପୁଲିସ ପକ୍ଷରୁ ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ଚୋରା ଚାଲାଣ ନେଇ କରଞ୍ଜିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡରେ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ଜିଲ୍ଲା ପ୍ରଶାସନ ଓ ଖଣି ଅଧିକାରୀ ଜାଣି ସୁଦ୍ଧା ଚୁପ ରହିଛନ୍ତି। ବେଆଇନ ବାଲିଘାଟରୁ ବେଧଡକ ବେଆଇନ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି ମାଫିଆ। ନଦୀ କୂଳରେ ଅନେକ ବେଆଇନ ବାଲି ସଇରାତ ଗଢି ଉଠିଛି। ଯେଉଁଠୁ କି ନିୟମିତ ଭାବେ ହାଇୱା ଓ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ବିଭିନ୍ନ ସ୍ଥାନକୁ ନିୟମିତ ଭାବେ ଚାଲାଣ ହେଉଛି। ବାଲି ମାଫିଆ ରାଜନୈତିକ ସମ୍ପର୍କ ରଖି ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ପାଞ୍ଚପିଢ଼ ଉପଖଣ୍ଡରେ କର୍ମଚାରୀ ଅଭାବରୁ ନିୟମିତ ଚଢ଼ଉ ହୋଇପାରୁନାହିଁ। ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନ ହୋଇ କରଞ୍ଜିଆ ଦେଇ କେନ୍ଦୁଝରେ ଓ ଆନନ୍ଦପୁରକୁ ବେଆଇନ ଚାଲାଣ ହେଉଛି। ଏମିତିକି ରାତିରେ ଥାନା ନିକଟ ଦେଇ ବଡ଼ ବଡ଼ ହାଇୱାରେ ଟ୍ରିପ ଟ୍ରିପ ବାଲି ନିୟମିତ ଚାଲାଣ ହେଉଛି। ରାଜନେତାଙ୍କ ଛତ୍ରଛାୟାରେ ଚୋରା ବ୍ୟାପର ହେଉଥିବାବେଳେ ସବୁ ଜାଣି ପ୍ରଶାସନ ବି ଚୁପ ରହିଛି। ୩ ବର୍ଷ ପୂର୍ବେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଛାଟ ପରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଲିଜଧାରୀ ଓ ବିନା ଲିଜଧାରୀ ବାଲି ଖନନ ଓ ସାଇରାତ ନିଲାମ ବନ୍ଦ ରହିଛି। ସରକାରୀ ନିର୍ଦ୍ଦେଶ ପରେ କେତେଗୁଡିକ ଘାଟ ଅସ୍ଥାୟୀ ଭାବେ ଟ୍ରାଞ୍ଜିଟ ପାସ ଦିଆଯାଉଛି। କିନ୍ତୁ ଦୁଇ ଉପଖଣ୍ଡରେ ବିନା ପ୍ରତିବନ୍ଧକରେ ଅନେକ

### କେନ୍ଦୁଝର ଓ ଆନନ୍ଦପୁରକୁ ରାତିଅଧିଆ ହେଉଛି ବାଲିଚାଲାଣ

ବେଆଇନ ଘାଟ ଖୁଲମଖୁଲା ଭାବେ ଦିନରାତି ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ବେଆଇନ ବାଲି ଚୋରା ଚାଲାଣ ମାତ୍ରା ଅନେକ ବୃଦ୍ଧି ପାଉଥିଲେ ସୁଦ୍ଧା ରୋକ ଲାଗୁନି। ନଦୀ ଗର୍ଭରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବେଆଇନ ଉତ୍ତୋଳନ କରାଯାଇ ମାଫିଆ ବେଆଇନ ଭାବେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରୁଛନ୍ତି। ମେସିନ ଲଗାଇ ରାତିଅଧିଆ ବାଲି ଲୁଟ ହେଉଥିବା ଦେଖିବାକୁ ମିଳୁଛି। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ବାରମ୍ବାର ଖବର ପ୍ରସାରଣ ପରେ ଗୋଟିଏ କିମ୍ବା ଦୁଇଟି ଟ୍ରାକ୍ଟର/ହାଇୱା ଧରି ଚୁପ ହୋଇ ବସୁଛନ୍ତି। କିନ୍ତୁ ଘାଟ ଅଞ୍ଚଳରେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ଚଢ଼ଉ କରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି।

## ଜୁଆ ଆଡ୍ଡାରେ ଚଢ଼ଉ, ୨ ଜୁଆଡ଼ି ଗିରଫ

ରାଇରଙ୍ଗପୁର/କରଞ୍ଜିଆ,୧୯।୪ (ସମିସ): କରଞ୍ଜିଆ ଥାନା ପୁଲିସ ଜୁଆ ଆଡ୍ଡାରେ ଚଢ଼ଉ କରି ୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଜୁଆଡ଼ି ଦ୍ୱୟ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ କରଞ୍ଜିଆ ଏନଏସିର ୱାର୍ଡ ନମ୍ବର ୯ ଅଞ୍ଚଳର ସୁଜିତ ମହାପାତ୍ର(୪୫) ଓ ୱାର୍ଡ ନମ୍ବର ୧୧ ଅଞ୍ଚଳର ଜଗନ୍ନାଥ ପରିଡ଼ା(୪୨)। ପୁଲିସ ପାଟ୍ରୋଲିଂ ସମୟରେ ଜୁଆ ଖେଳ ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଯାହାକୁ ନେଇ ଟାଟୋ ସାପ୍ତାହିକ ହାଟରେ ପୁଲିସ ଚଢ଼ଉ କରିଥିଲା। ପୁଲିସକୁ ଦେଖି କେତେକ ଜୁଆଡ଼ି ଚମ୍ପଟ ମାରିଥିବାବେଳେ ୨ ଜଣ ଗିରଫ ହୋଇଛନ୍ତି। ଜୁଆ ଖେଳ ସାମଗ୍ରୀ, ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରହିଛି। ଜୁଆ ଖେଳ ନେଇ ସ୍ଥାନୀୟ ଅଞ୍ଚଳର ନାରାୟଣ ଦେହୁରୀ, ମଙ୍ଗୁଲୁ, ଆନନ୍ଦ ଓ ବିରଞ୍ଚି ଆଦି ସହଯୋଗ କରନ୍ତି ବୋଲି ଜଣାପଡ଼ିଛି। ପୁଲିସ ସେମାନଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି। ଗିରଫ ୨ ଜଣ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୋଖରୀରେ ବୁଡ଼ି ଜଣେ ମୃତ

ରାଇରଙ୍ଗପୁର, ୧୯।୪(ସମିସ): ତିରିଂ ଥାନା ଅନ୍ତର୍ଗତ ଝରାଡିହି ଅଞ୍ଚଳର ପୋଖରୀଆ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଉକ୍ତ ଗ୍ରାମର ସିକେନ ମହାକୁଡ (୩୪)। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣ ପାଇଁ ପାଣିରେ ବୁଡ଼ି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ସେ ଗାଧୋଇବାକୁ ଯାଇ ଅନେକ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପରିବାର ଲୋକେ ମୃତ୍ୟୁ ଖବର ପାଇବା ପରେ ଝରାଡିହି ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଇଥିଲେ। ଏ ନେଇ ତିରିଂ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ଦିବ୍ୟାଙ୍ଗ ଦମ୍ପତି ଭତ୍ତାରୁ ବଞ୍ଚିତ

ଶରତ,୧୯।୪(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଏକ ଦମ୍ପତି ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାର ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିଙ୍ଗୀ ପୂର୍ତ୍ତି(୨୩) ଜନ୍ମରୁ ଦିବ୍ୟାଙ୍ଗ। ସେ ୨୦୧୦ରୁ ହିଁ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣାପଡ଼ିଛି। ତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟରେ ସେ ୪୦ ପ୍ରତିଶତ ଦିବ୍ୟାଙ୍ଗ ଥିବା ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିୟମ ଅନୁସାରେ ଯେକୌଣସି ବ୍ୟକ୍ତି ୪୦ ପ୍ରତିଶତ ଦିବ୍ୟାଙ୍ଗ ଚିହ୍ନଟ ହେଉଥିଲେ ସେମାନଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲେ ହେଁ ତାଙ୍କୁ ଏହି ସୁବିଧା ପାଇବାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଜିଙ୍ଗୀ ପୂର୍ତ୍ତି ଗୋରା ଗାଗାରାଇଙ୍କୁ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ଗୋରା ଗାଗାରାଇ ମଧ୍ୟ ଆଜିକୁ ୪ ବର୍ଷ ତଳେ ଏକ ଦୁର୍ଘଟଣାରେ ଆହତ ହୋଇ ଦିବ୍ୟାଙ୍ଗ ହୋଇଛନ୍ତି। ତେବେ ଉଭୟଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବା ପାଇଁ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ଉକ୍ତ ଦମ୍ପତି ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହୋଇ ଏକ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖାଯାଇଛି।



## ଗାଡ଼ି ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର, ୧୯।୪ (ସମିସ): ବହଳଦା ଥାନା ଅନ୍ତର୍ଗତ ମୋରଣ୍ଡା ଛକରେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଝାଡ଼ଖଣ୍ଡର କାଠଭାରୀ ଗ୍ରାମର ପ୍ରକାଶ ତିୟୁ (୨୮)। ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କା ଦେଇଥିବାବେଳେ ସକାଳରୁ ବହଳଦା ପୁଲିସ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ସ୍ଥଳରେ ଟ୍ରକ ଚକ ଚିହ୍ନ ରହିଥିବାରୁ ଟ୍ରକ କିମ୍ବା ହାଇୱା ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳି ନ ଥିବାବେଳେ ବହଳଦା ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଛି।

### ବନ୍ଧସାହି ଗ୍ରାମରେ ପାନୀୟଜଳ ସମସ୍ୟା

# ନଦୀ ଉପରେ ନିର୍ଭର କରୁଛନ୍ତି ୨୫ ପରିବାର

ଉଦଳା, ୧୯।୪(ସମିସ)



ଖରା ବଢ଼ିବା ସାଙ୍ଗକୁ ଜଳକଷ୍ଟ ମଧ ବଢ଼ିବାରେ ଲାଗିଛି। ପିଇବା ପାଣି ପାଇଁ ଗ୍ରାମବାସୀ କରୁଛନ୍ତି ସଂଘର୍ଷ। ଗାଁରେ ନଳକୂପ ଅଛି, ହେଲେ ପିଇବା ଉପଯୋଗୀ ହୋଇ ନ ଥିବାରୁ ଗାଁ ଲୋକଙ୍କୁ ଭରସା ଏବେ ନଦୀ। ପାନୀୟଜଳ ସମସ୍ୟା ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଆସୁଥିଲେ ମଧ ଏହାର ସୁଫଳ ପାଇପାରୁନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡ଼ଖମଣ ପଞ୍ଚାୟତର ବନ୍ଧସାହି ଗ୍ରାମରେ ଏହା ଦେଖିବାକୁ ମିଳିଛି।

ବନ୍ଧସାହି ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ପରିବାର ଥିବାବେଳେ ଏମାନଙ୍କ ପାଇଁ ପାନୀୟଜଳ ମୁଖ୍ୟ ସମସ୍ୟା। ଗ୍ରାମରେ ଗୋଟିଏ ନଳକୂପ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଥିବାବେଳେ ଆଉ ଗୋଟିଏ ନଳକୂପରେ ଆଇରନ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ହୋଇପାରୁନାହିଁ। ତେବେ ୨୫ ପରିବାରଙ୍କ ପାଇଁ ଏକମାତ୍ର ଭରସା ନଦୀର ପାଣି। ବର୍ଷା ହେଉ କି ଅନ୍ୟଦିନ ହେଉ ପ୍ରତ୍ୟେକ ଦିନ ଗ୍ରାମବାସୀ ଏହି ନଦୀ ପାଣି ଉପରେ ନିର୍ଭର କରନ୍ତି। ସରକାର ଯୋଜନା କରୁଛନ୍ତି ସତ, କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରଶାସନିକ ଅଣଦେଖା ଏହି ଗ୍ରାମରେ ପାନୀୟଜଳର ସମସ୍ୟାକୁ ଦେଖିଲେ ସ୍ପଷ୍ଟ ବାରିହେବ। ନିର୍ବାଚନ ଆସିଲେ ନେତା ଓ ମନ୍ତ୍ରୀ ଗ୍ରାମକୁ ଆସି ଅନେକ ପ୍ରତିଶ୍ରୁତି ଦେଇଥା'ନ୍ତି। ତେବେ ନିର୍ବାଚନ ସରିଲେ ଏହି ଗ୍ରାମରେ ଆଉ ସେମାନଙ୍କର ଦେଖା ମିଳେନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଆଗକୁ ଆହୁରି ତାତି ବଢ଼ିବାର ସମ୍ଭାବନା ଥିବାବେଳେ ଗ୍ରାମବାସୀଙ୍କ ଜଳକଷ୍ଟ ସେମାନଙ୍କର ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ପ୍ରତ୍ୟେକ ବର୍ଷ ଖରାଦିନ ଆସିଲେ ନଦୀର ପାଣି ସୁଖିଯାଉଥିବାବେଳେ ଗ୍ରାମବାସୀଙ୍କ ପାନୀୟ ଜଳର ଦୁର୍ଦ୍ଦଶା ବଢ଼ିଯାଇଥାଏ। ତେବେ ଆଗାମୀ ଦିନରେ ସ୍ଥାନୀୟ ପ୍ରଶାସନ ଏହି ଗ୍ରାମବାସୀମାନଙ୍କର ଜଳ କଷ୍ଟ ସମସ୍ୟାର ସମାଧାନ କେବେ କରିବେ ତାହାକୁ କେବଳ ଅପେକ୍ଷା।

### ଉପକୂଳ ରାଜପଥ ନିର୍ମାଣ ନିମନ୍ତେ ନୂତନ ନକ୍ସା ପ୍ରସ୍ତୁତ

# ଭଦ୍ରକ ଜିଲ୍ଲା ୨ ତହସିଲ୍‌ର ୩୧ଟି ରାଜସ୍ୱ ଗାଁରୁ ହେବ ଜମି ଅଧିଗ୍ରହଣ

ଭଦ୍ରକ,୧୯।୪(ସମିସ)

ସମୁଦ୍ର କୂଳେ କୂଳେ ପ୍ରଶସ୍ତ ରାସ୍ତା ଯିବ। ଉପକୂଳ ଅଞ୍ଚଳ ବିକାଶର ନୂଆ ଧାରାରେ ସାମିଲ୍ ହେବ। ସହଜ ଗମନାଗମନ, ପର୍ଯ୍ୟଟନର ବିକାଶ ସହ ଆର୍‌ôଥକ ଅଭିବୃଦ୍ଧି ଘଟିବା ସହ ବନ୍ଦରକୁ ବନ୍ଦର ରାସ୍ତା ସଂଯୋଗ ଫଳରେ ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଉପକୂଳ ରାଜପଥ ନିର୍ମାଣ ପ୍ରକଳ୍ପ ନିମନ୍ତେ ଏକଦଶନ୍ଧି ତଳୁ ପ୍ରୟାସ ଆରମ୍ଭ କରିଥିଲେ। ତେବେ ଏଯାଏଁ ଏହି ପ୍ରୟାସ ସାକାର ହୋଇ ନ ଥିଲା। ଏବେ ପୁଣି ଏହି ସ୍ୱପ୍ନ ସାକାର ହେବାକୁ ଆଶା ସଞ୍ଚରିତ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଉପକୂଳ ରାଜପଥ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ନିମନ୍ତେ ଭଦ୍ରକ ଜିଲ୍ଲାର ୨ ତହସିଲ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ର ୩୧ଟି ରାଜସ୍ୱ ଗ୍ରାମ ସାମିଲ୍ କରାଯାଇଛି। ଏଥିପାଇଁ ସରକାରୀସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବର୍ତ୍ତମାନ ଯେଉଁସବୁ ସ୍ଥାନରେ ଜନବସତି ଅଧିକ ରହିଛି ସେହିଭଳି ସ୍ଥାନକୁ ନୂଆ ନକ୍ସାରେ ବାଦ୍ ଦିଆଯାଇ ପ୍ରସ୍ତୁତି କରାଯାଇଛି।

ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରୁ ସମୁଦ୍ର କୂଳେକୂଳେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସୀମା ଦେଇ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ୪୫୧ କି.ମି. ଉପକୂଳ ରାଜପଥ ନିର୍ମିତ ହେବାକୁ କେନ୍ଦ୍ର ସଡ଼କ ଓ ପରିବହନ ବିଭାଗ ଯୋଜନା କରିଥିଲା। ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି। ଏହି ଅଧିଗ୍ରହଣ ବେଳେ ଅନେକ ସ୍ଥାନରେ ନକ୍ସାରେ କିଛି ପରିବର୍ତ୍ତନ କରାଯାଇଛି। ମୋଟ୍ ୪୫୧ କିଲୋମିଟର ଉପକୂଳ ରାସ୍ତା ମଧ୍ୟରୁ ଭଦ୍ରକ ଜିଲ୍ଲାରେ ୫୩ କିଲୋମିଟର ରହିଥିବାବେଳେ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ର ସୀମାବର୍ତ୍ତୀ ଅଞ୍ଚଳକୁ ସାମିଲ୍ କରାଯାଇଛି। ୨୦୨୦ ମସିହା ସର୍ଭେ ଅନୁସାରେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ କନ୍ଧାଠାରୁ ବୈତରଣୀ କୂଳେ କୂଳେ ରାଜପଥ ନିର୍ମାଣ ଆରମ୍ଭ ହୋଇ ବାସୁଦେବପୁର ବ୍ଲକ୍‌ର ମନ୍ଦାରୀରୁ ରାଧାମୋହନପୁର ଦେଇ ବାଲେଶ୍ୱର ଜିଲ୍ଲାର ସୀମା ଦେଇ ଉପକୂଳ ରାଜପଥ ନିର୍ମାଣ ହେବା ପାଇଁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬୦ ମିଟର ଓସାର ରାଜପଥ ନିର୍ମାଣ ହୋଇ ପରବର୍ତ୍ତୀ ସମୟରେ ଏହାର ସମ୍ପ୍ରସାରଣ କରାଯିବ। ଏଥିପାଇଁ ଚାନ୍ଦବାଲି ତହସିଲ୍ ଅଞ୍ଚଳର ୧୬ଟି ରାଜସ୍ୱ ଗ୍ରାମ ଓ ବାସୁଦେବପୁର ତହସିଲ ଅଞ୍ଚଳର ୧୦ଟି ରାଜସ୍ୱ ଗାଁକୁ ମିଶାଇ ଜିଲ୍ଲାରୁ ୨୬ଟି ରାଜସ୍ୱ ଗ୍ରାମରୁ ମୋଟ୍ ୧୪୪ ହେକ୍ଟର ଜମି ଅଧିଗ୍ରହଣ ହେବ ବୋଲି ୨୦୧୮ ଜୁନ୍ ୧୧ ତାରିଖରେ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଜମି ଅଧିଗ୍ରହଣ ପୂର୍ବରୁ ବିଜ୍ଞପ୍ତି ବାତିଲ୍ ହୋଇଯାଇଥିଲା। ପ୍ରଥମ ବିଜ୍ଞପ୍ତି ବାତିଲ୍ ପରେ ଦ୍ୱିତୀୟ ପରିବର୍ଦ୍ଧିତ ବିଜ୍ଞପ୍ତି ୨୦୧୮ ନଭେମ୍ବର ମାସରେ ଜାରି କରାଯାଇଥିଲା। ପରିବର୍ଦ୍ଧିତ ବିଜ୍ଞପ୍ତିରେ ୨୬ଟି ରାଜସ୍ୱ ଗ୍ରାମ ପରିବର୍ତ୍ତେ ୩୧ଟି ରାଜସ୍ୱ ଗ୍ରାମକୁ ଚିହ୍ନଟ କରାଯାଉଥିଲା। ଯେଉଁଥିରେ ଚାନ୍ଦବାଲି ବ୍ଲକ୍‌ରେ ୧୬ଟି ରାଜସ୍ୱ ଗ୍ରାମ ପରିବର୍ତ୍ତେ ୨୧ଟି ରାଜସ୍ୱ ଗ୍ରାମକୁ ଚିହ୍ନଟ କରାଯାଇଛି। ପୂର୍ବରୁ ୧୪୪ ହେକ୍ଟର ଜମି ଅଧିଗ୍ରହଣ ହେବାକୁ ଥିବାବେଳେ ଏବେ ୧୧୧ ହେକ୍ଟର ଜମି ଅଧିଗ୍ରହଣ କରାଯିବ ବୋଲି ନକ୍ସା ପ୍ରସ୍ତୁତ ହୋଇଛି। ଏହି ନକ୍ସା ପ୍ରସ୍ତୁତିବେଳେ କିଛି କିଛି ଜନବସତି ଅଞ୍ଚଳକୁ ବାଦ୍ ଦିଆଯାଇ ଜନବସତି ନ ଥିବା ଅଞ୍ଚଳକୁ ଅଧିଗ୍ରହଣରେ ସାମିଲ୍ କରାଯିବାକୁ ପରାମର୍ଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ, ନୂତନ ନକ୍ସା ପ୍ରସ୍ତୁତି ଶେଷ ହୋଇଛି। ଏବେ ଅଟକି ରହିଥିବା ଜମି ଅଧିଗ୍ରହଣ ପୁଣି ଆରମ୍ଭ ହେବ ବୋଲି ଜିଲ୍ଲା ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରକାଶ କରିଛନ୍ତି।

**୪୫୧ କିମି ରାଜପଥ ପ୍ରକଳ୍ପରେ ଭଦ୍ରକ ଜିଲ୍ଲାରେ ୫୩ କିଲୋମିଟର**




ଭଦ୍ରକର ଜମୁଝାଡ଼ିଠାରୁ ଭାୟା ବାସୁଦେବପୁର ଦେଇ ଧାମରା ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ସ୍ୱତନ୍ତ୍ର ରାଜପଥର ନକ୍ସା ବଦଳିବ ବୋଲି ଜଣାଯାଇଛି। ଜାମୁଝାଡ଼ିର ଏହି ରାଜପଥ ଯେଉଁ ସବୁ ଜନବସତି ଓ ସହର ମଝିରେ ଯାଇଥିଲା ତାହାକୁ ବାଦ୍ ଦିଆଯାଇ ଜମି ଅଧିଗ୍ରହଣ କରାଯିବ ବୋଲି ନକ୍ସା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯିବା ନେଇ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତି ହୋଇଛି। କାରଣ ଜନବସତି ଅଞ୍ଚଳକୁ ସୁରକ୍ଷିତ ରଖାଯାଇ ରାଜପଥ ନିର୍ମାଣ କରିବା ନିମନ୍ତେ ଦାବି ହେବା ପରେ ସରକାର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଯୋଜନା କରିଥିବା ଜଣାଯାଇଛି। ଏଥିପାଇଁ ମଧ୍ୟ ସର୍ଭେ କାମ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହି ଜମି ଅଧିଗ୍ରହଣ ଆରମ୍ଭ କରାଯାଇ ନୂତନ ରାସ୍ତା ଜମୁଝାଡ଼ିରୁ ଧାମରା ପର୍ଯ୍ୟନ୍ତ ନିର୍ମାଣ କରାଯିବ ବୋଲି ଯୋଜନା ପ୍ରସ୍ତୁତି ହୋଇଛି। ଜମି ଅଧିଗ୍ରହଣ ଶେଷ ହେଲେ ଏହି ୨ ପ୍ରମୁଖ ରାସ୍ତା ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଜମି ଅଧିଗ୍ରହଣ ବେଳେ ଲୋକଙ୍କ ସ୍ୱାର୍ଥ ପ୍ରତି ସର୍ବାଧିକ ଦୃଷ୍ଟି ଦିଆଯାଇ ନୂତନ ନକ୍ସା ପ୍ରସ୍ତୁତ କରାଯାଇଛି ଓ ଲୋକଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭୂ-ଅର୍ଜନ ଅଧିକାରୀ ଶ୍ରୀ ମଣ୍ଡଳ କହିଛନ୍ତି। ଲୋକେ ସେମାନଙ୍କ ପ୍ରାପ୍ୟ ପାଇବା ପରେ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଶ୍ରୀ ମଣ୍ଡଳ ମଧ୍ୟ ସୂଚନା ଦେଇଛନ୍ତି।

## ସିବିଏସ୍‌ଇ ପରୀକ୍ଷାରେ ଅଂଶୁମାନ ଜିଲ୍ଲା ଟପ୍ପର

### ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ



ଭଦ୍ରକ,୧୯।୪(ସମିସ): ଭଦ୍ରକ ଜିଲ୍ଲାର ଏକ ଅଗ୍ରଣୀ ସ୍କୁଲ ଭାବରେ ଖ୍ୟାତିଲାଭ କରିଥିବା ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଅଂଶୁମାନ ମୋହନ ନାୟକ ଜିଲ୍ଲା ଟପ୍ପର ହୋଇଛନ୍ତି। ପ୍ରକାଶ ପାଇଥିବା ସିବିଏସ୍‌ଇ ଦଶମ ପରୀକ୍ଷାରେ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍‌ର ସ୍କୁଲର ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ଅର୍ଜନ କରିଛନ୍ତି। ତନ୍ମଧ୍ୟରୁ ଅଂଶୁମାନ ମୋହନ ନାୟକ ସର୍ବାଧିକ ୯୯.୪% ରଖି ବିଦ୍ୟାଳୟ ତଥା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିବା ସହିତ ସମଗ୍ର ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଅଂଶୁମାନଙ୍କ ବାପା ଚିନ୍ମୟ ନାୟକ ଓଡ଼ିଶା ହାଇକୋର୍ଟର ଲିଗାଲ ଅଫିସର ଭାବେ କାର୍ଯ୍ୟରତ ଥିଲାବେଳେ ମାଆ ଅସୀମା ନାୟକ ରାଜସ୍ୱ ସହାୟକ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ଗ୍ରାମ କୁଶଗଡ଼ିଆ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତାକୁ ନେଇ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଅଂଶୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ପିତାମାତା, ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ଦେବତା, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍, ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ୍, ଆଶାବରୀ କର, ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ଅଗସ୍ତି, ବନ୍ଦିତା ଦୀକ୍ଷିତ୍, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଓ ଦେବେନ୍ଦ୍ର ଶତପଥୀ, ଶିକ୍ଷାବିତ୍ ବିପିନ୍‌ବିହାରୀ କର, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିବା ସହ ତାଙ୍କର ଆଗାମୀ ଭବିଷ୍ୟତର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ତାରିଣୀ ପୀଠରେ ପାଲା ପରିବେଷଣ



ବାରିକପୁର,୧୯।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପଟାପୋଲ ବଜାରଠାରେ ମା’ ତାରିଣୀଙ୍କ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଲୋକକଳା ପାଲା ପରିବେଷଣ ହୋଇଛି। ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବର୍ଷୀୟାନ ସାହିତ୍ୟିକ ତଥା ଶିକ୍ଷାବିତ୍ ନଟବର ରାଉଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗିରିଶ ଚନ୍ଦ୍ର ସାମଲ, ବରେଣ୍ୟ ଅତିଥି ଶିକ୍ଷକ ଖଗେଶ୍ୱର ସାହୁ, ଯୁବନେତା ଜିତେନ୍ଦ୍ର ନାୟକ, ବରିଷ୍ଠ ନାଗରିକ ଉମାକାନ୍ତ ନାୟକ, ଯାତ୍ରା କଳାକାର କୀର୍ତ୍ତନ ଧଳ, ଚାଷୀ ସଂଗଠକ ଦେବେନ୍ଦ୍ର କୁମାର ଷଣ୍ଢ ପ୍ରମୁଖ ଯୋଗଦେଇ ପାଲା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଏହାଛଡ଼ା ଗାୟିକା କୁମୁଦ୍ୱନୀ ପଣ୍ଡା ଓ ସାଥିଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ବଜାର କମିଟି ସଦସ୍ୟ ରବୀନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶରତ ସେନାପତି ସ୍ୱାଗତ ଭାଷଣ ଓ ଅମୂଲ୍ୟ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ୨ଦିନ ଧରି ଚାଲିଥିଲା କାର୍ଯ୍ୟକ୍ରମକୁ ବ୍ୟବସାୟୀ ନାରାୟଣ ନାୟକ, ଅଶୋକ ସାହୁ, ପ୍ରକାଶ ସ୍ୱାଇଁ, ଦୁର୍ଯ୍ୟୋଧନ ରାଉତ, ଗୌରହରି ସାହୁ, ଜଗବନ୍ଧୁ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଅଷ୍ଟମ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ



ବାରିକପୁର,୧୯।୪(ସମିସ): ସାରା ଦେଶରେ ଏବେ ଅଷ୍ଟମ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କରୋନା ପାଇଁ ୨୦୨୧ରୁ ସ୍ଥଗିତ ରହିଥିବା ୮ମ ନଗଣନା ୨ଦିନ ପୂର୍ବରୁ ଶୁଭାରମ୍ଭ ହୋଇଛି। ଏହା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ’ ୧୫ରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସୁପରଭାଇଜର ଓ ଜନଗଣନାକାରୀ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ସହ ସୀମା ନିର୍ଦ୍ଧାରଣ କରିଛନ୍ତି। କେଉଁ କର୍ମଚାରୀ କେତୋଟି ଘର ବିଷୟରେ ତଥ୍ୟ ସଂଗ୍ରହ କରିବେ ତାହା ସୁପରଭାଇଜରମାନେ ସ୍ଥିର କରିଛନ୍ତି। ଜଣେ ଜନଗଣନା କର୍ମଚାରୀ ଗାଁର ସର୍ବାଧିକ ୨୦୦ ଘରୁ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ୨୪୨ ଜଣ ଜନଗଣନାକାରୀ ଓ ୪୩ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। କର୍ମଚାରୀମାନେ ପ୍ରତ୍ୟେକ ଦିନ ଜନଗଣନା ଅଧିକାରୀ ତଥା ତହସିଲଦାରଙ୍କୁ ତଥ୍ୟ ପ୍ରଦାନ କରିବେ।

## ତିହିଡ଼ି ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍



ଦୋଳସାହି,୧୯।୪(ସମିସ): ସାରା ଭାରତ ବର୍ଷରେ ଏପ୍ରିଲ୍ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସେବା ସପ୍ତାହ ପାଳନ ହୋଇଥାଏ। ତିହିଡ଼ି ଅଗ୍ନିଶମ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି। ଏହି ସପ୍ତାହରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ମେଡିକାଲ ଓ ଉଚ୍ଚ ଅଟ୍ଟାଳିକା ଯେଉଁଥିରେ ବଡ଼ଧରଣର ଜୀବନ ଓ ଧନ ହାନୀର ସମ୍ଭାବନା ଥାଏ ସେହିସବୁ ସ୍ଥାନରେ ନିୟୋଜିତ କର୍ମଚାରୀମାନଙ୍କୁ ଅଗ୍ନି ଦୁର୍ଘଟଣା ସମ୍ବନ୍ଧରେ ସଚେତନ ଜାଗ୍ରତ ଓ ଅଗ୍ନି ପ୍ରତିରୋଧ କରିବାର ବିଭିନ୍ନ କୌଶଳ ଓ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ଚାଳନା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭବିଷ୍ୟତରେ ବଡ଼ ଧରଣର ଅଗ୍ନିକାଣ୍ଡକୁ ଏଡ଼ାଇବା ପାଇଁ ଚେଷ୍ଟା କରାଯାଇଥାଏ।

## ମଧ୍ୟରାତ୍ରୀରେ ପୁଲିସର ଚଢ଼ଉ; ୧୬ ଗୋରୁ ଉଦ୍ଧାର

ଧାମନଗର,୧୯।୪(ସମିସ): ଧାମନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବା ବେଆଇନ ଗୋ-ଚାଲାଣ ଏବଂ ଗୋ-ମାଂସ କାରବାର ଉପରେ ପୁଲିସ ଏବେ ଶକ୍ତ ପ୍ରହାର କରିଛି। ଗତ ଗୁରୁବାର ବିଳମ୍ବିତ ରାତିରେ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଥାନା ନିକଟସ୍ଥ କୋରେସି ମହଲା ଓ ହବିବି ନଗର ଆଦି ଅଞ୍ଚଳରେ ଚଢ଼ଉ କରି ୧୬ଟି ଗୋରୁଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।



ସୂଚନା ଅନୁଯାୟୀ, ଗତ ୨ଦିନ ତଳେ ଧାମନଗର ଅଞ୍ଚଳରୁ ଏକ କାର୍‌ରେ “ପ୍ରେସ୍’ ଲେଖାଥିବା ଷ୍ଟିକର ଲଗାଇ ପ୍ରାୟ ୫ କ୍ୱିଣ୍ଟାଲ ଗୋ-ମାଂସ ଚୋରାରେ ଭଦ୍ରକକୁ ଚାଲାଣ ହେଉଥିଲା। ଭଦ୍ରକ ପୁଲିସ ଏହାକୁ ଧରିବା ପରେ ଏହି ବେଆଇନ କାରବାରର ଚେର ଧାମନଗର ପର୍ଯ୍ୟନ୍ତ ଲମ୍ବିଥିବା ସ୍ପଷ୍ଟ ହୋଇଥିଲା। ଏହାକୁ ଗମ୍ଭୀରତାର ସହ ନେଇ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପୁଲିସ ବିଭିନ୍ନ ସ୍ଥାନରେ ତନାଘନା ଆରମ୍ଭ କରିଥିଲା। ବେଆଇନ ଭାବେ ଗୋରୁ ବାନ୍ଧି ରଖାଯାଇଥିବା ଏବଂ ରାତି ଅଧରେ ସେମାନଙ୍କୁ କଟାଯାଉଥିବା ନେଇ ଗୋଇନ୍ଦା ସୂଚନା ପାଇବା ପରେ ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ସହ ଏସ୍‌ଆଇ ମହେଶ୍ୱର ପ୍ରଧାନ, ନାରାୟଣ ନାୟକ ଏବଂ ଏପିଆର୍ ଫୋର୍ସ ମିଳିତ ଭାବେ ହବିବି ନଗରରେ ଚଢ଼ଉ କରିଥିଲେ। ପୁଲିସ ପହଞ୍ଚିବା ପରେ ସେଠାରେ ଅସୁରକ୍ଷିତ ଭାବେ ବନ୍ଧା ହୋଇଥିବା ୧୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସହରର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ଭାବେ ଗୋମାତାଙ୍କୁ ହତ୍ୟା କରାଯାଇ ମାଂସ କାରବାର ହେଉଥିବା ପୁଲିସ ପାଖରେ ପର୍ଯ୍ୟାପ୍ତ ସୂଚନା ରହିଛି। ଏହି କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ଆଗକୁ ଏହି ଅଭିଯାନ ଆହୁରି ଜୋର୍‌ଦାର୍ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି।

**● ହରିହାଟ କାର୍ଯ୍ୟକ୍ରମ**

## ସ୍ୱତନ୍ତ୍ର ନୀତିକାନ୍ତିରେ ୯ ଦିନ ପୂଜା ପାଇବେ ଜଗନ୍ନାଥ

ବନ୍ତ/ଆଗରପଡ଼ା,୧୯।୪(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ଗଣିଜାଙ୍ଗ ବଜାର କାଳିପଡ଼ିଆରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ହରିହାଟ କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ନୀତିକାନ୍ତିରେ ଜଗନ୍ନାଥ ପୂଜା ପାଇବେ ୯ ଦିନ। ମହାବିଷୁବ ପଣା ସଂକ୍ରାନ୍ତିଠାରୁ ଏହି ପୂଜା ଆରମ୍ଭ ହୋଇଥାଏ। ପ୍ରାରମ୍ଭରେ ନିକଟସ୍ଥ ଶାସନ ପୁଷ୍କରିଣୀରେ ୫ଟି କଳସ ଘଟୋତ୍ତୋଳନ କରାଯାଇ ବାଜା, ବାଣ ଫୁଟାଇ ଗ୍ରାମ ବଜାର ପରିକ୍ରମା ପରେ ଜଗନ୍ନାଥ ମନ୍ଦିରରେ ସ୍ଥାପନା କରାଯାଇଥାଏ। ପୂଜକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ରାମ ଚନ୍ଦ୍ର ପାଣିଗ୍ରାହୀ ପ୍ରତିଦିନ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ରାମ ବାରିକଙ୍କ ସମେତ ସମସ୍ତ ଭକ୍ତ ମନ୍ଦିର କାର୍ଯ୍ୟରେ ସହଯୋଗ କରିଥିଲେ। ଜଗନ୍ନାଥଙ୍କ ସୁନାବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା। ପ୍ରତିଦିନ ଭାଗବତ ପାଠ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଠାକୁରଙ୍କ ପୂର୍ବ ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିଲା। ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୂଆ ହରିହାଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ

## ‘ବରିଷ୍ଠ ନାଗରିକ ହେଉଛନ୍ତି ସଂସ୍କୃତି ଓ ପରମ୍ପରାର ବାହକ’



ଅସୁରାଳି,୧୯।୪(ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଅଧୀନ ମହତାବନଗର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବେତାଳିଗାଁ ବଜାର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ୨ୟ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଏବଂ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ନିମାଇଁ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବୟୋଜ୍ୟେଷ୍ଠମାନଙ୍କ ସମାଜ ପ୍ରତି ଅବଦାନ ଓ ସେମାନଙ୍କ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ଅଭିଜ୍ଞତାର ଭଣ୍ଡାର ଏବଂ ସମାଜର ମୂଳଦୁଆ। ସେମାନେ ଆମର ସଂସ୍କୃତି ଓ ପରମ୍ପରାର ବାହକ। ଏକ ବଟବୃକ୍ଷ ଭଳି ସେମାନେ ନିଜ ପରିବାର ଓ ସମାଜକୁ ସୁରକ୍ଷା ଓ ଶୃଙ୍ଖଳାର ଛାୟା ପ୍ରଦାନ କରିଥା’ନ୍ତି। ସେମାନଙ୍କ ଦର୍ଶାଇଥିବା ମାର୍ଗରେ ଚାଲିଲେ ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଏଡିପିଏଚ୍‌ଓ ଡା. ସୁଧୀର ରଞ୍ଜନ ନାୟକ, ଇଂ.ମହେଶ ପ୍ରସାଦ ଦାସ, ସଚ୍ଚିଦାନନ୍ଦ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ପ୍ରତି ସାମ୍ବାଦିକମାନଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ଧୂଷୁରୀ ପ୍ରେସ୍ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ ଓ କୋଷାଧ୍ୟକ୍ଷ ରତିକାନ୍ତ ନାୟକଙ୍କୁ ମଞ୍ଚ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସରପଞ୍ଚ ଅଜୟ ମଲ୍ଲିକ, ଜଗଦାନନ୍ଦ ସେଠୀ ଓ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମଞ୍ଚ ସମ୍ପାଦକ କ୍ଷୀରୋଦ ବଳ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତ୍ନାକର ବେହୁରିଆ, ବିଦ୍ୟାଧର ବାରିକ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଅନିଲ ବଳ ଓ କାଶୀନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ମଞ୍ଚ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

## ଶ୍ରୀଶ୍ରୀହନୁମାନଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବ



ତିହିଡ଼ି,୧୯।୪(ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଭାତପଡ଼ା ପଞ୍ଚାୟତର ସଂଖିଡ଼ା ଗାଁରେ ଶ୍ରୀଶ୍ରୀହନୁମାନଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବ ୩ ଦିନବ୍ୟାପୀ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୧୬ ତାରିଖରେ ଶତାଧିକ ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୭ ତାରିଖଠାରୁ ଯଜ୍ଞାନୁଷ୍ଠାନ ଆରମ୍ଭ ହୋଇ ୧୮ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପରେ ଛୋଟ ଛୋଟ ପିଲାଙ୍କୁ ନେଇ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିନ ମଧ୍ୟାହ୍ନରେ ସମସ୍ତଙ୍କ ଲାଗି ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଆରଡ଼ି ଧାମରୁ ଆସିଥିବା ପୁରୋହିତମାନେ ଯଥାବିଧି ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। ସନ୍ତୋଷ ଯେନା ଓ ଗୌରୀ ଯେନା ପୂଜାରେ ସଂକଳ୍ପ କାର୍ଯ୍ୟ ତୁଲାଇଥିବାବେଳେ ଇନ୍ଦ୍ରମଣି ସେଠୀ, ଲକ୍ଷ୍ମୀଧର ଯେନା, ବିକ୍ରମ ଯେନା, ଧର୍ମେନ୍ଦ୍ର ଯେନା, ପୂର୍ଣ୍ଣଚନ୍ଦ୍ର ଯେନା, ଦିବାକର ମହାନ୍ତି, ମୀନକେତନ ପଣ୍ଡା, ଜିତେନ୍ଦ୍ର ଯେନା, ଧନଞ୍ଜୟ ଯେନା, ଦେବେନ୍ଦ୍ର ଯେନା, ବାବୁଲି ରାଉତ, ଶିଳାରାଣୀ ସାବତ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୧୮ ତାରିଖ ମଧ୍ୟାହ୍ନରେ ବାସୁଦେବପୁର ବିଧାୟକ ଅଶୋକ ଦାସ ଉପସ୍ଥିତ ହୋଇ ତାଙ୍କ ହାତପାଣ୍ଠିରୁ ମଞ୍ଜୁର କରିଥିବା ଦେଢ଼ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଗ୍ରହ ମଣ୍ଡପର ଚୌହଦୀ ଓ ଛାତ ନିର୍ମାଣର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ସରୋଜ ଦାସଙ୍କ ସମେତ ଭରତ ମହାପାତ୍ର, ଯଦୁମଣି ପାଣିଗ୍ରାହୀ, ଦେବେନ୍ଦ୍ର ପଣ୍ଡା, ସୌମେନ୍ଦ୍ର ପଣ୍ଡା, ବେଣୁଧର ତ୍ରିପାଠୀ, ରୋହିତାଶ୍ୱ ଶେଖର ପଣ୍ଡା, ମନମୋହନ ଦାସ ଓ ବିଭୁତି ତ୍ରିପାଠୀ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

### ନୋଇଡ଼ାରେ ଶ୍ରମିକଙ୍କ ଉପରେ ଆକ୍ରମଣ

## ସିଆଇଟିୟୁ ପକ୍ଷରୁ ଭଦ୍ରକରେ ପ୍ରତିବାଦ ସଭା



ଭଦ୍ରକ,୧୯।୪(ସମିସ): ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଓ ବିଶେଷକରି ନୋଇଡ଼ା ଅଞ୍ଚଳରେ ଶିଳ୍ପ ଶ୍ରମିକମାନଙ୍କ ଉପରେ ହୋଇଥିବା ସରକାରୀ ଆକ୍ରମଣ ଓ ପୁଲିସ୍ ଦମନ ବିରୋଧରେ ସିଆଇଟିୟୁ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ବନ୍ତ ଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଦିନକୁ ୮ ଘଣ୍ଟା କାମ କରିବାର ଅଧିକାରର ସୁରକ୍ଷା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ୍, ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି, ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟ ଆଦି ଦାବି କରି ନୋଇଡ଼ା ଓ ଜାତୀୟ ରାଜଧାନୀ ଅଞ୍ଚଳରେ ଶିଳ୍ପ ଶ୍ରମିକମାନେ ଶାନ୍ତିପ୍ରିୟ ଆନ୍ଦୋଳନ ଚଳାଇଥିବା ବେଳେ ଶିଳ୍ପପତି ଶ୍ରେଣୀ ନିର୍ଦ୍ଦେଶରେ ଦିଲ୍ଲୀ ପୁଲିସ, ଉତ୍ତରପ୍ରଦେଶ ପୁଲିସ ଓ ହରିୟାଣା ପୁଲିସ ଯେପରି ଭାବେ ଆକ୍ରମଣ କରି ଲହୁଲୁହାଣ କରି, ମିଥ୍ୟା ମୋକଦ୍ଦମାରେ ଶ୍ରମିକ ନେତାମାନଙ୍କୁ ଜେଲ୍‌ରେ ଭର୍ତ୍ତି କରିଛନ୍ତି। ତାହା ଗଣତାନ୍ତ୍ରିକ ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ ବୋଲି ସଭାରେ ଯୋଗଦେଇଥିବା ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଜେଲ୍‌ଖାନାରେ ଥିବା ଶ୍ରମିକ ନେତାମାନଙ୍କୁ ଖଲାସ କରିବାକୁ ଦାବି କରିଛନ୍ତି। ଦୋଷୀ ପୁଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାତ୍ରୀ, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ଜିଲ୍ଲା ଆବାହକ ବିକାଶ ନାଥ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ଭଦ୍ରକ ଓକିଲ ସଂଘ ପୂର୍ବତନ ଉପସଭାପତି ଅଶୋକ ନାୟକ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଆଇନଜୀବୀ ଦେବେନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମହିଳାଙ୍କ ମାରାଥନ ଦୌଡ଼, ପଦଯାତ୍ରା ଓ ସମାବେଶ

ଭଦ୍ରକ,୧୯।୪(ସମିସ)



ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଫିଟ୍ ଇଣ୍ଡିଆ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସରେ ଧାମନଗର ବ୍ଲକ୍‌ର ଅସୁରାଳିଠାରେ ‘ସଶକ୍ତ ନାରୀ, ସଶକ୍ତ ଭାରତ’ ଶୀର୍ଷକରେ ଫିଟ୍ ଇଣ୍ଡିଆ ରନ୍ ଫର୍ ଓମେନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ମାରାଥନ ଦୌଡ଼, ପଦଯାତ୍ରା ଓ ମହିଳା ସମାବେଶରେ ୨୦୦୦ରୁ ଅଧିକ ମହିଳା ଯୋଗଦେଇ ନାରୀ ସଶକ୍ତୀକରଣର ଏକ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଓ ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, କ୍ରୀଡ଼ାମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଉମାମଣି ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କିଛି ପ୍ରତିଭାଶାଳୀ ନାରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଡା. ସୂର୍ଯ୍ୟସ୍ନାତା ସାହୁ(ଅନେସ୍ଥେସିଆ), ଏସ୍‌ଆଇ ପୁନମ ଦେବୀ ବେହେରା, ଜୁଲି ବେହେରା(ବରକୋଳି ରପ୍ତାନି), ମନିଷା ସାହୁ(ଜାତୀୟସ୍ତରୀୟ ସାଇକ୍ଲିଷ୍ଟ), ମଧୁସ୍ମିତା ନାୟକ(ଟେନିକୋଇଟ୍ ଜାତୀୟ ଖେଳାଳି), ଲେଖିକା ଝରଣା ପଟ୍ଟନାୟକ, ରାଧାରାଣୀ ମହାପାତ୍ର, ଗୀତାରାଣୀ ଆଇଚ, ଦେବସ୍ମିତା ସୁଭଦର୍ଶିନୀ (ଧାମନଗରର ୟୁକୋ ବ୍ୟାଙ୍କ ଶାଖାର ବ୍ରାଞ୍ଚ ମ୍ୟାନେଜର) ଓ ଧାମନଗର ବ୍ଲକ୍‌ରୁ ସିବିଏସ୍‌ଇ ଦଶମ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା (୯୮%) ମନସ୍ମିତା ମହାପାତ୍ର ଥିଲେ। ରଞ୍ଜିତା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅସୁରାଳି ସରପଞ୍ଚ ମିନତି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମାରାଥନ ଦୌଡ଼ ଓ ପଦଯାତ୍ରା ଅସୁରାଳିସ୍ଥିତ ବେଷ୍ଟ ଇଞ୍ଜିନିୟରିଂ କଲେଜ ସମ୍ମୁଖରୁ ଆରମ୍ଭ ହୋଇ ନଗର ପରିକ୍ରମା କରି ମା’ କାଳୀ ମନ୍ଦିରଠାରେ ପହଞ୍ଚିଥିଲା।

# ଭୁବନେଶ୍ୱର ସିଟି





## ନୂଆ ତରିକାରେ ଠକେଇ

# ଗ୍ୟାସ୍ ବୁକିଂ ବେଳେ ଆକାଉଣ୍ଟ ଖାଲି

ଭୁବନେଶ୍ୱର,୧୯ ।୪(ସମିସ):

ଏବେ ଆଉଏକ ନୂଆ ତରିକାରେ ଆକାଉଣ୍ଟ ଖାଲି କରିଦେଉଛନ୍ତି ସାଇବର ଠକ। ଗ୍ୟାସ ବୁକିଂବେଳେ ଏଭଳି ଠକେଇ ହେଉଛି। ଦୁଇଦିନ ମଧ୍ୟରେ ଏହି ତରିକାରେ ଠକେଇର ଶିକାର ହୋଇଥିବା ଦୁଇଜଣ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଆକାଉଣ୍ଟରୁ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗ୍ୟାସ ସଙ୍କଟ ବେଳେ ଏଭଳି ତରିକାରେ ଠକେଇ ଲୋକଙ୍କୁ ଆତଙ୍କିତ କରିଛି।



ସୂଚନା ଅନୁଯାୟୀ, ନୂଆପଲ୍ଲୀର କାଲୁ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲକୁ ୪ଦିନ ତଳେ ଏକ ମେସେଜ୍ ଆସିଥିଲା। ଯେଉଁଥିରେ ଶୀଘ୍ର ଗ୍ୟାସ୍ ବୁକିଂ କରିବା ପାଇଁ ଚାହୁଁଥିଲେ ଦିଆଯାଇଥିବା ଏକ ଲିଙ୍କରେ କ୍ଲିକ୍ କରିବା ପାଇଁ କୁହାଯାଇଥିଲା। ଏହି ଲିଙ୍କ୍‌କରେ କ୍ଲିକ୍ କରିବା ପରେ ନିଜର ତଥ୍ୟ ଦେଇ ସହଜରେ ଗ୍ୟାସ୍ ବୁକିଂ କରିପାରିବ ବୋଲି ଲେଖାଥିଲା। ଏହି ମେସେଜ୍‌ରେ ପ୍ରଭାବିତ ହୋଇ କାଲୁ ସଂପୃକ୍ତ ଲିଙ୍କରେ କ୍ଲିକ୍ କରିଦେଇଥିଲେ। ଏହି କ୍ଲିକ୍ ପରେ ତାଙ୍କ ମୋବାଇଲ୍ ହ୍ୟାକ୍ ହୋଇଯାଇଥିଲା। ଏହାର କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୬ ଲକ୍ଷ ଟଙ୍କା କଟିଯାଇଥିଲା। ଏ ସମ୍ପର୍କରେ କାଲୁ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ସାଇବର ଥାନା ପୁଲିସ ତନାଘନା ଆରମ୍ଭ କରିଛି।

ସେହିପରି ରାଜୁ ଜେନା ନାମକ ଜଣେ ବ୍ୟକ୍ତି ୬୦ ହଜାର ଟଙ୍କାର ଠକେଇ ହୋଇଥିବା ଜଣାପଡ଼ିଛି। ତାଙ୍କ ମୋବାଇଲ୍‌କୁ ମଧ୍ୟ ଗ୍ୟାସ୍ ବୁକିଂ ନାମରେ ଏକ ଏପିକେ ଫାଇଲ୍ ଆସିଥିଲା। ସେ ଏହି ଫାଇଲ୍‌କୁ ଖୋଲି ଦେଖିବା ପରେ ତାଙ୍କ ମୋବାଇଲ୍ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ପରେ ସାଇବର ଠକ ତାଙ୍କ ଆକାଉଣ୍ଟରୁ ୬୦ ହଜାର ଟଙ୍କା ଠକି ନେଇଯାଇଥିଲେ।

ବିଭିନ୍ନ ସ୍ତରରେ ବାରମ୍ବାର ସଚେତନ କରାଯାଉଥିବାବେଳେ ସାଧାରଣ ଜନତା ବାରମ୍ବାର ସାଇବର ଠକେଇର ଶିକାର ହେଉଛନ୍ତି। ସାଇବର ଠକ ଦିନକୁ ଦିନ ନୂଆ ତରିକାରେ ଠକେଇ କରୁଥିବାରୁ ସହଜରେ ଲୋକେ ଠକେଇର ଶିକାର ପାଲଟୁଛନ୍ତି। ଗ୍ୟାସ ବୁକିଂ ନାମରେ କୌଣସି ଅଜଣା ଲିଙ୍କ ଆସିଲେ ଏଥିରେ ପ୍ରଭାବିତ ନହେବାକୁ କୁହାଯାଇଛି।

# କିଣିବାକୁ ଆସି ମୋବାଇଲ ଚୋରାଇ ନେଲା ଦୁର୍ବୃତ୍ତ

ଭୁବନେଶ୍ୱର,୧୯।୪ (ସମିସ): କିଣିବାକୁ ଆସି ମୋବାଇଲ ଚୋରି କରି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ସୁନ୍ଦରପଦା ରୟାଲ ରେସିଡେନ୍ସିରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ମହାକାଳପଡ଼ା ଥାନା ଅରୁଣ ନଗରର ପ୍ରଫୁଲ୍ଲ ମଣ୍ଡଳ ଓରଫ୍ ପପୁ (୩୬)। ପୁଲିସ ସୂଚନାନୁଯାୟୀ, ଜୀବନ ଜ୍ୟୋତି ବେହେରା ସହିଦନଗରରେ ସେଲ୍ ଏକ୍ସ ନାମକ ଏକ ମୋବାଇଲ ଦୋକାନ କରିଛନ୍ତି। ଗତମାସ ୨୩ ତାରିଖ ପୂର୍ବାହ୍ନରେ ପପୁ ତାଙ୍କ ଦୋକାନକୁ ଆସି କିଣିବା ବାହାନାରେ ମୋବାଇଲ ଦେଖିଥିଲା। ଜୀବନ ଅନ୍ୟମନସ୍କ ଥିବାର ସୁଯୋଗ ନେଇ ପପୁ ମୋବାଇଲ ଫୋନ୍ ନେଇ ଫେରାର ହୋଇ ଯାଇଥିଲା। ଚୋରି ବିଷୟରେ ତୁରନ୍ତ ଜଣା ପଡ଼ିନଥିଲେ ମଧ୍ୟ ପରବର୍ତ୍ତୀ ସିସିଟିଭି ଫୁଟେଜରୁ ଜୀବନ ଜାଣିବାକୁ ପାଇଥିଲେ। ଏନେଇ ସେ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜରୁ ମିଳିଥିବା ଗାଡ଼ି ନମ୍ବର ଆଧାରରେ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ରବିବାର ଏୟାରଫିଲ୍ଡ ଥାନା ଅଞ୍ଚଳରୁ ପପୁକୁ ଗିରଫ କରିବା ସହ ମୋବାଇଲ୍ ଜବତ କରିଥିଲା।



■ ନିଶାରେ ଉବୁଟୁବୁ ଯୁବପିଢ଼ି

# ଚୋରା ଗାଡ଼ିକୁ କାଟି ବିକିଦେଲେ କବାଡିଆ

ହଂସପାଳ,୧୯।୪(ସମିସ): ବାଲିଅନ୍ତା ଥାନା ଅଧିନ ସାଇଫନ ଛକ ବେଲେଶ୍ୱର ରାସ୍ତା ମଶାଣି ନିକଟରେ ଏକ ଚୋରା ଗାଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା।ସୂଚନା ଅନୁସାରେ ଗ୍ରାମ ର କିଛି ଯୁବକ ସକାଳୁ ଦେଖିବାକୁ ପାଇଥିଲେ ଯେ ଏକ ହିରୋ ମଟର ସାଇକେଲ ମଶାଣି ନିକଟରେ ପଡ଼ିଛି।ଗାଡ଼ି ଟି ଅତି ନୂଆ ଦେଖାଯାଉଥିବା ବେଳେ ସେଥିରୁ ଅଧା ପାର୍ଟ୍ସ ଖୋଲା ହୋଇ କବାଡିଆ ଦୋକାନ ରେ ବିକ୍ରି ହୋଇଯାଇଛି।ବାଲିଅନ୍ତା ଅଞ୍ଚଳରେ ମାଳ ମାଳ ଚୋରା କବାଡିଆ ଦୋକାନ ଗଡ଼ି ଉଠିଛି।ବହୁ ଚୋରା ଗାଡ଼ି ଆସି ଏହି କବାଡିଆ ଦୋକାନ ରେ କଟା ହୋଇ ବିକ୍ରି ହୋଇଯାଉଛି। ଏହି କିଛି ଦିନ ହେବ ବାଲିଅନ୍ତା ଅଞ୍ଚଳରେ ଗଞ୍ଜେଇ, ବ୍ରାଉନ ସୁଗାର ନିଶା କାରବାର ବହୁ ମାତ୍ରା ରେ ବଢ଼ି ଚାଲିଛି।ବହୁ ଯୁବ ପିଢ଼ି ଏହି ନିଶା ରେ ବୁଡି ରହୁଛନ୍ତି।ଚୋରି,ରାହାଜାନୀ,ଡକାୟତି କରିବାକୁ ମଧ୍ୟ ପଛାଉ ନାହାନ୍ତି।ରାଜଧାନୀ ଉପକଣ୍ଠ ହେତୁ ଏହାକୁ ନିରାପଦ ସ୍ଥାନ ଭାବି ରାତି ୧୨ ଟା ପରେ ଉତ୍ପାଦ ଆରମ୍ଭ କରିଦେଉଛନ୍ତି। ବାଲିଅନ୍ତା ଥାନା ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ହେଉ ନଥିବାରୁ ନିଶା ବେପାରୀ ବ୍ରାଉନସୁଗାର ବିକିବା ପାଇଁ ସବୁ ଛକ ମାନଙ୍କ ରେ ଜଗି ରହୁଛନ୍ତି।ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତବରଣ ଖେଳିଯିବା ସହ ଜରୁରୀକାଳୀନ କାର୍ଯ୍ୟରେ ରାତିରେ ଘରୁ ବାହାରିବା ନିରାପଦ ମଣୁ ନାହାନ୍ତି।



# କ୍ରିଷ୍ଣା ପୁରୀ ଆଞ୍ଚଳିକ ବିକାଶ ପରିଷଦର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର, ୧୯ ।୪(ସମିସ): କ୍ରୀଷ୍ଣା ପୁରୀ ଆଞ୍ଚଳିକ ବିକାଶ ପରିଷଦର ଆସନ୍ତା ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ ହେବା ସହିତ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସଭାପତି ରମାକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ପୂର୍ବତନ ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ନୂତନ ଭାବେ ସଭାପତି ପ୍ରଶାନ୍ତ ଜେନା, ଉପସଭାପତି କୃଷ୍ଣ ଚନ୍ଦ୍ର ରଣା ଓ ଶ୍ରୀହର୍ଷ ପ୍ରହରାଜ, ସମ୍ପାଦକ ଅମର ଜ୍ୟୋତି ମିଶ୍ର , ରତ୍ନାକର ସାହୁ, ସାଗର ଜେନା ଓ ବିଜୟ କୁମାର ସାସମଲ ଯୁଗ୍ମ ସମ୍ପାଦକ, ଉମାକାନ୍ତ ରଥ କୋଷାଧକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିକାଶ ପରିଷଦର ନିର୍ବାଚନ କମିଟି ସଭାପତି ଡ଼. ମାର୍କଣ୍ଡେୟ ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

# ଦୋକାନୀଙ୍କୁ ହାଣିବା ଘଟଣାରେ ଆଉଜଣେ ଗିରଫ

ଭୁବନେଶ୍ୱର,୧୯।୪(ସମିସ): ବ୍ୟବସାୟିକ ଶତ୍ରୁତାରୁ ହେଲମେଟ ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ହାତିଆଶୁଣୀ ନଗରର ସୁବ୍ରତ ନାୟକ ଓରଫ୍ ରାଓ ସାହିବ (୨୦)।" ପୁଲିସ ସୂଚନାନୁସାରେ, ତାରାକାନ୍ତ ବାରିକ ନାମକ ଜଣେ ବ୍ୟକ୍ତି ପ୍ରାୟ ୧୦ ବର୍ଷ ହେବ ସ୍ୱର୍ଣ୍ଣ ହସ୍ପିଟାଲ ନିକଟସ୍ଥ ସର୍ଭିସ୍ ରାସ୍ତାରେ ଏକ ହେଲମେଟ ଦୋକାନ କରିଛନ୍ତି। ନିକଟ ଅତୀତରେ ଓମ୍ ଗୌଡ଼ ସେଠାରେ ଏକ ମୋବାଇଲ କଭର୍ ଦୋକାନ କରିଥିଲା। ଫଳରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେବା ସହ ବିଏମ୍‌ସି ପକ୍ଷରୁ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା। ମୋବାଇଲ ଦୋକାନ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ତାରାକାନ୍ତ ଆସୋସିଏସନ୍ ସଭାପତିଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ତେବେ ଏହି କଥା ରାଜା ମଲ୍ଲିକ ଓ ବାପି ବିଶ୍ୱାଳ ଶୁଣିଦେଇ ଓମକୁ କହି ଦେଇଥିଲେ। ଗତ ଗୁରୁବାର ପୂର୍ବାହ୍ନରେ ଓମ୍ ଓ ଭଡ଼ାଟିଆ ଗୁଣ୍ଡା ବବୁଲ, ସୋନୁ, ସୁବ୍ରତ ଓ ଆକାଶ ଆସି ତାରାକାନ୍ତଙ୍କୁ ହଠାତ୍ ଗାଳିଗୁଲଜ କରିଥିଲେ। ଆସୋସିଏସନ୍‌ରେ ଦେଇଥିବା ଅଭିଯୋଗ ନ ଫେରାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଏହାର ଠିକ୍ ଘଣ୍ଟାଏ ପରେ ଓମ୍ ଓ ବବୁଲ ଆସି ତାରାକାନ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଡାହାଣ ହାତରେ ଖଣ୍ଡା ଚୋଟ ବାଜି ଆଙ୍ଗୁଳି କଟି ଯାଇଥିଲା। ସେ ନିଜକୁ ବଞ୍ଚାଇବାକୁ ନିକଟସ୍ଥ ଏକ ଦୋକାନରେ ପଶି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତାରାକାନ୍ତଙ୍କ ପତ୍ନୀ ସୀମାରାଣୀ ବାରିକ ଏ ନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ସାଲିଆ ସାହିରେ ଚଢ଼ଉ କରି ବବୁଲ ଓ ସୋନୁକୁ ଗିରଫ କରିଥିବା ବେଳେ ଆଜି ସୁବ୍ରତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।




# ରାଜଧାନୀରୁ କାର୍ ମାଗିନେଇ ଗଞ୍ଜାମରେ ବନ୍ଧକ

## ବନ୍ଧା ହେଲା ବିଶ୍ୱାସଘାତକ ଭାଇ

ଭୁବନେଶ୍ୱର,୧୯।୪(ସମିସ): ଭଉଣୀ ଠାରୁ କାର୍ ମାଗିନେଇ ବନ୍ଧକ ରଖିଥିବା ଅଭିଯୋଗରେ ବିଶ୍ୱାସଘାତକ ଭାଇକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ଲକ୍ଷ୍ମୀପ୍ରିୟା କଲୋନୀର ସତ୍ୟବ୍ରତ ଓଝା (୨୨)। ପୁଲିସ ସୂଚନାନୁସାରେ, କଳିଙ୍ଗ ଷ୍ଟାଡିୟମ ନିକଟରେ ରହୁଥିବା ତିର୍ତ୍ତୋଲର ମିନାକ୍ଷୀ ଓଝା ୨୦୨୪ ମସିହା ସେପ୍ଟେମ୍ବର ମାସରେ ଏକ କାର୍ କିଣିଥିଲେ। ଗତବର୍ଷ ମେ' ମାସରେ ତାଙ୍କ ସମ୍ପର୍କୀୟ ଭାଇ ସତ୍ୟବ୍ରତ ଆସି କିଛିଦିନ ପାଇଁ କାର୍ ମାଗି କରି ନେଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଫେରାଇନଥିଲା କି ଫୋନ୍ ଯୋଗାଯୋଗ ରଖିନଥିଲା। ବାରମ୍ବାର ଯୋଗାଯୋଗ କରି ନିରାଶ ହେବାରୁ ମୀନାକ୍ଷୀ ଗତ ଫେବୃୟାରୀ ୧୬ ତାରିଖ ଦିନ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଏହି ବିଷୟରେ ଜାଣିବା ପରେ ମାର୍ଚ୍ଚ ୪ ତାରିଖ ଦିନ ଗାଡ଼ି ଫେରାଇଦେବ ବୋଲି ସତ୍ୟବ୍ରତ କହିଥିଲା। ତଥାପି ଗାଡ଼ି ନ ଫେରାଇବାରୁ ମିନାକ୍ଷୀ ଗତମାସ ୨୫ ତାରିଖ ଦିନ ନୂଆପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସତ୍ୟବ୍ରତ ଗାଡ଼ିଟିକୁ ନେଇ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଗିରିଶାଳା ଗାଁରେ ବନ୍ଧକ ରଖିଥିବା ପୁଲିସ ଜାଣିବାକୁ ପାଇଥିଲା। ନୂଆପଲ୍ଲୀ ଓ ବେଲଗୁଣ୍ଠା ଥାନା ପୁଲିସ ମିଳିତ ଭାବେ ଗିରିଶାଳାରେ ଚଢ଼ଉ କରି କାର୍ ଜବତ କରିଥିଲେ ମଧ୍ୟ ସତ୍ୟବ୍ରତର ପତ୍ତା ପାଇନଥିଲେ। ସତ୍ୟବ୍ରତ ଭରତପୁର ଅଞ୍ଚଳରେ ଥିବା ଖବରପାଇ ରବିବାର ସକାଳେ ପୁଲିସ ଚଢ଼ଉ କରିଥିଲା। ତା' ଘରୁ ସତ୍ୟବ୍ରତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।



■ କେଭି ନଂ.-୧ରେ 'ଜଳ ପଖୱାଡା'

# ଏନ୍‌ସିସି କ୍ୟାଡେଟଙ୍କ ପକ୍ଷରୁ ଖୋଲିଲା ଜଳଛତ୍ର

ଭୁବନେଶ୍ୱର,୧୯।୪(ସମିସ): 'ଜଳ ପଖୱାଡ଼ା' ଅବସରରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ଭୁବନେଶ୍ୱରର ଏନ୍‌ସିସି ଆର୍ମି ୱିଙ୍ଗ୍‌ର କ୍ୟାଡେଟ୍‌ମାନଙ୍କ ଦ୍ୱାରା ରବିବାର "ଜଳ ଛତ୍ର' ଆୟୋଜନ କରାଯାଇଥିଲା। ରାସ୍ତାରେ ଯାଉଥିବା ପଥିକମାନଙ୍କୁ ଅଟକାଇ ପଣା ବଣ୍ଟନ କରାଯାଇଥିଲା। ଏହାସହ ପ୍ରଚଣ୍ଡ ଖରାରେ ମଣିଷ ଶରୀର ଉପରେ ପଡୁଥିବା ପ୍ରଭାବ ଓ ଜଳ ସଂରକ୍ଷଣ ନେଇ ମଧ୍ୟ ପଥିକମାନଙ୍କୁ ସଚେତନ କରାଯାଇଥିଲା। ଏନ୍‌ସିସି କ୍ୟାଡେଟ୍‌ମାନେ ଶୀତଳ ଜଳରେ ଲେମ୍ବୁ, ପୁଦିନା ପତ୍ର, ଜଳଜିରା ସହ ବିଭିନ୍ନ ସାମଗ୍ରୀ ମିଶାଇ ପାନୀୟ ପ୍ରସ୍ତୁତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନା ଦେଇ ଯାଉଥିବା ବହୁ ଯାତ୍ରୀଙ୍କୁ ଏହି ପାନୀୟ କ୍ୟାଡେଟ୍‌ମାନେ ବାଣ୍ଟିଥିଲେ। କେତେକ ଅଭିଭାବକ ମଧ୍ୟ ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଆଦିତ୍ୟ କୁମାର ପଣ୍ଡା କ୍ୟାଡେଟ୍‌ମାନଙ୍କ ଏପରି କାର୍ଯ୍ୟକୁ ପ୍ରଶଂସା କରି ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଓ ନାଗରିକତା ମୂଲ୍ୟବୋଧକୁ ଦର୍ଶାଉଛି ବୋଲି କହିଥିଲେ।



# ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୯।୪(ସମିସ): ପାତ୍ରପଡ଼ାସ୍ଥିତ ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ରରେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ରାଜ୍ୟ ସଭାପତି ଯଶୋବନ୍ତ ରଣବିଡ଼ା, ନଗର ବନଖଣ୍ଡ ସଭାପତି ଜଗନ୍ନାଥ କାଣ୍ଡି, ବନାଞ୍ଚଳ ଅଧିକାରୀ ଧାନ ଟୁଡୁ ଯୋଗଦେଇ ସଂଘର ସଫଳତା, ଏକତା ଉପରେ ଆଲୋକପାତ କରିଥିଲେ। ଏହି ସଂଘ ୧୯ ଏପ୍ରିଲ୍ ୧୯୪୯ରେ ଓଡ଼ିଶା ସରକାରଙ୍କ ଘରୋଇ ବିଭାଗରେ ପଞ୍ଜିକୃତ ହୋଇ ଆଜି ପର୍ଯ୍ୟନ୍ତ ସଫଳତାର ସହ ପରିଚାଳିତ ହେଉଛି। ୮୧୧୫ ଜଣ ସଭ୍ୟଙ୍କ ଦାବିକୁ ସରକାର ଓ ବନ ପ୍ରଶାସନ ନିକଟରେ ଉପସ୍ଥାପନ କରି ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିଆସିଛି। ଏହି ସଂଘକୁ ଗଢ଼ି ତୋଳିଥିବା ସମସ୍ତ ପୂର୍ବତନ କର୍ମକର୍ତ୍ତାଙ୍କ ମହାନତାର ସ୍ମୃତିଚାରଣ କରି ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶେଷରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ସମୀର ଭାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅମ୍ରିତ ପଟ୍ଟଯୋଷୀ ଭାରତୀୟ ସ୍କାଉଟ୍ ଗାଇଡ୍ ଫେଲୋସିପ୍‌ର ରାଜ୍ୟ ସଭାପତି




ଭୁବନେଶ୍ୱର,୧୯।୪(ସମିସ): ସ୍କାଉଟ୍ ଗାଇଡ୍ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ରବିବାର ଭାରତୀୟ ସ୍କାଉଟ ଗାଇଡ ଫେଲୋସିପ୍, ଓଡ଼ିଶା ରାଜ୍ୟର ଏକ ସ୍ୱତନ୍ତ୍ର ନିର୍ବାଚନ ଜାତୀୟ ସଭାପତି ଏମ୍‌ଏ କେମିକିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସ୍କାଉଟ ଗାଇଡ ମୁଖ୍ୟ କମିଶନର ଡ. କାଳୀ ମିଶ୍ର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭାପତି ଭାବରେ ଡାକ୍ତର ଅମ୍ରିତ ପଟ୍ଟଯୋଷୀ, ସମ୍ପାଦକ ଭାବେ ଅଭିନେତା ଓ ସମାଜ ବିଜ୍ଞାନୀ ଡଃ ରୁଷି ପଟ୍ଟନାୟକ, ଉପ ସଭାପତି ଭାବରେ ବ୍ୟବସାୟୀ ପ୍ରବୀଣ କୁମାର ଅଗ୍ରୱାଲ, ଝୁନା ପଟ୍ଟନାୟକ, ଡ. ପ୍ରଣବ ମହାପାତ୍ର ନିର୍ବାଚିତ ହୋଇଥିବା ବେଳେ, ଯୁଗ୍ମ ସଚିବ ଭାବେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସମାନ୍ତରାୟ, କୋଷାଧକ୍ଷ ଭାବେ ଇଂ ମହେଶ୍ୱର ବେହେରା ଓ ସୂଚନା ଅଧିକାରୀ ଭାବରେ ସାମ୍ବାଦିକ ଗଜେନ୍ଦ୍ର ବେହେରା ଏବଂ ବିଏନ୍ ଦାସ ସଂଯୋଜୋକ ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ ଭାବେ ସଭାପତି ନିର୍ବାଚିତ ହେବା ପରେ ଡାକ୍ତର ପଟ୍ଟଯୋଷୀ କହିଛନ୍ତି ଯେ ଓଡ଼ିଶା ଯେମିତି ଆଗାମୀ ବର୍ଷକ ମଧ୍ୟରେ ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ, ସେଥିପାଇଁ ମୁଁ ମୋର ଟିମ୍ ସହିତ ମିଶି କାମ କରିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛି ବୋଲି କହିଛନ୍ତି। ଏହି ଉତ୍ସବରେ ଜାତୀୟ ମହାନିର୍ଦ୍ଦେଶକ ସୀମା ରଥ୍ ଓ ଛତିଶଗଡ଼ ଉପଜିଲ୍ଲାପାଳ ପ୍ରେମ ପ୍ରକାଶ ଶର୍ମା ଉପସ୍ଥିତ ରହିଥିଲେ। ସତ୍ୟଭାମା ବେହେରା ଓ ମୋହନ ହେମ୍ବ୍ରମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳା ମାଧ୍ୟମରେ ଅଟିଜମ୍ ସଚେତନତା ଉତ୍ସବ

ଭୁବନେଶ୍ୱର,୧୯ ।୪(ସମିସ):

ଏପ୍ରିଲ ମାସକୁ ବିଶ୍ୱସ୍ତରରେ ଆଟିଜମ ସଚେତନତା ମାସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଆଟିଜମ ସ୍ପେକ୍ଟ୍ରମରେ ଥିବା ବ୍ୟକ୍ତିମାନଙ୍କ ପ୍ରତି ସ୍ୱୀକୃତି ଓ ସମାବେଶକୁ ପ୍ରୋତ୍ସାହନ ଦେବା ପାଇଁ 'ଅଙ୍କନ' ନାମକ ଏକ ପ୍ରୟାସ ଆରମ୍ଭ କରାଯାଇଛି। ଅଭିଭାବକ ଓ ପ୍ରଫେସନାଲର ଏକ ସମୂହ ଦ୍ୱାରା ଆରମ୍ଭିତ ଏହି ପ୍ରୟାସ 'ଏକ ଚିହ୍ନ ରଖିବା'ର ପ୍ରତୀକ ହୋଇ ସମାଜରେ ସଚେତନତା ସୃଷ୍ଟି ଓ ସମାବେଶକୁ ବୃଦ୍ଧି କରିବାକୁ ଲକ୍ଷ୍ୟ କରିଛି। ଏହି ପ୍ରୟାସର ଅଂଶ ଭାବେ ଓଡ଼ିଶାରେ ପ୍ରଥମ ଥର ପାଇଁ ଦୁଇଜଣ ନ୍ୟୁରୋଡାଇଭର୍ଜେଣ୍ଟ ଶିଶୁଙ୍କ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀ ତାଙ୍କର ପ୍ରତିଭା, ସଂଘର୍ଷ ଓ ପାରମ୍ପରିକ ସୀମାରୁ ପାର୍ ହୋଇଥିବା ଅଭିବ୍ୟକ୍ତିର ଶକ୍ତିକୁ ଉତ୍ସବ ରୂପେ ପ୍ରକାଶ କରିଥିଲା। ଏହି ଚିତ୍ରକଳାଗୁଡ଼ିକ ଯୁବ କଳାକାରଙ୍କର ଅନ୍ତର୍ଜଗତକୁ ଗଭୀର ଭାବରେ ପ୍ରକାଶ କରିଥିଲା। ଯେଉଁଥିରେ ତାଙ୍କର କଳ୍ପନାଶକ୍ତି, ସ୍ୱର୍ଶକାକ୍ତକତା ଓ ସୃଜନଶୀଳତା ପ୍ରକାଶ ପାଇଥିଲା। ପ୍ରଦର୍ଶନୀ ତାଙ୍କର କଳାକୌଶଳକୁ ମାତ୍ର ଉଭାସିତ କରିନଥିଲା, ବରଂ ତାଙ୍କର ଅନ୍ୱେଷଣ, ବିକାଶ ଓ ସଂଘର୍ଷର ଯାତ୍ରାକୁ ମଧ୍ୟ ପ୍ରତିଫଳିତ କରିଥିଲା। ସେଥିପାଇଁ ପରିବାରମାନଙ୍କର ଅକ୍ଷୟ ସମର୍ପଣ ଓ ସମର୍ଥନକୁ ମଧ୍ୟ ଏହା ଉଲ୍ଲେଖ କରିଥିଲା। ଯାହା ତାଙ୍କର ପ୍ରତିଭାକୁ ଉନ୍ନତ କରିବା ଓ ସମାଜର ମୁଖ୍ୟଧାରାରେ ସାମିଲ କରିବାରେ ମୂଳଭୂମିକା ନିଏ। ଏହି ପ୍ରଦର୍ଶନୀ ଭୁବନେଶ୍ୱର ପ୍ରେସ୍ କ୍ଲବ୍ ପରିସରରେ ଆୟୋଜିତ ହୋଇଥିଲା। ପ୍ରଫେସର ପ୍ରତାପ ରଥ, କସ୍ତୁରୀ ମହାପାତ୍ର, ରାଧାମାଧବ ରଥ, ପଞ୍ଚମୀ ମାନୁ ଓକିଲ, ମୋନାଲିସା ବଳ, ସ୍ୱାଗତିକା ସାମନ୍ତରାୟ, ଗାର୍ଗୀ ଭଟ୍ଟାଚାର୍ଯ୍ୟ, ସୁଜିତ ମହାପାତ୍ର ଓ ନୀଳାମ୍ବର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନ୍ୟୁରୋଡାଇଭର୍ଜେଣ୍ଟ ସମୁଦାୟର ଅଭିଭାବକ, ପରିବାର ଓ ଶିଶୁମାନଙ୍କର ସକ୍ରିୟ ଅଂଶଗ୍ରହଣ ଦେଖାଯାଇଥିଲା। ଯାହା ଏକ ସତ୍ୟ ସମାବେଶମୂଳକ ଓ ସଜୀବ ଅନୁଭବରେ ପରିଣତ କରିଥିଲା। ଏହି ପ୍ରୟାସ ସମ୍ପର୍କରେ ଆୟୋଜକ ମାତୃମାନେ କହିଥିଲେ ଯେ, 'ଅଙ୍କନ'ରୋଡାଇଭର୍ଜେଣ୍ଟ ଶିଶୁମାନଙ୍କ ପାଇଁ ଏକ ଦୀର୍ଘସ୍ଥାୟୀ ମଞ୍ଚ ସୃଷ୍ଟି କରିବାକୁ ଲକ୍ଷ୍ୟ କରିଛି, ଯାହାଦ୍ୱାରା ସେମାନେ ବିଭିନ୍ନ କଳା ମାଧ୍ୟମରେ ତାଙ୍କର ଗୁପ୍ତ ପ୍ରତିଭାକୁ ପ୍ରକାଶ କରିପାରିବେ। ସେମାନେ ଏହାକୁ ଏକ ଆରମ୍ଭ ମାତ୍ର ବୋଲି କହି ଭବିଷ୍ୟତରେ ସମାବେଶ, ସ୍ୱୀକୃତି ଓ ନ୍ୟୁରୋଡାଇଭର୍ସିଟି ପ୍ରତି ସମ୍ମାନ ବଢ଼ାଇବାର ଏକ ଅବିରତ ଯାତ୍ରା ଭାବେ ଦେଖୁଛନ୍ତି।





# ଭୁବନେଶ୍ୱର ସିଟି

ଆଜି ଅକ୍ଷୟ ତୃତୀୟା

## ବିନ୍ଦୁସାଗରରେ ଚାପ ଖେଳିବେ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର,୧୯।୪(ସମିସ):



ଚନ୍ଦନ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ପୁରୁଣା ଭୁବନେଶ୍ୱର। ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମାଙ୍କ ସମେତ ପାର୍ବତୀ, ଦୁର୍ଗା, ବାସୁଦେବ ଅକ୍ଷୟ ତୃତୀୟା ଠାରୁ ୨୨ ଦିନ ପର୍ଯ୍ୟନ୍ତ ବିନ୍ଦୁସାଗରରେ ଚାପ ଖେଳିବେ। ଲିଙ୍ଗରାଜ ଯେଉଁ ନାଆ ରେ ବସି ଚାପ ଖେଳିବେ ଏହି ନାଆ ନାଆକୁ ରଙ୍ଗ କରାଯିବା ସହିତ ଦୁଇଟି ଡଙ୍ଗାକୁ ଛନ୍ଦା ଯାଇ ମଣ୍ଡପ ଲଗାଯାଇଛି। ସିଂହାସନ ଟେକା ସହିତ ହଂସ, ଖଟୁଲି ମଧ ଲାଗି ସାରିଛି। ଲିଙ୍ଗରାଜ ଚାପ ଖେଳିବେ ବୋଲି ଭୋଇ ସେବାୟତ ଓ ମହାରଣା ସେବାୟତ ମାନେ ଲାଗିପଡିଛନ୍ତି। ଡଙ୍ଗା ମରାମତି କାମ ସହିତ ଦିଅଁ ଚାପ ଖେଳିବା ସମୟରେ ଯେମିତି କିଛି ଅସୁବିଧା ନହୁଏ ଏଥିପାଇଁ ଟିକିନିଖି ତଦାରଖ କରିଛନ୍ତି।

ଏହି ଚାପ ଡଙ୍ଗାରେ କାମ କରିବା ପାଇଁ ୧୨ଜଣ ଲୋକ କାର୍ଯ୍ୟରେ ନିଯୋଜିତ ରହିଥିଲେ। ଏଥିରେ ପାଳିଆ ମହାରଣା ୫ ଜଣ ଥିବା ବେଳେ ସର୍ଦ୍ଦାର ୧ ଓ ଭୋଇ ସେବାୟତ ୬ ଜଣ ରହିଛନ୍ତି। ଦର୍ଜି ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ଚାନ୍ଦୁଆ ଚାପ ମଣ୍ଡଣି ସଂଯୋଗ ହୋଇଛି। ଡ଼ଙ୍ଗା କାମ ଶେଷ ପର୍ଯ୍ୟାୟରେ ପହଁଚିଛି।

## ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର ଉଦ୍‌ଯାପିତ

ବାଲିପାଟଣା,୧୯।୪(ସମିସ) : ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ପଞ୍ଚଦିବସ ବ୍ୟାପୀ ନିଷ୍ଠା ତାଲିମ ଶିବିର ଆଜି ଶନିବାର ଉଦ୍‌ଯାପିତ ହୋଇଯାଇଛି।ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରି ଦିବ୍ୟାଙ୍ଗ ହୋଇ ବି ପାଠ ପଢ଼ି ସକ୍ଷମ ହେବାକୁ ପ୍ରୟାସ କରୁଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବାର ପ୍ରଣାଳୀ ସମ୍ପର୍କରେ ଅବଗତ କରାଯାଇଥିଲା। ସେମାନଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ମଧ ତଥ୍ୟ ପ୍ରଦାନ କରାଯାଇଥିଲା। ଆଜିର ଉଦ୍‌ଯାପନୀ ଦିବସରେ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରି ସେମାନେ ପାଇଥିବା ଜ୍ଞାନର ସଦୁପଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର, ସତ୍ୟଭାମା ଦାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶାକମ୍ବରୀ ପଣ୍ଡା, ପ୍ରସନ୍ନ ପଟ୍ଟନାୟକ, ସସ୍ମିତା ବେହେରା, ମଙ୍ଗରାଜ ସାହୁ ଓ ଅମୂଲ୍ୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତି ଆଧାରିତ କୋଟା ବିରୋଧରେ ବିକ୍ଷୋଭ




ଭୁବନେଶ୍ୱର,୧୯।୪(ସମିସ): ସାଧାରଣ ବର୍ଗର ଲୋକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୟୁଜିସି ବିଲ୍ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ବର୍ଦ୍ଧିତ ଜାତି ଆଧାରିତ ସଂରକ୍ଷଣ ପ୍ରତ୍ୟାହାର ଦାବିରେ ଏକ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଆନ୍ଦୋଳନରେ ଶତାଧିକ ସଚେତନ ନାଗରିକଙ୍କ ସହ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରତିନିଧିମାନେ ସମ୍ମିଳିତ ହୋଇଥିଲେ। ଆନ୍ଦୋଳନରେ ଯୋଗଦେଇ ରାଜଧାନୀ ନାଗରିକ ମଞ୍ଚର ସଦସ୍ୟା ଟାଇଫୁନ୍ ପରିଜା କହିଛନ୍ତି, ଆଜିର ପରିସ୍ଥିତିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଶିକ୍ଷା, ଚାକିରି ଓ ସୁଯୋଗ କ୍ଷେତ୍ରରେ ଅନିଶ୍ଚିତତା ଓ ବିଷମତାର ସମ୍ମୁଖୀନ ହେଉଛନ୍ତି। ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଅଭିଭାବକ ଅବସାଦଗ୍ରସ୍ତ ହେଉଛନ୍ତି। ବସୁନ୍ଧରା ପରିବାରର ରାଜ୍ୟ ସଂଯୋଜକ ସୁଶାନ୍ତ କୁମାର ମିଶ୍ର, ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ, ବ୍ରହ୍ମପୁର ନାଗରିକ ମଞ୍ଚର ଆବାହକ ଡା. ସାଗର ରଞ୍ଜନ ତ୍ରିପାଠୀ ପ୍ରମୁଖ ସରକାରଙ୍କୁ ତୁରନ୍ତ ଏ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହି ଅବସରରେ ଅନୁସୂଚିତ ବର୍ଗର ପ୍ରତିନିଧି ଭାବରେ ନମିତା ମାଧି ଯୋଗଦେଇ ସମାଜରେ ଏକତା ଓ ସମନ୍ୱୟର ବାତାବରଣ ସପକ୍ଷରେ ମତ ପ୍ରକାଶ କରିଥିଲେ। ତୁରନ୍ତ ଏ ବିଭାଜନକାରୀ ଆଇନ୍ ପ୍ରତ୍ୟାହାର କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ବିକ୍ଷୋଭକାରୀ ସରକାରଙ୍କୁ ଦାବି ରଖି କହିଛନ୍ତି ଯେ ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତିକୋଟା ଓ ୟୁଜିସି ବିଲ୍ ଭଳି ବିଭାଜନକାରୀ ପଦକ୍ଷେପକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ସମସ୍ତଙ୍କ ପାଇଁ ସମାନ ଅବସର ସୁନିଶ୍ଚିତ କରାଯାଉ।

## ଯୁଗ୍ମ ପରିବାରର ବାର୍ତ୍ତାବହ ଥିଲେ ସରଳା ସିଂହ

ଭୁବନେଶ୍ୱର,୧୯।୪(ସମିସ): ପୂଜ୍ୟପୂଜା ସଂସଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ପ୍ରଧାନଶିକ୍ଷୟିତ୍ରୀ ସରଳା ସିଂହଙ୍କ



ଏକାଦଶାହରେ ଅମରନାଥ ପରିଡ଼ାଙ୍କ ସମ୍ପାଦନାରେ ପ୍ରକାଶିତ 'ସ୍ମୃତିରେ ସ୍ମୃତିରେ ବୋଉ'କୁ ଓଡ଼ିଶାର ଅନନ୍ୟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି। ଅଣଖିଆ ସିଂହସାହି ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୌରୋହିତ୍ୟ କରି ସାମ୍ବାଦିକ ତଥା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ୩୬ ବର୍ଷ ଶିକ୍ଷକତା ଜୀବନରେ ସେ ନିଷ୍ଠା, ସଂକଳ୍ପର ସହ ଶିକ୍ଷାଦାନ ଭଳି ପବିତ୍ର କାର୍ଯ୍ୟକୁ ସମ୍ପାଦନ କରିଥିଲେ। ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିଯାଇଛି। ଏହି ଅବସରରେ ସାରଳା ସିଂଙ୍କ ସହକର୍ମୀ ଗଗନ ବିହାରୀ ଦାସ, ସୌଭାଗ୍ୟ ପଟ୍ଟନାୟକ, ସଂଘମିତ୍ରା କାନୁନ୍‌ଗୋ, ସୁଧାଂଶୁବାଳା ପରିଡ଼ା, ପ୍ରିୟତମା ସାହୁ ପ୍ରମୁଖଙ୍କୁ ସ୍ୱାମିଜୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରଳା ସିଂହଙ୍କ ସ୍ୱାମୀ ଦେବେନ୍ଦ୍ର ସିଂହ, ଧାନକୁଦ ମଠର ମଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଉପସ୍ଥିତ ଥିଲେ।

## ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ୍ ପକ୍ଷରୁ ପଣା ବଣ୍ଟନ, ଜଳଛତ୍ର ଆରମ୍ଭ

ଭୁବନେଶ୍ୱର,୧୯।୪(ସମିସ): ପୋଖରୀପୁଟସ୍ଥିତ ପ୍ରିଷ୍ଟିନ୍ ଗ୍ରିନ୍ସ ଫେଜ୍-୨ରେ "ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ' ପକ୍ଷରୁ ରବିବାର ପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୧୧୦ ଲିଟରରୁ ଅଧିକ ପଣା ପଥଚାରୀ, ନିର୍ମାଣ କର୍ମୀ, ଡେଲିଭେରି କର୍ମଚାରୀ, ଅଟୋ ଏବଂ ଟ୍ୟାକ୍ସି ଚାଳକଙ୍କ ସହିତ ଅଞ୍ଚଳକୁ ଆସୁଥିବା ସାଧାରଣ ନାଗରିକଙ୍କୁ ବଣ୍ଟନ କରାଯାଇଥିଲା। ସହରରେ ବର୍ତ୍ତମାନ ଅନୁଭୂତ ହେଉଥିବା ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି 'ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ୍' ପକ୍ଷରୁ ପଥଚାରୀଙ୍କ ସହଯୋଗ ନିମନ୍ତେ ଜଳଛତ୍ର ଆରମ୍ଭ କରାଯାଇଛି। ଏହି ଜଳଛତ୍ରକୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ତିଥିରେ ଆରମ୍ଭ କରାଯାଇଥିଲା। ଏହା ଆସନ୍ତା



ଶ୍ରମିକ ଦିବସ ପର୍ଯ୍ୟନ୍ତ ପ୍ରତ୍ୟହ କାର୍ଯ୍ୟକାରୀ ହେବ। ଏହି ଜଳଛତ୍ରରେ ପ୍ରତିଦିନ ୧୦୦ ଲିଟରରୁ ଅଧିକ ପଣା ସମ୍ପୂର୍ଣ୍ଣା କ୍ଲବର ସଦସ୍ୟଙ୍କ ଦ୍ୱାରା ବଣ୍ଟନ କରାଯାଉଛି। ପଣା ବଣ୍ଟନ କାର୍ଯ୍ୟକ୍ରମକୁ ସୁପର୍ଣ୍ଣା ମିଶ୍ର, ସଂଘମିତ୍ରା ଶତପଥୀ, ମହୁଆ ରାୟ, ସ୍ମିତା ପଣ୍ଡା, ରଶ୍ମୀ ଗୌଡ଼, ମୃଣ୍ମୟୀ ମହାପାତ୍ର, ସ୍ନେହପ୍ରଭା ଦାସ, ଅନିମା ଦାଶ ଓ ଦେବଶ୍ରୀ ବାନାର୍ଜୀଙ୍କ ସହ କ୍ଲବର ଅନ୍ୟାନ୍ୟ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ଅବସରରେ ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବର ଅଧକ୍ଷା ପ୍ରତିମା ଦାଶ କହିଥିଲେ ଯେ, ଜଳଛତ୍ର କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବର ସଦସ୍ୟମାନଙ୍କ ଏକ ସାମାଜିକ ପ୍ରୟାସ।

## ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଭ୍ରମଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୪(ସମିସ): ବିଶ୍ୱ ଐତିହ୍ୟ ଦିବସ ଅବସରରେ ଶନିବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ୱେଲଫେଆର ପକ୍ଷରୁ ସାହାପେଡ଼ିଆର ସହଯୋଗରେ ଏକ 'ସଂଗ୍ରହାଳୟ ଭ୍ରମଣ' ଭଳି ସଂଗଠନମାନଙ୍କର ପ୍ରତିନିଧିମାନେ ଏହି ହେରିଟେଜ୍ ୱାକ୍‌ରେ ଅଂଶଗ୍ରହଣ କରିଥିଲେ। ବିଲିତା ଶତପଥୀ, ଡ. ମନୋଜ ମିଶ୍ର, ତରଣୀସେନ ପଟ୍ଟନାୟକ, ଶିବ ନାରାୟଣ ମହାନ୍ତି ଓ ବିଜୟଲକ୍ଷ୍ମୀ ତ୍ରିପାଠୀ ଭଳି ସଂସ୍କୃତି ସଂରକ୍ଷକ ଓ



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ଅଧକ୍ଷ, ଶିକ୍ଷକ, ଗବେଷକ ଓ ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷା ଓ ଅନୁସନ୍ଧାନ ଭୁବନେଶ୍ୱର, ସ୍କୁଲ ଫର୍ ଦ ବ୍ଲାଇଣ୍ଡ ଓ ନ୍ୟାସନାଲ କ୍ୟାରିଅର ସର୍ଭିସ ସେଣ୍ଟର ଫର୍ ଡିଫରେଣ୍ଟଲି ଏବଲ୍ଡ, ଓଡ଼ିଶା ପ୍ରଯୁକ୍ତି ଓ ଗବେଷଣା ବିଶ୍ୱବିଦ୍ୟାଳୟ ଗବେଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସହାୟକ ଶିକ୍ଷୟିତ୍ରୀ ରଶ୍ମୀ ସିଂହ ମ୍ୟୁଜିୟମ୍ ଅନୁଭବକୁ ଅତ୍ୟନ୍ତ ଆନନ୍ଦଦାୟକ ବୋଲି ବର୍ଣ୍ଣନା କରିଥିବା ସହ ସମାବେଶୀ ସଂସ୍କୃତିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସିୱାଇଏସଡବ୍ଲ୍ୟୁର ସମ୍ପାଦକ ଡ. ନିତୁରଞ୍ଜନ ଦାଶ ସଂସ୍କୃତି ଓ ଐତିହ୍ୟର ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ।

## ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କୃତ ରଣପୁର ଝିଅ

ବାଲିଅନ୍ତା, ୧୯।୪(ସମିସ): ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ରଣପୁରର ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଛାତ୍ରୀ ବିଷ୍ଣୁପ୍ରିୟା ସେନାପତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଉପଢୌକନ ମାନପତ୍ର, ଉତ୍ତରୀୟ ଏବଂ ନଗଦ ୫ ହଜାର ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡିଆ ପକ୍ଷ ପାଳନ ଅବସରରେ ଗତ ୧୧ ତାରିଖରେ ବିଶ୍ୱ ବିଦ୍ୟାଳୟ ସ୍ତରୀୟ କବିତା, ପ୍ରବନ୍ଧ ଓ ଗଳ୍ପ ପ୍ରତିଯୋଗିତା ବିଜେପି କଲେଜରେ ଅନୁଷ୍ଠିତ ହୋଇଥିଲା। ମହା ବିଷୁବ ସଂକ୍ରାନ୍ତି ଦିନ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଓଡିଆପକ୍ଷ ପକ୍ଷ ଉଦଯାପିତ ହୋଇଥିଲା। ଏନେଇ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## 'ଇଟିକିଲି ମିଟିକିଲି'ର ଚିତ୍ରାଙ୍କନ ଉତ୍ସବ

ଭୁବନେଶ୍ୱର,୧୯।୪(ସମିସ): ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଇଟିକିଲି ମିଟିକିଲି ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ଅନୁଷ୍ଠାନର ୩୧ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ମୂଳକ ବନ୍ଦେ ମାତରମ୍ ଚିତ୍ରାଙ୍କନ ଉତ୍ସବ। ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚିତ୍ରାଙ୍କନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ପିଲାମାନଙ୍କ ଉଦ୍ଦେଶ୍ୟରେ ଏକ ଉଦ୍‌ବୋଧନ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ସଚିବ ଶରତ କୁମାର ନାୟକ ଇଟିକିଲି ମିଟିକିଲିର ବିଗତ ତିରିଶ ବର୍ଷର ଚିତ୍ରାଙ୍କନ କାର୍ଯ୍ୟାବଳୀ ସମ୍ପର୍କରେ ସମ୍ୟକ ଆଲୋକପାତ ସହିତ ଚଳିତ ବର୍ଷ ବନ୍ଦେ ମାତରମ୍ ଚିତ୍ରାଙ୍କନ ପ୍ରତିଯୋଗିତା ଆମ ଜାତୀୟତାର ପ୍ରତୀକ ବୋଲି ବକ୍ତବ୍ୟ ରଖିଥିଲେ। ୟୁକେଜିରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ



ପଢୁଥିବା ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨୪ ଜଣ ଛାତ୍ରଛାତ୍ରୀ ତିନୋଟି ବିଭାଗରେ ବିଭକ୍ତ ହୋଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ବର୍ଗର ପିଲାମାନଙ୍କ ସହିତ ୭୨ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମଧ ଭାଗ ନେଇଥିଲେ। ଚିତ୍ରାଙ୍କନ କାର୍ଯ୍ୟକ୍ରମ ପରେ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ସୋ' ଦେଖିବାର ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ ଇଟିକିଲି ମିଟିକିଲି ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ, ମୁଁ ବି ଜଣେ ପାଠକ, ଓଡ଼ିଆ କବିତା ଆବୃତ୍ତି, ଓଡ଼ିଆ ସମ୍ବାଦପାଠ, କଣ୍ଠ ସଙ୍ଗୀତ ଆଦି ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଡିଟୋରିଅମ୍‌ଠାରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଚିବ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## ସୁସ୍ଥ ଯକୃତ, ସୁସ୍ଥ ଭାରତର ଚାବିକାଠି

ଭୁବନେଶ୍ୱର,୧୯।୪(ସମିସ): ସମଗ୍ର ବିଶ୍ୱରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଯକୃତ ଜନିତ ରୋଗ ଏବଂ ଏହାକୁ ନେଇ ହେଉଥିବା ମୃତ୍ୟୁ ସଂଖ୍ୟା। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ବିଶ୍ୱରେ ୧୫୦ କୋଟିରୁ ଅଧିକ ଲୋକ ଯକୃତ ରୋଗରେ ପୀଡ଼ିତ ଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରତିବର୍ଷ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି କାରଣରୁ ମୃତ୍ୟୁର ଶିକାର ହେଉଛନ୍ତି। ରବିବାର ବିଶ୍ୱ ଯକୃତ ଦିବସ ଅବସରରେ ଚଳିତବର୍ଷର ବିଷୟ 'ସୁସ୍ଥ ଯକୃତ ପାଇଁ କଠୋର ଅଭ୍ୟାସ' ଶୀର୍ଷକ ରହିଥିବା ବେଳେ, ଓଡ଼ିଶା "ଗ୍ୟାଷ୍ଟ୍ରୋ ଓ ଲିଭର କେୟାର୍ ଫାଉଣ୍ଡେସନ' ପକ୍ଷରୁ ଭୁବନେଶ୍ୱରର ଏକ ତାରକା ହୋଟେଲ ପରିସରରେ "ଦ ଲିଭର ୱେଲନେସ୍ ସମ୍ମିଳନୀ ୨୦୨୬' ଆୟୋଜିତ ହୋଇଯାଇଛି। ପେଟ ରୋଗ ବିଶେଷଜ୍ଞ ତଥା ଓଡ଼ିଶା "ଗ୍ୟାଷ୍ଟ୍ରୋ ଓ ଲିଭର କେୟାର୍ ଫାଉଣ୍ଡେସନ'ର ମୁଖ୍ୟ ଡ. ପ୍ରଫେସର୍ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ସମ୍ମିଳନୀ ୫ଟି ସେସନ୍ ରେ ଆୟୋଜିତ ହୋଇଥିଲା। ପ୍ରଥମ ସେସନ୍ "ସମ୍ପର୍କ'ରେ ଡାକ୍ତର ପ୍ରଫେସର୍ ମନୋଜ ସାହୁ ଯକୃତ ଜନିତ ରୋଗ ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ସେସନ୍ "କୃତଜ୍ଞତା'ରେ ଫାୟାର ଡିଜିପି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ପୁଲିସ୍ ଅଧିକାରୀ ଓ ବିଶେଷଜ୍ଞ ଡାକ୍ତର ସୁସ୍ଥ ଯକୃତ ପାଇଁ ନିଜ ନିଜର ମତାମତ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ତୃତୀୟ "ଦାୟିତ୍ୱ' ସେସନ୍‌ରେ ପୂର୍ବତନ ଡିଜିପି ରଶ୍ମୀରଞ୍ଜନ ସ୍ୱାଇଁ ଓ ବହୁ ବରିଷ୍ଠ ନାଗରିକ ଯୋଗ ଦେବା ସହିତ ସୁସ୍ଥ ଜୀବନଚର୍ଯ୍ୟା, ଯକୃତ ସମସ୍ୟା ଓ ତା'ର ନିରାକରଣ ନେଇ ଆଲୋଚନା କରିଥିଲେ। ଚତୁର୍ଥ ସେସନ୍ 'ସ୍ୱାସ୍ଥ୍ୟ ଲିପି'ରେ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ, ଭୂମିକା ଦାସ ଯୋଗ ଦେଇଥିଲେ। ପଞ୍ଚମ ତଥା ଶେଷ ସେସନ୍ 'ସଂକଳ୍ପ'ରେ ଅଭିନାଶ ନାୟକ, ଡ. ଶୁଭଲକ୍ଷ୍ମୀ ପ୍ରମୁଖ ଯୋଗ ଦେବାସହିତ ଅଭିଭାବକମାନେ ନିଜ ନିଜ ପିଲାଙ୍କୁ ସଠିକ୍ ଖାଦ୍ୟ ଦେବା ଓ ଗର୍ଭବତୀ ମହିଳା ସ୍ୱତନ୍ତ୍ର ଯତ୍ନ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୁଲିସ୍, ଫାୟାର ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ମହିଳା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଡ.କନିଷ୍କ, ଡ. ଆକାଶ ଧୋବଡ଼ା ସଞ୍ଚାଳନ କରିଥିବା ବେଳେ ପ୍ରଫେସର୍ ମନୋଜ ସାହୁଙ୍କୁ ସହଯୋଗ କରିଥିଲେ।

## ପୁରୁଣା ଫଟୋ ପୁରୁଣା ସ୍ମୃତି...

ଭୁବନେଶ୍ୱର,୧୯।୪(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ସାଇତା ହୋଇ ରହିଛି ଅନେକ କୀର୍ତ୍ତିରାଜି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଯେଉଁ ଗଳି, ଯେଉଁ ରାସ୍ତାରେ ଗଲେ ଦେଖିବାକୁ ମିଳେ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ପ୍ରତ୍ୟେକ ମନ୍ଦିର ପଛରେ ରହିଛି କିଛି ଇତିହାସ ଏବଂ କାହାଣୀ। ମୁଖ୍ୟତଃ ଏହା ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଅଧିକ ଦେଖିବାକୁ ମିଳେ। ସେହିଭଳି ଏକ ସ୍ଥାନର ଫଟୋ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ହୋଇଥିଲା।



ଫଟୋରେ ଦ୍ୱାଦଶ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିରର ଏକ ପାଶ୍ୱର୍ ଏବଂ ସିଦ୍ଧେଶ୍ୱର ମନ୍ଦିରର କିଛି ଝଲକ ଦେଖିବାକୁ ମିଳିଛି। ଯାହା ୧୯୯୭ ମସିହାର ବୋଲି ଜଣାପଡ଼ିଛି। ଫଟୋରେ ଧୋତି ପିନ୍ଧିଥିବା ଦୁଇ ଜଣ ବୃଦ୍ଧ ଏବଂ ଦୁଇ ମହିଳାଙ୍କ ସହ ଜଣେ ଛୋଟ ପିଲାକୁ ଦେଖିବାକୁ ମିଳିଛି। ସେମାନଙ୍କ ପୋଷାକ ସରଳ ହୋଇଥିବାବେଳେ ଫୋନର ବ୍ୟବହାର ସେତେ ନଥିବା ପ୍ରତୀୟମାନ ହେଉଛି। ଯେଉଁମାନେ କି ମୁକ୍ତେଶ୍ୱର ମନ୍ଦିର ଭ୍ରମଣରେ ଆସିଛନ୍ତି, ସେମାନଙ୍କୁ ପୁରୁଣା ଦିନର କଥା ମନେ ପକାଇଦେଉଛି।

## ବାଲ୍ୟ ବିବାହ ରୋକିବା ନେଇ ସଚେତନତା

ଭୁବନେଶ୍ୱର,୧୯।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ବାଲ୍ୟ ବିବାହକୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲାରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭରତପୁର ଅଞ୍ଚଳରେ ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ସଚେତନତା ଅଭିଯାନରେ ଅଧିକ ସଂଖ୍ୟାରେ ନାରୀ ନେତ୍ରୀ, ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରର ପୂଜକ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ଯୋଗଦେଇ ସେମାନଙ୍କର ସମର୍ଥନ ଏବଂ ପ୍ରତିବଦ୍ଧତା ପ୍ରତିପାଦନ କରିଥିଲେ। ଏହି ଅଭିଯାନରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ବାଲ୍ୟବିବାହ ମୁକ୍ତ ଭାରତ ବ୍ୟାନର ଧରି ଏକ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରି ଲୋକମାନଙ୍କୁ ସଚେତନତା କରାଇଥିଲେ। ପରେ ବାଲ୍ୟବିବାହ ବିରୋଧରେ ଶପଥପାଠ କରିଥିଲେ। ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା




ପାଇଁ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟ କରିଆସୁଛି। ବାଲ୍ୟ ବିବାହ ଏକ ଘୃଣ୍ୟ ଅପରାଧ ଏବଂ ଏହାକୁ ଅକ୍ଷୟ ତୃତୀୟା ଭଳି ଏକ ପବିତ୍ର ପର୍ବରେ ଗ୍ରହଣ କରାଯିବ ନାହିଁ। ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ପ୍ରଶାସନ ସହିତ ମିଶି ରୁଚିକା ସଂଗଠନ ବିଭିନ୍ନ ସ୍କୁଲ, କଲେଜ, ପଞ୍ଚାୟତ ତଥା ଗ୍ରାମ ଗୁଡିକରେ ବାଲ୍ୟ ବିବାହ ବିରୋଧରେ ସଚେତନତା ଅଭିଯାନ ଚଳାଇ ଆସୁଛି। ଏହି ସଚେତନତା ଅଭିଯାନଟିକୁ ପରିଚାଳନା କରିଥିଲେ ସଙ୍ଗଠନର ଆକ୍‌ସେସ ଟୁ ଜଷ୍ଟିସ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଜିଲ୍ଲା ସଂଯୋଜିକା ଶିବାନୀ ନାୟକ, ହରପ୍ରିୟା ପତି ଓ ଘନଶ୍ୟାମ ଭୋଇ।

## ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୧୯।୪(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଶନିବାର ଜୟଦେବ ଭବନରେ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ମୁରଲୀଧର ସ୍ୱାଇଁଙ୍କ ଦ୍ୱାରା ମର୍ଦ୍ଦଳ, ହାର୍ମୋନିୟମ ଓ କଣ୍ଠ ସଙ୍ଗୀତ ପ୍ରସ୍ତୁତ ହୋଇଥିଲା। ସହଯୋଗୀ ଭାବେ ସୌମ୍ୟକାନ୍ତ ମଲ୍ଲିକ ମର୍ଦ୍ଦଳରେ ଓ ଦେବାଶିଷ ରାଜତ ହର୍ମୋନିୟମରେ ରହିଥିଲେ। ଶେଷ ପର୍ଯ୍ୟାୟରେ ଡ଼. ପୁଷ୍ପାଶ୍ରୀ ମିଶ୍ରଙ୍କ ଦ୍ୱାରା ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରସ୍ତୁତ ହୋଇଥିଲା। ସହଯୋଗୀ ଭାବେ ଦିବ୍ୟାଂଶୁ କୁମାର ତବଲାରେ ଓ ସୁମନ୍ତ ମହାରଣା ହର୍ମୋନିୟମରେ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁରଲୀଧର ସ୍ୱାଇଁଙ୍କୁ ବିଏମ୍‌ସି-ହରିହରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଭୁବନେଶ୍ୱର ମ୍ୟୁଜିକ ସର୍କଲର ଲାଇଫ ମେମ୍ବର ଏଚ୍ ବାଲକୃଷ୍ଣନ୍‌ଙ୍କ ଦ୍ୱାରା ତାଙ୍କ ପିତା ଜି. ହରିହରଣଙ୍କ ଶାସ୍ତ୍ରୀୟସଙ୍ଗୀତ ପ୍ରତି ଭଲପାଇବା ସ୍ମୃତିରେ ପ୍ରତିଷ୍ଠା କରାଯିବା ସହ ପ୍ରଦାନ କରାଯାଇଥାଏ। ଏହି ସଙ୍ଗୀତ ସନ୍ଧ୍ୟାରେ ବହୁ ସଙ୍ଗୀତ ପ୍ରେମୀମାନଙ୍କର ଉପସ୍ଥିତି ଦେଖିବାକୁ ମିଳିଥିଲା।

**ଆଜି କୃଷି ସଂସ୍କୃତିର ପାରମ୍ପରିକ ପର୍ବ 'ଅଖି ମୁଠି'**

# ନିମିଷକ ପାଇଁ ବଳଦ ଖୋଜା; ଚାଷୀ ଖୋଜୁଛି ପାଣି

ବ୍ରହ୍ମପୁର,୧୯ ।୪(ସମିସ)



ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପାଳନ କରାଯାଏ। ଏହି ଦିନଟି କୃଷକଙ୍କ ବଡ଼ପର୍ବ। କାରଣ କୃଷକ ଏହି ଦିନ ଅମୃତ ବେଳାରେ ଅଖି ମୁଠି ବା ଅକ୍ଷୟ ମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ। ଏହି ଦିନରେ କୃଷି କାମ ଆରମ୍ଭ କଲେ ଭଲ ଅମଳ ସହ ଚାଷୀ ଲାଭବାନ୍ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଚାଷୀ ବହୁଳ ଗଞ୍ଜାମ ଜିଲ୍ଲାରେ ପରମ୍ପରା ବଞ୍ଚାଇବା ଆଳରେ କାଁ ଭାଁ କିଛି ସ୍ଥାନରେ ଅଖି ମୁଠି ବୁଣାଯାଇଛି। ବର୍ତ୍ତମାନ ରବି ଋତୁରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପନିପରିବା ମଧ୍ୟ ପାଣି ଅଭାବରୁ ଉଜୁଡ଼ି ଯିବାକୁ ବସିଛି। ଖରିଫ ବେଳେ ବହୁ ବ୍ଲକର ଚାଷୀ ଧାନଚାଷ କ୍ଷେତ୍ରରେ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ମୌସୁମୀ ବର୍ଷା ହିଁ ଏମାନଙ୍କ ପାଇଁ ଏକମାତ୍ର ଭରସା। ଯେତିକି ଡ୍ୟାମ ଅଛି ସେଗୁଡ଼ିକ କେବଳ ଖରିଫରେ ପାଣି ଯୋଗାଇବାକୁ ଯଥେଷ୍ଟ। ଏଣୁ ବିଭିନ୍ନ ଜଳାଶୟ ଆଦିର ପର୍ଯ୍ୟାପ୍ତ ପାଣି ହେବା ପରେ ହିଁ ଖରିଫ୍ ଚାଷ କାର୍ଯ୍ୟ ଆରମ୍ଭ ହେବ। ସେହିଭଳି ଜିଲ୍ଲାରେ ଜଳସେଚନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ସୁବିଧା ନଥିବାରୁ ରବି ଋତୁରେ ଧାନ ଓ ପନିପରିବା ଚାଷ କରିବାରୁ ଏଠାକାର ଚାଷୀ ବଞ୍ଚିତ ହେଉଛନ୍ତି। ତେଣୁ ଅଖି ତୃତୀୟା ଦିନ କେବଳ ପୂଜାରେ ସୀମିତ ରହିଯାଏ ଧାନ ବୁଣା।

ପରମ୍ପରା ଅନୁଯାୟୀ ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏକ ନୂତନ ଗୁଳିରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଇଥାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ। ପୂଜା ସରିବା ପରେ ମୁଠା ମୁଠା ବିହନ କିଆରୀରେ ବୁଣିଥାଏ। ଯାହାକୁ ସାଧାରଣରେ ଅଖି ମୁଠି ବୋଲି କୁହନ୍ତି। ଘରର ଗୃହିଣୀ ମାନେ ଏହି ଦିନରେ 'ଷଠିଦେବୀ'ଙ୍କ ପୂଜା କରିବାର ନଜିର ମଧ୍ୟ ରହିଛି। ସେହିଭଳି ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଥାନ୍ତି। ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି। କିନ୍ତୁ ଜଳସେଚନର ସୁବିଧା ନଥିବା ଓ ପାଣିପାଗରେ ବିଶେଷ ପରିବର୍ତ୍ତନ ଯୋଗୁଁ ଚାଷ କାର୍ଯ୍ୟ ସହିତ ପରମ୍ପରା ବି ଜନ ମାନସରୁ ହଜି ହଜି ଯାଉଛି। ଏଣୁ ନୂତନ ସରକାର ଚାଷକାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ହେଲେ ଜଳସେଚନକୁ ଅଧିକ ସୁଦୃଢ଼ କରିବାକୁ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି।

ଅପରପକ୍ଷେ କୃଷି ସଂସ୍କୃତି ସହ ଗଭୀର ଭାବେ ଜଡିତ ପାରମ୍ପରିକ ପର୍ବ "ଅଖି ମୁଠି" ଏବେ ଗଞ୍ଜାମ ଜିଲ୍ଲାରେ କେବଳ ପରମ୍ପରାରେ ସୀମିତ ହୋଇପଡ଼ିଛି। ଚାଷୀମାନେ ପ୍ରତିବର୍ଷ ଏହି ପର୍ବରେ ନୂତନ ଚାଷ ଆରମ୍ଭ କରିଥାନ୍ତି, କିନ୍ତୁ ବର୍ତ୍ତମାନ ସ୍ଥିତିରେ ନା ବଳଦ ମିଳୁଛି, ନା ପର୍ଯ୍ୟାପ୍ତ ଜଳସେଚନର ସୁବିଧା ଅଛି। ଯାହା ଚାଷୀମାନଙ୍କ ମନରେ ନିରାଶା ଦେଖାଦେଇଛି। ସ୍ଥିତି ଏପରି ହୋଇଛି ଯେ, ଅଖି ମୁଠି ପାଇଁ ବଳଦ ଖୋଜିବାକୁ ମଧ କୃଷି ପ୍ରଶାସନ ବାଧ ହେଉଛି। କାରଣ ସମସ୍ତେ ଏବେ ଟ୍ରାକ୍ଟର ଓ ପାୱାରଟିଲରରେ ଚାଷ କରୁଛନ୍ତି। ଗ୍ରାମାଞ୍ଚଳରେ ପୂର୍ବରୁ 'ଅଖି ମୁଠି' ଦିନେ ବଳଦ ଜୋଡ଼ାଇ ଜମିରେ ପ୍ରଥମ ଚାଷ କରାଯାଉଥିଲା।

କିନ୍ତୁ ଆଜିର ଦିନରେ ବଳଦ ସଂଖ୍ୟା ଦିନକୁ ଦିନ କମୁଛି। କୃଷିବିଭାଗ ଓ ଚାଷୀମାନେ ନିମିଷ ପାଇଁ ବଳଦ ଖୋଜିବାକୁ ବାଧ ହେଉଛନ୍ତି। ଯାନ୍ତ୍ରିକ କୃଷି ବୃଦ୍ଧି ପାଇଥିଲେ ମଧ, ସମସ୍ତଙ୍କ ପାଖରେ ଟ୍ରାକ୍ଟର ସୁବିଧା ନଥିବାରୁ ଅନେକେ ଅସୁବିଧାରେ ପଡୁଛନ୍ତି। ଏହା ସହିତ, ଅପର୍ଯ୍ୟାପ୍ତ ବର୍ଷା ଓ ଜଳ ସଂରକ୍ଷଣ ବ୍ୟବସ୍ଥାର ଅଭାବ ଚାଷୀଙ୍କ ଦୁଃଖକୁ ଆହୁରି ବଢ଼ାଇଛି। ଅନେକ ଅଞ୍ଚଳରେ ଚାଷ ପାଇଁ ପାଣି ମିଳୁନଥିବାରୁ ଜମି ଅବ୍ୟବହୃତ ରହିଯାଉଛି। 'ଅଖି ମୁଠି' କେବଳ ଏକ ପରମ୍ପରା ରୂପେ ପାଳନ ହେଉଛି, କିନ୍ତୁ ଅନୁକୂଳ ଚାଷ ଆରମ୍ଭ ହେଉନାହିଁ।

ଚାଷ କାର୍ଯ୍ୟ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଅବଦାନ ଯଥେଷ୍ଟ ରହିଥିଲେ ହେଁ ଏହି ଜିଲ୍ଲା ସଦା ଅବହେଳିତ। କାରଣ ଜିଲ୍ଲାରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ। ଏହାର ସମାଧାନ ପାଇଁ ବିକଳ୍ପ ଚିନ୍ତା କରାଯାଉନି। ଏହା ସୁଧାରିବା ସରକାର ଓ ପ୍ରଶାସନର ପ୍ରଥମ କର୍ତ୍ତବ୍ୟ ହୋଇଥିଲେ ହେଁ ଏଥିପ୍ରତି ଧ୍ୟାନ ଦିଆଯାଉନଥିବା ଚାଷୀକୂଳ ଅଭିଯୋଗ କରିଛନ୍ତି। ଫଳରେ ବିଳମ୍ବରେ ଖରିଫ ଚାଷ ହେଉଛି। ଅନ୍ୟଜିଲ୍ଲା ତୁଳନାରେ ଗଞ୍ଜାମ ସଦା ପଛରେ ପଡ଼ିଯାଉଛି ବୋଲି ଅଗ୍ରଣୀ ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ଏଭଳି ସ୍ଥଳେ ସରକାରଙ୍କ ଦ୍ୱାରା ଅଖି ମୁଠି ଅନୁକୂଳ କାହା ସ୍ୱାର୍ଥରେ ବୋଲି ଚାଷୀ ନେତାମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ବା କୃଷକ ଦିବସ ବେଣାକୁନ୍ଦା, ଭଞ୍ଜନଗର ଠାରେ ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ହେବ। ଏଥିରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

● ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

## ଭାଲିଡେସନ ଆକ୍ଟ ପ୍ରତ୍ୟାହାର ଦାବି



ବ୍ରହ୍ମପୁର,୧୯ ।୪(ସମିସ): ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଡି.ମୋହନ ରାଓ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ଡ଼ାକରାରେ ଭାଲିଡେସନ ଆକ୍ଟ ପ୍ରତ୍ୟାହାର ସହ ୧୦ଦଫା ଦାବି ପୂରଣ ପାଇଁ ଜାତୀୟ ଦାବି ଦିବସ ପାଳନ ନେଇ ଏଠାରେ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ସଂଘ ପକ୍ଷରୁ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡ଼ିସିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଛି। ସେହିଭଳି ବିଭିନ୍ନ ବ୍ଲକରେ ମଧ ଏହି କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି। ବୈଠକରେ ରାଜ୍ୟ ସଂଗଠନର ଉପଦେଷ୍ଟା କେ. ନଦେଶୁ ସେନାପତି, ଯୁଗ୍ମ ସମ୍ପାଦକ ମହର୍ଷି ସିଂହ, କୋଷାଧକ୍ଷ ନିରାକାର ସାବତ, ସହ ସମ୍ପାଦକ ଡି.ଗୁରୁମୂର୍ତ୍ତି ପାତ୍ର, ରାଙ୍ଗୀ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ନାରାୟଣ ପାଣିଗ୍ରାହୀ, କୁମୁଦ ଚନ୍ଦ୍ର ବେହେରା, ନରସିଂହ ବେହେରା ପ୍ରମୁଖ ଉପସ୍ଥିତ ରହି ଦାବିଦିବସ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ କୋଠିଆ, ଡି.ଶ୍ରୀନିବାସ ରାଓ, ରାଧାକୃଷ୍ଣ ପଣ୍ଡା, ସୋମନାଥ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, କେ.ବିଜୟ ଚନ୍ଦ୍ର ଦାସ, ଖଲ୍ଲି ଜାନୀ, କାଲୁ ଚରଣ ଡାକୁଆ, ପ୍ରଫୁଲ୍ଲ ଚନ୍ଦ୍ର ପାଲି, ବୃନ୍ଦବାନ ବାରିକ, ଚରଣ ପରିଡା, ରହିମ ଖାଁ, ଡି.ଦଣ୍ଡପାଣି ରେଡ୍ଡୀ ଯୋଗ ଦେଇଥିଲେ।

## ଶ୍ରଦ୍ଧା ସମର୍ପଣ କଳାକେନ୍ଦ୍ର ପକ୍ଷରୁ ଚିତ୍ରକଳା ଶିବିର



ବ୍ରହ୍ମପୁର,୧୯ ।୪(ସମିସ): ହିଲପାଟଣା ଗଣେଶ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧା ସମର୍ପଣ କଳା କ୍ଷେତ୍ରର ପକ୍ଷରୁ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଚିତ୍ର କଳାକାରଙ୍କ ଦ୍ୱାରା ଆଧୁନିକ ଓ ପାରମ୍ପରିକ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଗଞ୍ଜାମର ବିଶିଷ୍ଟ ଚିତ୍ରଶିଳ୍ପୀ ଉମା ଶଙ୍କର ଆଚାରୀ, ପୃଥ୍ୱୀରାଜ ମହାପାତ୍ର ଏବଂ ଜୟରାମ ମହାରଣା ଉପସ୍ଥିତ ରହି କଳାକ୍ଷେତ୍ରରେ ଅଗ୍ରସର ହେବାକୁ ଉପଦେଶ ଦେଇଥିଲେ। ଏଥିରେ ସୁରେଶ ମହାରଣା, ସତ୍ୟ ନାରାୟଣ ମହାରଣା, ବାବୁ ମହାରଣା, ଗୋପୀ ବେହେରା, ସୁରଜ୍ ପାଳ, ଆକାଶ, ରାଜ କୁମାର, ହେମ ସୁନ୍ଦର, ସୁନିଲକାନ୍ତ ମଲ୍ଲିକ, ସୁରେଶ ପ୍ରମୁଖ ସାମିଲ ଥିଲେ।

## ଜିଲ୍ଲା ଲେଖକ, ଲେଖିକା ସାମ୍ମୁଖ୍ୟର 'ବୈଶାଖୀ ଆସର'



ବ୍ରହ୍ମପୁର,୧୯ ।୪(ସମିସ): ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ବୈଶାଖୀ ସାହିତ୍ୟ ଆସର ଅବସରରେ କବି ଲେଖକ ମାନେ ହିଁ ଆମ ଭାଷା ସାହିତ୍ୟ ଓ ଅସ୍ମିତାର ଯଥାର୍ଥରେ ଉତ୍ତରଦାୟାଦ ଓ ଅଗ୍ରଦୂତ ଏବଂ ସେମାନଙ୍କ ନିଷ୍ଠାପର ସାରସ୍ୱତ ସାଧନା ଭାଷା, ସାହିତ୍ୟ, କଳା, ସଂସ୍କୃତି ସର୍ବୋପରି ଆମ ସମାଜକୁ ମାର୍ଜିତ ଓ ସମୃଦ୍ଧ କରିଥାଏ ବୋଲି ମଞ୍ଚାସୀନ ଅତିଥି ମତବ୍ୟକ୍ତ କରିଥିଲେ। ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ହାରିତସ, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଆରତୀ ଶତପଥୀ, ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି କହିଥିଲେ, ଆମ ଭାଷାଭିତ୍ତିକ ରାଜ୍ୟ ଗଠନରେ ବରେଣ୍ୟ ବରପୁତ୍ରମାନଙ୍କର ଅବଦାନ ଏବଂ ଆମ ଭାଷାର ଶାସ୍ତ୍ରୀୟ ମାନ୍ୟତାରେ ସେମାନଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦିକା କବୟିତ୍ରୀ ଆରତୀ ଶତପଥୀଙ୍କ ସମେତ, ପଦ୍ମଚରଣ ପଟ୍ଟନାୟକ, ବିରୁପାକ୍ଷ ଦାଶ, ଭିକାରୀ ମହାପାତ୍ର, ଇଂ. ଆଶୁତୋଷ ପାତ୍ର, ପଣ୍ଡିତ ଚନ୍ଦ୍ରଶେଖର ମହାପାତ୍ର, ବଂଶୀଧର ସେଠୀ ପ୍ରମୁଖ କବିତା ପାଠ କରିଥିଲେ।

## ବିଶ୍ୱ ଐତିହ୍ୟ ଦିବସରେ 'କୋଣାର୍କ ଆଖିରେ ଲୁହ' ମଞ୍ଚସ୍ଥ

ବ୍ରହ୍ମପୁର,୧୯ ।୪(ସମିସ): ପଞ୍ଚଜନ୍ୟ କଳା ପରିଷଦ ଆନୁକୂଲ୍ୟରେ 'ବିଶ୍ୱ ଐତିହ୍ୟ ଦିବସ' ପାଳନ ଅବସରରେ ଗଞ୍ଜାମ କଳା ପରିଷଦର କବିସୂର୍ଯ୍ୟ ରଙ୍ଗମଞ୍ଚରେ ନାଟ୍ୟକାର ଗିରିଜା ଶଙ୍କର ଦାଶଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'କୋଣାର୍କ ଆଖିରେ ଲୁହ' ମଞ୍ଚସ୍ଥ ହୋଇଛି। ଏହାକୁ ସହ ନିର୍ଦ୍ଦେଶନା ସନ୍ଦୀପ ପଟ୍ଟନାୟକ ଦେଇଥିବା ବେଳେ ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ ତାପସ ପାଣିଗ୍ରାହୀ। ସଂଗୀତରେ ଅଂଶୁମାନ ଦାଶ, ଆଲୋକ ଅଶୋକ ଜେନା ଓ ଶବ୍ଦରେ କାଳିଆ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଇଂ ଅପୂର୍ବ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଭବାନୀ ଶଙ୍କର ମିଶ୍ର, ଅତିଥି ରୂପେ ଶଙ୍କର୍ଷଣ ସାବତ ଯୋଗ ଦେଇଥିଲେ। ଏହି ଅବସରରେ ଡା. ତିରୁପତି ସାହୁ, ଡା.ରାଜେନ୍ଦ୍ର କୁମାର ବେହେରା, ଇଂ. ଆଶୁତୋଷ ପାତ୍ର, ଶିକ୍ଷାବିତ କାଳୀଚରଣ ସାହୁ



ଓ ନାଟ୍ୟକାର ନିତ୍ୟାନନ୍ଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଗିରିଜା ଶଙ୍କର ଦାଶଙ୍କ ରଚିତ ନାଟକ "ଶୂନ୍ୟ ମନ୍ଦିର' ଲୋକାର୍ପଣ ହୋଇଥିଲା। ତାପସ ପାଣିଗ୍ରାହୀ ଏବଂ ମିହିର କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁନନ୍ଦା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ସୁଦୀପ ସାହୁ ସଂଗୀତ ଗାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଏମ୍‌ର ଦକ୍ଷିଣାଞ୍ଚଳ କର୍ମଶାଳା ଉଦ୍‌ଯାପିତ



ବ୍ରହ୍ମପୁର,୧୯ ।୪(ସମିସ): ସିପିଏମ ପକ୍ଷରୁ ଆୟୋଜିତ ଦୁଇଦିନିଆ ଦକ୍ଷିଣାଞ୍ଚଳ କର୍ମଶାଳା ଉଦଯାପିତ ହୋଇଯାଇଛି। ଇଷ୍ଟକୋଷ୍ଟ ରେଳ ବାଇର ସୁରକ୍ଷା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, ବେକାରୀଙ୍କୁ ନିଯୁକ୍ତି, ସ୍କୁଲଛାତ୍ରଙ୍କ ପାଠ୍ୟ ପୁସ୍ତକ, ମହିଳାଙ୍କ ସୁରକ୍ଷା, ଚାଷୀର ଧାନବିକ୍ରୀ, ଆଦିବାସୀଙ୍କ ଅଧିକାର ଓ ରାଜ୍ୟରେ କର୍ପୋରେଟ ଲୁଟ ବିରୋଧରେ ସମସ୍ତ ବାମ ଗଣତାନ୍ତ୍ରିକ ଶକ୍ତିଙ୍କୁ ନେଇ ବ୍ୟାପକ ଆନ୍ଦୋଳନ କରିବାକୁ ପାର୍ଟିର ଦୁଇଦିନିଆ କର୍ମଶାଳାରେ ନିଷ୍ପତ୍ତି ହୋଇଛି। କର୍ମଶାଳାରେ କେନ୍ଦ୍ର ସରକାରଙ୍କ ଅର୍ଥନୀତିକୁ ତୀବ୍ର ସମାଲୋଚନା କରାଯାଇଛି। ଏହି ଅର୍ଥନୀତି ଫଳରେ ଦେଶର କିଛି କମ୍ପାନୀ ଲାଭର ପାହାଡ଼ ସୃଷ୍ଟି କରିଛନ୍ତି। ଅନ୍ୟଦିଗରେ ବେକାରି ଅକାଶଛୁଆଁ ହୋଇଛି। ଶ୍ରମିକ ରୋଜଗାର ହରାଉଛନ୍ତି। ଦରବୃଦ୍ଧି ଓ ଦୁର୍ନୀତି ବ୍ୟାପକ ହେଉଛି। ଦେଶର ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକୁ ସରକାର ନିୟନ୍ତ୍ରଣ କରିବାକୁ ଯୋଜନା କରୁଛନ୍ତି ବୋଲି ଏଠାରେ କୁହାଯାଇଛି। ସେହିଭଳି ରାଜ୍ୟର ବିଜେପି ସରକାର ସମସ୍ତ ସମ୍ପଦକୁ କମ୍ପାନୀ ହାତରେ ଟେକିଦେବା ଆରମ୍ଭ କରିଛନ୍ତି। ରାଜ୍ୟରେ ଆଦିବାସୀଙ୍କ ଅଧିକାର ଛଡ଼ାଇନେବା ପାଇଁ ଆଦିବାସୀଙ୍କୁ ଢାଲ କରାଯାଉଛି। ବିଜେପି ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଚାଲିଛି। ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବା କର୍ମଶାଳାରେ ଆହ୍ୱାନ ଦିଆଯାଇଛି। କର୍ମଶାଳରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିର ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, କଳାହାଣ୍ଡି, ଓ ନବରଙ୍ଗପୁର ଜିଲ୍ଲାରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସମାରୋହ



ବ୍ରହ୍ମପୁର,୧୯ ।୪(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ଇତିହାସ ବିଭାଗ ଆନୁକୂଲ୍ୟରେ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆୟୋଜି ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର୍ କୁଳମଣି ଓଝା କହିଲେ ଯେ, ଇତିହାସର ଆଇନାରେ ବର୍ତ୍ତମାନକୁ ମହିମା ମଣ୍ଡିତ କରାଯିବା ଦରକାର। ଇତିହାସରୁ ଜାତି ଶକ୍ତି ସଞ୍ଚୟ କରେ। ଇତିହାସ ମଧ ଜାତିକୁ ସଠିକ୍ ମାର୍ଗଦର୍ଶନ କରାଇଥାଏ। ମହାବିଦ୍ୟାଳୟ ଅଧକ୍ଷ ତଥା ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡକ୍ଟର୍ ଦେବରାଜ ସ୍ୱାଇଁ ଏହି ସମାରୋହରେ ପୌରୋହିତ୍ୟ କରିଥିଲେ। ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟା ଡକ୍ଟର୍ ଶିବାନୀ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଭାଗର ଅତିଥି ଅଧ୍ୟାପିକା ଡ. ରୋଜାଲିନ୍ ଷଡ଼ଙ୍ଗୀ, ଅତିଥି ଅଧ୍ୟାପକ ନୀଳାଞ୍ଚଳ ବେହେରା, ଅତିଥି ଅଧ୍ୟାପକ ଟି. ଗଣେଶ ଓ ଅତିଥି ଅଧ୍ୟାପିକା ଶ୍ରୀୟା ସଂଜୀବନୀ ପାତ୍ର ପ୍ରମୁଖ ଆଶୀର୍ବଚନ ପ୍ରଦାନ ପୂର୍ବକ ବିଦାୟୀ ଛାତ୍ରଛାତ୍ରୀଙ୍କ ଜୀବନର ଉତ୍ତରୋତ୍ତର ସମୃଦ୍ଧି କାମନା କରିଥିଲେ। ଶେଷରେ ଅଧ୍ୟାପକ ଟି. ଗଣେଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ଶ୍ରୀୟା ସଂଜୀବନୀ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

● ଜିଲ୍ଲାସ୍ତରୀୟ ସିଏମ୍ କପ-୨୦୨୬

## ଡିଏଭି ପବ୍ଲିକ୍ ସ୍କୁଲ, ବାରାକ୍ ଗୋଲ୍ଡ ଏଫ୍‌ସି ବିଜୟୀ

ବ୍ରହ୍ମପୁର,୧୯ ।୪(ସମିସ): ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ସିଏମ୍ କପ-୨୦୨୬ ପରିପ୍ରେକ୍ଷୀରେ ଆଜି ଫୁଟବଲ ଖେଳର ପ୍ରଥମ ମ୍ୟାଚ ଓଏଭି ସିଦ୍ଧେଶ୍ୱର ସ୍କୁଲ ବାଳକ ଦଳ ଓ ଡ଼ିଏଭି ପବ୍ଲିକ ସ୍କୁଲ ବାଳକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡ଼ିଏଭି ପବ୍ଲିକ ସ୍କୁଲ ୬-୦ ଗୋଲରେ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ ଖେମୁଣ୍ଡି ଏଫ୍‌ସି ଦଳ ଓ ବାରକ୍ ଗୋଲଡ଼ ଏଫ୍‌ସି ମଧ୍ୟରେ ଖେଳା ଯାଇଥିଲା। ବାରକ୍ ଗୋଲଡ଼ ଏଫ୍‌ସି ଦଳ ୧୦-୦ ଗୋଲରେ ବିଜୟ ହାସଲ କରିଥିଲା। ପ୍ରଥମ ମ୍ୟାଚରେ ଅତିଥି ଭାବେ ଏନ୍‌ଆଇଏସ୍ ଆଥଲେଟିକ ପ୍ରଶିକ୍ଷକ ଶଙ୍କର ପାତ୍ର ଏବଂ ଦ୍ୱିତୀୟ ମ୍ୟାଚରେ ପୂର୍ବତନ ଫୁଟବଲ୍ ଖେଳାଳି ସି.ଏଚ୍ ପ୍ରଭାକର ରାଓ, ଏନ. ଭାସ୍କର ରାଓ, ଶିବଶଙ୍କର ପଣ୍ଡା ଜାତୀୟ ଫୁଟବଲ ରେଫରି ଏଥି ସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ସୀତାରାମ ଦ୍ୱେବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଅନ୍ୟାନ୍ୟ



ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ ଉପସ୍ଥିତ ଥିଲେ। ରେଫ୍ରି ବିଚିତ୍ର ଜେନା ଓ ସହଯୋଗୀ ୱାଇ. ପୂର୍ଣ୍ଣଚନ୍ଦ୍ର ରାଓ, ପି. ରମେଶ, ଭିନସେଣ୍ଟ ଦାସ ଏବଂ ମ୍ୟାଚ କମିସନର ସୁଜିତ କୁମାର ପାତ୍ର ମ୍ୟାଚ ପରିଚାଳନା କରିଥିଲେ।

● ୨ ପରିବାର ଗଣ୍ଡଗୋଳରୁ ହତ୍ୟା ଘଟଣା

## ରେଡ଼ିକା ସାହିରେ ଉତ୍ତେଜନା

ବ୍ରହ୍ମପୁର,୧୯।୪(ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀ ରେଡ଼ିକା ସାହିରେ କେ. ଭଗବାନ ରେଡ୍ଡୀଙ୍କୁ ହତ୍ୟା ମାମଲାର ତଦନ୍ତ ଜାରି ରହିଛି। ପୁଲିସ ଏହି ମାମଲାରେ ରେଡିକା ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ହେଲେ ଏହି ହତ୍ୟା ମାମଲାରେ ଗୋସାଇଁନୂଆଗାଁର କିଛି ଯୁବକ ସାମିଲ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ସେହିକ୍ରମରେ ପୁଲିସ ସଂପୃକ୍ତ ଯୁବକଙ୍କୁ ଚିହ୍ନଟ କରି କାବୁ କରିବାକୁ ଚଢ଼ଉ ଜାରି ରଖିଛି। ଏପଟେ ଘଟଣାକୁ ନେଇ ଗତ ୩ ଦିନ ହେବ ସାହିରେ ଉତ୍ତେଜନା ଲାଗିରହିଛି। ଗତକାଲି ରାତିରେ ଅଭିଯୁକ୍ତଙ୍କ ଘରେ ନିଆଁ ଲାଗି ସମସ୍ତ ସାମଗ୍ରୀ ପୋଡ଼ିଯାଇଛି। ଲିଙ୍ଗା ଓ ଲକ୍ଷ୍ମୀ ଜେଲରେ ଥିବା ବେଳେ ତାଙ୍କ ମାଆ ଓ ଝିଅକୁ ଉଦ୍ଧାର କରି ପ୍ରଶାସନ ଆଶ୍ରୟ ସ୍ଥଳରେ ରଖିଛି। ଏଭଳି ସ୍ଥିତିରେ ଲିଙ୍ଗାଙ୍କ ବନ୍ଦ ଘର ଭିତରେ ନିଆଁ କିଭଳି ଲାଗିଲା ତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରକାଶଥାଉକି, ଲିଙ୍ଗା ଓ ତାଙ୍କ ପତ୍ନୀ ନିଜ ବୃଦ୍ଧା ମା' ପାରୁ ରେଡ୍ଡୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ଲିଙ୍ଗାଙ୍କ ପଡୋଶୀ କେ. ଭଗବାନ ରେଡି ବିରୋଧ କରୁଥିଲେ। ଘଟଣାକୁ ନେଇ ଉଭୟ ପରିବାର ମଧ କଳହ ଲାଗି ରହିଥିଲା। ପ୍ରତିଶୋଧ ପରାୟଣ ହୋଇ ଲିଙ୍ଗା ନିଜ ସହଯୋଗୀଙ୍କ ଜରିଆରେ ଗୁରୁବାର କେ. ଭଗବାନଙ୍କୁ ଛୁରିରେ ଆକ୍ରମଣ କରି ହତ୍ୟା କରିଥିଲେ।

ଶ୍ରମିକ ଆନ୍ଦୋଳନ ସ୍ଥଗିତ

## ୧୦ ଦିନର ମହଲତ ନେଲା ଗଞ୍ଜାମ ଚାମ୍ବର ଅଫ୍ କମର୍ସ

ବ୍ରହ୍ମପୁର,୧୯ ।୪(ସମିସ)

ମଜୁରି ପ୍ରାପ୍ୟ ଶତକଡ଼ା ୪୦ ପ୍ରତିଶତ ବୃଦ୍ଧି ଦାବିରେ ଅଟଳ ଶ୍ରମିକ ମହାସଂଘର ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ଫଳରେ ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ବ୍ରହ୍ମପୁର ବଡ଼ବଜାରରେ ସ୍ୱାଭାବିକ ଅବସ୍ଥା ଫେରିଛି। ଖଲାସି, ପଟ୍ଟାରିକ୍ସା ଓ ମାଲବାହୀ ଅଟୋରିକ୍ସା ଶ୍ରମିକମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ମଜୁରି ଠାରୁ ଶତକଡ଼ା ୪୦ପ୍ରତିଶତ ଅଧିକ ଦାବି କରି ଶ୍ରମିକ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଯଦ୍ୱାରା ଗତକାଲି କାରବାର ସହିତ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଆଜି ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ

● ମହାସଂଘ ଓ ଗଞ୍ଜାମ ଚାମ୍ବର ଅଫ କମର୍ସ ମଧ୍ୟରେ ସମନ୍ୱୟ ବୈଠକ ସଫଳ

● ଶ୍ରମିକ ଦିବସରେ ନୂଆ ମଜୁରି ଘୋଷଣା ନେଇ ଆଶାବାଦୀ ମହାସଂଘ

ଶ୍ରମିକ ମହାସଂଘର କର୍ମକର୍ତ୍ତା ଓ ବିଭିନ୍ନ ବ୍ୟବସାୟିକ ସଂଘର କର୍ମକର୍ତ୍ତାଙ୍କ ସହ



ବିସ୍ତୃତ ଆଲୋଚନା ପରେ ମହାସଂଘର ଦାବି ପୂରଣ ପାଇଁ ୧୦ଦିନର ମହଲତ ନିଆଯାଇଛି। ୧୦ଦିନ ମଧ୍ୟରେ ତଥା ୩୦ ତାରିଖ ସୁଦ୍ଧା ଶ୍ରମିକ ମହାସଂଘର ଦାବି ସମ୍ପର୍କିତ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯାହାକୁ ନେଇ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଶ୍ରମିକ ମହାସଂଘକୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିବେଦନ କରାଯାଇଥିଲା। ଫଳ ସ୍ୱରୂପ ଆସନ୍ତା ମେ' ପହିଲା ଶ୍ରମିକ ଦିବସରେ ଶ୍ରମିକଙ୍କ ଦାବି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ସହ ଘୋଷଣା କରାଯିବ ବୋଲି ମହାସଂଘ ଆଶାବାଦୀ ରହିଛି। ଆଲୋଚନାରେ ମହାସଂଘର ସଭାପତି ପ୍ରଦୀପ ପଣ୍ଡାଙ୍କ ସମେତ ଚାମ୍ବର ଅଫ କମର୍ସର ସମ୍ପାଦକ ସନ୍ତୋଷ କୁମାର, ଓଡିଶା ବ୍ୟବସାୟୀ ସଂଘ ସଭାପତି ସି. ରବୀନ୍ଦ୍ର ନାଥ ଓ ଯୁଗ୍ମ ସମ୍ପାଦକ ଟି. ରାହୁଲ ଓ ଅନ୍ୟ କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## କଳିଙ୍ଗନଗରରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଡ଼ା ନିର୍ଦ୍ଦେଶ

# ୩୦ ମଧ୍ୟରେ ସମସ୍ତ ବ୍ୟବସ୍ଥା କରିବାକୁ ଆଦେଶ

ଦାନଗଦି,୧୯।୪(ସମିସ):



ସୁକିନ୍ଦା ରୋଡ୍ ରେଲୱେ ସାଇଡିଂ ଯୋଗୁ ବ୍ୟାପକ ବାୟୁ ଓ ଜଳ ପ୍ରଦୂଷଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଇଆସୁଛି। ଏଥିନେଇ କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରିକରାଯାଇଛି। ଏପ୍ରିଲ ୩୦ ତାରିଖ ମଧ୍ୟରେ ଏହି ନିର୍ଦ୍ଦେଶନାମାକୁ ନ ମାନିଲେ ସୁକିନ୍ଦା ରୋଡ୍ ରେଲୱେ ସାଇଡିଂକୁ ବନ୍ଦ କରିଦିଆଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜଳ ଓ ବାୟୁପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜାରି ହୋଇଥିବା 'କନସେଣ୍ଟ ଅର୍ଡର' ଅନୁସାରେ, ସମ୍ପୃକ୍ତ ୟୁନିଟ୍‌କୁ ୨୦୨୬ ଏପ୍ରିଲ ୩୦ ମଧ୍ୟରେ କେତୋଟି କାର୍ଯ୍ୟ ସଂପାଦନ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁସାରେ, ରେଳ ସାଇଡିଂ ଅଞ୍ଚଳରେ କମ୍ ସେ କମ୍ ୧୫ ମିଟର ଉଚ୍ଚତାର ସ୍ଥାୟୀ ବାଉଣ୍ଡାରି ୱାଲ୍ ନିର୍ମାଣ ସହ ଦୁଇ ଧାଡ଼ି ଗଛ ରୋପଣ ଓ ତିନୋଟି ଫିକ୍ସଡ୍ ମିଷ୍ଟ କ୍ୟାନନ୍ ସ୍ଥାପନ କରିବାକୁ ପଡିବ, ଯାହା ନିଳାପଡା ଗ୍ରାମ ନିକଟରେ ଧୂଳି ପ୍ରଦୂଷଣକୁ ନିୟନ୍ତ୍ରଣ କରିବ। ସମସ୍ତ ଟ୍ରକ୍ ଠିକ ଭାବେ ଲୋଡ୍ ହୋଇ ତାରପୋଲିନ୍‌ରେ ଢାକି ଯାଉଥିବାକୁ ନିଶ୍ଚିତ କରିବା ପାଇଁ ଏଚ୍‌ଡି କ୍ୟାମେରା ସହ ୧ ମାସର ରେକର୍ଡିଂ ବ୍ୟବସ୍ଥା କରିବାକୁ ହେବ। ସାଇଡିଂ ବାଉଣ୍ଡାରି ସାରା ଅଞ୍ଚଳରେ ଘନ ଗଛ ରୋପଣ କରି ଧୂଳି ପ୍ରଦୂଷଣ ରୋକିବାକୁ ପଡିବ। ସାଇଡିଂ ଅଞ୍ଚଳରେ ଗାରଲ୍ୟାଣ୍ଡ ଡ୍ରେନ୍ ବ୍ୟବସ୍ଥା କରି ସମସ୍ତ ବର୍ଜ୍ୟ ଜଳ ସଂଗ୍ରହ କରାଯିବ। ଏହି ଜଳକୁ ପ୍ରଥମେ ଶୋଧନ କରି ପରେ ଗ୍ରୀନ ବେଲ୍ଟ ଓ ଧୂଳି ନିୟନ୍ତ୍ରଣରେ ବ୍ୟବହାର କରାଯିବ। ଅତିରିକ୍ତ ଜଳ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିବା ପରେ ବାହାରକୁ ଛଡ଼ାଯିବ। ଘରୋଇ ବର୍ଜ୍ୟ ଜଳକୁ ବିଆଇଏସ୍ ମାନଦଣ୍ଡ ଅନୁସାରେ ସେପ୍ଟିକ୍ ଟ୍ୟାଙ୍କ ଓ ସୋକ୍ ପିଟ୍ ମାଧ୍ୟମରେ ବିସର୍ଜନ କରାଯିବ। ୧୫ ଜୁନ୍‌ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଖୋଲା ସାଇଡିଂରେ ଜିପ୍‌ସମ୍ ଲୋଡିଂ-ଅନଲୋଡିଂ ବନ୍ଦ ରହିବ।

### ଅମାନ୍ୟ କଲେ ବନ୍ଦ ହେବ ସୁକିନ୍ଦା ରୋଡ୍ ରେଲୱେ ସାଇଡିଂ

ଯଦି କଭର୍ଡ୍ ସେଡ୍ ରହିଥାଏ, ତେବେ ସେଠାରେ ଏହି କାମ ହେବ; କିନ୍ତୁ ବାହାରେ ସଂଗ୍ରହ କରିବାକୁ ପ୍ରତିବନ୍ଧକ ରହିଛି। ରାସ୍ତା ଓ ଷ୍ଟୋରେଜ୍ ଅଞ୍ଚଳରେ ଡଷ୍ଟ ନିୟନ୍ତ୍ରଣ ପାଇଁ ପାଣି ଛିଟା ବ୍ୟବସ୍ଥା ସଦା ଚାଲୁ ରଖିବାକୁ ହେବ। ଏହି ନିର୍ଦ୍ଦେଶଗୁଡ଼ିକ ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ପାଇଁ ଅତ୍ୟନ୍ତ କଡା ଭାବେ ଜାରି ହୋଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପାଳନ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ରହିଛି।

## ଓଡ଼ିଶୀ ଡ୍ୟାନ୍ସ କଲେକ୍ଟିଭ ଉଦଘାଟିତ



**ଯାଜପୁର,୧୯।୪(ସମିସ):** ଯାଜପୁର କାଳିମେଘା ନିକଟସ୍ଥ ପଦ୍ମେଶ୍ୱରପୁରରେ ଓଡିଶୀ ଡ୍ୟାନ୍ସ କଲେକ୍ଟିଭ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ, ବରିଷ୍ଠ ଶିକ୍ଷାବିତ ବୈକୁଣ୍ଠ ନାଥ ପତି ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶାର ପରମ୍ପରାକୁ ବଞ୍ଚେଇବା ପାଇଁ ନିର୍ମିତ ହୋଇଥିବା ଏଭଳି ଅନୁଷ୍ଠାନର ପ୍ରଶଂସା କରିଥିଲେ।

## ଯାଜପୁର ଟାଉନ୍ ଥାନାରେ ଖୋଲିଲା ଜଳଛତ୍ର

**ଯାଜପୁର ଟାଉନ,୧୯।୪(ସମିସ):** ଯାଜପୁର ଟାଉନ୍ ଥାନା ପକ୍ଷରୁ ଜଳଛତ୍ର ସେବା ଆରମ୍ଭ କରାଯାଇଛି। ଏହି ଜଳଛତ୍ର କେନ୍ଦ୍ରକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶଙ୍କର୍ଷଣ ଦଳାଇ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ଦହି ସରବତ ଓ ଥଣ୍ଡା ପାଣି ଲୋକମାନଙ୍କୁ



ବାଣ୍ଟିଥିଲେ ଓ ପରେ ଟାଉନ୍ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ ମଧ୍ୟ ବାଟରେ ଯାଉଥିବା ଲୋକମାନଙ୍କୁ ଥଣ୍ଡା ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରିଥିଲେ। ଏହି ଜଳଛତ୍ର ମାଧ୍ୟମରେ ଥାନା ପରିସର ଦେଇ ଯାଉଥିବା ସାଧାରଣ ଲୋକ, ଯାତ୍ରୀ ଓ ପଥଚାରୀମାନେ ଥଣ୍ଡା ପାଣି ଓ ଦହି ସରବତ ପାଇପାରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ମହେନ୍ଦ୍ର ସେଠୀ, ସୁବାସ ଚନ୍ଦ୍ର ମୁଦୁଲି ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରମିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବଡ଼ଚଣା,୧୯।୪(ସମିସ):** ଆସନ୍ତା ମେ' ୧ ତାରିଖରେ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ସ୍ଥିତ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସାଧାରଣ ସଂପାଦକ ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ଅଣ ସଂଗଠିତ ଶ୍ରମିକ ସଙ୍ଘ ସମନ୍ୱୟ କମିଟି ରାଜ୍ୟ ସଭାପତି ନୃସିଂହ ଚରଣ ମିଶ୍ର, ସାଂଗଠାନିକ ସମ୍ପାଦକ ନାରାୟଣ ନାୟକ, ସଂଘ କର୍ମକର୍ତ୍ତା କାର୍ତ୍ତିକ ବେହେରା, ତରୁଣ ଖଣ୍ଡାୟୀ, ସ୍ଥିତି ପ୍ରଜ୍ଞା ବାରିକ୍, ରାଜେଶ ବେହେରା, ରାଜଶ୍ରୀ ମହାରଣା, ଶୁଭଶ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ରାଜ୍ୟର ୨୨ଟି ଜିଲ୍ଲାରୁ ସଙ୍ଘର କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ,ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରିବେ ବୋଲି ଜଣା ଯାଇଛି।

## ଉତ୍ସବ ମୁଖର ମା' ହରଚଣ୍ଡୀ ପୀଠ

**ସିଂହପୁର,୧୯।୪(ସମିସ):** ନାଉବାଙ୍କ ମା' ହରଚଣ୍ଡୀଙ୍କ ନବନିର୍ମିତ ଭବ୍ୟ ମନ୍ଦିର ପ୍ରବେଶ ଓ ସିଂହାସନ ରୁଢ ନିମନ୍ତେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଗତକାଲି ଦଶ ମହାବିଦ୍ୟା ପାଶ୍ୱର୍ ଦେବୀ ଦ୍ୱାରାପାଳଙ୍କୁ ଧାନ୍ୟବରଣ ପରେ ମଙ୍ଗୁଳା ପ୍ରଭୃତି ବୈଦିକ କାର୍ଯ୍ୟ କରାଯାଇଥିଲା। ଆଜି ଜୀବନ୍ୟାସ ପରେ ସ୍ଥାନକରଣ ପୂଜାବିଧି କରାଯାଇଛି। ପୂଜକ ବାସୁଦେବ ପଣ୍ଡା, ରଞ୍ଜିତ ପଣ୍ଡା, ବଳରାମ ପଣ୍ଡା ମା'ଙ୍କ ବିଧି ସମ୍ପର୍ଣ୍ଣ କରିଥିବା ବେଳେ ପଣ୍ଡିତ ରବିନାରାୟଣ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, ଦେବରଞ୍ଜନ ମିଶ୍ର, ଜ୍ଞାନରଞ୍ଜନ ମିଶ୍ର, ରବି ନାରାୟଣ ପତି ଚଣ୍ଡୀ ମହାଯଜ୍ଞରେ ସହଯୋଗ କରିଛନ୍ତି। ପୁରୀର କୃପାସିନ୍ଧୁ ମହାରାଜ ପ୍ରଥମ ଦିନ ପ୍ରବଚନ ପ୍ରଦାନ କରିଥିବା ବେଳେ ଆଜି ପଣ୍ଡିତ ବସନ୍ତ ନାୟକ ବୈତରଣୀ ରୋଡ ପ୍ରବଚନ ଦେଇଛନ୍ତି। ସଂଗୀତ ନିର୍ଦ୍ଦେଶକ ଦିନେଶ ଓ ସାଥି ଭକ୍ତି ସଂଗୀତ ପରିବେଷଣ କରିଛନ୍ତି।

## ମା'ଜାଗୁଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ପାଣିକୋଇଲି,୧୯।୪(ସମିସ):** ପାଣିକୋଇଲିସ୍ଥିତ ଅଳତିରି ଗ୍ରାମର ମା' ଜାଗୁଲେଇ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହେଉଛି। ଶନିବାର ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ଶୋଭାଯାତ୍ର ଆସି ମା' ଜାଗୁଲେଇ ପୀଠରେ ପହଞ୍ଚିଥିଲା। ଅଙ୍କୁରୋପଣ, ଶୁଭାଧିବାସ, କଳସ ଶୋଭାଯାତ୍ର, ସଂକୀର୍ତ୍ତନ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିପୂଜା, ଯଜ୍ଞ କର୍ମ, ପାଶ୍ୱର୍ ଦେବତା ଜୀବନ୍ୟାସ, ନ୍ୟାସାଧିବାସ, ଭଜନ ସନ୍ଧ୍ୟା, ଚଣ୍ଡିପାଠ, ବେଦପାଠ ଆଦି କାର୍ଯ୍ୟକ୍ରମ ଚାଲୁରହିଛି। ସୋମବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ରଘୁନାଥ ପାଢୀ, ନନ୍ଦ କିଶୋରୀ ଦାଶ, ରବି ନାରାୟଣ ପଣ୍ଡା ପୂଜକ ଭାବେ ଯୋଗଦେଇଥିବା ବେଳେ କର୍ତ୍ତା ଭାବେ କଳ୍ପତରୁ ମହାପାତ୍ର ଓ ସାବିତ୍ରୀ ମହାପାତ୍ର, ସୁରେନ୍ଦ୍ର ସାହୁ, ମାନସୀ ସାହୁ, ଲାଲ କୃଷ୍ଣ ମଲ୍ଲିକ, ସୁଚିତ୍ର ମଲ୍ଲିକ ପ୍ରମୁଖ ଯୋଗଦାନ କରିଛନ୍ତି। ଜଗଦୀଶ୍ୱର ମଲ୍ଲିକଙ୍କ ସମତେ ଅଳତିରି ଗ୍ରାମବାସୀ, ଆଦର୍ଶ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

## ଗ୍ୟାସ ଯୋଗାଣରେ ଅହେତୁକ ବିଳମ୍ବ

# ଉପଭୋକ୍ତା ମହଲରେ ଅସନ୍ତୋଷ

**ବ୍ରହ୍ମବରଦା,୧୯।୪(ସମିସ):** ଧର୍ମଶାଳା ବ୍ଲକ ଥାନୁଆଳରେ ଥିବା ଖୁସି ଗ୍ୟାସ ଏଜେନ୍ସୀ ଗ୍ରାହକଙ୍କୁ ଗ୍ୟାସ ଯୋଗାଇବାରେ ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ରସୁଲପୁର ବ୍ଲକ ଅନ୍ତର୍ଗତ ଅବିଭକ୍ତ ବ୍ରହ୍ମବରଦା ତଥା ଆଖପାଖ ଅଞ୍ଚଳରେ ଗ୍ୟାସ୍ ବୁକିଂର ଦିନ ପରେ ଦିନ ବିତୁଛି ହେଲେ ଗ୍ରାହକଙ୍କ ନିକଟରେ ସିଲିଣ୍ଡରଟିଏ ପହଞ୍ଚି ପାରୁନାହିଁ। ଫଳରେ ଉପଯୁକ୍ତ ସମୟରେ ରନ୍ଧନ ଗ୍ୟାସ ନ ପାଇ ଗ୍ରାହକଙ୍କୁ ହତାଶ ହେବାକୁ ପଡୁଛି। ବ୍ରହ୍ମବରଦା ଅଞ୍ଚଳର ଜଣେ ଉପଭୋକ୍ତା ଅଭିଯୋଗ ଆଣିଛନ୍ତି କି ସେ ଗତ ୧ ତାରିଖରେ ଗ୍ୟାସ ବୁକିଂ କରିଥିଲେ। ହେଲେ ବୁକିଂକୁ ୨୦ଦିନ ବିତିଯାଇଥିଲେ ମଧ୍ୟ ତାଙ୍କୁ ଆଜି ଯାଏଁ ତାଙ୍କୁ ସିଲିଣ୍ଡରଟିଏ ମିଳିପାରିନାହିଁ। ସମ୍ପୃକ୍ତ ଏଜେନ୍ସି ଗ୍ରାହକମାନଙ୍କୁ କିପରି ଓ କେଉଁଠି ଗ୍ୟାସ ବିତରଣ କରୁଛି ତାହା ସେ ଜାଣି ନ ଥିବା କହିଛନ୍ତି। ଅନ୍ୟ କିଛି ଗ୍ରାହକ ତାଙ୍କ ପରେ ଗ୍ୟାସ ବୁକିଂ କରି ସିଲିଣ୍ଡର ପାଇସାରିଥିବା ବେଳେ ତାଙ୍କୁ କିନ୍ତୁ ଗ୍ୟାସ ମିଳିପାରିନଥିବା ସେ କହିଛନ୍ତି। ନୂଆକୁଲ ଗ୍ରାମର ଜଣେ ଗ୍ରାହକ ଅଭିଯୋଗ କରିଛନ୍ତି ଗ୍ୟାସ ବୁକିଂ ନକରି ତାଙ୍କ ନାମରେ ଗ୍ୟାସ ଉଠାଯାଇଛି। ସେହିପରି ଝାଲପଡା ଅଞ୍ଚଳର ମନୋଜ ମୁଦୁଲି ନାମକ ଜଣେ ଗ୍ରାହକ ସମାନ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ ଏଜେନ୍ସିଙ୍କ ଖାମଖିଆଲି ଓ ମନୋମୁଖୀ ନୀତି ଯୋଗୁ ଗ୍ରାହକମାନେ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଖାତାଧାରୀ ଗ୍ରାହକମାନଙ୍କୁ ଗ୍ୟାସ୍ ନ ଦେଇ ବ୍ରହ୍ମବରଦାର ବ୍ୟାଙ୍କ ଛକଠାରେ ଏକ ଖୁଚୁରା ଗ୍ୟାସ ବ୍ୟବସାୟୀ ଓ ଇଦିକା ଛକରେ ଏକ ଦୋକାନୀ ଏବଂ ଆହୁରି ଅନେକ ଦୋକାନୀକୁ ଚୋରାରେ ଏହି ଏଜେନ୍ସୀ ଗ୍ୟାସ୍ ଦେଉଥିବା ଅନେକ ଗ୍ରାହକ ଅଭିଯୋଗ କରିଛନ୍ତି। ଯାହା ଦ୍ୱାରା ଗୋଟିଏ ଗ୍ୟାସ ପିଛା ୧୫୦୦ରୁ ୨୦୦୦ ଟଙ୍କାରେ ଦୋକାନୀମାନେ କଳାବଜାରୀ କରି ବିକୁଛନ୍ତି। ସୂଚନାନୁଯାୟୀ ୨୦୧୯ରେ ବ୍ରହ୍ମବରଦାରେ ଥିବା ମଦିନା ଗ୍ୟାସ୍ ଏଜେନ୍ସି ନାମକ ଗ୍ରାମୀଣ ଗ୍ୟାସ୍ ବିତରଣ କେନ୍ଦ୍ର କୌଣସି କାରଣରୁ ବନ୍ଦ ହୋଇଯିବା ପରେ ଏଚ୍‌ପି କମ୍ପାନୀ ନିର୍ଦ୍ଦେଶରେ ଏହାର ସମସ୍ତ ଗ୍ରାହକ ଧର୍ମଶାଳା ବ୍ଲକ ଥାନୁଆଳରେ ଥିବା ଖୁସି ଗ୍ୟାସ ଏଜେନ୍ସି ସହିତ ଯୋଡ଼ି ହୋଇଯାଇଥିଲା। କିନ୍ତୁ ସେହିଦିନଠାରୁ ସମ୍ପୃକ୍ତ ଏଜେନ୍ସି ବ୍ରହ୍ମବରଦା ତଥା ଆଖପାଖ ଅଞ୍ଚଳରେ ଥିବା ଗ୍ରାହକଙ୍କ ଘରେ ଘରେ ଗ୍ୟାସ ସିଲିଣ୍ଡର ପହଞ୍ଚାଇବା ପରିବର୍ତ୍ତେ ମନଇଚ୍ଛା ଏଣେତେଣେ ବିତରଣ କରୁଛି।




## ରଥକାଠ ଅନୁକୂଳ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବରୀ,୧୯।୪(ସମିସ):** ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂଗଠନର ବାଲିବିଲ ଶାଖା ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଗୃହ ପ୍ରବେଶ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କର ରଥକାଠ ଅନୁକୂଳ ସହ ଶ୍ରୀବିଗ୍ରହମାନଙ୍କୁ ନୂତନ ଭାବେ ନିର୍ମିତ ଭବ୍ୟ ଗୃହକୁ ବିଜେ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠା ଉତ୍ସବର ବିଧିବିଧାନ ଅନୁଯାୟୀ ବିଭିନ୍ନ ପୂଜାର୍ଚ୍ଚନା, ହୋମଯଜ୍ଞ ହେବାର କାର୍ଯ୍ୟକ୍ରମ ରହିଛି। ବାଲିବିଲର ଏହି ପବିତ୍ର ଭୂମିରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ଭକ୍ତଙ୍କ ମଧ୍ୟରେ ଏକତା ସ୍ଥାପନ କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ସଂଗଠନ ପକ୍ଷରୁ ସୂଚନା ମିଳିଛି।

## ସୁକିନ୍ଦା ପୁଲିସ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ

**ସୁକିନ୍ଦା,୧୯।୪(ସମିସ):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସୁକିନ୍ଦା ପୁଲିସ ପକ୍ଷରୁ ସୁକିନ୍ଦା ହନୁମାନ ଛକରେ ଶନିବାର ଜଳଛତ୍ର ଶୁଭାରମ୍ଭ ହୋଇଛି। ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ନିଜେ ଉପସ୍ଥିତ ରହି ପଥଚାରୀଙ୍କୁ ଥଣ୍ଡା ଦହିପାଣି ବଣ୍ଟନ କରି ଜଳଛତ୍ର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରୀଷ୍ମ ପ୍ରବାହ ଚାଲିଥିବା ପର୍ଯ୍ୟନ୍ତ ଜଳଛତ୍ର ମାଧ୍ୟମରେ ଦୈନିକ ପଥଚାରୀମାନଙ୍କୁ ଶୁଦ୍ଧ ଦହିପାଣି ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି।



## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜଳଛତ୍ର



**ଯାଜପୁର,୧୯।୪(ସମିସ):** ଯାଜପୁର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୁଭାରମ୍ଭ ହୋଇଛି ଜଳଛତ୍ର। ରାଜ୍ୟରେ ତୀବ୍ର ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାଧାରଣ ଲୋକଙ୍କ ସହାୟତା ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିଆରା ପଦକ୍ଷେପ ନିଆଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବିରଜା ମନ୍ଦିର ନିକଟରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏହାକୁ ଯାଜପୁରର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପଥଚାରୀ ମାନଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। ଏହି ଜଳଛତ୍ର ଉଦଘାଟନ କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକାର ସମସ୍ତ ପାରିଷଦ ମାନେ ଯୋଗ ଦେଇଥିଲେ।

## ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ବାର୍ଷିକ ଉତ୍ସବ

**ବିଞ୍ଝାରପୁର,୧୯।୪(ସମିସ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ଅଗ୍ରଣୀ ସାମ୍ବାଦିକ ସଂଗଠନ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ୧୨ତମ ବାର୍ଷିକ ଉତ୍ସବ ଓ ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ବରୁଣେଶ୍ୱର ମହାବିଦ୍ୟାଳୟ ପରିସର ସ୍ଥିତ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉପଦେଷ୍ଟା ଓ ସମାଜସେବୀ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଯାଜପୁର ଜିଲ୍ଲା ପୁଲିସର ଅତିରିକ୍ତ ଏସ୍‌ପି ରତିକାନ୍ତ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ଓୟୁଜେ ରାଜ୍ୟ ସମ୍ପାଦକ କିଷାନ ରାଉତ, ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର, ରାଜ୍ୟ ଆଇନଜୀବୀ ପରିଷଦ ଉପାଧ୍ୟକ୍ଷ ରାଜୀବ ମହାନ୍ତି, ସମାଜସେବୀ ଦିଲୀପ ରାଉଳ, ଜେୟୁଜେ ସଭାପତି ଅରୁଣ ରାଉତରାୟ ଓ ସମ୍ପାଦକ ଚନ୍ଦ୍ରଶେଖର ସାହୁ ଯୋଗଦେଇଥିଲେ। ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ, ପେନସନ ଓ ବୀମା ରାଶି ବୃଦ୍ଧି ପାଇଁ ଏଠାରେ ଦାବି ଉଠିଥିଲା। ଏହି ଅବସରରେ ଅଞ୍ଚଳର ବିଭିନ୍ନ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ପ୍ରାକ୍ତନ ଯାଜପୁର ଜିଲ୍ଲା ପରିଷଦ ସଭାପତି ସୁଶାନ୍ତ କୁମାର ମିଶ୍ର, ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଅଳକୁଣ୍ଡ ଥାନା ଅଧିକାରୀ ବିଭୂପ୍ରସାଦ ରାଉତ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା ବିଦ୍ୟୁରେଖା ନାୟକ, ନାଟ୍ୟକାର ଦୀପକ ଜେନା ଓ ସମାଜସେବୀ ସ୍ମୃତି ରଞ୍ଜନ ସାହୁଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଯାଇଥିଲା। ସଂଘର ସଭାପତି ଦେବ ପ୍ରସାଦ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଉପସଭାପତି ଗୁଲସହାନ ନୱାଜ ଅଲି ଖାଁ ଧନ୍ୟବାଦ ଜଣାଇଥିଲେ। ସଂଘର କର୍ମକର୍ତ୍ତା ସେକ୍ ସନୱାର, ବିଶ୍ୱଜିତ ନାୟକ, ସୀତାକାନ୍ତ ସାମଲ, ସତ୍ୟ ରଞ୍ଜନ ମଲ୍ଲିକ, ଶଙ୍କର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ଅନଙ୍ଗ ଉଦୟ ବେଉରିଆ, ପ୍ରଦୀପ ମଲ୍ଲିକ ଓ ନିମାଇଁ ଘଡ଼ାଇ ପ୍ରମୁଖ ପରିଚାଳନା କରିଥିଲେ।



## ଜଗନ୍ନାଥଙ୍କ ବିଗ୍ରହ ଦାରୁଛେଦନ ପାଇଁ ପ୍ରସ୍ତୁତି

**ସୁକିନ୍ଦା,୧୯।୪(ସମିସ):** ଡୁବୁରୀ ସ୍ଥିତ ସଂରାସ ମନ୍ଦିର ପରିସରରେ ନୂତନ ଭାବେ ହେବାକୁ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ଭୂମି ପୂଜନ ଓ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ନିମନ୍ତେ ଦାରୁଛେଦନ ଆସନ୍ତା ୪ ତାରିଖରେ ହେବାକୁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ଏହି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପୂର୍ଣ୍ଣ କରାଇବା ପାଇଁ ଶ୍ରୀଜଗନ୍ନାଥଜିଉ ସେବା ଟ୍ରଷ୍ଟ ଡୁବୁରି ଅଧ୍ୟକ୍ଷତାରେ ଆଜି କପିଳେଶ୍ୱର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ' ୪ତାରିଖରେ ଶ୍ରୀମନ୍ଦିର ଓ ମା' ବିରଜାଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣିବା ସହିତ କପିଳେଶ୍ୱର ପୀଠାଧିଶ ଶ୍ରୀଶ୍ରୀ ମହାଦେବଙ୍କ ରୁଦ୍ରାଭିଷେକ କରାଯିବ। ଦେବୋତ୍ତର ବିଭାଗ ମୁଖ୍ୟ ତଥା ସୁକିନ୍ଦା ତହସିଲଦାର ମଧ୍ୟ ନିଜର ସମ୍ମତି ପ୍ରଦାନ କରିଛନ୍ତି। ପୁରୀ ଶ୍ରୀମନ୍ଦିର ବିଧିନିଯୋଗ କମିଟି, ମହାସୁଆର ନିଯୋଗ, ଛତିସା ନିଯୋଗର କର୍ମକର୍ତ୍ତା, ମନ୍ଦିର ଶିଳ୍ପୀ, ସାଧୁ ସନ୍ଥ ଓ ଭକ୍ତମାନଙ୍କ ଉପସ୍ଥିତିରେ ସେହିଦିନ ନୂତନ ମନ୍ଦିରର ଭୂମିପୂଜନ, ଶୀଳାନ୍ୟାସ ଓ ତତ୍ ସହିତ ନୂତନ ବିଗ୍ରହଙ୍କ ନିର୍ମାଣ ନିମନ୍ତେ ଦାରୁଛେଦନ କରାଯିବ ବୋଲି ସ୍ଥିର ହୋଇଛି। ଏହି ଉତ୍ସବର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି।

## ପୋଖରୀରେ ବୁଡ଼ି ୧୨ବର୍ଷର ବାଳକ ମୃତ

**କୁଆଁଗୋଲା,୧୯।୪(ସମିସ):** ଦଶରଥପୁର ବ୍ଲକ କମାରଡିହ ପଞ୍ଚାୟତର କମାରଡିହ ଗ୍ରାମ ସନ୍ତୋଷ ପଣ୍ଡାଙ୍କ ପୁଅ ସାର୍ଥକ ପଣ୍ଡା (୧୨) ଗ୍ରାମ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇ ପ୍ରାଣହାନି ଘଟିଛି। ରବିବାର ଦିନ ୧୦ଟା ସମୟ ପୋଖରୀରେ ଗାଧୋଉଥିବା ବେଳେ ହଠାତ ବୁଡ଼ି ଯାଇଥିଲା। ସାର୍ଥକକୁ ସ୍ଥାନୀୟ ଲୋକ ସାହାଯ୍ୟରେ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ଯେଉଁଠାରେ ଡାକ୍ତର ସାର୍ଥକକୁ ମୃତ ଘୋଷଣା କରିଥିଲେ। ଜଣେ କୋମଳ ଶିଶୁର ଏଭଳି ପ୍ରାଣହାନିରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# କଳିଙ୍ଗ ଫାଉଣ୍ଡେସନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୧୯।୪(ସମିସ):

କଳିଙ୍ଗର ବରପୁତ୍ର ତଥା କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ମହାନ ଜନନାୟକ ବିଜୁବାବୁଙ୍କର ୨୯ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତି.ରଣ ସଭା ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟ ପରିସରରେ ବିଜୁବାବୁଙ୍କର ଏକ ଆବକ୍ଷ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଟ୍ରଷ୍ଟର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଉତ୍ସବରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସଚିବ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଟ୍ରଷ୍ଟି ବୈଜ୍ଞାନିକ ଡ. ଓଁକାର ନାଥ ମହାନ୍ତି, ଶିଳ୍ପପତି ଡ. ଶ୍ରୀକାନ୍ତ ମିଶ୍ର, ଆଡଭୋକେଟ ଅଶ୍ୱିନୀ ପଟ୍ଟନାୟକ, ଅମର ନାଥ ମିଶ୍ର, ଶିକ୍ଷା ଉଦ୍ୟୋଗୀ ଧର୍ମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ୧୯୫୦ ମସିହାରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠା ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ବିଜୁବାବୁଙ୍କ ଅସାମାନ୍ୟ କୃତି ଓ କୀର୍ତ୍ତି ବିଶ୍ୱ ବିଜ୍ଞାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ୟୁନେସ୍କୋ, ପ୍ୟାରିସ ମାଧ୍ୟମରେ ୧୯୫୨ ମସିହାରୁ ବିଜ୍ଞାନକୁ ଲୋକପ୍ରିୟ କରିବା କ୍ଷେତ୍ରରେ ପ୍ରଦାନ କରାଯାଉଥିବା ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର 'ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର'ର ପ୍ରତିଷ୍ଠା କରି ବିଜୁବାବୁ ବିଶ୍ୱ ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କରିଥିଲେ ବୋଲି ସଭାପତି ନିଜ ଅଭିଭାଷଣରେ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭାଷାତତ୍ତ୍ୱବିତ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂ, ଇଂ. ପାର୍ଥସାରଥି ମୁଦୁଲି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀ, ରାଜନେତା, ବରିଷ୍ଠ ନାଗରିକ ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିଥିଲେ।



୧୯/୪/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୬୭,୪୩୦/- ସୁନା:୦୮.୪୫୦ ଗ୍ରାମ୍ ରୁପା: ୧୫୬.୪୦୦ ଗ୍ରାମ୍



# ବେଳାଭୂମି ରାସ୍ତାରେ ମଇଳା ପାଣି



ପୁରୀ,୧୯।୪(ସମିସ): ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ଭକ୍ତ ଓ ପର୍ଯ୍ୟଟକ ଆସିଥା'ନ୍ତି। ଏଠାରେ ରହିଛି ମନୋରମ ବେଳାଭୂମି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ବହୁ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣ ସାଜିଥାଏ ବେଳାଭୂମି। ଏହାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଦୁଇଘେରା ବୁଲିଆସିଲେ ଭାରାକ୍ରାନ୍ତ ମନ ହାଲ୍କା ହୋଇଯାଏ। ସେହିପରି ପୁରୀ ସମୁଦ୍ରରେ ସ୍ନାନ କରିବା ମଜା ସବୁଠୁ ନିଆରା। ହେଲେ ଏହି ମନୋରମ ବେଳାଭୂମି ପ୍ରତି କିପରି ଅଧିକରୁ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବେ ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉନାହିଁ।

## ନାକ ଟେକୁଛନ୍ତି ପର୍ଯ୍ୟଟକ

ଅପରପକ୍ଷେ ବେଳାଭୂମି ରାସ୍ତାରେ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ପର୍ଯ୍ୟଟକମାନେ ନାକ ଟେକୁଛନ୍ତି। ରବିବାର ସକାଳେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ରାସ୍ତାରେ ମଇଳା ପାଣି ମାଡ଼ିବା ଘଟଣା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା। ଫଳରେ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ନାକରେ ହାତ ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ରବିବାର ଛୁଟିଦିନ ଯୋଗୁଁ ସକାଳୁ ବେଳାଭୂମି ରାସ୍ତାରେ ଗହଳି ଆରମ୍ଭ ହୋଇଥିଲା। ଏହି ସମୟରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ରାସ୍ତା ପାର୍ଶ୍ୱରେ ପ୍ରାୟ ୧୦୦ ମିଟରରୁ ଅଧିକ ହେବ ମଇଳା ପାଣି ଭାସୁଥିଲା। ତେବେ ଏହି ପାଣି କେଉଁଠୁ ଆସୁଥିଲା ତାହା ଜଣାପଡ଼ି ନ ଥିଲା। ବେଳାଭୂମି ରାସ୍ତାକୁ ସଂଯୋଗ କରୁଥିବା ଗଳି ରାସ୍ତାରୁ ବିଭିନ୍ନ ସମୟରେ ମଇଳା ପାଣି ଧାର ପଡ଼ିଥାଏ। ରବିବାର ମଧ୍ୟ ସେହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଶେଷକରି ଚାଲି ଚାଲି ଯାଉଥିବା ପର୍ଯ୍ୟଟକମାନେ ଏହାକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନେକ ହାତକୁ ନାକରେ ଚାପି ଯାଉଥିବା ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗର ଗୋପାଳ ସାଓ କହିଥିଲେ, ପୂର୍ବ ଭାରତର ଏକ ମନୋରମ ବେଳାଭୂମି ହେଉଛି ପୁରୀ। ଆମେ ସପରିବାର ଦୁଇଦିନ ହେବ ଆସି ଏକ ହୋଟେଲରେ ରହିଛୁ। ସକାଳୁ ବେଳାଭୂମି ରାସ୍ତା ପାଖରୁ ଏକ ଦୋକାନକୁ ଚା' ପିଇବାକୁ ଆସିଥିବାବେଳେ ଦୁର୍ଗନ୍ଧ ହୋଇଥିଲା। ମଇଳା ପାଣିର ଧାର ଲମ୍ବିଥିଲା ରାସ୍ତାରେ। ସେହିପରି କଟକର ଗଣେଶ ସାହୁ କହିଥିଲେ, ପୁରୀ ମହାନଗର ନିଗମ ହେଲେ ବ୍ୟସ୍ତବହୁଳ ବେଳାଭୂମି ରାସ୍ତାରେ ଏଭଳି ମଇଳା ପାଣି ଭାସିବା ବାସ୍ତବିକ ଦୁଃଖଦାୟକ। ଏ ଦିଗରେ ସଚେତନ ନ ହେଲେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ନକାରାତ୍ମକ ମନୋଭାବ ନେଇ ଫେରିବେ।



ଆଜିଠୁ ଚନ୍ଦନ ଯାତ୍ରା: ନରେନ୍ଦ୍ରରେ ଚାପ ପାଇଁ ପ୍ରସ୍ତୁତି ଶେଷ

## ଭକ୍ତଙ୍କ ମୋବାଇଲ୍ ଚୋରି କରି ଗିରଫ

ପୁରୀ,୧୯।୪(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଭକ୍ତଙ୍କ ମୋବାଇଲ୍ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଅଞ୍ଚଳର ଦୀପକ କୁମାର ପାତ୍ର (୨୨)। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲ୍ଲା ଭଗତପୁରର କୁଳମଣି ସାହୁ (୩୨) ତାଙ୍କ ଭାଇଙ୍କ ସହ ଶନିବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ରାତିରେ ସେମାନେ ସିଂହଦ୍ୱାର ସମ୍ମୁଖରେ ଶୋଇ ପଡ଼ିଥିଲେ। ରାତି ପ୍ରାୟ ୩ଟା ସମୟରେ ଅଭିଯୁକ୍ତ ଦୀପକ କୁଳମଣିଙ୍କ ମୋବାଇଲ୍ ଫୋନ୍ ଚୋରି କରିଥିଲେ। ଏହା ଜାଣିପାରି କୁଳମଣି ଚୋର ଚୋର ବୋଲି ଚିତ୍କାର କରିଥିଲେ। ପରେ ସ୍ଥାନୀୟ ଲୋକ ଓ ତାଙ୍କ ଭାଇଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଧରି ସିଂହଦ୍ୱାର ଥାନା ପୁଲିସ ଜିମା ଦିଆଯାଇଥିଲା। କୁଳମଣିଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା (ନଂ.୧୦୫/୨୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରି ମୋବାଇଲ୍ ଜବତ ହୋଇଥିଲା। ରବିବାର ଦୀପକଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

## ନୂତନ ଶିଶୁ ମଙ୍ଗଳ କମିଟିଙ୍କ ଦାୟିତ୍ୱ ଗ୍ରହଣ

ପୁରୀ,୧୯।୪(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ କ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ନୂତନ ସିଡବ୍ଲ୍ୟୁସିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ରଙ୍କ ଠାରୁ ଶୁକ୍ରବାର ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ସଦସ୍ୟା ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ ଉପସ୍ଥିତ ରହି ବିଗତ ବର୍ଷଗୁଡିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟକାଳୀନ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ରୋଜାଲିନ ପାତ୍ର, ସନ୍ତୋଷ କୁମାର ସାହୁ, ସ୍ନିଗ୍ଧାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲ୍ଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୂତନ ଭାବେ ଅବସ୍ଥାପିତ ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁକୁ ଯତ୍ନ ସୁରକ୍ଷା ଏବଂ ପରିବାର ଯୋଗାଇଦେବା କମିଟିର ପ୍ରାଥମିକତା ହେବ।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୧୯ ଦିନରେ ପଦଯାତ୍ରା; ପ୍ରଶାସନ ଚୁପ୍

ପୁରୀ,୧୯।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଏହି ଦାବିକୁ ନା ପ୍ରଶାସନ ଶୁଣୁଛି ନା ସରକାର। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ। ଜାରି ରହିଛି ସଚେତନତା ପଦଯାତ୍ରା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ



ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ରବିବାର ୧୯ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ବରିଷ୍ଠ ଅଧିବକ୍ତା ବିଜୟ ମିଶ୍ର, ହରିଶଙ୍କର ମିଶ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, କିଶୋର ଦାସ, ପ୍ରକାଶ ଚନ୍ଦ୍ର ନାୟକ, ରାଜା ମହାନ୍ତି, ପ୍ରଦିପ୍ତ ମହାନ୍ତି, ଅରୁଣା ପଟ୍ଟନାୟକ, ପ୍ରତିଭା ନାୟକ, ସଦାଶିବ ପଣ୍ଡା, ପବିତ୍ରା ନାୟକ, ସନ୍ଧ୍ୟାରାଣୀ ମିଶ୍ର, କାହ୍ନୁ ଚରଣ ପ୍ରଧାନ, ଦେବକୀ ମା', କବିତା କିନ୍ନର, ଆଶା କିନ୍ନର, ଅମୂଲ୍ୟ ଦାସ, ଜଗନ୍ନାଥ ମହାନ୍ତି ଓ ମନୋରମ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ମୁଖ୍ୟ ପ୍ରଶାସକଙ୍କୁ 'ଆପ୍'ର ଦାବିପତ୍ର

## 'ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ପବିତ୍ରତା ଫେରାଇ ଆଣ'

ପୁରୀ,୧୯।୪(ସମିସ): ରାଜନୈତିକ ଫାଇଦା ହାସଲ ପାଇଁ ବ୍ୟବହାର ହେଉଛି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସର। ଭୋଜିଭାତ ଆସର ପାଇଁ ଏହା ମଧ୍ୟରେ ଥିବା ଠାକୁରଙ୍କ ତୁଳସୀ ଉଦ୍ୟାନ ଆଜି ନିଶ୍ଚିହ୍ନ ହୋଇଗଲାଣି। ଏହାର ତୁଳସୀ ଉଦ୍ୟାନର ପବିତ୍ରତା ମାଟିରେ ମିଶିଥିବାବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଗତ ଶୁକ୍ରବାର ଆପ୍ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ବଡ଼ଦାଣ୍ଡ ମାର୍କେଟ ଛକ ସଂଲଗ୍ନ ଜଗନ୍ନାଥ ବଲ୍ଲଭ ମଠ ଏକଦା ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଭାବେ ବେଶ୍ ପ୍ରସିଦ୍ଧ ରହିଥିଲା। ପ୍ରାୟ ୪୦ ଏକରରୁ ଊର୍ଦ୍ଧ୍ୱ ଏହି ପରିସରରେ ତୁଳସୀ ସାଙ୍ଗକୁ ବିଭିନ୍ନ ପ୍ରକାରର ପୁଷ୍ପ ଗଛ ରହିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଉଦ୍ଦେଶ୍ୟରେ ଏହି ଉଦ୍ୟାନରୁ ବିଭିନ୍ନ ପ୍ରକାରର ସୁଗନ୍ଧିତ ଫୁଲ ଓ ତୁଳସୀ ଯୋଗାଣ ହୋଇଆସୁଥିଲା। ଏବେ ଏହାର କେତେକ ଜମି ବିଭିନ୍ନ ବାଟରେ ବିନିଯୋଗ ହୋଇଛି। କିନ୍ତୁ ପରିତାପର ବିଷୟ ହେଉଛି ଏହି ପବିତ୍ର ସ୍ଥାନଟି କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆମୋଦ ପ୍ରମୋଦ ଓ ଭୋଜିଭାତ ସ୍ଥଳୀରେ ପରିଣତ ହେଉଛି। ବିଶେଷକରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ) ଦୈନିକ ନିଜ ନିର୍ବାଚନମଣ୍ଡଳୀରୁ ବହୁ ସଂଖ୍ୟାରେ ଲୋକଙ୍କୁ ଆଣି ଏଠାରେ ଭୋଜିଭାତର ଆସର ଜମାଉଛନ୍ତି। ଲୋକେ ଖାଇବା ପରେ ପତ୍ର ଏଠିସେଠି ପକାଉଛନ୍ତି। ଫଳରେ ଏହାର ପାରିପାର୍ଶ୍ୱିକ ପରିବେଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଉଛି। ଅତ୍ୟଧିକ ଭିଡ଼, କୁଢ଼କୁଢ଼ ଅଳିଆ ଆବର୍ଜନା ଜମୁଥିବାବେଳେ ଦୁର୍ଗନ୍ଧ ଯୋଗୁଁ ସ୍ଥାନଟି ଅବହେଳିତ ଓ ଅପବିତ୍ର ଅବସ୍ଥାକୁ ପହଞ୍ଚିଛି। ଏହା ପୁରୀବାସୀଙ୍କ ଧାର୍ମିକ ଭାବନା ସହ ଜଗନ୍ନାଥ ସଂସ୍କୃତିକୁ ମଧ୍ୟ ଗଭୀର ଆଘାତ ପହଞ୍ଚାଉଛି। ତେଣୁ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ଏପରି କାର୍ଯ୍ୟକଳାପ ତୁରନ୍ତ ବନ୍ଦ କରାଯାଉ। ଏହାର ପବିତ୍ରତା ଫେରାଇ ଆଣିବାକୁ ଦାବି କରିଛନ୍ତି ଶ୍ରୀ ମହାନ୍ତି।

■ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକ ଉତ୍ସବ

## ବରିଷ୍ଠ ନାଗରିକ ଅଲୋଡ଼ା ନୁହନ୍ତି

ପୁରୀ,୧୯।୪(ସମିସ): ବରିଷ୍ଠ ନାଗରିକମାନେ ଅଲୋଡ଼ା ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ। ସୋମବାର ସର୍ବୋଦୟ ନଗର ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ନାଗରିକମାନଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି। ଏହା ଏକ ସୁନ୍ଦର ପଦକ୍ଷେପ। ଏକ୍ ହେ ତୋ ସେଫ୍ ହେ ବୋଲି ସେ କହିବା ସହ ବରିଷ୍ଠମାନଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା, ସେମାନଙ୍କ ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ପାଇଁ ଇତ୍ୟାଦି ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ।



ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି। ସେମାନେ ମଧ୍ୟ ସଂଘ ମାଧ୍ୟମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି। ସେମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ କୃତିବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଞ୍ଚ, ମୁଖ୍ୟ ପରାମର୍ଶଦାତା ଭୀମସେନ୍ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଞ୍ଜନ ଦାସ, ଦୀପକ ମିଶ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଜୀବନ ସଦସ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡ଼ା, ହର ପ୍ରସାଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଶ କୁମାର ମୁନି, ଜଗବନ୍ଧୁ ରଥ, ବିଭୂତି ଭୂଷଣ ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ଅଭିମନ୍ୟୁ ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଚୂଡ଼ଙ୍ଗ ସାହିରେ ୪୮ ପ୍ରହର ମହାସଂକୀର୍ତ୍ତନ

ପୁରୀ,୧୯।୪(ସମିସ): ଅତ୍ୟାଧୁନିକ ଓ ଅପସଂସ୍କୃତିରେ ଆଉଟ୍‌ପାଉଟ୍ ସମାଜରେ ସହର ଭିତରେ ଯେ ନାମ ସଂକୀର୍ତ୍ତନ ହୋଇପାରେ ଏହା ଦଶବର୍ଷ ଧରି ପ୍ରମାଣ କରିଛନ୍ତି ପୁରୀ ଚୂଡ଼ଙ୍ଗସାହି ବାସିନ୍ଦା। କ୍ଲବ୍‌ର ତାସ୍ ଖେଳ, କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏବଂ ଅରୁଚିକର ନୃତ୍ୟଠାରୁ ଦୂରେଇ ଯାଇ ବଡୁ ମହାପାତ୍ର ଜାଗା ସହଯୋଗରେ ଗତ ୧୩ ତାରିଖରୁ ଭକ୍ତ ହନୁମାନ ମନ୍ଦିରରେ ଅନୁଷ୍ଠିତ ଏହି ମହାସଂକୀର୍ତ୍ତନ। ଏହାକୁ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର, ଚଣ୍ଡି ପ୍ରସାଦ ସିଂହ, ଭକ୍ତଚରଣ ଦାସ, ମାର୍କଣ୍ଡେଶ୍ୱର ସାହି କମିଟି ସମ୍ପାଦକ ଓ ଚୂଡ଼ଙ୍ଗ ସାହି କମିଟି ସମ୍ପାଦକ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିନରେ ସାଂସଦ ସମ୍ବିତ୍ ପାତ୍ର, ବିଧାୟକ ସୁନୀଲ ମହାନ୍ତି, ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା, ଜଗନ୍ନାଥ ପୂଜାପଣ୍ଡା, ମଧୁସୂଦନ ସିଂହାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ସାହି ମୁଖିଆ ଯୋଗଦେଇଥିଲେ। ଲକ୍ଷ୍ମୀ ଫ୍ରୁଟ୍‌ସର ସତ୍ତ୍ୱାଧିକାରୀ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ଏହି ମହାସଂକୀର୍ତ୍ତନ ସୋମବାର ଶ୍ରୀମନ୍ଦିର ପରିକ୍ରମା କରିବା ସହ ଏହା ଉଦ୍‌ଯାପିତ ହେବ।

## ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ପୁରୀ,୧୯।୪(ସମିସ): ଜିଲ୍ଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପଞ୍ଚ ମହାଦେବ ସେବାୟତ ନିଯୋଗର ମିଳିତ ଆନୁକୁଲ୍ୟରେ ମହାପ୍ରଭୁଙ୍କ ଚଳିତ ବର୍ଷର ଚନ୍ଦନ ଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଲୋକନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବାକୁ ଥିବା ୨୧ ଦିନ ଧରି ଚନ୍ଦନ ଯାତ୍ରାକୁ ଯେପରି ଶାନ୍ତି ଓ ଶୃଙ୍ଖଳିତ କରିବା ସହିତ ସମସ୍ତ ନୀତିକାନ୍ତି ସଠିକ୍ ହୋଇପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଠାକୁର ଯିବାଆସିବା ରାସ୍ତାରେ ମଇଳା ପାଣି ଯେପରି ନ ଭାସେ ତାହାକୁ ରୋକାଯିବା, ସ୍ଥାନେ ସ୍ଥାନେ ରାସ୍ତାରେ ଛାଇର ବ୍ୟବସ୍ଥା, ଭୀଷଣ ତାତିକୁ ରୋକିବା ପାଇଁ ଜଳ ଢାଳି ରାସ୍ତାକୁ ଥଣ୍ଡା କରିବା, ରାତ୍ରୀ ସମୟରେ ଆଲୋକ ଓ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ସଠିକ୍ କରିବା ସହିତ ମନ୍ଦିରରେ ଚନ୍ଦନ ଯାତ୍ରା ପାଇଁ ଆଲୋକ ବ୍ୟବସ୍ଥା କରିବା ପାଇଁ ସେବାୟତଙ୍କ ନିବେଦନ ରହିଥିଲା। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟକୁ ସଠିକ୍ ଭାବେ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର, ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ଦାଶ, ଆଇଆଇସି ବାସେଲୀ ସାହି, ପଞ୍ଚୁ ମହାଦେବ କମିଟିର ସଭାପତି ରବି ନାରାୟଣ ପଣ୍ଡା, ସମ୍ପାଦକ ମଦନ ଖୁଣ୍ଟିଆ, ନରେନ୍ଦ୍ର ମହାନ୍ତି, ବୈଦ୍ୟନାଥ ପଣ୍ଡା, ସନ୍ତୋଷ ପଣ୍ଡା, ଦାମୋଦର ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ, ଗଣେଶ ମହାସୁଆର, ସନ୍ତୋଷ ପଣ୍ଡା, ରଘୁନାଥ ଖୁଣ୍ଟିଆ, କାହ୍ନୁଚରଣ ପଣ୍ଡାଙ୍କ ସମେତ ପଞ୍ଚୁ ମହାଦେବଙ୍କ ମନ୍ଦିର ସଭାପତି, ସମ୍ପାଦକ ଓ ବୟୋଜ୍ୟେଷ୍ଠ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା: ୧୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ



ପୁରୀ,୧୯।୪(ସମିସ): ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ତାଳବଣିଆ ଆଇଟିଆଇ ପଡ଼ିଆରେ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଉଦ୍‌ଘାଟନ କରିବା ସହ ଏହି ନିଯୁକ୍ତି ମେଳା ମାଧ୍ୟମରେ ବେରୋଜଗାର ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟକ ହେଉଛି ବୋଲି କହିଥିଲେ। ସରକାରଙ୍କ ଲକ୍ଷ୍ୟ ଯୁବବର୍ଗ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମନିର୍ଭର ହୁଅନ୍ତୁ। ବର୍ତ୍ତମାନ ସମୟରେ ଯୁବବର୍ଗଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ ବା ନିଜେ ତାଲିମ ନେଇ ଜଣେ ସଫଳ ଉଦ୍ୟୋଗପତି ହୋଇ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କୃଷ୍ଣପ୍ରସାଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରୁଆର ଅଧ୍ୟକ୍ଷ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗଦେଇ ନିଯୁକ୍ତି ମେଳା ଯୁବବର୍ଗ ପାଇଁ ଏକ ଭଲ ସୁଯୋଗ। ଏଥିରେ ଯୋଗ ଦେଇ ନିଜ ଯୋଗ୍ୟତା ଓ ଦକ୍ଷତା ଆଧାରରେ ନିଜକୁ ପ୍ରତିପାଦିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ।

ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ନିଯୁକ୍ତି ମେଳା ପରିଚାଳନାରେ ସହଯୋଗ କରିଥିଲେ। ଏହି ମେଳାରେ ୩୯ଟି ବେସରକାରୀ ସଂସ୍ଥା ଓ ୧୦ଟି ପିଆଇଏ ଅଂଶଗ୍ରହଣ କରିଥିଲେ। ଏଥିରେ ୧,୮୬୨ ଜଣ ପଞ୍ଜିକରଣ କରିଥିବାବେଳେ ବିଭିନ୍ନ କମ୍ପାନୀ ୧,୧୮୯ ଜଣଙ୍କୁ ସର୍ଟଲିଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ତତ୍‌କ୍ଷଣାତ ୧୦୧ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ୫୪୭ ଜଣଙ୍କୁ ଦକ୍ଷତା ବିକାଶ ତାଲିମ ପାଇଁ ପିଆଇଏମାନେ ମନୋନୀତ କରିଥିଲେ।

ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଉଦ୍‌ଯାପିତ

# ଖୋ ଖୋ ବାଳକ, ବାଳିକାରେ ଡେଲାଙ୍ଗର କେପିପି ଚାମ୍ପିଅନ

ପୁରୀ,୧୯।୪(ସମିସ): ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ଦୁଇଦିନିଆ ସିଏମ୍ ଟ୍ରଫି ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଭା ଅନେକ ଲକ୍ଷ୍ୟ ଏକ ପଡ଼ିଆରୁ ପୋଡିୟମ୍‌କୁ ପାଥେୟ କରି ଏହି ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଥିଲା। ଏହି ଖେଳ ମଧ୍ୟରେ ଫୁଟ୍‌ବଲ, ଖୋ ଖୋ, ଭଲିବଲ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାଙ୍କୁ ସର୍ବସାଧାରଣରେ ପରିପ୍ରକାଶ ସହ ଦେଶର ଏକ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଗଢ଼ିତୋଳିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ରହିଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପିଲାମାନଙ୍କ ଖେଳ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ପାଠ ପଢ଼ିବା ସହ ଖେଳ କସରତ ଦ୍ୱାରା ଶାରୀରିକ ସୁନ୍ଦର ଗଠନ ଓ ବୁଦ୍ଧିମାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପତିହରୀ, ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ବଟକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରୟାସ ପାଇଁ ଆଗାମୀ ଦିନରେ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ କରିବ ବୋଲି କହିଥିଲେ। ଖୋ ଖୋ ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ୍ କେପିପି ଚାମ୍ପିଅନ, ଦ୍ୱିତୀୟ ଡେଲାଙ୍ଗ ବ୍ଲକ୍ ଅମାଳଙ୍ଗ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା କୃଷ୍ଣପ୍ରସାଦ ବ୍ଲକ୍। ବାଳିକା



ବିଭାଗରେ ଡେଲାଙ୍ଗ କେପିପି ଚାମ୍ପିଅନ, ଦ୍ୱିତୀୟ ଅମାଳଙ୍ଗ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା ପୁରୀସଦର। କବାଡ଼ି ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ୍ ମହତାବ ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିଅନ, ଦ୍ୱିତୀୟ ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଓ ବାଳିକା ବିଭାଗରେ ଡେଲାଙ୍ଗ ମହତାବ ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିଅନ, ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଭଲିବଲ ବାଳକ ବିଭାଗରେ କଣାସ ଚାମ୍ପିଅନ ଓ ଗୋପ ରନର୍ସ ଅପ୍‌କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଭଲିବଲ ପର୍ଯ୍ୟବେକ୍ଷକ ସୁବୋଧ ଜେନା ଉପସ୍ଥିତ ରହି ଖେଳାଳିମାନଙ୍କ ଖେଳ ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ। ଭଲିବଲ କୋଚ୍ ଶ୍ରୀକାନ୍ତ ନାୟକ, ଖୋ ଖୋ କୋଚ୍ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଓ କବାଡ଼ି କୋଚ୍ ସଦାଶିବ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରୁଥିବାବେଳେ ସୂର୍ଯ୍ୟ ନାରାୟଣ ଜେନା ସମସ୍ତ ଖେଳ ପ୍ରତିଯୋଗିତାକୁ ତଦାରଖ କରିଥିଲେ। କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ, ଫାଷ୍ଟଏଡ୍ ସେଣ୍ଟର, ଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ସମସ୍ତ ସୁବିଧାସୁଯୋଗ କରାଯାଇଥିଲା। ଆସନ୍ତା ୨୫ରେ ଫୁଟ୍‌ବଲ ଖେଳାଳିମାନଙ୍କ ବିଜେତା ଘୋଷଣା ସହ ଉଦ୍‌ଯାପନ କାର୍ଯ୍ୟକ୍ରମ ରହିବ ବୋଲି କ୍ରୀଡ଼ା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ମା' ତାରିଣୀଙ୍କ ୧୦ମ ବାର୍ଷିକ ପୂଜୋତ୍ସବ



ହାଟଡ଼ିହୀ,୧୯।୪(ସମିସ): ହାଟଡ଼ିହୀ ଗ୍ରାମରେ ବିରାଜମାନ କରିଥିବା ମା' ତାରିଣୀଙ୍କ ଦଶମ ବାର୍ଷିକ ପୂଜୋତ୍ସବ ଅନୁଷ୍ଠିତ ହୋଇଛି । ମନ୍ଦିର କମିଟିର ସଭାପତି ଘନଶ୍ୟାମ ପହି ଓ ସମ୍ପାଦକ ସଦାଶିବ ଚକ୍ରଙ୍କ ସଂଯୋଜନାରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଛି । ମୁଖ୍ୟ ପୂଜକ ଗଣନାଥ ସାମଲଙ୍କ ଦ୍ୱାରା ଭୋରରୁ ମା'ଙ୍କ ପୂଜାକାର୍ଯ୍ୟ ହୋଇଥିବା ବେଳେ ଯଥା ନୀତିକାନ୍ତି ଅନୁସାରେ ମା'ଙ୍କର ମାଜଣା ନୀତିଠାରୁ ଆରମ୍ଭ କରି ସକାଳ ଧୂପ, ପହିଲି ଭୋଗ ଆଦି ଲାଗି ହୋଇଛି । ପଣ୍ଡିତ ଉମାକାନ୍ତ ପଣ୍ଡା ଓ ମାନସ ପଣ୍ଡାଙ୍କ ଦ୍ୱାରା ପୂଜା ସହ ହୋମଯଜ୍ଞ ସମ୍ପନ୍ନ ହୋଇଛି । ପ୍ରତିବର୍ଷ ପରି ଗ୍ରାମର ବଳରାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ତୁଳସୀ ମଲ୍ଲିକ ସଂକଳ୍ପ କାର୍ଯ୍ୟ ତୁଲାଇଛନ୍ତି । ଏହି କାର୍ଯ୍ୟକ୍ରମଟିକୁ କମିଟିର ଚିତ୍ତରଞ୍ଜନ ପହି, ସନ୍ତୋଷ କୁମାର ମଲ୍ଲିକ, ପଦ୍ମନାଭ ମାଝୀ, ଅନାଥ ଜେନା, ନୃସିଂହ ସେଠୀ, ରମାନାଥ ମଲ୍ଲିକ, ଗୋପାଳ ଜେନା, ଯୁଧିଷ୍ଠିର ନାୟକ, କାଳନ୍ଦୀ ମଲ୍ଲିକ ପ୍ରମୁଖ ସଦସ୍ୟ ପରିଚାଳନା କରିଥିଲା ବେଳେ ଏଥିରେ ଅନ୍ୟମାନେ ସହଯୋଗ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଭଜନମଣ୍ଡଳୀଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ ସହ କୁନି କୁନି ଛୁଆଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା ।

## ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ



### କଳସ ଶୋଭାଯାତ୍ରା ସମ୍ପନ୍ନ

ଯୋଡ଼ା, ୧୯।୪(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରର କୁନ୍ଦୁରୁନାଲା ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟ ସୁନା ନଦୀ କୂଳରେ ଥିବା ବାବା ଭୈରବ ନାଥ ମନ୍ଦିର ପ୍ରାଙ୍ଗଣରେ ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶରେ ଆୟୋଜିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଏପ୍ରିଲ ୧୯ ତାରିଖରୁ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରହିଛି । ଏହି ପବିତ୍ର ଅବସରରେ ଅଞ୍ଚଳର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ କଳସ ଯାତ୍ରା ମାଧ୍ୟମରେ ମନ୍ଦିର ପରିସରକୁ ଭକ୍ତିମୟ କରିଥିଲେ । ଆସନ୍ତା ୨୩ ତାରିଖରେ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ପୂଜାର୍ଚ୍ଚନା, ଯଜ୍ଞ, ହୋମ ଓ ବେଦ ମନ୍ତ୍ରୋଚ୍ଚାରଣ ସହିତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି । ପୁରୋହିତମାନଙ୍କ ଦ୍ୱାରା ସଂସ୍କାର ଓ ନିୟମାନୁସାରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବା ସହ ଭକ୍ତମାନେ ହନୁମାନଜୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରି ଆନନ୍ଦ ଲାଭ କରିବେ ବୋଲି ଆଶା କରାଯାଇଛି । ଉତ୍ସବ ସମୟରେ ଭଜନ-କୀର୍ତ୍ତନ, ପ୍ରସାଦ ବିତରଣ ଓ ଅନ୍ନକୂଟର ବ୍ୟବସ୍ଥା ମଧ୍ୟ ରଖାଯାଇଛି । ମନ୍ଦିର କମିଟି ଓ ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ କରିବାକୁ କମିଟି ସମସ୍ତ ଆୟୋଜନ କରିଛି । ଏହି ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥାପନା ଦ୍ୱାରା ଅଞ୍ଚଳରେ ଧାର୍ମିକ ଭାବନା ଓ ଏକତା ଆହୁରି ମଜବୁତ ହେବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି ।

## ଆର୍‌ଏସ୍‌ଏସ୍ ଶାଖାର ମିଳନ ମହୋତ୍ସବ



ଚମ୍ପୁଆ,୧୯।୪(ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ମୁର୍ଗା ମହାଦେବ ଭାଗ କେନ୍ଦୁଝର ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶାଖା ମିଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ସଦ୍ୟଗପତି ସୁଶାନ୍ତ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାଖା ପ୍ରମୁଖ ଭାଗୀରଥି ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ଓଡିଶା ପୂର୍ବପ୍ରାନ୍ତ କାର୍ଯ୍ୟ ବାହ ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଏହି ମହୋତ୍ସବରେ ଚମ୍ପୁଆ ଖଣ୍ଡ, ଯୋଡା ଖଣ୍ଡ, ବଡବିଲ ନଗର ଓ ଯୋଡା ନଗର ଅଞ୍ଚଳର ୩୦ଟି ଶାଖାର ସ୍ୱୟଂସେବକମାନେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ଶାଖା କୁମ୍ଭ ଅନୁଷ୍ଠିତ ହୋଇଥିବା ବେଳେ ସର୍ବବ୍ୟବସ୍ଥା ପ୍ରମୁଖ ଧରଣୀଧର ଦାସ, ସଂଯୋଜକ ଦୁଷ୍ମନ୍ତ ମହାନ୍ତ ଓ ବ୍ୟବସ୍ଥା ପ୍ରମୁଖ ଘନଶ୍ୟାମ ମହାନ୍ତ ଏହାକୁ ପରିଚାଳନା କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ଶାଖାକୁ ଗ୍ରାମାଞ୍ଚଳଗୁଡିକରେ ବିକାଶ କରିବା ସହ ଶାଖା ଲଗାଇବା ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାରୀରିକ, ଯୋଗ, ବୌଦ୍ଧିକ, ଗୀତ ଓ ସଂସ୍କାର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୪ ମାସ ହେଲାଣି ଅଚଳ ପଡ଼ିଛି ବୋର୍‌ୱେଲ; ଜଳକଷ୍ଟରେ ୬୦ ପରିବାର

ଯୋଡ଼ା, ୧୯।୪(ସମିସ): ଗରମ ଦିନ ବଢିବା ସହିତ ଜଳ ସମସ୍ୟା ଦିନକୁ ଦିନ ଗୁରୁତର ରୂପ ନେଉଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳର ୮ ନମ୍ବର ୱାର୍ଡ ପେଣ୍ଡେଇସାହି, ପାତ୍ରସାହି, ଆପଟସାହିର ପ୍ରାୟ ୬୦ଟି ପରିବାର ଏବେ ତୀବ୍ର ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକମାନେ ପାଣି ମୁନ୍ଦାଏ ପାଇବା ପାଇଁ ପ୍ରତିଦିନ ସଂଘର୍ଷ କରୁଥିବା ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ, ୨୦୧୩ରେ ଯୋଡ଼ା ପୌରପାଳିକାର ପୌରାଧ୍ୟକ୍ଷ କରୁଣାକର ପାତ୍ର ଥିବା ସମୟରେ ଟାଟା କମ୍ପାନୀ ଦ୍ୱାରା ଉକ୍ତ ଅଞ୍ଚଳର ବାସିନ୍ଦାଙ୍କ ବ୍ୟବହାର ନିମନ୍ତେ ଏକ ବୋରୱେଲ ଏବଂ ଓଭରହେଡ଼ ଟାଙ୍କି ବ୍ୟବସ୍ଥା କରାଇଥିଲେ । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦା ଉକ୍ତ ବୋରିଂର ପାଣିକୁ ବ୍ୟବହାର କରି ଆସୁଥିଲେ । ତେବେ ଦୀର୍ଘ ୪ ମାସ ହେବ ବୋରୱେଲ ଖରାପ ହୋଇଥିବା ବେଳେ ଅଞ୍ଚଳବାସୀ ପୌରପାଳିକା ଓ ଟାଟା କମ୍ପାନୀକୁ ଫେରାଦ ହେବା ସହ ତୁରନ୍ତ ଏହାର ମରାମତି କିମ୍ବା ନୂଆ ଏକ ଗଭୀର ନଳକୂପ ତିଆରି ପାଇଁ ଅନୁରୋଧ କରିଥିଲେ, ହେଲେ ଖରାଦିନ ଆସି ଜଳ ସଙ୍କଟ ଉତ୍କଟ ହେଉଥିଲେ ସୁଦ୍ଧା ପୌରପାଳିକା କିମ୍ବା କମ୍ପାନୀ କେହି ଶୁଣୁ ନ ଥିବା ସ୍ଥାନୀୟଅଧିବାସୀ ଅଭିଯୋଗ କରିଛନ୍ତି । ରାତି ପାହିଲେ ମହିଳାମାନେ ପାଣି ମୁନ୍ଦାଏ ପାଇଁ ସାହିର ପୁରୁଣା ଭଙ୍ଗା କୂଅ ଉପରେ ନିର୍ଭର କରି ନାନାଦି ଅସୁବିଧା ଭୋଗୁଛନ୍ତି । ସ୍ଥାନୀୟ ବାସିନ୍ଦାମାନେ ଏ ସଂକ୍ରାନ୍ତରେ ପ୍ରଶାସନକୁ ଅନେକଥର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ତୁରନ୍ତ ଜଳଯୋଗାଣରେ ସୁଧାର ଓ ନୂତନ ନଳକୂପ ସ୍ଥାପନ କରିବା ପାଇଁ ସେମାନେ ଦାବି କରିଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ଉକ୍ତ ଅଞ୍ଚଳରେ ଏକ ଜୀବିତ ଜଳାଶୟ ରହିଥିଲା । ପୁରା ଅଞ୍ଚଳ ଜଳାଶୟ ଉପରେ ନିର୍ଭର କରି ଚଳୁଥିଲେ । ଗାଧୁଆ, ଲୁଗାପଟା ସଫା, ଶୌଚ, ଶୁଦ୍ଧିକ୍ରିୟା କାର୍ଯ୍ୟ, ବାହାଘର, ବ୍ରତଘର ହେଲେ ଉକ୍ତ ଜଳାଶୟଟି ଜନସାଧାରଣଙ୍କ ଜଳାଭାବକୁ ଦୂର କରୁଥିଲା ହେଲେ



କିଛି ବର୍ଷ ପୂର୍ବରୁ ବିକାଶ ନାଁରେ ଜଳାଶୟଟିର ବିନାଶ ହୋଇଛି । ଜଳାଶୟଟିର ବିକାଶ କରିବାକୁ ଯାଇ ପାଣି ଶୁଖାଇ ଖୋଳି ତାଡ଼ି ପକାଇ ଠିକାଦାର ଛୁ ହୋଇଥିବା ବେଳେ ଉନ୍ନତୀକରଣ ପାଇଁ ଆସିଥିବା ଅର୍ଥ ଫେରସ୍ତ ହୋଇଯାଇଛି । ଜଳାଶୟଟି ଥିବା ସମୟରେ ସାହି ଭିତରେ ଥିବା କୂଅଗୁଡିକରୁ ପାଣି ଶୁଖୁ ନ ଥିଲା । ଏବେ ଜଳାଶୟଟି ସମ୍ପୂର୍ଣ୍ଣ ଶୁଖିଲା ଥିବା ହେତୁ ଏହାରର ପ୍ରଭାବରେ ସାହିର ପୁରୁଣା କୂଅ ସବୁ ଶୁଖିବାରେ ଲାଗିଛି ।

ଏହି ପରିସ୍ଥିତିରେ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି । ସ୍ଥାନୀୟ ବାସିନ୍ଦା ଭରତ ପାତ୍ର, ଅର୍ଜୁନ ପାତ୍ର, ବିଦ୍ୟାଧର ଆପଟ, ଚିଲୁ ଗୋପ, କଳାକାର ପେଣ୍ଡେଇ, ରଞ୍ଜନ ପେଣ୍ଡେଇ, ଶାନ୍ତିଲତା ପେଣ୍ଡେଇ, ଭାସ୍କର ପାତ୍ର, ବାବାଜୀ ପାତ୍ର, କାଳିପଦ ଆପଟ, ସରୋଜ ମହାନ୍ତ, ରାମଚନ୍ଦ୍ର ପାତ୍ର ପ୍ରମୁଖ କହିଛନ୍ତି ଯେ ଆଗକୁ ଆହୁରି ଅଧିକ ଗ୍ରୀଷ୍ମ ପ୍ରବାହ ସହିତ ଖରା ତାତିର ବେଗ ବୃଦ୍ଧି ପାଇବ । ସ୍ଥାନୀୟ ପ୍ରଶାସନ ଏହାର ବିକଳ୍ପ ବ୍ୟବସ୍ଥା କଲେ ତିନି ସାହିର ପ୍ରାୟ ୬୦ଟି ପରିବାର ଜଳ କଷ୍ଟରୁ ରକ୍ଷା ପାଇପାରନ୍ତେ ।

## ବଡ଼ଭାଇକୁ ସାନର ମରଣାନ୍ତକ ଆକ୍ରମଣ

ଆନନ୍ଦପୁର, ୧୯।୪ (ସମିସ): ହିଂସ୍ରତା ଆଗରେ ବଳି ପଡ଼ିଲା ରକ୍ତ ସମ୍ପର୍କ । ବଡ଼ଭାଇକୁ ସାନଭାଇର ମରଣାନ୍ତକ ଆକ୍ରମଣ ହୋଇଛି । ବଡଭାଇ ଘରେ ଶୋଇଥିବାବେଳେ କୌଣସି ତିକ୍ତତା କାରଣରୁ ମାରଣାସ୍ତ୍ରରେ ହାଣି ପକାଇଲା ସାନ ଭାଇ । ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବଡ଼ ଭାଇ ନାଥ ମୁଣ୍ଡାଙ୍କୁ ଭର୍ତ୍ତି କରାଯାଇଛି । ତାଙ୍କ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି । ଘଷିପୁରା ଥାନା ରାଧିକାଦେଇପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଲୋମହର୍ଷଣକାରୀ ଘଟଣା । ନାଥ ମୁଣ୍ଡାଙ୍କ ସ୍ତ୍ରୀକୁ କିଛି ଦିନ ତଳେ ତାଙ୍କ ସାନଭାଇ ବନା ମୁଣ୍ଡା ତାମିଲନାଡୁ ନେଇ ପଳାଇଥିଲେ । ସାନ ଭାଇ ଫେରିବା ପରେ ଏହି ଘଟଣାକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ଏତେ ଉଗ୍ରରୂପ ନେଇଥିଲା ଯେ ରାତିରେ ନାଥ ମୁଣ୍ଡା ଘରେ ଶୋଇଥିବା ବେଳେ ବନା ଆସି ତାକୁ ହାଣି ଦେଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ସାଇଁକୁଲରେ ଭକ୍ତି ସଂଗୀତ ପ୍ରତିଯୋଗିତା



ଆନନ୍ଦପୁର, ୧୯।୪ (ସମିସ): ଘସିପୁରା ବ୍ଲକ ସାଇଁକୁଲ ନେହରୁ ଉଚ୍ଚବିଦ୍ୟାଳୟରେ ଗ୍ରହରାଜ ଶନିଶ୍ଚରଙ୍କ ବାର୍ଷିକ ପୂଜା ଉପଲକ୍ଷେ ଶ୍ରୀଶନିଶ୍ଚର ସାଂସ୍କୃତିକ ପରିଷଦ ତରଫରୁ ଭକ୍ତିସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତଅତିଥି ଭାବେ ସାମ୍ବାଦିକ ମଦନ ପାଣି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପରିଷଦର ସଭାପତି ମଧୁସୁଦନ ପରିଡା, ପରିଷଦର ମୁଖ୍ୟ ତତ୍ତ୍ୱାବଧାରକ ବିଜୟ ପଣ୍ଡା ଓ ସଂଗୀତ ନିର୍ଦ୍ଦେଶକ ସନ୍ତୋଷ ପରିଡା ଓ ଶୁଭାଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଦୀପକ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ସନ୍ତୋଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଆଖପାଖ ଅଞ୍ଚଳରୁ ପ୍ରାୟ ୭୦ ପ୍ରତିଯୋଗୀ ଭାଗ ନେଇଥିଲେ । ନିରଞ୍ଜନ ସାହୁ, ସୁଶାନ୍ତ ତ୍ରିପାଠୀ, କଳାକାର ସାମଲ, ସଂଜୀବ ସ୍ୱାଇଁ, ପ୍ରଫୁଲ୍ଲ ଘଡେଇ, ରୁଦ୍ରାଂଶୁ ପଣ୍ଡା. ଶୁଭାଶିଷ ଶଥପଥୀ, ଜୁଲୁକ ପଣ୍ଡା ସହଯୋଗ କରିଥିଲେ । ଆଞ୍ଚଳିକ ଶନିଶ୍ଚର ସାଂସ୍କୃତିକ ପରିଷଦ ତରଫରୁ ଭକ୍ତି ସଂଗୀତ ପ୍ରତିଯୋଗିତାକୁ ସାଂସ୍କୃତିକ ସମ୍ପାଦକ କଳାକାର ସାମଲ ପରିଚାଳନା କରିଥିଲେ । ବିଚାରକ ଭାବେ ମଦନ ପାଣି ଜ୍ୟୋତିପ୍ରକାଶ ସାହୁ ଅଭିଲିପସା ତ୍ରିପାଠୀ ଓ ସୁତପା ନାଥ ସହଯୋଗ କରିଥିଲେ । ଦୀପକ କୁମାର ସ୍ୱାଇଁ, ନିରଞ୍ଜନ ସାହୁ, ସନ୍ତୋଷ କୁମାର ସ୍ୱାଇଁ, ବିଜୟ କୁମାର ପଣ୍ଡା, ନିରଞ୍ଜନ ପଣ୍ଡା, ସୁଶାନ୍ତ କୁମାର ସାମଲ, ଜଳଧର ସାହୁ, ସୁଶାନ୍ତ ତ୍ରିପାଠୀ, ରୁଦ୍ରାଂଶୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଉତ୍କଳ ସାହିତ୍ୟ ସମାଜ ଶାଖା ପକ୍ଷରୁ ଆଲୋଚନାଚକ୍ର



ଆନନ୍ଦପୁର, ୧୯।୪ (ସମିସ): ଓଡ଼ିଶାର ସର୍ବପୁରାତନ ଉତ୍କଳ ସାହିତ୍ୟ ସମାଜ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଗୋହିରାସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଯୁବ କବି ଅଶୋକ କୁମାର ପୁହାଣଙ୍କ ସଭାପତିତ୍ୱରେ ଏକ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କବି ତଥା କ୍ରାନ୍ତିବୀର ସମ୍ପାଦକ ତଥା ସମ୍ପାଦକ ଉତ୍କଳ ସାହିତ୍ୟ ସମାଜ ରାଜୀବ ଲୋଚନ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ରମାକାନ୍ତ ସିଂହ, ଉପସଭାପତି ଦିଲ୍ଲୀପ କୁମାର ଦାସ, କୋଷାଧ୍ୟକ୍ଷ ଉତ୍କଳ ସାହିତ୍ୟ ସମାଜ ଶିବାଶିଷ କର ଓ ଅମିତାଭ ଖିଲାର, କାର୍ଯ୍ୟନିର୍ବାହୀ ସଦସ୍ୟ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । କେନ୍ଦୁଝର ଜିଲ୍ଲା ଶାଖାର ସଂଯୋଜକ ଅନିଲ କୁମାର ସାହୁ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ପାଠ କରିଥିଲେ । କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ବରିଷ୍ଠ ସାହିତ୍ୟିକ ରମାକାନ୍ତ ନାୟକ, କୀର୍ତ୍ତନ ସାହୁ, ପ୍ରତାପ କୁମାର ରାଉତ, ଚତୁର୍ଭୁଜ ପହି, ଶରତ ରାଉତ, ଉମାକାନ୍ତ ଜେନା, ସରୋଜ କୁମାର ସାହୁ, ତ୍ରିଲୋଚନ ସାହୁ, ପ୍ରଭାତ କୁମାର ପଣ୍ଡା, ଘନଶ୍ୟାମ ବୈତେଇ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । କେନ୍ଦୁଝର ଜିଲ୍ଲା ଶାଖାକୁ କ୍ରିୟାଶୀଳ କରିବାକୁ ସମସ୍ତେ ନିଜ ନିଜର ମତ ବ୍ୟକ୍ତ ପ୍ରକାଶ କରିଥିଲେ । କବି ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ଫରେଷ୍ଟରଙ୍କ ପ୍ରେମ ସମ୍ପର୍କର ସରଗରମ ଚର୍ଚ୍ଚା

ତୁରୁମୁଙ୍ଗା, ୧୯।୪(ସମିସ): କେନ୍ଦୁଝର ଜିଲ୍ଲାରେ ଏକ ପ୍ରେମ କାହାଣୀ ଅସାମାନ୍ୟ ଭାବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବୟସ, ପରିବାର ଓ ସମାଜିକ ପରିସ୍ଥିତିକୁ ପଛରେ ପକାଇ ଜଣେ ୪୬ ବର୍ଷୀୟ ମହିଳା ଫରେଷ୍ଟର ଓ ୩୨ ବର୍ଷୀୟ ଯୁବକଙ୍କ ମଧ୍ୟରେ ଗଢ଼ିଉଠିଥିବା ପ୍ରେମ ସମ୍ପର୍କ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । କେନ୍ଦୁଝର ବନ ବିଭାଗ ଅଧୀନରେ କାର୍ଯ୍ୟରତ ଏହି ମହିଳା ଫରେଷ୍ଟର ପୂର୍ବରୁ କୋର୍ଟ ମ୍ୟାରେଜ କରିଥିଲେ । ବର୍ଷକାଳ ଧରି ସ୍ୱାମୀ-ସ୍ତ୍ରୀ ଭାବେ ଜୀବନ କାଟିଥିବା ଏହି ଦମ୍ପତିଙ୍କ ଏକ ୨୬ ବର୍ଷର ପୁଅ ମଧ୍ୟ ରହିଛି । କିନ୍ତୁ ଜୀବନର ଏକ ଅପରିକଳ୍ପିତ ମୋଡରେ, ସେ ପାଟଣା ବନ ବିଭାଗରେ ଠିକା କର୍ମଚାରୀ ଭାବେ କାମ କରୁଥିବା ଜଣେ ଯୁବକ ଡ୍ରାଇଭରଙ୍କ ସହ ପରିଚିତ ହୋଇଥିଲେ । ସାଧାରଣ ପରିଚୟ ଧୀରେ ଧୀରେ ଗାଢ଼ ସମ୍ପର୍କରେ ପରିଣତ ହେଲା, ଆଉ ସେଇ ସମ୍ପର୍କ ପ୍ରେମର ରୂପ ନେଲା । ସେ ଆଫିଡେଭିଟ୍ ବିବାହ କରିଥିବା କଥା ମଧ୍ୟ ଚର୍ଚ୍ଚାକୁ ଆହୁରି ଗରମ କରିଛି । ଏହି ସମ୍ପର୍କକୁ ନେଇ ଆଉ ଏକ ପ୍ରଶ୍ନ ଉଠୁଛି, ପୂର୍ବତନ ବିବାହର ଆଇନଗତ ଛାଡପତ୍ର ନ ହୋଇଥିବା ସ୍ଥିତିରେ ଏହି ନୂଆ ବିବାହ କେତେଦୂର ଆଇନସମ୍ମତ । ଅନ୍ୟପଟେ ଏହି ମହିଳା ଫରେଷ୍ଟରଙ୍କ ନାମ ଆଗରୁ ମଧ୍ୟ ବିବାଦ ଆସିଥିଲା । ଚମ୍ପୁଆରେ କାର୍ଯ୍ୟରତ ସମୟରେ କାଠ ମାଫିଆଙ୍କଠାରୁ ଲାଞ୍ଚ ନେବା ସମ୍ବନ୍ଧୀୟ ଏକ ଅଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଲାଞ୍ଚ ଟଙ୍କା ନେଣଦେଣ ପ୍ରେମିକ ଯୁବକଙ୍କ ଫୋନ-ପେ ମାଧ୍ୟମରେ ହୋଇଥିବା ଅଭିଯୋଗ ଆସିଥିଲା । ଏହାପରେ ସେ ନିଲମ୍ବିତ ମଧ୍ୟ ହୋଇଥିଲେ ।

## ପାଠାଗାର କୋଠା ସାଜିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

ଆନନ୍ଦପୁର, ୧୯।୪ (ସମିସ): ପାଠାଗାର ହେଲା, କିନ୍ତୁ କାର୍ଯ୍ୟକାରୀ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଲକ୍ଷ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମିତ କୋଠା ବ୍ୟବହାର ହୋଇପାରୁ ନଥିବାରୁ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ୩ନଂ ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ ହୋଇଥିବା ପାଠାଗାର ଆଜି ଅବହେଳାର ଶୀକାର ହୋଇ ପଡ଼ିରହିଛି । ଯେଉଁ ପାଠାଗାର ଯୁବ ପିଢ଼ିଙ୍କ ଜ୍ଞାନ ବୃଦ୍ଧି ଓ ପ୍ରୋତ୍ସାହନ ଦେବା ପାଇଁ ନିର୍ମାଣ ହୋଇଥିଲା, ସେହି ଗୃହ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ନିର୍ମାଣ ପରେ ମଧ୍ୟ କାହିଁକି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ, ସେଥିପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି । ଏହି ପାଠାଗାର କାହା ପାଇଁ? କାହିଁକି ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ଦେଖାଉନାହିଁ?



ଏହି ପାଠାଗାର ଏବେ ଅସାମାଜିକ କାର୍ଯ୍ୟର କେନ୍ଦ୍ର ହୋଇପଡ଼ିଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ, ଏଠାରେ ନିଶା କାରବାର ହେଉଥିବା ଓ ଅସାମାଜିକ ଲୋକମାନଙ୍କ ଆଡାସ୍ଥଳୀରେ ପରିଣତ ହୋଇଛି । କିଛି ଦିନ ପୂର୍ବରୁ ଏହି ପାଠାଗାର ପରିସରରେ ଛେଳି ଚରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା । ଏହାସହିତ ଘଷିପୁରା ବ୍ଲକ ସମ୍ମୁଖରେ ନିର୍ମିତ ଆଉ ଦୁଇଟି ଗୃହ ମଧ୍ୟ ସେହିପରି ଅବସ୍ଥାରେ

### ● କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା

ପଡ଼ିରହିଛି । କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ସତ୍ତ୍ୱେ ଏହି ଗୃହଗୁଡ଼ିକ ଆଜି 'ଭୂତ କୋଠି'ର ରୂପ ନେଇଛି । ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନର ନିଦ୍ରା ଭଙ୍ଗ ନହେବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନିଅନ୍ତି, ଏହି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ଖ୍ୟାତନାମା ଭେଷଜ ବିଶେଷଜ୍ଞ ଡାକ୍ତର ପିସି ଦାସଙ୍କ ପରଲୋକ

କେନ୍ଦୁଝର,୧୯।୪(ସମିସ): କେନ୍ଦୁଝର ଜିଲ୍ଲାର ଲୋକପ୍ରିୟ ଭେଷଜ ବିଶେଷଜ୍ଞ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବହୁସେବାଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ଡାକ୍ତର ପିସି ଦାସଙ୍କର ପରଲୋକ ହୋଇଛି । ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ପରଲୋକ ହୋଇଥିବାବେଳେ ସେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ ବିଭାଗରେ କାର୍ଯ୍ୟରତ ରହି ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି । କେନ୍ଦୁଝର, ମୟୂରଭଞ୍ଜ ସମେତ ପଡୋଶୀ ଝାଡଖଣ୍ଡରୁ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିଲେ । ଜଗତସିଂପୁର ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବରେ ଅବସର ଗ୍ରହଣ



କରିବା ପରେ କେନ୍ଦୁଝର ସହରରେ ରହି ସେ ରୋଗୀ ସେବା କରୁଥିଲେ । ଅନେକ ଦୁଃଖୀ ଓ ଅସୁବିଧାରେ ପଡିଥିବା ଲୋକେ ତାଙ୍କଠାରୁ ସହାୟତା ପାଉଥିଲେ । କେନ୍ଦୁଝରଠାରେ ରୋଟାରୀ କ୍ଲବ, ମା' ତାରିଣୀ ୱାକର୍ସ କ୍ଲବ ପ୍ରତିଷ୍ଠା ହେଉ ବା ଅବସର କର୍ମଚାରୀ ସଂଘ ହେଉ ସବୁଠାରେ ସେ ଉପସ୍ଥିତ ରହି ସେବା କାର୍ଯ୍ୟକୁ ବ୍ୟାପକ କରିଥିଲେ । ଡାକ୍ତର ପିସି ଦାସ ଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଡାକ୍ତର ପ୍ରଫୁଲ୍ଲଚନ୍ଦ୍ର ଦାସ ୧୯୩୯ ମେ ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ମୃତ୍ୟୁ ସମୟରେ କନିଷ୍ଠ ପୁତ୍ର ବରଦାଙ୍କ ସମେତ ପତ୍ନୀ, କନ୍ୟା, ବୋହୂ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ବଡ଼ପୁଅ ଆମେରିକାରେ ରହୁଥିବାରୁ ସେ ଓଡ଼ିଶା ଆସିବା ପରେ ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡିଛି । ତାଙ୍କ ବିୟୋଗରେ କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାୟକ, ସିଟିଜି ପ୍ରତିଷ୍ଠାତା ଡ ରାଜେନ୍ଦ୍ର ପଲେଇ, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା କିରଣବାଳା ନାୟକ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଧାକାନ୍ତ ମହାନ୍ତ, ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ପ୍ରମୁଖ ଡାକ୍ତର ପିସି ଦାସଙ୍କର ପୁତ୍ର ତଥା ଏବେ କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସଙ୍କୁ ଫୋନ କରି ଶୋକ ପ୍ରକଟ କରିଛନ୍ତି ।

## ଆଇନଜୀବୀ ବିଜୟ ଦାଶ ସମ୍ବର୍ଦ୍ଧିତ

ଆନନ୍ଦପୁର, ୧୯।୪(ସମିସ): ଆନନ୍ଦପୁର ପୌରାଞ୍ଚଳର ଶାଳପଡା ନିବାସୀ ତଥା ହାଇକୋର୍ଟ ବାର ଆସୋସିଏସନ ପୂର୍ବତନ ସଭାପତି ବିଜୟ କୁମାର ଦାଶଙ୍କୁ ୱାର୍ଲଡ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେସନ ଓ ଆମେରିକାନ ଗ୍ଲୋବାଲ ଅର୍ଗାନାଇଜେସନ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରି ପ୍ରଦାନ କରାଯାଇଛି । ଗୀତଗୋବିନ୍ଦ ସଦନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଆଇନଜୀବୀ ଶ୍ରୀ ଦାଶଙ୍କୁ ଡକ୍ଟରେଟ୍ ଡିଗ୍ରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଇନସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡକ୍ଟର ଦାଶଙ୍କୁ ଏହି ଉପାଧି ପ୍ରଦାନ କରାଯିବାକୁ ଚୂଡାନ୍ତ ହୋଇଥିଲା । ସଂପ୍ରତି ଡକ୍ଟର ଦାସ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିନିଧିମଣ୍ଡଳୀରେ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।



## ଗାଡ଼ି ଧକ୍କାରେ ଯୁବକ ମୃତ

**ରାଇରଙ୍ଗପୁର, ୧୯।୪ (ସମିସ):** ବହଳଦା ଥାନା ଅନ୍ତର୍ଗତ ମୋରଣ୍ଡା ଛକରେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଝାଡ଼ଖଣ୍ଡର କାଠଭାରୀ ଗ୍ରାମର ପ୍ରକାଶ ତିୟୁ (୨୮)। ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କା ଦେଇଥିବାବେଳେ ସକାଳରୁ ବହଳଦା ପୁଲିସ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ସ୍ଥଳରେ ଟ୍ରକ ଚକ ଚିହ୍ନ ରହିଥିବାରୁ ଟ୍ରକ କିମ୍ବା ହାଇୱା ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳି ନ ଥିବାବେଳେ ବହଳଦା ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଛି।

### ବନ୍ଧସାହି ଗ୍ରାମରେ ପାନୀୟଜଳ ସମସ୍ୟା

## ନଦୀ ଉପରେ ନିର୍ଭର କରୁଛନ୍ତି ୨୫ ପରିବାର

**ଉଦଳା, ୧୯।୪(ସମିସ)**



ଖରା ବଢ଼ିବା ସାଙ୍ଗକୁ ଜଳକଷ୍ଟ ମଧ୍ୟ ବଢ଼ିବାରେ ଲାଗିଛି। ପିଇବା ପାଣି ପାଇଁ ଗ୍ରାମବାସୀ କରୁଛନ୍ତି ସଂଘର୍ଷ। ଗାଁରେ ନଳକୂପ ଅଛି, ହେଲେ ପିଇବା ଉପଯୋଗୀ ହୋଇ ନ ଥିବାରୁ ଗାଁ ଲୋକଙ୍କୁ ଭରସା ଏବେ ନଦୀ। ପାନୀୟଜଳ ସମସ୍ୟା ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଆସୁଥିଲେ ମଧ୍ୟ ଏହାର ସୁଫଳ ପାଇପାରୁନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡ଼ଖମଣ ପଞ୍ଚାୟତର ବନ୍ଧସାହି ଗ୍ରାମରେ ଏହା ଦେଖିବାକୁ ମିଳିଛି।

ବନ୍ଧସାହି ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପରିବାର ଥିବାବେଳେ ଏମାନଙ୍କ ପାଇଁ ପାନୀୟଜଳ ମୁଖ୍ୟ ସମସ୍ୟା। ଗ୍ରାମରେ ଗୋଟିଏ ନଳକୂପ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଥିବାବେଳେ ଆଉ ଗୋଟିଏ ନଳକୂପରେ ଆଇରନ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ହୋଇପାରୁନାହିଁ। ତେବେ ୨୫ ପରିବାରଙ୍କ ପାଇଁ ଏକମାତ୍ର ଭରସା ନଦୀର ପାଣି। ବର୍ଷା ହେଉ କି ଅନ୍ୟଦିନ ହେଉ ପ୍ରତ୍ୟେକ ଦିନ ଗ୍ରାମବାସୀ ଏହି ନଦୀ ପାଣି ଉପରେ ନିର୍ଭର କରନ୍ତି। ସରକାର ଯୋଜନା କରୁଛନ୍ତି ସତ, କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରଶାସନିକ ଅଣଦେଖା ଏହି ଗ୍ରାମରେ ପାନୀୟଜଳର ସମସ୍ୟାକୁ ଦେଖିଲେ ସ୍ପଷ୍ଟ ବାରିହେବ। ନିର୍ବାଚନ ଆସିଲେ ନେତା ଓ ମନ୍ତ୍ରୀ ଗ୍ରାମକୁ ଆସି ଅନେକ ପ୍ରତିଶ୍ରୁତି ଦେଇଥା'ନ୍ତି। ତେବେ ନିର୍ବାଚନ ସରିଲେ ଏହି ଗ୍ରାମରେ ଆଉ ସେମାନଙ୍କର ଦେଖା ମିଳେନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଆଗକୁ ଆହୁରି ତାତି ବଢ଼ିବାର ସମ୍ଭାବନା ଥିବାବେଳେ ଗ୍ରାମବାସୀଙ୍କ ଜଳକଷ୍ଟ ସେମାନଙ୍କର ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ପ୍ରତ୍ୟେକ ବର୍ଷ ଖରାଦିନ ଆସିଲେ ନଦୀର ପାଣି ସୁଖିଯାଉଥିବାବେଳେ ଗ୍ରାମବାସୀଙ୍କ ପାନୀୟ ଜଳର ଦୁର୍ଦ୍ଦଶା ବଢ଼ିଯାଇଥାଏ। ତେବେ ଆଗାମୀ ଦିନରେ ସ୍ଥାନୀୟ ପ୍ରଶାସନ ଏହି ଗ୍ରାମବାସୀମାନଙ୍କର ଜଳ କଷ୍ଟ ସମସ୍ୟାର ସମାଧାନ କେବେ କରିବେ ତାହାକୁ କେବଳ ଅପେକ୍ଷା।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର



**କୁଳିଅଣା, ୧୯।୪(ସମିସ):** କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର କାମତା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି।

ସୂଚନା ମୁତାବକ, ଆଜି ଅପରାହ୍ନ ୩.୩୦ମିନିଟ ସମୟରେ ଏକ ପଲସର ବାଇକ୍ ଯୋଗେ ବାରିପଦାରୁ ନିଜ ଘର କୁଳିଅଣା ପଞ୍ଚାୟତ ଅଧୀନ ସୁକୁଆପୋଡ଼ାକୁ ରାଜପଥ ଅତିକ୍ରମ କରି ଯାଉଥିବାବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ହୋଇଥିଲେ। ମୃତକ ଜଣକ ସୁକୁଆପୋଡ଼ା ଗ୍ରାମର ବଇଲା ଚପେୟାରଙ୍କ ପୁତ୍ର ମାଇସା ଚପେୟାର (୩୦)। ଗୁରୁତର ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ଦୁଇଜଣଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ କୁଳିଅଣା ଥାନା ଅଧିକାରୀ ସୁଦୀପ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ଓ ରାସ୍ତାରୋକ ହଟିଥିଲା। କୁଳିଅଣା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତକ ପରିବାରକୁ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ଓ ସେଠାରେ ଏକ ଗଳାପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ।

## ରାଜ୍ୟସ୍ତରୀୟ ପୁଲିସ ଭଲିବଲ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



**ବାରିପଦା, ୧୯।୪(ସମିସ):** ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୭୮ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୁଲିସ ଦଳ ଘୋଷଣା କରାଯାଇଛି। ଏହି ଦଳରେ ହରିହର ମଲ୍ଲିକ (ଅଧିନାୟକ), ନିରଞ୍ଜନ ନାଏକ, ଆଶିଷ କୁମାର ସେଠୀ, ଲକ୍ଷ୍ମୀନାରାୟଣ ସାହୁ, ଚନ୍ଦ୍ରବିନ୍ଦୁ ସେଠୀ, ମିଲୁ ମହାନ୍ତ, ବିକାଶ ଗିରି, ଅଂଶୁମାନ ପଣ୍ଡା, ଜଗତଜୀବନ ସେଠୀ, ସ୍ନେହାଶିଷ ମହାନ୍ତି, ଅଞ୍ଜନ ବେହେରା, ଜନ୍ମେଜୟ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି। ରାଜେଶ ଦାସ କୋଚ୍ ଓ କେ. ବିଶ୍ୱନାଥ ରାଓ ଟିମ୍ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ। କୋଚ ମନୋରଞ୍ଜନ ଜୀଉ, ପୁଲିସ ଆଲୋକ କୁମାର କାନୁନଗୋ, ସାରଜେଣ୍ଟ ଗୌତମ ପ୍ରଧାନ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ମୟୂରଭଞ୍ଜ ପୁଲିସ ସଂଘ ସମ୍ପାଦକ ସ୍ୱରାଜ କୁମାର ରାଜ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ।

## ଗୋପିନାଥଜୀଉ ବିଦ୍ୟାଳୟରେ ସ୍ନେହ ମିଳନ କାର୍ଯ୍ୟକ୍ରମ

**ରାସଗୋବିନ୍ଦପୁର, ୧୯।୪(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ଗୋପିନାଥଜୀଉ ଉଚ୍ଚବିଦ୍ୟାଳୟରେ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ଶିକ୍ଷକ ଏକତ୍ରିତ ହୋଇଥିବାବେଳେ ୧୯୯୯ ବ୍ୟାଚ୍ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ସ୍ନେହ ମିଳନ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ଏହି ବିଦ୍ୟାଳୟ ୧୯୭୭ ମସିହାରେ ସ୍ଥାପିତ ହୋଇଥିଲା। ଏହାର ନାମକରଣ ଗୋପିନାଥଙ୍କ ନାମରେ ନାମିତ ଥିବାରୁ ଗୋପିନାଥଙ୍କ ବିଗ୍ରହ ସ୍ଥାପନ କରାଯାଇ ସ୍ନେହ ମିଳନ ମାଧ୍ୟମରେ ପ୍ରତିଷ୍ଠା କରାଯାଇଛି। ପୂଜାର୍ଚ୍ଚନା ଧୂମଧାମରେ କରିଛନ୍ତି ପୂର୍ବତନ ଛାତ୍ରଛାତ୍ରୀ। ସେତେବେଳର ପ୍ରଧାନ ଶିକ୍ଷକ ନଗେନ ବିହାରୀ ଜେନା, ସହକାରୀ ଶିକ୍ଷକ ରଘୁନାଥ ମହାପାତ୍ର, ଅଚ୍ୟୁତାନନ୍ଦ ଗିରି, ବିଜୟ କୁମାର ବେହେରା, ବିଜ୍ଞାନ ଶିକ୍ଷକ ବେଣୁଧର ଚାନ୍ଦ ଓ କ୍ରୀଡ଼ା ଶିକ୍ଷକ ଗଦାଧର ପାତ୍ର ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ସ୍ନେହ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ନେହାଶୀର୍ବାଦ ପ୍ରଦାନ କରିଛନ୍ତି। ଗୋପିନାଥଙ୍କ ପ୍ରତୀମା ପ୍ରତିଷ୍ଠା ଅବସରରେ ନାମ ସଂକୀର୍ତ୍ତନ ଗାନ କରାଯାଇଛି। ପୂର୍ବତନ ଛାତ୍ର ହରିପଦ ମହାକୁଡ଼ ସଂକଳ୍ପ କରିଥିବାବେଳେ ଅନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଛନ୍ତି।




## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା



**ବାରିପଦା, ୧୯।୪(ସମିସ):** ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନର୍ସରୀରୁ ୧୦ମ ଶ୍ରେଣୀର ୩ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଚାରୋଟି ବିଭାଗ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଭିତରେ ଅନେକ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପରିଲକ୍ଷିତ ହୋଇଥିଲା ଓ ବାସ୍ତବ ଅନୁଷ୍ଠାନ ସମାଜରେ ବିଭିନ୍ନ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ପରିବେଶ ସନ୍ତୁଳନ, ସ୍କୁଲ ସ୍ତରରେ ପିଲାଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ସ୍ୱଲିଖିତ କବିତା ଆବୃତ୍ତି, ବିଦ୍ୟାଳୟମାନଙ୍କୁ ପୁସ୍ତକ ଦାନ ଓ ସୁନନ୍ଦନ ବୃତ୍ତି ଯୋଜନା ମାଧ୍ୟମରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ଆର୍ଥିକ ଅନୁଦାନ ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ସମାଜରେ ଉଦାହରଣ ସୃଷ୍ଟି କରିପାରିଛି।

ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ କାଶୀନାଥ ରଣା ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ପିଲାଙ୍କୁ ପ୍ରମାଣ ପତ୍ର ଓ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ। ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟ, ନରସିଂହ ବାରିକ ପ୍ରମୁଖ ସଂସ୍ଥାର ବରିଷ୍ଠ ସଦସ୍ୟ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ସୌର ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ କଳାକୃତିକୁ ଆକଳନ କରିଥିଲେ। ଏହି ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନର ସୁନନ୍ଦନ ବୃତ୍ତି ଯୋଜନାର ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ସଂସ୍ଥାର ସମ୍ପାଦକ ଅରୁଣ ପାତ୍ର ପ୍ରକାଶ କରିଥିଲେ। ସଭାପତି ଶାନ୍ତନୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର, ଶମ୍ଭୁଦୟାଲ ଖଣ୍ଡେଲୱାଲ, ବିନୋଦ ସାହୁ, ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଅନୀଲ ପଣ୍ଡା, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ସମାଜସେବୀ ଅମର ସେଠୀ ଓ ସୋମନାଥ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଲଚିକି ଭାଷା ଶିକ୍ଷା ପାଇଁ ନୂତନ ଶିକ୍ଷାନୁଷ୍ଠାନ ଉଦ୍‌ଘାଟନ



**ବିଶୋଇ, ୧୯।୪(ସମିସ):** ବିଶୋଇ ବ୍ଲକ ଅନ୍ତର୍ଗତ ଅସନା ପଞ୍ଚାୟତସ୍ଥ ଅର୍ଜୁନବିଲା ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଲିଖିତ ଅଲଚିକି ଭାଷାକୁ ଜୀବିତ କରିବା ପାଇଁ ଚାମ୍ପା ଗାଳ ଅଲ ଇତୁନ ଆସଲା ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇଛି। ଏ ଅବସରରେ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ପାରମ୍ପରିକ ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ କରିଥିଲେ। ଯାହା କାର୍ଯ୍ୟକ୍ରମକୁ ଆକର୍ଷଣ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସେକା ମଣଦା ଶାଖାର ସଭାପତି ସୁରେନ୍ଦ୍ର ମୁର୍ମୁ ଯୋଗଦେଇ ଆଦିବାସୀ ଭାଷା, ଶିକ୍ଷା ବିକାଶ ହେଲେ ଆଦିବାସୀ ସଂସ୍କୃତି ଓ ପରମ୍ପରା ବିକାଶ ହେବ ବୋଲି ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଭଞ୍ଜ ତାରାସ ପାରସେଲେଜ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ସୋରେନ, ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ଶୀତଳ କିସ୍କୁ, ଚାମ୍ପା ଗାଳ ଅଲ ଇତୁନ ଆସଲାର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ଥିବା ନାରାୟଣ ଟୁଡୁ, ଶିକ୍ଷକ ଅର୍ଜୁନ କିସ୍କୁ, ଭାଗବତ ହାଁସଦା, ବିଜୟ କୁମାର କିସ୍କୁ, ବାଙ୍କୀପିଳ ଅଲ ଇତୁନ ଆସଲାର ଶିକ୍ଷକ ଦୁର୍ଗାଚରଣ କିସ୍କୁ, ଗ୍ରାମର ମୁଖିଆ ବୁଡାନ କିସ୍କୁ, ନାଏକେ ବାବା କୁଆଁର କିସ୍କୁ, ଗ୍ରାମର ୱାର୍ଡସଭ୍ୟା ସତୀ କିସ୍କୁ, ଅଙ୍ଗନବାଡି କର୍ମୀ ସୁନେଲି କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଶିକ୍ଷାନୁଷ୍ଠାନ ସ୍ଥାପନ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ପୋଖରୀରେ ବୁଡ଼ି ଜଣେ ମୃତ

**ରାଇରଙ୍ଗପୁର, ୧୯।୪(ସମିସ):** ତିରିଂ ଥାନା ଅନ୍ତର୍ଗତ ଝରାଡିହି ଅଞ୍ଚଳର ପୋଖରୀଆ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଉକ୍ତ ଗ୍ରାମର ସିକେନ ମହାକୁଡ (୩୪)। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣ ପାଇଁ ପାଣିରେ ବୁଡ଼ି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ସେ ଗାଧୋଇବାକୁ ଯାଇ ଅନେକ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପରିବାର ଲୋକେ ମୃତ୍ୟୁ ଖବର ପାଇବା ପରେ ଝରାଡିହି ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍‌ପିଟାଲକୁ ପଠାଇଥିଲେ। ଏ ନେଇ ତିରିଂ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ଜୁଆ ଆଡ୍ଡାରେ ଚଢ଼ଉ, ୨ ଜୁଆଡ଼ି ଗିରଫ

**ରାଇରଙ୍ଗପୁର/କରଞ୍ଜିଆ, ୧୯।୪(ସମିସ):** କରଞ୍ଜିଆ ଥାନା ପୁଲିସ ଜୁଆ ଆଡ୍ଡାରେ ଚଢ଼ଉ କରି ୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଜୁଆଡ଼ି ଦ୍ୱୟ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ କରଞ୍ଜିଆ ଏନଏସିର ୱାର୍ଡ ନମ୍ବର ୯ ଅଞ୍ଚଳର ସୁଜିତ ମହାପାତ୍ର(୪୫) ଓ ୱାର୍ଡ ନମ୍ବର ୧୧ ଅଞ୍ଚଳର ଜଗନ୍ନାଥ ପରିଡ଼ା(୪୨)। ପୁଲିସ ପାଟ୍ରୋଲିଂ ସମୟରେ ଜୁଆ ଖେଳ ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଯାହାକୁ ନେଇ ଟାଟୋ ସାପ୍ତାହିକ ହାଟରେ ପୁଲିସ ଚଢ଼ଉ କରିଥିଲା। ପୁଲିସକୁ ଦେଖି କେତେକ ଜୁଆଡ଼ି ଚମ୍ପଟ ମାରିଥିବାବେଳେ ୨ ଜଣ ଗିରଫ ହୋଇଛନ୍ତି। ଜୁଆ ଖେଳ ସାମଗ୍ରୀ, ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରହିଛି। ଜୁଆ ଖେଳ ନେଇ ସ୍ଥାନୀୟ ଅଞ୍ଚଳର ନାରାୟଣ ଦେହୁରୀ, ମଙ୍ଗୁଲୁ, ଆନନ୍ଦ ଓ ବିରଞ୍ଚି ଆଦି ସହଯୋଗ କରନ୍ତି ବୋଲି ଜଣାପଡ଼ିଛି। ପୁଲିସ ସେମାନଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି। ଗିରଫ ୨ ଜଣ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରାହ୍ମଣ ମହାସଂଘ ପକ୍ଷରୁ ପର୍ଶୁରାମ ଜୟନ୍ତୀ



**ବାରିପଦା, ୧୯।୪(ସମିସ):** ରବିବାର ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର, ଧର୍ମ ରକ୍ଷକ ଚିରଞ୍ଜିବୀ ଭଗବାନ ଶ୍ରୀ ପର୍ଶୁରାମଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ତଥା ଆଜିର ଦିନରେ ଭଗବାନ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ। ତେଣୁ ପ୍ରତିବର୍ଷ ଏହି ଦିନକୁ ପର୍ଶୁରାମ ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ପର୍ଶୁରାମ ଜଣେ ବ୍ରାହ୍ମଣ ଯୋଦ୍ଧା ଥିଲେ। ଯିଏ ଧର୍ମ ସ୍ଥାପନା ପାଇଁ ଅଧର୍ମୀଙ୍କ ବିରୋଧରେ ଯୁଦ୍ଧ କରିଥିଲେ। ତେଣୁ ଭଗବାନ ପର୍ଶୁରାମଙ୍କୁ ବ୍ରାହ୍ମଣ କୂଳର ପ୍ରଥମ ଗୁରୁ ବା ମାର୍ଗଦର୍ଶକ ରୂପେ ବରଣ କରି ଆଜି ବାରିପଦାଠାରେ ରାଜ୍ୟ ବ୍ରାହ୍ମଣ ମହାସଙ୍ଘ ମୟୂରଭଞ୍ଜ ଶାଖା ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଙ୍ଘର ରାଜ୍ୟ ସଭାପତି ଡା. ସଦାନନ୍ଦ ଦୀକ୍ଷିତ, ମୟୂରଭଞ୍ଜ ଜିଲ୍ଲା ସଭାପତି ଅଲେଖ ରଞ୍ଜନ ପାଠୀ, ଜିଲ୍ଲା ସମ୍ପାଦକ ଡା ଆଦିତ୍ୟ ପଣ୍ଡା, ବାରିପଦା ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ଅରୁଣ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୫୦ ଅଧିକ ବ୍ରାହ୍ମଣ ସମାଜର ସଦସ୍ୟ ଯୋଗ ଦେଇଥିଲେ। ଏ ଅବସରରେ ସର୍ବପ୍ରଥମେ ପ୍ରଦୀପ ପଦ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବାବେଳେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଅତିଥିମାନେ ପର୍ଶୁରାମଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ବିଶେଷ କରି ବ୍ରାହ୍ମଣ ସମାଜରେ ଦରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ରାହ୍ମଣଙ୍କୁ ସଂଗଠନ ପକ୍ଷରୁ କିଭଳି ସାହାଯ୍ୟ ଓ ସହଯୋଗ କରାଯାଇପାରିବ, ସେ ନେଇ ରାଜ୍ୟ ସଭାପତି ସଦାନନ୍ଦ ଦୀକ୍ଷିତ ସୂଚନା ଦେଇଛନ୍ତି।

## ପୁରିଖୁଣ୍ଟା ମୁନି ସମାଜର ଚତୁର୍ଥ ବାର୍ଷିକ ଉତ୍ସବ



**ବେତନଟୀ, ୧୯।୪(ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ପୁରିଖୁଣ୍ଟା ମୁନି ସମାଜର ୪ର୍ଥ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସତ୍ୟ ପତାକା ଉତ୍ତୋଳନ କରିଥିଲେ ମୁଖ୍ୟଅତିଥି ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି। ସମବେତ ପତାକା ସଙ୍ଗୀତ ଗାନ ପରେ ଆୟୋଜିତ ସଭାରେ ଜ୍ଞାନଦୀପ ପତ୍ରିକାର ସମ୍ପାଦକ ଯୋଗୀ ସଞ୍ଜୟ ମୁନି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସୁଲେଖକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗଦେଇ ଜଡ ଓ ଚେତନର ରହସ୍ୟ ଓ କାଳ୍ପନିକ ପୂଜା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା ଯୋଗର ଗୂଢ ରହସ୍ୟ ସହ ମନୁଷ୍ୟ କିପରି ନିରୋଗ ରହିବ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ମୁନି ସମାଜର ସମ୍ପାଦିକା ମୁନିରାଜ୍ଞୀ ଡଃ ଅଳକା ମଞ୍ଜରୀ ଭୂୟାଁ ଯୋଗଦେଇ ଜୀବନ ମୁକ୍ତିର ରହସ୍ୟ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗୀ ଗଦାଧର ମୁନି, ଯୋଗୀ ଜୟଚନ୍ଦ୍ର ମୁନି, ମୁନିରାଜ୍ଞୀ ସୁମତୀ ଓ ମୁନିମତୀ ଗୀତାଞ୍ଜଳି ଭୂୟାଁ ନିଜର ଅଭିମତ ବ୍ୟକ୍ତ କରିଥିଲେ। ସଭାର ସଂଯୋଜକ ଯୋଗୀ ସତୀଶ ମୁନି ପ୍ରାରମ୍ଭିକ ଅଭିଭାଷଣ ସହ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ମୁନିମତୀ ନୟନା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ଯୋଗୀ ବିପିନ ମୁନି ଧନ୍ୟବାଦ ଅର୍ପଣ କରିଥିଲେ। ମୁନି ବିନୋଦ ମହାନ୍ତ, ରଇବୁ ମୁନି, ଭାଗୀରଥି ମୁନି, ଗୋବିନ୍ଦ ମୁନି, ସୀତାରାମ, ଈଶ୍ୱର, ଡାକ୍ତର ମୁନି, ନରେନ୍ଦ୍ର ମୁନି, ପରମାନନ୍ଦ ମୁନି, ସୁବାସ ମୁନି, ପୂର୍ଣ୍ଣଚନ୍ଦ୍ର, ମୁନିମତୀ ସୁମିତ୍ରା, ମୁନିମତୀ ପ୍ରେମଲତା, ଡ. ଚନ୍ଦ୍ରମୋହନ ମହାନ୍ତ ଓ ସ୍ଥାନୀୟ ମୁନି ସମାଜର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଘୁଲୁଘୁଲିଆ ସ୍କୁଲ ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା

## ପିଲାଙ୍କୁ ପଚା ଅଣ୍ଡା ଦିଆଯାଉଥିବା ଅଭିଯୋଗ

**ମହୁଲଡିହା, ୧୯।୪(ସମିସ)**



ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତର ଘୁଲୁଘୁଲିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥାର ଅଭିଯୋଗ କରାଯାଇଛି। ଅଭିଭାବକ ଅଭିଯୋଗ କଲେ ଧମକପୂର୍ଣ୍ଣ କୁଭାଷା ପ୍ରୟୋଗ କରୁଛନ୍ତି ପ୍ରଧାନଶିକ୍ଷୟିତ୍ରୀ। ବିଭିନ୍ନ ସମୟରେ ପିଲାଙ୍କୁ ପଚା ଅଣ୍ଡା ଖାଇବାକୁ ଦିଆଯାଉଥିବା ପିଲାମାନେ ଘରେ ଅଭିଯୋଗ କରୁଥିଲେ। ୧୭ ତାରିଖରେ ପୁଣି ଥରେ ଏହାର ପୁନରାବୃତ୍ତି ହୋଇଥିଲା। ସନ୍ଦେହରେ ଅଭିଭାବକ ସେଦିନ ସ୍କୁଲକୁ ଆସି ପଚା ଅଣ୍ଡା ଦିଆଯାଉଥିବା ଦେଖିବାକୁ ପାଇଥିଲେ। ଫଳରେ ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ କରଙ୍କୁ ପଚାରିଥିଲେ ଅଭିଭାବକ। ଶିକ୍ଷୟିତ୍ରୀ ଆଲୋଚନା କରିବା ପରିବର୍ତ୍ତେ ଅଭିଭାବକଙ୍କୁ ଗାଳିଗୁଲଜ ସହିତ କୁଭାଷା ପ୍ରୟୋଗ କରିଥିଲେ। ଫଳରେ ଅଭିଭାବକ ସିଆରସିସି ଜ୍ୟୋତି ରଞ୍ଜନ ପାତ୍ରଙ୍କୁ ସୂଚନା ଦେଇଥିଲେ। ସିଆରସିସି ଆସିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ମଧ୍ୟ ଅଭିଭାବକଙ୍କ ଉପସ୍ଥିତିରେ ଆଚରଣ ଓ ଉଚ୍ଚାରଣରେ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଫଳରେ ଅଭିଭାବକ ସିଆରସିସିଙ୍କ ଜରିଆରେ ବିଇଓଙ୍କୁ ବଦଳି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦ ତାରିଖ ସୁଦ୍ଧା ବଦଳି କରା ନ ଗଲେ ସ୍କୁଲରେ ତାଲା ପକାଇବାକୁ ଚରମ ବାଣୀ ଶୁଣାଇଛନ୍ତି ଅଭିଭାବକ। ଆଜି ଠାକୁରମୁଣ୍ଡା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ବାରିକଙ୍କ ମତାମତ ନେବାରୁ ସେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ସୋମବାର ସୁଦ୍ଧା ଅଫିସରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ମତାମତ ନେବାରୁ ପଚା ଅଣ୍ଡା ଥିବା ସ୍ୱୀକାର କରିଛନ୍ତି। ଅଣ୍ଡା ଆଣିଲେ ପିଲାଙ୍କୁ ଅଣ୍ଡା ଦେଇଦେବେ ବୋଲି କହିଛନ୍ତି। ପୂର୍ବରୁ ବିଇଓଙ୍କୁ ଅନ୍ୟତ୍ର ବଦଳି ହୋଇଯିବା ପାଇଁ ଚାହୁଁଛନ୍ତି ବୋଲି କହିଛନ୍ତି।

# ରାସ୍ତା ପାଲଟିଛି ମୁଗ ଅମଳ ଖଳା

ନିଶ୍ଚିନ୍ତକୋଇଲି,୧୯।୪(ସମିସ):

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଏବେ ରବି ଫସଲ ଅମଳ ସମୟ ଚାଲିଥିବା ବେଳେ ଗ୍ରାମ୍ୟ ଓ ପ୍ରଧାନମନ୍ତ୍ରୀ ସଡ଼କଗୁଡ଼ିକ ଚାଷୀଙ୍କ ପାଇଁ "ଖଳା' ପାଲଟିଛି। ଚାଷୀମାନେ ନିଜର ସମୟରେ ଚାଷୀଙ୍କ ସୁବିଧା ପାଇଁ ବିଭିନ୍ନ ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ୍ "ଶସ୍ୟ ଅମଳ ଖଳା' ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ଖଳାଗୁଡ଼ିକ ଏବେ ପରିତ୍ୟକ୍ତ ଓ ଅପରିଷ୍କାର ହୋଇ ପଡ଼ିରହିଛି। ପଞ୍ଚାୟତ

- ପଥଚାରୀ ହୀନସ୍ତା, ପ୍ରଶାସନ ନିରବ
- ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ସରକାରୀ 'ଶସ୍ୟ ଅମଳ ଖଳା'
- କାମରେ ଆସୁନି ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ

ମୁଗ, ବିରି ଓ କୋଳଥ ଆଦି ଫସଲକୁ ଖଳାରେ ଅମଳ ନ କରି ସର୍ବସାଧାରଣ ରାସ୍ତା ଉପରେ ଗଦା କରୁଛନ୍ତି। ଫଳରେ ପଥଚାରୀମାନେ ଯାତାୟାତରେ ଅତିଷ୍ଠ ହୋଇପଡୁଥିବା ବେଳେ ରାସ୍ତା କଡ଼ରେ ରହୁଥିବା ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବ ସରକାରଙ୍କ ପକ୍ଷରୁ ସଫାସୁତୁରା କରାଯାଉ ନ ଥିବାରୁ ଚାଷୀମାନେ ସେଠାକୁ ନ ଯାଇ ରାସ୍ତା ଉପରେ ଅମଳ କରିବାକୁ ସୁବିଧା ମଣୁଛନ୍ତି। ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା ଏବେ ରକ୍ଷଣାବେକ୍ଷଣ ଅଭାବରୁ ବାଟବଣା ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତା ଉପରେ ମୁଗ ଓ ବିରି ଅମଳ କରାଯାଉଥିବାରୁ



ସେଥିରୁ ଉଡୁଥିବା ପ୍ରଚୁର ପରିମାଣର ଧୂଷ ଓ ଧୂଳି ପରିବେଶକୁ ଦୂଷିତ କରୁଛି। ଏହି ଧୂଳି ଉଡ଼ି ଲୋକଙ୍କ ଘର ଭିତରେ ପଶୁଥିବା ବେଳେ ଅଞ୍ଚଳର ହୃଦରୋଗୀ, ଶ୍ୱାସରୋଗୀ ଏବଂ ବୃଦ୍ଧବୃଦ୍ଧାମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ରାସ୍ତାରେ ଫସଲ ଗଦା ହୋଇ ରହୁଥିବାରୁ ଅନେକ ସମୟରେ ଗାଡ଼ି ଚାଳକମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ସର୍ବସାଧାରଣ ରାସ୍ତାକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରିବା ଏକ ଆଇନଗତ ଅପରାଧ ହୋଇଥିଲେ ସୁଦ୍ଧା ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛି। ରାସ୍ତା ଉପରେ କେବଳ ଫସଲ ନୁହେଁ, ବଙ୍ଗ ବାଲି, ଗୋଡ଼ି ଓ ଅଳିଆ ଗଦା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ରାଜସ୍ୱ ନିରୀକ୍ଷକ ମାଧ୍ୟମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି। ତୁରନ୍ତ ସରକାରୀ ଖଳାଗୁଡ଼ିକୁ ସଫା କରି ଚାଷୀଙ୍କ ବ୍ୟବହାର ଯୋଗ୍ୟ କରିବା ସହ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବଳଦେବଜୀଉଙ୍କୁ ଲାଗି ହେଲା ପାରିଜାତ ପୁଷ୍ପ



ନିଶ୍ଚିନ୍ତକୋଇଲି,୧୯।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଟ୍ରଷ୍ଟି ଧୀରେନ୍ଦ୍ରନାଥ ବେହେରାଙ୍କ ବଗିଚାରେ ପ୍ରସ୍ଫୁଟିତ ହୋଇଥିବା ଦିବ୍ୟ ଦେବପୁଷ୍ପ 'ପାରିଜାତ'କୁ ରବିବାର ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମସ୍ତକରେ ଲାଗି କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ବେହେରା ୧୦ ବର୍ଷ ତଳେ ପଶ୍ଚିମବଙ୍ଗରୁ ଏହି ଦୁର୍ଲ୍ଲଭ ଚାରା ସଂଗ୍ରହ କରି ଅତି ଯତ୍ନର ସହ ବଢ଼ାଇଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ, ସମୁଦ୍ର ମନ୍ଥନରୁ ଜାତ ଏହି ପୁଷ୍ପ ଦେବତାମାନଙ୍କର ଅତ୍ୟନ୍ତ ପ୍ରିୟ ଏବଂ ଏହାର ବିଶେଷତ୍ୱ ହେଉଛି ଭୂଇଁରେ ପଡ଼ିଲେ ମଧ୍ୟ ଏହା ଅପବିତ୍ର ହୁଏ ନାହିଁ। ପୂଜକ ଜଗତ୍‌ଜୀବନ ପଣ୍ଡାଙ୍କ ଦ୍ୱାରା ମନ୍ତ୍ରପାଠ ପୂର୍ବକ ଏହି ପୁଷ୍ପକୁ ପ୍ରଭୁଙ୍କଠାରେ ସମର୍ପଣ କରାଯିବା ପରେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସହ ଖୁସିର ଲହରୀ ଖେଳିଯାଇଛି।

## ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ତିଗିରିଆ,୧୯।୪(ସମିସ): ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ତଥା ଶ୍ରୀ ଜଗନ୍ନାଥଙ୍କ ମାଉସୀ ମା' ଘର ପରିସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଘ୍ନସ ଭୂଷଣ ଯାଦବ



ଓ ପତ୍ନୀ ରଶ୍ମିତା ବେହେରା କର୍ତ୍ତା ଥିବା ବେଳେ ସୋମବାର ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ସମାଜସେବୀ ସଞ୍ଜୀବ ଦାସ ଓ ବିନ୍ଧାଣିମା ଗ୍ରାମ ସଭାପତି ପ୍ରସନ୍ନ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଶାଳଗାଁରେ ବିଜେଡିର ସାଙ୍ଗଠନିକ ବୈଠକ



ଟାଙ୍ଗୀ,୧୯।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ବ୍ରାହ୍ମଣସେଣାସ୍ଥିତ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଧିରେନ୍ଦ୍ର ଜେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପଞ୍ଚାୟତରେ ବିଜେଡି ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ଅବସରପ୍ରାପ୍ତ ଶିକ୍ଷକ ଗନ୍ଧର୍ବ ରାଉତ ଯୋଗଦେଇଥିଲେ। ପଞ୍ଚାୟତ ସଭାପତି ଉମେଶଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିବାବେଳେ ଦେବେନ୍ଦ୍ର ଜେଠୀ, ଲଲାଟେନ୍ଦୁ ଦାସ, ଶୁଭ୍ରଜିତ୍ ରାଉତ, ଦିଲ୍ଲୀପ ସାହୁ, ଛବିନ୍ଦ୍ର ନାୟକ, ପ୍ରଦୀପ ଜଟ ଓ ଲିଲୁ ବାରିକଙ୍କ ସମେତ ପଞ୍ଚାୟତର ଆଗୁଆ କର୍ମୀ ଯୋଗଦେଇଥିଲେ।

## ଆନ୍ତଃରାଜ୍ୟ କ୍ରିକେଟ ପାଇଁ ୬ ମହିଳା ଖେଳାଳି ମନୋନୀତ

ଭଦ୍ରେଶ୍ୱର,୧୯।୪(ସମିସ): ମାହାଙ୍ଗା ବ୍ଲକର ୬ ଜଣ ପ୍ରତିଭାବାନ ମହିଳା କ୍ରିକେଟର ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ହରିଆଣାର ରୋହତକଠାରେ ଅନୁଷ୍ଠିତ ହେବାକୁ ଥିବା ୧୭ ବର୍ଷରୁ କମ୍ "ନ୍ୟାସନାଲ ସ୍କୁଲ କ୍ରିକେଟ' ପ୍ରତିଯୋଗିତା ପାଇଁ ଯାଜ୍ଞସେନୀ ସାମଲ ଓ ଦୀପଶିଖା ନାୟକ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଉଭୟ ଖେଳାଳି ବିଶିଷ୍ଟ ପ୍ରଶିକ୍ଷକ ମନୋଜ କୁମାର ପ୍ରଧାନଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ବେଳେ ଦୀପଶିଖା ବିଗତ ୩ ବର୍ଷ ଧରି ଓସିଏ ତରଫରୁ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଆସୁଛନ୍ତି। ସେହିପରି ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ୪ ଜଣ ଛାତ୍ରୀ ପ୍ରତିଷ୍ଠା ପି. ସିଂ, ଦମୟନ୍ତୀ ଜେନା, ସ୍ମୃତିରେଖା ରାଏ ଓ ଅନନ୍ୟା ପ୍ରିୟଦର୍ଶିନୀ ମଧ୍ୟ ଆନ୍ତଃରାଜ୍ୟ କ୍ରିକେଟ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାହାଙ୍ଗା ମାଟିରୁ ଏକା ସାଙ୍ଗରେ ୬ ଜଣ ମହିଳା ଖେଳାଳି ଜାତୀୟ ଓ ଆନ୍ତଃରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ଆନନ୍ଦର ଲହରୀ ଖେଳିଯାଇଛି।

## ବେଆଇନ ଗଛ କଟା; ବଢୁଛି ଜନଅସନ୍ତୋଷ

ନିଶ୍ଚିନ୍ତକୋଇଲି,୧୯।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସରକାରୀ ଜାଗା ଓ କେନାଲ ବନ୍ଧରୁ କାଠ ମାଫିଆମାନେ ଅବାଧରେ ଜୀଅନ୍ତା ଗଛ କାଟି ନେଉଥିବା ବେଳେ ବିଭାଗୀୟ ନିରବତାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁହାଳ ପଞ୍ଚାୟତ ବାରହାଣ୍ଡି ଗ୍ରାମର ୮ ନମ୍ବର କେନାଲ ବନ୍ଧରୁ ଦୁଇଟି ମୂଲ୍ୟବାନ ୟୁକାଲିପଟାସ୍ ଗଛ କାଟି ଟ୍ରାକ୍ଟରରେ ଚୋରା ଚାଲାଣ କରାଯାଉଥିଲା। ତେବେ



ସ୍ଥାନୀୟ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ମାଫିଆମାନେ କାଠ ଗଣ୍ଡିଗୁଡ଼ିକୁ ପକାଇ ଫେରାର ହୋଇଯାଇଥିଲେ। ଅଭିଯୋଗ ଅନୁସାରେ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ରାସ୍ତା ପାଶ୍ୱର୍ରୁ ଦିନଦିପହରରେ ଗଛ କଟାଯାଉଥିଲେ ହେଁ ତହସିଲ କିମ୍ବା ବନ ବିଭାଗ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ। ଏହି ଘଟଣାରେ ପଞ୍ଚାୟତର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ଚର୍ଚ୍ଚା ହେଉଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନପ୍ରତିନିଧି ଓ ଗ୍ରାମବାସୀ ଦାବି କରିଛନ୍ତି।

## ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

ନରସିଂହପୁର,୧୯।୪(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡା ପାଟଣାସ୍ଥିତ ସଞ୍ଜିବନୀ ମେଡିକାଲ ପରିସରରେ ସ୍ଥାନୀୟ ଅଗ୍ନିଶମ ବିଭାଗ ତରଫରୁ ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅଗ୍ନିଶମ ଅଧିକାରୀ ଅକ୍ଷୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଗ୍ନି ନିରାପତ୍ତା ସମ୍ପର୍କିତ ସଚେତନତା କରାଇବା ସହିତ ଦୁର୍ଘଟଣା ସମୟରେ କିଭଳି ରୋଗୀମାନଙ୍କୁ ସୁରକ୍ଷା ଦିଆଯାଇପାରିବ ନିୟମାବଳି ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମେଡିକାଲର ଅଜୟ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ହଜିଯାଇଥିବା ୨୧ଟି ମୋବାଇଲ ଉଦ୍ଧାର

ଆଠଗଡ଼,୧୯।୪(ସମିସ): ଆଠଗଡ଼ ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ବିଭିନ୍ନ ସମୟରେ ଲୋକଙ୍କ ହଜିଯାଇଥିବା ଏବଂ ଚୋରି ହୋଇଥିବା ୨୧ଟି ସ୍ମାର୍ଟ ମୋବାଇଲ୍ ଫୋନକୁ ଟ୍ରାକିଂ କରି ଉଦ୍ଧାର କରିବାରେ ପୁଲିସ ସକ୍ଷମ ହୋଇଛି। ରବିବାର ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ନିଜ କାର୍ଯ୍ୟାଳୟରେ ପ୍ରକୃତ ମାଲିକଙ୍କୁ ଏହି ଫୋନଗୁଡ଼ିକ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ଆଠଗଡ଼ ଅଞ୍ଚଳରୁ ଅନେକ ବ୍ୟକ୍ତି ନିଜର ମୋବାଇଲ ହଜିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବୈଷୟିକ ଜ୍ଞାନକୌଶଳ ଓ ନମ୍ବର ଟ୍ରାକିଂ ମାଧ୍ୟମରେ ଏହି ୨୧ଟି ଦାମୀ ମୋବାଇଲ୍ ଫୋନକୁ



ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଥିଲେ। ଆଜି ଉପଯୁକ୍ତ ପ୍ରମାଣପତ୍ର ଯାଞ୍ଚ କରିବା ପରେ ଶ୍ରୀ ମହାନ୍ତି ଫୋନଗୁଡ଼ିକୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଫେରାଇଛନ୍ତି। ତେବେ ଏହି ଘଟଣାରେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ ବୋଲି ପୁଲିସ ସୂଚନା ଦେଇଛି। ହଜିଯାଇଥିବା ଫୋନ୍ ଫେରିପାଇଥିବାରୁ ମୋବାଇଲ୍ ମାଲିକମାନେ ପୁଲିସର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଫୋନ୍ ଚୋରି କିମ୍ବା ହଜିବା ମାତ୍ରେ ତୁରନ୍ତ ପୁଲିସରେ ଅଭିଯୋଗ କରିବାକୁ ଶ୍ରୀ ମହାନ୍ତି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

- ଟଙ୍କା ଭାଗବଣ୍ଟା ବେଳେ ଗୋଷ୍ଠୀ ସଂଘର୍ଷ

## ଭୁଜାଲି ଚୋଟରେ ୪ ଆହତ, ଦୁର୍ବୃତ୍ତ ଫେରାର

ନିଶ୍ଚିନ୍ତକୋଇଲି,୧୯।୪(ସମିସ): ସାଲେପୁର ଥାନା ଅଧୀନ କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣାଠାରେ ଥିବା ଏକ ଅର୍ଦ୍ଧନିର୍ମିତ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରିସରରେ ରବିବାର ମଧ୍ୟାହ୍ନରେ ଅପରାଧୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୪ଜଣ ରକ୍ତାକ୍ତ ହୋଇଛନ୍ତି। କିଛି ବାହାର ଅଞ୍ଚଳର ଅସାମାଜିକ ବ୍ୟକ୍ତି ଚୋରା ସାମଗ୍ରୀ ଓ ଟଙ୍କା ଭାଗବଣ୍ଟା କରୁଥିବା ବେଳେ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ଭୁଜାଲିରେ ହଣାକଟା ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ପହଞ୍ଚିବା ପୂର୍ବରୁ ଆହତମାନେ ଘଟଣାସ୍ଥଳରୁ ଖସିଯାଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ତେବେ ପୁଲିସ ପହଞ୍ଚିବା ବେଳକୁ ସେମାନେ ସେଠାରୁ ମଧ୍ୟ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସାଲେପୁର ଥାନା ଆଇଆଇସି ଏହାକୁ ଜୁଆ ଖେଳକୁ କେନ୍ଦ୍ର କରି ସଂଘର୍ଷ ବୋଲି ସନ୍ଦେହ କରୁଛନ୍ତି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ବିପୁଳ ପରିମାଣର ଦେଶୀ ମଦ ଜବତ

ଭଦ୍ରେଶ୍ୱର,୧୯।୪(ସମିସ): ଭଦ୍ରେଶ୍ୱର ଥାନା ପୁଲିସ ତରଫରୁ ଅଚାନକ ଚଡଉ କରାଯାଇ ହଳଦିଆ ଗ୍ରାମପଞ୍ଚାୟତ ଲକ୍ଷ୍ମୀନାରାୟଣପୁରର ଏକ ଘରୁ ବିପୁଳ ପରିମାଣର ମହୁଲି ମଦ ଜବତ କରାଯାଇଛି। ୧୦ ବସ୍ତା ଦେଶୀ ମଦ ଜବତ କରିଥିଲା ବେଳେ ରହସ୍ୟଜନକ ଭାବେ ମଦ ଆଣିଥିବା କୌଣସି ଗାଡିକୁ ଜବତ କରିପାରି ନାହିଁ କିମ୍ବା କୌଣସି ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ତେବେ ଦୀର୍ଘ ଦିନ ହେଲା ସ୍ଥାନୀୟ ପୁଲିସ ପ୍ରଶାସନ ସର୍ବୋପରି ଅବକାରୀ ବିଭାଗର ଜ୍ଞାତସାରରେ ମାହାଙ୍ଗା ବ୍ଲକ ଅଞ୍ଚଳ ଚୋରା ମଦ ବ୍ୟବସାୟୀଙ୍କ ଅଭୟାରଣ୍ୟରେ ପରିଣତ ହୋଇଥିବାରୁ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ ହେଉଥିବାର ଅଭିଯୋଗ ହୋଇଛି।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମାତୃ ବିୟୋଗ



କଟକ,୧୯।୪(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ମା' ରଜନୀ କୁମାରୀ ହୋତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ସେ ଖୋର୍ଦ୍ଧା ଜିଲା ବାଣପୁରର ଅଚ୍ୟୁତପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ। ଅତ୍ୟନ୍ତ ଧର୍ମପ୍ରାଣା, ପରୋପକାରୀ ଓ ସ୍ନେହଶୀଳା ଭାବରେ ସେ ବିଭିନ୍ନ ମହଲରେ ଆଦରଣୀୟା ହେବା ସହ ଜୀବନର ଶେଷାବସ୍ଥାରେ ବି କର୍ମଚଞ୍ଚଳ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ କୃଷ୍ଣଚନ୍ଦ୍ର ହୋତାଙ୍କ ସମେତ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶେଷହେଲା ପୁରାଣ ପ୍ରସିଦ୍ଧ ବୋରିକ ମେଳଣ

କଟକ,୧୯।୪(ସମିସ): କଟକ ସଦର ଥାନା ଅନ୍ତର୍ଗତ କୋରକରାଠାରେ ଅନୁଷ୍ଠିତ ପୁରାଣ ପ୍ରସିଦ୍ଧ "ବୋରିକ ମେଳଣ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ୭ ଦିନିଆ ମେଳଣରେ ଆଖପାଖ ଅଞ୍ଚଳରୁ ପ୍ରାୟ ୧୮ଟି ଦୋଳ ବିମାନ ସହ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମହାବିଷୁବ ସଂକ୍ରାନ୍ତିରେ ବଳୀଙ୍କ ଶସ୍ୟଯଜ୍ଞ ଓ ସ୍ପେଶାଲ୍ ମେଲୋଡି ସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ମେଳଣ ପଡ଼ିଆର ବିକାଶ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସଦର ଥାନା ଆଇଆଇସି ତୁଷାର ସେଠୀ ଓ ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସମ୍ପାଦକ ଆଲୋକ ସ୍ୱାଇଁ ଓ ଉପଦେଷ୍ଟା ପ୍ରଦୀପ ସ୍ୱାଇଁଙ୍କ ସମେତ ଅଞ୍ଚଳର ବହୁ ଯୁବକ ଓ ମୁରବୀ ପରିଚାଳନା କରିଥିଲେ।

## ସଂସ୍କୃତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ନରସିଂହପୁର,୧୯।୪(ସମିସ): ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଗଣେଶ୍ୱର ବିଦ୍ୟାପୀଠରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରାମଚନ୍ଦ୍ର ମନ୍ତ୍ରୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କରୁଣାକର ଶତ୍ରୁସଳଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥି, କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ବିଷ୍ଣୁ ଚରଣ ବେହେରା, ପ୍ରାକ୍ତନ ପୁଲିସ ହାଉସିଂବୋର୍ଡ ଡିଜିଏମ୍ ଇଓ ପ୍ରତାପ ଚନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କିଶୋର ବେହେରା, ଗୋପୀନାଥ ବେହେରା, ଶଙ୍ଖାଳି ବେହେରା, ଦେବାର୍ଚ୍ଚନ ମହାପାତ୍ର, ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ସୁରେଶ ଚନ୍ଦ୍ର ମହାଳିକ, ରମେଶ ଭଟ୍ଟ, ଧନଞ୍ଜୟ ମିଶ୍ର ତଥା ଶିକ୍ଷକ କର୍ମଚାରୀ ଓ ଅଞ୍ଚଳର ବହୁ ଶିକ୍ଷାବିତ ଯୋଗ ଦେଇଥିଲେ। ସିଆରସିସି ପଣ୍ଡିତ ବିନାୟକ ମିଶ୍ର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀଧର ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ମହେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥଙ୍କ ଜଳୌକା ପୀଠରେ ଶନିଶ୍ଚର ମହାଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ

# ରାସ୍ତା ଖୋଳି ଦେଇ ଠିକାଦାର ଛୁ'

ନିଶ୍ଚିନ୍ତକୋଇଲି,୧୯।୪(ସମିସ):

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମ ରାସ୍ତାକୁ ଗତ ଏକ ମାସ ହେବ ଠିକାଦାର ଖୋଳିଦେଇ ଛିନ୍ ଭିନ୍ କରି ପକାଇ ଛୁ ମାରିଛି। ଗ୍ରାମ୍ୟରାସ୍ତାର ଦୁଇ ପାଶ୍ୱର୍ରେ ଲୋକମାନଙ୍କର ଘର ରହିଥିବାରୁ ଖୋଳାଯାଇଥିବା ରାସ୍ତାକୁ ମରାମତି ନ କରିବାରୁ ଚଳପ୍ରଚଳ ହେବା ପାଇଁ ଲୋକମାନେ ଦହଗଞ୍ଜ ହେଉଛନ୍ତି। ଏପରିକି ଗତ ୧ ମାସ ହେବ ଲୋକମାନେ ଚଳିବା ପାଇଁ ହନ୍ତସନ୍ତ ହେଉଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଘରେ ଘରେ ପାଇପ୍ ଦ୍ୱାରା ଜଳଯୋଗାଇ ଦେବା ପାଇଁ ଠିକାଦାର ପାଇପ ବିଛାଇବା ନାଁରେ ରାସ୍ତା ଗୁଡ଼ିକୁ ଖୋଳି ଛିନ୍



ଭିନ୍ କରିଦେଇଛି। ଏପ୍ରିଲ ମାସ ସରିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଲୋକମାନେ ପାନୀୟ ଜଳ ଟୋପାଏ ପାଇପାରୁ ନାହାଁନ୍ତି ହେଲେ ପୂର୍ବ ସରକାରଙ୍କ ଅମଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ପାଇପ ପକାଇବାର ୧ ଦିନ ମଧ୍ୟରେ ଏହାକୁ ପୁନଃ ନିର୍ମାଣ କରି ପୂର୍ବ ଅବସ୍ଥାକୁ ଫେରାଇ ଆଣିବା କଥା। ହେଲେ ଏହି ଗ୍ରାମରେ ଦୀର୍ଘ ୧ ମାସ ହେବ ଠିକାଦାର କ'ଣ ପାଇଁ ରାସ୍ତା ଖୋଳି

### ହୀନସ୍ତା ହେଉଛନ୍ତି ଛୁଆଳିଆ ଗ୍ରାମବାସୀ

କରାଯାଇଥିବା ରାସ୍ତା ଗୁଡ଼ିକୁ ଠିକାଦାର ଖୋଳି ନଷ୍ଟ କରିଦେଇଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଉଛି। ଏପରିକି ଏହି ଗ୍ରାମର ଲୋକମାନେ ପାନୀୟ ଜଳ ପାଇପାରୁ ନ ଥିବା ବେଳେ ରାସ୍ତାରେ ଯାତାୟାତ ପାଇଁ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ନିୟମାନୁସାରେ ଠିକାଦାର ରାସ୍ତା ଖୋଳି ପକାଇଛନ୍ତି ତାହାର ତଦନ୍ତ ଦାବି ହୋଇଛି। କେବଳ ଛୁଆଳିଆ ଗ୍ରାମ ନୁହେଁ ଅନ୍ୟାନ୍ୟ ବହୁ ଗ୍ରାମ୍ୟ ରାସ୍ତାଗୁଡ଼ିକୁ ମଧ୍ୟ ଠିକାଦାର ଏହିଭଳି ଭାବେ ଖୋଳି ପକାଇଦେଇଥିବା ନେଇ ଅଭିଯୋଗ ହେଉଛି। ଖୋଳାଯାଇଥିବା ରାସ୍ତା ଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଗ୍ରାମବାସୀ ଦାବି କରିଛନ୍ତି।